ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୮/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, November 18/2019 | ★★★★★★

୪୫ଶ ଭାଗ ୩୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

ଟି୨୦ରେ ନେଗିଙ୍କ ରେକର୍ଡ

ଅଭୟ ନେଗି ସୟଦ ମୁସ୍ତାକ ଅଲି ଟି୨୦ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ ସହ ରେକର୍ଡ କରିଛନ୍ତି।

୧୪ ୦୨

ପରିଣୀତି ଆହତ

ଲୋକପ୍ରିୟ ବ୍ୟାଡ୍‌ମିଣ୍ଟନ୍ ତାରକା ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍ ପାଇଁ ବ୍ୟାଡ୍‌ମିଣ୍ଟନ୍ ଟ୍ରେନିଂ ବେଳେ ପରିଣୀତିଙ୍କୁ ଆଘାତ ଲାଗିଛି।

ନାବାଳିକାଙ୍କୁ ଗଣବଳାତ୍କାର

୨ ନାବାଳକଙ୍କ ସମେତ ୩ ଅଟକ

ବଣାଇ,୧୭।୧୧(ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ ଲହୁଣୀପଡା ଥାନା ଅନ୍ତର୍ଗତ ଟେନସାବସ୍ତିରେ ଶୁକ୍ରବାର ରାତିରେ ଜଣେ ନାବାଳିକା (୧୪)ଙ୍କୁ ଗଣବଳାତ୍କାର କରାଯାଇଛି। ରବିବାର ଘଟଣାରେ ସମ୍ପୃକ୍ତ ୨ନାବାଳକ ସହ ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହିଛି।

ଶୁକ୍ରବାର ଏକ ନିର୍ବନ୍ଧ ଉତ୍ସବରେ ଯୋଗଦେବା ପାଇଁ ଉକ୍ତ ଅଞ୍ଚଳର ନାବାଳିକା ଯାଇଥିଲେ। ଜଣେ ନାବାଳକ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଟେନସା ଡାକବଙ୍ଗଳା ନିକଟକୁ ନେଇଯାଇଥିଲେ। ପରେ ଆଉ ଦୁଇଜଣ ସେଠାରେ ପହଞ୍ଚି ଥିଲେ। ଶେଷରେ ସମସ୍ତେ ତାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଶନିବାର ଟେନ୍‌ସା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ପରେ ସ୍ଥାନୀୟ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ମହିଳା ଫାଣ୍ଡି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ପୋଲିସ ଅଭିଯୋଗକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲା। କେଉଁ କାରଣରୁ ପୋଲିସ ଏହି ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଥିଲା ତାହା ଜଣାପଡିନାହିଁ। ମହିଳାଙ୍କ ଆନ୍ଦୋଳନ ପରେ ପୋଲିସ ଚାପରେ ଏକ ମାମଲା ରୁଜୁ କରିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଲହୁଣୀପଡା ଥାନାରେ ଏକ ମାମଲା (ନଂ.୧୨୧/୨୦୧୯) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୋଲିସ ପ୍ରଥମରୁ ଏହି ଘଟଣାକୁ ଚାପିଦେବାକୁ ଚେଷ୍ଟା କରୁଥିବାରୁ ତଦନ୍ତର ଦିଗ କୁଆଡେ ଯାଉଛି ତା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଅଯୋଧ୍ୟା ରାୟକୁ ଚ୍ୟାଲେଞ୍ଜ ନିଷ୍ପତ୍ତି

- ୫ ଏକର ଜମି ନେବାକୁ ମନାକଲା ଏଆଇଏମ୍‌ପିଏଲ୍‌ବି
- ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରିବ ଜମାଇତ୍

ଲକ୍ଷ୍ନୌ/ନୂଆଦିଲ୍ଲୀ,୧୭।୧୧ (ପି.ଟି./ଆଇଏଏନ୍‌ଏସ୍)

ସୁପ୍ରିମକୋର୍ଟଙ୍କ ଅଯୋଧ୍ୟା ରାୟ ପରେ ମଧ୍ୟ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦର ସମାଧାନ ହୋଇପାରି ନାହିଁ। ଏହି ଐତିହାସିକ ରାୟକୁ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ସ୍ୱାଗତ କରିଥିବାବେଳେ ଦୁଇଟି ମୁସ୍‌ଲିମ ସଙ୍ଗଠନ ଏକତରଫା ଓ ଭିତ୍ତିହୀନ ଦର୍ଶାଇ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିବାକୁ ଯାଉଛନ୍ତି। ଜମାଇତ୍-ଉଲେମା-ହିନ୍ଦ୍ ଏବଂ ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ରାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସର୍ବୋଚ୍ଚ ଅଦାଲତରେ ରିଭ୍ୟୁ ପିଟିଶନ ଦାଏର କରିବାକୁ ରବିବାର ନିଷ୍ପତ୍ତି ନେଇଛନ୍ତି।

ସୁପ୍ରିମକୋର୍ଟ ଗତ ୯ ତାରିଖରେ ଅଯୋଧ୍ୟାର ଶତାବ୍ଦୀ ପୁରୁଣା ଜମି ବିବାଦ ମାମଲାର ରାୟ ଶୁଣାଇଥିଲେ। ଅଯୋଧ୍ୟାସ୍ଥିତ ୨.୭୭ ଏକର ବିବାଦୀୟ ଜମି ଅନ୍ୟତମ ହିନ୍ଦୁ ପକ୍ଷ ରାମ ଲାଲାଙ୍କୁ ମନ୍ଦିର ନିର୍ମାଣ ନିମନ୍ତେ ଦିଆଯିବ ଏବଂ ମସ୍‌ଜିଦ ପାଇଁ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡକୁ ବିକଳ୍ପ ୫ ଏକର ଜମି ପ୍ରଦାନ କରାଯିବ ବୋଲି ୫ ଜଣିଆ ସାମ୍ବିଧାନିକ ପୀଠ ଘୋଷଣା କରିଥିଲେ। ଏହାକୁ ୱାକଫ୍ ବୋର୍ଡ ସ୍ୱାଗତ କରିଛି। ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରାଯିବ ନାହିଁ ବୋଲି ୱାକଫ୍ ବୋର୍ଡ ଅଧ୍ୟକ୍ଷ ଜଫର୍ ଫାରୁକି ସ୍ପଷ୍ଟ କରିସାରିଛନ୍ତି। ହେଲେ ଶୀର୍ଷ ଅଦାଲତ ନିଷ୍ପତ୍ତି ଶୁଣାଇବାର ସପ୍ତାହେ ପରେ ଜମାଇତ୍ ଆପତ୍ତି ଉଠାଇଛି। ଜମାଇତ୍ ମୁଖ୍ୟ ମୌଲାନା ଅର୍ଷଦ ମଦାନି ଏକ ବିବୃତିରେ କହିଛନ୍ତି, ଅଯୋଧ୍ୟା ରାୟ ପ୍ରମାଣ ଓ ଯୁକ୍ତି ଆଧାରିତ ନୁହେଁ। କାରଣ ସୁପ୍ରିମକୋର୍ଟ ସମସ୍ତ ମୁସ୍‌ଲିମ ପକ୍ଷଙ୍କ ଯୁକ୍ତି ଓ ପ୍ରମାଣକୁ ଗ୍ରହଣ କରିବା ସତ୍ତ୍ୱେ ହିନ୍ଦୁ ପକ୍ଷଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। ଆମକୁ ସମ୍ପୂର୍ଣ୍ଣ ନ୍ୟାୟ ମିଳି ନ ଥିବାରୁ ମୁସ୍‌ଲିମମାନେ ମସ୍‌ଜିଦକୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିବେ ନାହିଁ।

ଜମାଇତ୍‌ର (ଉତ୍ତରପ୍ରଦେଶ) ପୂର୍ବତନ ସାଧାରଣ ସମ୍ପାଦକ ଏମ୍. ସିଦ୍ଦିକି ଏହି ମାମଲାର ଅନ୍ୟତମ ମୂଳ ଆବେଦନକାରୀ ଥିଲେ। ବର୍ତ୍ତମାନ ତାଙ୍କ ପଦରେ ଥିବା ଅଶାଦ୍ ରାଶ୍‌ଦି ପରବର୍ତ୍ତୀ ସମୟରେ ମାମଲାର ଆବେଦନକାରୀ ହୋଇଥିଲେ ବୋଲି ଜମାଇତ୍ ସମ୍ପାଦକ ଫଜ୍‌ଲୁର ରହମନ କହିଛନ୍ତି। ଜମାଇତ୍‌ର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ କାର୍ଯ୍ୟକାରୀ କମିଟିର ସମ୍ମତି ପରେ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ ସ୍ଥିର କରାଯାଇଛି। ଏ ସଂକ୍ରାନ୍ତରେ ବିଶେଷଜ୍ଞ ଓ ଆଇନଜୀବୀମାନଙ୍କ ପରାମର୍ଶ ନିଆଯାଇଛି। ରାୟ ବିରୋଧରେ ପୁନର୍ବିଚାର ଆବେଦନ କରାଯିବ। ରିଭ୍ୟୁ ପିଟିଶନ ଦାଏର କରିବା ପାଇଁ ଭାରତର ସମ୍ବିଧାନରେ ବିକଳ୍ପ ବ୍ୟବସ୍ଥା ଥିବାରୁ ଏହା ବୃତ୍ତାନ୍ତ ରାୟ ନୁହେଁ ବୋଲି ସେ କହିଛନ୍ତି।

ରାୟକୁ ନେଇ ଏଆଇଏମ୍‌ପିଏଲ୍‌ବି ମଧ୍ୟ ଅନୁରୂପ ଭାବେ ଅସନ୍ତୋଷ ବ୍ୟକ୍ତ କରିବା ସହ ମସ୍‌ଜିଦ ନିର୍ମାଣ ପାଇଁ ବିକଳ୍ପ ୫ ଏକର ଜମି ଗ୍ରହଣ କରିବାକୁ ମନା କରିଦେଇଛି। ଏହି ସଙ୍ଗଠନର ବରିଷ୍ଠ ସଦସ୍ୟ ତଥା ଅଲ୍ ଇଣ୍ଡିଆ ବାବ୍ରୀ ମସ୍‌ଜିଦ୍ ଆକ୍ସନ କମିଟି (ଏଆଇବିଏମ୍‌ଏସି) ଆବାହକ ଜଫରୟାବ୍ ଜିଲାନି କହିଛନ୍ତି, ମସ୍‌ଜିଦ ଜମି ଆଲ୍ଲାଙ୍କର ଓ ଶରିଆ ଅଧୀନ। ତେଣୁ ଏହାକୁ କାହାକୁ ଦିଆଯାଇ ପାରିବ ନାହିଁ। ମସ୍‌ଜିଦ ନିର୍ମାଣ ପାଇଁ ଅନ୍ୟ କୌଣସି ସ୍ଥାନରେ ଜମି ଗ୍ରହଣ କରିବୁ ନାହିଁ। ୧୯୪୯ ଡିସେମ୍ବର ୨୩ ରାତିରେ ବାବ୍ରୀ ମସ୍‌ଜିଦ ଭିତରେ ଭଗବାନ ରାମଙ୍କ ମୂର୍ତ୍ତି ସ୍ଥାପନା କରିବା ଅସାମ୍ବିଧାନିକ ଥିଲା। ତେଣୁ ସୁପ୍ରିମକୋର୍ଟ ରାମମୂର୍ତ୍ତିଙ୍କୁ 'ଆରାଧ୍ୟ' ବୋଲି କିପରି ବିବେଚନା କଲେ। ୫ ଏକର ଜମି ପ୍ରଦାନ କରାଯିବା ଦ୍ୱାରା ସନ୍ତୁଳନ ରକ୍ଷା କରାଯାଇ ପାରିବ ନାହିଁ କି କ୍ଷତି ପୂରଣ ହୋଇ ପାରିବ ନାହିଁ। ପୂର୍ବରୁ ମୁସ୍‌ଲମାନମାନଙ୍କ ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା। ବୋର୍ଡ ଏହି ସମ୍ପ୍ରଦାୟର ଭାବବେଗର ପ୍ରତିନିଧିତ୍ୱ କରୁଥିଲା। ତେଣୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ରାୟ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ରିଭ୍ୟୁ ପିଟିଶନ ଦାଏର କରାଯିବ। ଏବେ ସୁନ୍ନି ୱାକଫ୍ ବୋର୍ଡ ମୁସଲମାନ ସମ୍ପ୍ରଦାୟର ଏହି ମତକୁ ସମ୍ମାନ ଦେବା ଉଚିତ ବୋଲି ଏଆଇଏମ୍‌ପିଏଲ୍‌ବି ପକ୍ଷରୁ କୁହାଯାଇଛି।

- ଆଜିଠାରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ

ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ: ପ୍ରଧାନମନ୍ତ୍ରୀ

ସର୍ବଦଳୀୟ ବୈଠକରେ ଫାରୁକଙ୍କ ଅଟକ ପ୍ରସଙ୍ଗ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ,୧୭।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ବିରୋଧୀ ଦଳଗୁଡ଼ିକ ଲୋକ ସଭା ଏମ୍‌ପି ଫାରୁକ୍ ଅବଦୁଲ୍ଲାଙ୍କ ଅଟକ ପ୍ରସଙ୍ଗ ଉଠାଇଥିଲେ। ଗୃହକାର୍ଯ୍ୟରେ ଯୋଗଦେବା ଲାଗି ତାଙ୍କୁ ମୁକ୍ତ କରାଯାଉ ବୋଲି ବିରୋଧୀ ନେତାମାନେ ଦୃଢ଼ ଦାବି କରିଥିଲେ। ସରକାରଙ୍କ ପକ୍ଷରୁ ଡକାଯାଇଥିବା ଏହି ସର୍ବଦଳୀୟ ବୈଠକରେ ବିରୋଧୀମାନେ ଆର୍ଥିକ ମାନ୍ଦାବସ୍ଥା, ବେରୋଜଗାରୀ ବୃଦ୍ଧି, କୃଷକମାନଙ୍କ ସମସ୍ୟା ପ୍ରସଙ୍ଗ ଉଠାଇ ଏହା ଉପରେ ଅଧିବେଶନରେ ଆଲୋଚନା କରିବେ ବୋଲି ଦାବି କରିଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି।

୨୭ଟି ଦଳର ନେତା ବୈଠକରେ ଉପସ୍ଥିତ ଥିଲେ। ଗୃହରେ ଆଲୋଚନା ଓ ବିତର୍କ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ପୂର୍ବ ଅଧିବେଶନ ଭଳି ଏହାକୁ ଫଳପ୍ରଦ କରାଇବା ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ☞ପୃଷ୍ଠା-୪

ବିଜେଡି ଫୋକସ୍‌ରେ ବିଧାନ ପରିଷଦ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ରାଜ୍ୟରେ ବିଧାନ ପରିଷଦ ଗଠନ ନେଇ ଓଡ଼ିଶା ବିଧାନସଭାରେ ପୂର୍ବରୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ହେଲେ ଏଥିପାଇଁ ପାର୍ଲାମେଣ୍ଟରେ ବିଧେୟକ ଆସି ଗୃହୀତ ହେବା ସହ ରାଷ୍ଟ୍ରପତିଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ତେଣୁ ଚଳିତ ଶୀତ ଅଧିବେଶନର ସଂସଦୀୟ କାର୍ଯ୍ୟସୂଚୀରେ ଏହାକୁ ସାମିଲ କରିବା ପାଇଁ ବିଜେଡି ଚାହୁଁଛି। ଲୋକ ସଭାରେ ଦଳର ନେତା ପିନାକୀ ମିଶ୍ର ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ଏହି ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ପରିଷଦରେ ସ୍ୱତନ୍ତ୍ର ଭାବେ ମହିଳା, ଅନୁସୂଚିତ ଜାତି(ଏସ୍‌ସି),ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗ ପାଇଁ ସଂରକ୍ଷଣ ରଖିବା ପାଇଁ ଓଡ଼ିଶା ପକ୍ଷରୁ ଦାବି କରାଯିବ। ତେଣୁ ଓଡ଼ିଶା ବିଧାନ ପରିଷଦ ସମ୍ବନ୍ଧୀୟ ବିଧେୟକ ଚଳିତ ଅଧିବେଶନରେ ଆଗତ ହେଉଛି ନା ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ।

ସୂଚନାନୁଯାୟୀ, ଓଡ଼ିଶା ସମେତ ମୋଟ ୫ଟି ରାଜ୍ୟ ବିଧାନ ପରିଷଦ ପାଇଁ ଚେଷ୍ଟା ଚଳାଇଛନ୍ତି। ସେଗୁଡ଼ିକ ହେଲା ହିମାଚଳ ପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ଦିଲ୍ଲୀ। ଚଳିତ ଅଧିବେଶନର ଶେଷଆଡ଼କୁ ଏହାକୁ ଗୃହରେ ଉପସ୍ଥାପନ ପାଇଁ ଦଳ ପକ୍ଷରୁ ସଂସଦୀୟ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଯଦି ଏଥର ଏହି ବିଧେୟକ ଆସିବ ନାହିଁ, ତେବେ ବିଜେଡିକୁ ଆସନ୍ତା ବଜେଟ ଅଧିବେଶନକୁ ଅପେକ୍ଷା କରିବାକୁ ପଡିବ। ତେବେ ଏହି ବିଧେୟକ ଆଗତ ପୂର୍ବରୁ ବିଜେଡି ଏବଂ କେନ୍ଦ୍ରରେ କ୍ଷମତାସୀନ ଭାଜପା ମଧ୍ୟରେ ମିଳିତ ସହମତି ପାଇଁ ଚେଷ୍ଟା ଅବ୍ୟାହତ ରହିଛି।

କେନ୍ଦ୍ରୀୟ ଅନୁଦାନ, ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

..... ୩ .....

ହୀରାକୁଦ ଡ୍ୟାମ୍ ପରିଦର୍ଶନ କଲେ ଛତିଶଗଡ଼ ଟିମ୍

..... ୪ .....

ଆଜିର ମନ୍ତବ୍ୟ

ଝାଡ଼ଖଣ୍ଡରେ ବୁଡ଼ିଯାଉଥିବା ଜାହାଜ ଛାଡ଼ୁଛନ୍ତି ଭାଜପା ସହଯୋଗୀ।

–ହେମନ୍ତ ସୋରେନ, ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ

କିଛି ତଥ୍ୟ

ଚଳିତ ମାସ ବର୍ତ୍ତମାନ ସୁଦ୍ଧା ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୧୯,୨୦୩ କୋଟିଟଙ୍କା ନିବେଶ କରିଛନ୍ତି।

– ପୁଞ୍ଜି ବଜାର ଡିପୋଜିଟୋରୀ ତଥ୍ୟ

ଆଜିର ସମ୍ପାଦକୀୟ

କାହାର ମଙ୍ଗଳ

Venkobb FRESH CHICKEN

17.11.2019

Dist	Farm Gate/Kg	With Skin/Kg	Skinless /Kg
BBSR	84	137	147
CTC	84	137	147
DKL	84	137	147
BDK	84	137	147
BLS	84	137	147
ANG	84	137	147
BHM	84	137	147

Issued in the Interest of Consumers

*Conditions Apply

ଟୋକନ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ

- ଗୋଡ଼ଭଗାରେ ୪ ଜିଲାର ଚାଷୀ ସମାବେଶ
- ବ୍ଲକ, ତହସିଲ ଅଫିସ ଆଗରେ ଧାନ ଗଦା କରିବେ
- ମନ୍ତ୍ରୀ କହିଲେ, ଚାଷୀ ନୁହେଁ ମଧ୍ୟସ୍ଥ ବିରୋଧ କରୁଛନ୍ତି

ବରଗଡ଼ ଅଫିସ, ୧୭।୧୧

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଗତ ୧୫ ତାରିଖରୁ ମଣ୍ଡିଗୁଡ଼ିକ ଖୋଲିଥିଲେ ମଧ୍ୟ ରବିବାର ସୁଦ୍ଧା ବସ୍ତାଟିଏ ଧାନ ବିକ୍ରି ହୋଇ ପାରିନାହିଁ। ଚଳିତଥର ଧାନ ସଂଗ୍ରହ ପ୍ରକ୍ରିୟାରେ ବାଧ୍ୟତାମୂଳକ କରାଯାଇଥିବା ରାଜ୍ୟସ୍ତରୀୟ ଅନ୍‌ଲାଇନ ଟୋକନ ବ୍ୟବସ୍ଥା ଏଥିରେ ପ୍ରତିବନ୍ଧକ ସାଜିଛି। ଚାଷୀମାନେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ଦାବି କରିଥିଲେ। ହେଲେ ତାକୁ ଉଚ୍ଛେଦ କରାଯାଇ ନ ଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଛି।

ଅନ୍ୟପକ୍ଷେ ଏହାକୁ ନେଇ ଚାଷୀ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଏହି କ୍ରମରେ ରବିବାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ଗୋଡ଼ଭଗା ମଣ୍ଡି ପରିସରରେ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୋନପୁର ଜିଲାର ବିଭିନ୍ନ କୃଷକ ସଙ୍ଗଠନର ପ୍ରତିନିଧି ଏବଂ ଚାଷୀମାନଙ୍କୁ ନେଇ ଏକ ସମାବେଶ ହୋଇଥିଲା। ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ମଣ୍ଡିଗୁଡ଼ିକରେ ବିନା ଟୋକନରେ ଧାନ କିଣା ନ ଗଲେ ଏସବୁ ଜିଲାର ଚାଷୀମାନେ ସମ୍ପୃକ୍ତ ଅଞ୍ଚଳର ବ୍ଲକ, ତହସିଲ ଅଫିସ ଆଗରେ ଧାନ ଗଦା କରିବା ପାଇଁ ଚେତାବନୀ ଦେଇଛନ୍ତି। ଟୋକନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ, ଧାନକ୍ରୟ ସଂସ୍ଥା ବସ୍ତା ଯୋଗାଇବା, ମଣ୍ଡିରେ ଧାନର ଗୁଣମାନ ନିର୍ଦ୍ଧାରଣ ଏବଂ ଓଜନ କରାଯିବା ପାଇଁ ସମାବେଶରେ ଦାବି ହୋଇଥିଲା। ଏହି ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ବ୍ୟାପକ କରିବା ପାଇଁ ☞ପୃଷ୍ଠା-୪

ଗୋଡ଼ଭଗାରେ ଅନୁଷ୍ଠିତ ଚାଷୀ ସମାବେଶ ।

ବ୍ୟବସାୟୀ ରାଜ କୁନ୍ଦ୍ରା ଓ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କ ସମ୍ପର୍କକୁ ନେଇ ଲୋକେ ସେମାନଙ୍କ ଉପରେ ଚାପ ପକାଉଛନ୍ତି। ତେଣୁ ଜୀବନଟା ଜଟିଳ ହୋଇଯାଇଛି ବୋଲି ଟିକ୍‌ଟକ୍‌ରେ ଶିଳ୍ପା କହିଛନ୍ତି।

ଗଛ ପାଇଁ ସମର୍ପିତା ଅନସୂୟାମ୍ମା

ସାଙ୍ଗାରେଡ୍ଡୀ: ଏକ ଶୀତୁଆ ସକାଳ। ଆଖି ଖୋଲିବାବେଳକୁ ସ୍ୱାମୀ ହାତ ଛାଡ଼ିସାରିଥିଲେ। କାନ୍ଧରେ ହାତ ରଖି ସାହସ ଦେବା ବଦଳରେ ପିଠି କରିସାରିଥିଲେ ପରିବାର ଲୋକେ। ଆଖିର ସବୁ ସ୍ୱପ୍ନ ହୋଇସାରିଥିଲା ମଳିଚିଆ। ଏପରି ଦୁର୍ଦ୍ଦିନ ସମୟରେ ଗଛ ପାଇଁ ଜାଗିଉଠିଲା ତାଙ୍କର ଭଲପାଇବା। ପରିବେଶ ସଂରକ୍ଷଣ ପାଇଁ ସେ କରିଚାଲିଲେ ନିରନ୍ତର ଉଦ୍ୟମ। ଡେରିରେ ହେଲେ ମଧ୍ୟ ତାଙ୍କର ଏହି ଚେଷ୍ଟା ଏବେ ପ୍ରଶଂସା ହୋଇ ଫେରିଛି ତାଙ୍କ ପାଖକୁ। ୟୁନେସ୍କୋ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଛି ସ୍ୱତନ୍ତ୍ର ସମ୍ମାନ। ପଡ଼ିଆ ଜମିରେ ସବୁଜିମାର ସ୍ୱପ୍ନ ଦେଖୁଥିବା ଏକ ଗଛ ମା' ହେଲେ ଚିଲାକାପଲ୍ଲୀ ଅନସୂୟାମ୍ମା।

କୁହାଯାଏ ନିଷ୍ଠାପର ଉଦ୍ୟମ କେବେ ବୃଥା ଯାଏନାହିଁ, ଯାହାକୁ

ପ୍ରମାଣିତ କରି ଦେଖାଇଛନ୍ତି ଅନସୂୟାମ୍ମା। ତାଙ୍କ ଘର ସାଙ୍ଗାରେଡ୍ଡୀ ଜିଲାର ପାସ୍ତାପୁର ଗ୍ରାମରେ। ନିଜର ସଂଘର୍ଷମୟ ଜୀବନଯାତ୍ରା ସମ୍ପର୍କରେ ସେ କୁହନ୍ତି, ଏପରି ସମ୍ମାନ ତାଙ୍କ ପାଇଁ ଏକ କଳ୍ପନା ମାତ୍ର। ସେ କେବେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲେ ତାଙ୍କର ଏହି କାମ ଏତେ ପ୍ରତିଷ୍ଠା ଆଣିଦେବ।

ସାଙ୍ଗାରେଡ୍ଡୀ ଜିଲାର ଡେକ୍କନ ଡେଭଲପମେଣ୍ଟ ସେସାଇଟି (ଡିଡିଏସ୍)ର ଅନ୍ୟତମ ବରିଷ୍ଠ ସଦସ୍ୟା ହେଉଛନ୍ତି ଅନସୂୟାମ୍ମା। ଡିଡିଏସ୍ ଏବଂ ଅନସୂୟାମ୍ମାଙ୍କ ମିଳିତ ପ୍ରଚେଷ୍ଟାରେ ଜିଲାର ୨୨ ଗ୍ରାମରେ ସୃଷ୍ଟି ହୋଇଛି ୧୨ ନୂଆ ଜଙ୍ଗଲ। ଏଯାଏ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲାଗିଛି ଅନାବାଦୀ ପଡ଼ିଆ ଜମିରେ। ଏପରି ମହତ୍ କାର୍ଯ୍ୟ ପାଇଁ ସବୁ ଶ୍ରେୟ ଯାଏ ଅନସୂୟାମ୍ମାଙ୍କୁ। ଏଥି ଲାଗି ୟୁନେସ୍କା ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଡିଡିଏସ୍ ପାଖରେ ମହିଳାଙ୍କୁ ନେଇ ଏକ ବଡ଼ ଟିମ୍ ରହିଛି। ଅଧିକାଂଶ ମହିଳା ନିପଟ ମଫସଲରୁ ଆସିଛନ୍ତି। ଅନୁପଯୋଗୀ ଭୂମିରେ ପାରମ୍ପରିକ ଉପାୟରେ ସବୁଜ ବନାନୀ ସୃଷ୍ଟି କରିବାକୁ ପ୍ରତି ସଦସ୍ୟ ଅହରହ ଉଦ୍ୟମ ଚଳାଇଛନ୍ତି। ଏହି କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଉଛନ୍ତି ଅନସୂୟାମ୍ମା। ବ୍ୟାପକ ବନୀକରଣ ଦ୍ୱାରା ଜଙ୍ଗଲ ସୃଷ୍ଟି କରାଯାଇଥିବା ଗ୍ରାମଗୁଡ଼ିକରେ ପାଣି କଷ୍ଟ ଦୂର ହୋଇପାରିଛି। ପୂର୍ବରୁ ଭୂତଳ ଜଳସ୍ତର ନିମ୍ନରେ ଥିଲା। ହେଲେ ଗଛ ପାଇଁ ଏହି ସମସ୍ୟାର ସମାଧାନ ହୋଇଯାଇଛି। ଅନସୂୟାମ୍ମାଙ୍କ ହସହସ ମୁହଁ ପଛରେ ଲୁଚିରହିଛି ଦୁଃଖର ଅଜସ୍ର ବେଦନା। ୧୯୯୩ରେ ତାଙ୍କ ଉପରେ ଛିଣ୍ଡି ପଡ଼ିଥିଲା ଦୁଃଖର ପାହାଡ଼, ଯେତେବେଳେ ସ୍ୱାମୀ ତାଙ୍କୁ ଏକାକୀ କରି ଛାଡ଼ି ଚାଲିଗଲେ। ସେତେବେଳେ ଅନସୂୟାମ୍ମାଙ୍କ ବୟସ ମାତ୍ର ୨୫। ଏହାପରେ ତାଙ୍କ ଜୀବନରେ ଉଠିଲା ଝଡ଼। ପାଖପଡ଼ୋଶୀଙ୍କ ନିର୍ଯାତନା, ପରିବାର ଲୋକଙ୍କ ଅସହଯୋଗ ତାଙ୍କୁ ପୂରା ଏକୁଟିଆ କରିଦେଇଥିଲା। ଅଧିକ ପାଠ ପଢ଼ି ନ ଥିବାରୁ ସେହି ସମୟରେ ଚାକିରି କରିବା ମଧ୍ୟ ସମ୍ଭବ ହେଲାନାହିଁ। ଏସବୁ ଭିତରେ ସେ ଯୋଡ଼ିହୋଇଗଲେ ଡିଡିଏସ୍ ସହିତ। ଆଉ ତା'ପରେ ଯାହା ଘଟିଲା ସେସବୁ ଇତିହାସ। ଗଛ ପାଇଁ ସମର୍ପିତା ଅନସୂୟାମ୍ମାଙ୍କୁ ଏବେ ବିଶ୍ୱବ୍ୟାପୀ ଅଜସ୍ର ସମ୍ମାନ ମିଳୁଥିବାବେଳେ ଦେଶ ପାଇଁ ସେ ପାଲଟିଛନ୍ତି ପ୍ରେରଣା।

ୟୁନେସ୍କୋ ଦେଲା ସ୍ୱତନ୍ତ୍ର ସମ୍ମାନ

ଫିଜିଓଥେରାପି କରାଉଛନ୍ତି ପରୀ

ମୁମ୍ବାଇ: ବଲିଉଡ୍ ନାୟିକା ପରିଣୀତି ଚୋପ୍ରା ଓରଫ ପରୀଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଦୁଃଖ ଖବର। ବ୍ୟାଡ୍‌ମିଣ୍ଟନ୍ ତାରକା ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍ ପାଇଁ ଟ୍ରେନିଂ ନେଉଥିବା ସମୟରେ ପରୀଙ୍କୁ ଆଘାତ ଲାଗିଛି। କିଛିଦିନ ତଳେ ଆମେ ଆପଣଙ୍କୁ ପରୀଙ୍କ ବ୍ୟାଡ୍‌ମିଣ୍ଟନ୍ ଟ୍ରେନିଂ ବିଷୟରେ ଜଣାଇଥିଲୁ। ସେହି ଟ୍ରେନିଂ ସମୟରେ ହିଁ ପରୀ ଆହତ ହୋଇଛନ୍ତି ଏବଂ ଏବେ ସେ ଜଲ୍‌ଦି ସୁସ୍ଥ ହେବାକୁ ଫିଜିଓଥେରାପି ସେସନ୍ ଆରମ୍ଭ କରିଦେଇଛନ୍ତି। ଏନେଇ ଖୋଦ୍ ପରୀ ନିଜ ଅଫିସିଆଲ୍ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ଫିଜିଓଥେରାପୀ ସେସନ୍‌ର ପ୍ରଥମ ଦିନର ଏକ ଭିଡିଓ ଶେୟାର କରି କ୍ୟାପଶନ୍‌ରେ ଥେରାପିଷ୍ଟ ଅପୂର୍ବାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ତାଙ୍କର ସମଗ୍ର ଶରୀରରେ ଯନ୍ତ୍ରଣା ଅନୁଭବ କରୁଥିବା ମଧ୍ୟ ସେ ଲେଖିଛନ୍ତି। ଏହାପୂର୍ବରୁ ପରୀଙ୍କୁ ବେକରେ ଆଘାତ ଲାଗିଥିଲା। ଏନେଇ ସେ ଲେଖିଥିଲେ, "ମୁଁ ଆଉ 'ସାଇନା'ର ପୂରା ଟିମ୍ ଯେତେ ଚେଷ୍ଟା କରୁଛୁ ମୋତେ ଆଘାତ ନ ଲାଗୁ, କିନ୍ତୁ କିଛି ନା କିଛି ଗଡ଼ବଡ଼ ହୋଇଯାଉଛି। ଆଗକୁ ଯଥାସମ୍ଭବ ଆରାମ କରିବି ଏବଂ ସୁସ୍ଥ ହୋଇ ପୁଣି ବ୍ୟାଡ୍‌ମିଣ୍ଟନ୍ ଖେଳିବି।" ଫିଲ୍ମ 'ସାଇନା' ପାଇଁ ପରିଣୀତି ବହୁତ ପରିଶ୍ରମ କରୁଛନ୍ତି। ଦିନରାତି ବ୍ୟାଡ୍‌ମିଣ୍ଟନ୍ ଖେଳିବା ଶିଖୁଛନ୍ତି। ତା'ପୁଣି ସାଇନା ନେହ୍ୱାଲ୍‌ଙ୍କ ପରି। ଏହାଛଡ଼ା ନିକଟରେ ସେ ସାଇନାଙ୍କ ହାଇଦ୍ରାବାଦସ୍ଥିତ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ୍ କରି ଫେରିଛନ୍ତି। ଜୋର୍‌ଦାର୍ ତାଲିମ୍ ଭିତରେ ଏବେ ପରୀ ହୋଇପଡ଼ିଛନ୍ତି ଅସୁସ୍ଥ। ତେବେ ଏହି ଫିଲ୍ମ ପାଇଁ ପ୍ରଥମେ ଶ୍ରଦ୍ଧା କପୁରଙ୍କୁ ଅଫର୍ ମିଳିଥିବାବେଳେ ସମୟର ଅଭାବ କାରଣରୁ ସେ ମନା କରିଦେଇଥିଲେ। ପରୀ ଜଲ୍‌ଦି ସୁସ୍ଥ ହୋଇ ଫିଲ୍ମ ଶୁଟିଂ ଆରମ୍ଭ କରନ୍ତୁ ଏହା ହିଁ କାମନା। ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍ ବ୍ୟତୀତ 'ସନ୍ଦୀପ୍ ଔର୍ ପିଙ୍କି ଫେରାର୍' ଏବଂ 'ଦ ଗାର୍ଲ ଅନ୍ ଦ ଟ୍ରେନ୍' ଫିଲ୍ମରେ ମଧ୍ୟ ପରିଣୀତିଙ୍କୁ ଦେଖିବାକୁ ମିଳିବ।

ଇଣ୍ଟରନେଟ୍ ସେନ୍‌ସେଶନ ପାଲଟିଛି କୁକୁର ଛୁଆ

ଆମେରିକା: ଆମେରିକାରେ ଜନ୍ମିତ ଏକ କୁକୁର ଛୁଆ ଏବେ ଇଣ୍ଟରନେଟ୍ ସେନ୍‌ସେଶନ୍ ପାଲଟିଛି। ମୁଣ୍ଡରେ ଲାଞ୍ଜ ଥିବା ଯୋଗୁ ଏହି କୁକୁର ଛୁଆକୁ ନେଇ ଏବେ ଖୁବ୍ ଚର୍ଚ୍ଚା। ମାତ୍ର ଅଢ଼େଇ ମାସର ଏହି କୁକୁରଟି କ୍ଷତବିକ୍ଷତ ହେବା ସହ ଥଣ୍ଡା ଯୋଗୁ ଅସୁସ୍ଥ ଥିଲା। ଶନିବାର ଆମେରିକାର ଏକ ଦାତବ୍ୟ ସଂସ୍ଥା 'ମେକ୍ସ ମିଶନ' ସଦସ୍ୟାମାନେ ତାକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ଏହାର ନାଁ ଦିଆଯାଇଛି 'ନବାହଲ୍' ଦ ଲିଟିଲ୍ ମ୍ୟାଜିକଲ ଫୁରୀ ୟୁନିକର୍ନ। ସମସ୍ତେ କୁକୁରଟିର ମୁଣ୍ଡରେ ଲାଞ୍ଜ ଦେଖି ଆଶ୍ଚର୍ଯ୍ୟ ହେଉଥିବା ବେଳେ ଇତିମଧ୍ୟରେ ତାକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆବେଦନ କରିଥିବା ଜଣାପଡ଼ିଛି। ଟୁଇଟର୍‌ରେ 'ଉଇ ରେଟ୍ ଡଗ୍ସ' ପକ୍ଷରୁ ଏହି କୁକୁର ଛୁଆର ପୋଷ୍ଟ କରାଯାଇଥିବା ବେଳେ ଏଥିରେ ଲେଖାଯାଇଛି, ନବାହଲ୍‌ର ମୁଣ୍ଡରେ ଥିବା ଲାଞ୍ଜକୁ ଏ ପର୍ଯ୍ୟନ୍ତ ହଲାଇନାହିଁ। କିନ୍ତୁ ସେ ବହୁତ ଉଦ୍ୟମ କରୁଛି। ତା'ର ଏହି ଲାଞ୍ଜ ଶରୀରର ଅନ୍ତରୀଣ ଅଙ୍ଗ ସହ ଯୋଡ଼ି ହୋଇ ନ ଥିବାରୁ ତାକୁ ଏଥିଯୋଗୁ କୌଣସି ଅସୁବିଧା ହେଉନାହିଁ। ତେଣୁ ଏହି ଲାଞ୍ଜ ତା' ଶରୀରରୁ ଅଲଗା କରିବା କିଛି ଆବଶ୍ୟକ ନାହିଁ। 'ମେକ୍ସ ମିଶନ'ର ପ୍ରବକ୍ତା କହିଛନ୍ତି, ନୂତନ ପ୍ରକାରର କୁକୁର ପାଳିବାକୁ ଇଚ୍ଛା କରୁଥିବା ଲୋକମାନେ ନବାହଲ୍‌କୁ ନେବା ପାଇଁ ଆବେଦନ କରୁଛନ୍ତି। ମାତ୍ର ଏହି ଛୁଆଟି ନିଜଠାରୁ ବଡ଼ ଏକ କୁକୁର ସହ ରହୁଥିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲା। ଏବେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ହେବା ସହ ଟିକାକରଣ ପରେ ନବାହଲ୍‌କୁ ପୋଷ୍ୟ ଭାବେ ଦିଆଯିବ।

ପୋଷ୍ୟ ନେବାକୁ ୫୦ରୁ ଊର୍ଦ୍ଧ୍ୱ ଆବେଦନ

ସଂସ୍କୃତ ସ୍କୁଲ୍‌ର ୮୦ ପ୍ରତିଶତ ଛାତ୍ର ମୁସଲମାନ

ଜୟପୁର: ପଦ୍ମାସନରେ ବସି ଛାତ୍ରମାନଙ୍କୁ ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରୁଥିବା ଦେଖି ଯେ କେହି ଭାବିବେ ଯେ ଏହା ଏକ ପ୍ରାଚୀନ ଗୁରୁକୁଳ। କିନ୍ତୁ ଏହା ହେଉଛି ରାଜସ୍ଥାନର ଜୟପୁରର ଠାକୁର ହରି ସିଂ ଶେଖାୱତ ମଣ୍ଡାୱା ପ୍ରବେଶିକା ସଂସ୍କୃତ ବିଦ୍ୟାଳୟ। ଏହି ସ୍କୁଲରେ ୮୦ ପ୍ରତିଶତ ମୁସଲମାନ ଛାତ୍ର ପଢୁଛନ୍ତି। ଦେବଭାଷା କୁହାଯାଉଥିବା ସଂସ୍କୃତକୁ ଏମାନେ ମୁଖସ୍ଥ କରିଦେଇଛନ୍ତି। ସଂସ୍କୃତରେ ମଧ୍ୟ କଥା ହୋଇପାରୁଛନ୍ତି। ଉକ୍ତ ସ୍କୁଲ୍‌ର ମୋଟ୍ ୨୭୭ ଜଣ ଛାତ୍ରଙ୍କ ମଧ୍ୟରୁ ୨୨୨ ଜଣ ଛାତ୍ର ହେଉଛନ୍ତି ମୁସଲମାନ। ଏମାନେ କେବଳ ସଂସ୍କୃତରେ କଥା ହେଉନାହାନ୍ତି, ବରଂ ସଂସ୍କୃତ ଶ୍ଳୋକ ସ୍ପଷ୍ଟ ଭାବେ ଉଚ୍ଚାରଣ କରୁଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ବେଦନିଧି ଶର୍ମା କୁହନ୍ତି, ଏହି ସ୍କୁଲ୍‌ର ଛାତ୍ରମାନେ ସଂସ୍କୃତ , ହିନ୍ଦୀ, ପାର୍ସୀ ଓ ଉର୍ଦ୍ଦୁ ଭାଷା ମଧ୍ୟ ଭଲ ଭାବେ ଜାଣନ୍ତି। ସ୍କୁଲରେ ବେଶି ଗରିବ ପରିବାରର ପିଲାମାନେ ପଢୁଛନ୍ତି । ସଂସ୍କୃତରେ ଶିକ୍ଷାଲାଭ କରି ମୁସଲମାନ ପିଲାମାନେ ସେମାନଙ୍କ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କୁହନ୍ତି ପ୍ରଧାନଶିକ୍ଷକ।

'ମଲଙ୍ଗ୍'ର ପ୍ରଥମ ଲୁକ୍ ରିଲିଜ୍

ଆଦିତ୍ୟ-ଦିଶାଙ୍କ ଜମିବ କେମିଷ୍ଟ୍ରି

ମୁମ୍ବାଇ: ଆଦିତ୍ୟ ରୟ କପୁର ଏବଂ ଦିଶା ପଟାନୀଙ୍କ ଅଭିନୀତ ଫିଲ୍ମ 'ମଲଙ୍ଗ୍'ର ପ୍ରଥମ ଲୁକ୍ ରିଲିଜ୍ ହୋଇଯାଇଛି। ଫିଲ୍ମର ନିର୍ଦ୍ଦେଶକ ମୋହିତ ସୁରୀ ଫିଲ୍ମର ପ୍ରଥମ ଲୁକ୍ ସୋସିଆଲ ମିଡିଆରେ ଶେୟାର କରି ଆଦିତ୍ୟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ତେବେ ଆଦିତ୍ୟ ଏବଂ ଦିଶାଙ୍କୁ ବିଦେଶୀମାନଙ୍କ ମଧ୍ୟରେ ଝୁମୁଥିବା ଏଥିରେ ଦେଖିବାକୁ ମିଳିଛି। ଏହି ଫ୍ରେଶ୍ ଯୋଡ଼ିକୁ ଦର୍ଶକ ପସନ୍ଦ କରିବେ ନିଶ୍ଚୟ।

ମୋହିତ୍ ଶେୟାର କରିଥିବା ଫଟୋରେ ଆଦିତ୍ୟ-ଦିଶାଙ୍କୁ ଦେଖିଲେ ଫିଲ୍ମ 'ଜିନ୍ଦେଗୀ ନା ମିଲେଗି ଦୋବାରା'ରେ ହ୍ରିତିକ୍-କ୍ୟାଟ୍ରିନାଙ୍କ ଯୋଡ଼ି ମନେପଡ଼ିଯାଉଛି। ଆଦିତ୍ୟ ବନ୍ଦନା, ସନ୍-ଗ୍ଲାସ୍ ପିନ୍ଧି ପୂରା ମସ୍ତି ମୁଡ୍‌ରେ ଥିବାଭଳି ଦେଖିବାକୁ ମିଳିଛି। ଏହାସହ ତାଙ୍କ ଆବ୍‌ସ ଆଉ ଫିଟ୍‌ନେସ୍ ସବୁଠାରୁ ଆକର୍ଷଣୀୟ ଲାଗୁଛି। ସେହିପରି ଦିଶା ମଧ୍ୟ ଆଦିତ୍ୟଙ୍କ ସହ ବେଶ୍ ଷ୍ଟାଇଲିସ୍ ଲାଗୁଛନ୍ତି। ଫିଲ୍ମରେ ଅନିଲ କପୁର, କୁନାଲ୍ ଖେମୁ ଏବଂ ଅମୃତା ଖାନ୍‌ୱିଲକର ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ରୋମାଣ୍ଟିକ୍ ଥ୍ରିଲର୍ ହୋଇଥିବାବେଳେ ଏହାର ଅଧିକାଂଶ ଶୁଟିଂ ଗୋଆରେ ଏବଂ କିଛି ମରିସସ୍‌ରେ ମଧ୍ୟ ଶୁଟିଂ ହୋଇଛି।

ଫିଲ୍ମ 'କଲଙ୍କ'ରେ ଆଦିତ୍ୟଙ୍କୁ ଦେଖିବାକୁ ମିଳିଥିଲା। ବକ୍ସ-ଅଫିସ୍‌ରେ ଫିଲ୍ମଟି ଖରାପ ପ୍ରଦର୍ଶନ କରିଥିଲା। ଉଭୟ ସମୀକ୍ଷକ ଏବଂ ଦର୍ଶକ ଫିଲ୍ମକୁ ସମାଲୋଚନା କରିଥିଲେ। ଅନ୍ୟପଟେ ଦିଶା ଏହା ପୂର୍ବରୁ ଫିଲ୍ମ 'ଭାରତ'ରେ ନଜରକୁ ଆସିଥିଲେ। ଫିଲ୍ମଟି ବକ୍ସ-ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା। 'ଭାରତ'ରେ ଲିଡ୍ ରୋଲ୍‌ରେ ସଲ୍‌ମାନ-କ୍ୟାଟ୍ରିନା ଥିଲେ ମଧ୍ୟ ଦିଶାଙ୍କୁ ବି ଖୁବ୍ ପ୍ରଶଂସା ମିଳିଥିଲା। ଦିଶା ଖୁବ୍‌ଶୀଘ୍ର ସଲ୍‌ମାନ ଖାନ୍‌ଙ୍କ ସହ ଫିଲ୍ମ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ନଜରକୁ ଆସିବେ।

ଫେରିଲେ ମୃତ ଘୋଷିତ

ପାଟନା: ତିନିମାସ ପୂର୍ବରୁ ଭିଡ଼ହିଂସାରେ ମୃତ ଘୋଷିତ ଜଣେ ବ୍ୟକ୍ତି ଜୀବିତ ଫେରିବା ଖବର ଏବେ ସାମନାକୁ ଆସିଛି ବିହାରରେ। ନୌବତପୁରର ମହମ୍ମଦପୁର ଗାଁରେ ତିନିମାସ ତଳେ ଭିଡ ହିଂସାରେ କୃଷ୍ଣ ମାନ୍‌ଝୀ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୨୩ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଦେଇଥିଲା। ମୃତ କୃଷ୍ଣଙ୍କୁ ତାଙ୍କ ପତ୍ନୀ, ପିତା ଓ ଭାଇ ଚିହ୍ନଟ କରିଥିଲେ। କୃଷ୍ଣଙ୍କ ମୁହଁ କ୍ଷତବିକ୍ଷତ ହୋଇଯାଇଥିବାରୁ ତାଙ୍କ ହାତରେ କୃଷ୍ଣ ମାନ୍‌ଝୀ ଲେଖାଯାଇଥିଲା ଓ ପିନ୍ଧିଥିବା ପୋଷାକକୁ ଦେଖି ଏମାନେ ଚିହ୍ନଟ କରିଥିଲେ। ଏହାପରେ ମର ଶରୀରକୁ ପୋଲିସ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା ଓ ତାହାକୁ ସେମାନେ ଦାହ ସଂସ୍କାର କରିଥିଲେ। କଂସା ବାସନ ବନ୍ଧାପକାଇ ଶୁଦ୍ଧିକ୍ରିୟା ମଧ୍ୟ ସମାପନ କରିଥିଲେ । ମୃତ କୃଷ୍ଣ ଓ ଏବେ ଯେଉଁ କୃଷ୍ଣ ଘରକୁ ଫେରିଛନ୍ତି ଉଭୟଙ୍କ ହାତରେ କୃଷ୍ଣ ମାନଝୀ ଲେଖାଥିଲା ବୋଲି ନୌବତପୁର ଥାନାଅଧିକାରୀ କହୁଥିବାବେଳେ ଯାଞ୍ଚ ପରେ ଏହା ଦେଖିବାକୁ ମିଳିନି ବୋଲି ସିଟି ପୋଲିସ ପକ୍ଷରୁ ପ୍ରକାଶ କରାଯାଇଛି। ସେଦିନ ଯଦି କୃଷ୍ଣର ମୃତ୍ୟୁ ହୋଇ ନାହିଁ ତେବେ ସେହି ମୃତ ବ୍ୟକ୍ତି ଜଣକ କିଏ ଜାଣିବା ଲାଗି ପୋଲିସ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଛି ଓ ସେମାନଙ୍କ ମଧ୍ୟରୁ ଦୁଇଜଣ ପାଟନା ହାଇକୋର୍ଟ ଓ ଜଣେ ଦାନାପୁର କୋର୍ଟରୁ ଜାମିନ ପାଇସାରିଛନ୍ତି। ତେବେ ଏହି ମାମଲାର ମୋଡ କ'ଣ ହେବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେ ପୁଣେରେ କାମ କରିବାକୁ ଯାଇଥିଲେ ଓ ଏଠାରେ କ'ଣ ଘଟିଛି ସେ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି କୃଷ୍ଣ।

୨୯୯ ଟଙ୍କାରେ ଶୁଦ୍ଧ ବାୟୁ

ନୂଆଦିଲ୍ଲୀ: ପ୍ରଦୂଷଣ ଏବେ ଭାରତୀୟଙ୍କ ପାଇଁ ଚିନ୍ତାଜନକ ବିଷୟ ହୋଇଛି। ଶୁଦ୍ଧ ବାୟୁ ଟିକିଏ ପାଇବା ଦିଲ୍ଲୀବାସୀଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ହେଲେ ବିଷାକ୍ତ ପରିବେଶରେ ବଞ୍ଚୁଥିବା ରାଜଧାନୀବାସୀ ଏବେ ଶୁଦ୍ଧ ବାୟୁ ପାଇପାରିବେ। ଦିଲ୍ଲୀର ସକେତ୍‌ସ୍ଥିତ 'ସିଲେକ୍ଟ ସିଟ୍ ମଲ୍'ଠାରେ ଖୋଲିଥିବା 'ଅକ୍ସି ପ୍ୟୁଓର' ନାମକ ଅକ୍ସିଜେନ୍ ବାର୍‌ରେ ଏହା ଉପଲବ୍ଧ। ଚଳିତବର୍ଷ ମେ ମାସରେ ଆର୍ଯ୍ୟବର କୁମାରଙ୍କ ଦ୍ୱାରା ଏହି ବାର୍ ଖୋଲାଯାଇଥିଲା। ଏଠାରେ ସର୍ବନିମ୍ନ ୨୯୯ ଟଙ୍କା ଦେଇ ଏଠାରେ ୧୫ମିନିଟ ପାଇଁ ଗ୍ରହଣ କରିପାରିବେ ଶୁଦ୍ଧ ବାୟୁ(ଅମ୍ଳଜାନ)। ଏକ ଟ୍ୟୁବ୍ ମାଧ୍ୟମରେ ଲୋକେ ଏହି ଅମ୍ଳଜାନ ଗ୍ରହଣ କରିପାରିବେ। ଏପରିକି ଗ୍ରାହକଙ୍କ ପାଇଁ ପୋର୍ଟେବଲ୍ ଅକ୍ସିଜେନ୍ କ୍ୟାନ୍‌ର ବ୍ୟବସ୍ଥା ମଧ୍ୟ ରହିଥିବା ବାର୍ ପକ୍ଷରୁ କୁହାଯାଇଛି। ୭ଟି ଭିନ୍ନ ଫ୍ଲେଭର୍‌ରେ ଏହା ଉପଲବ୍ଧ ରହିଛି। ଏହି ଅକ୍ସିଜେନ୍ ଦିନରେ ଥରେ ନେଇପାରିବେ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟ ରହିଛି। ଏହାଦ୍ୱାରା ଶରୀରରେ ଠିକ୍‌ଭାବେ ଅମ୍ଳଜାନର ସଞ୍ଚାଳନ ହୋଇପାରିବ। ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ।

■ ପାର୍ଲାମେଣ୍ଟ ଶୀତ ଅଧିବେଶନ ପାଇଁ ବିଜେଡିର ରଣନୀତି

କେନ୍ଦ୍ରୀୟ ଅନୁଦାନ, ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱରରୁ ଦୁବାଇକୁ ସିଧା ବିମାନ ଉଡ଼ାଣ, କଟକ ବାଲିଯାତ୍ରାକୁ ଜାତୀୟ ସାମୁଦ୍ରିକ ଐତିହ୍ୟ ମାନ୍ୟତା ଦାବି କରାଯିବ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଛି। ଏହି ଅଧିବେଶନରେ ଦଳ କେଉଁ କେଉଁ ପ୍ରସଙ୍ଗ ଉପସ୍ଥାପନ କରିବ, ସେନେଇ ବିଜେଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ଗଣମାଧ୍ୟମ ସଂଯୋଜକ ସସ୍ମିତ୍ ପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ଜରୁରିକାଳୀନ ପାଣ୍ଠି ବାବଦକୁ ୨୦୨ କୋଟି ଟଙ୍କା ରାଜ୍ୟ ପାଇବାକୁ ବାକି ରହିଛି। ବିଭିନ୍ନ ଯୋଜନା ଏବଂ ଅନୁଦାନରେ ରାଜ୍ୟ ପାଇବାକୁ ଥିବା ୮୧୮ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟ ଏଯାବତ୍ ପ୍ରଦାନ କରାଯାଇନାହିଁ। ଯଥାଶୀଘ୍ର କେନ୍ଦ୍ର ଏହାକୁ ପ୍ରଦାନ କରୁ ବୋଲି ଦାବି କରାଯିବ। କେନ୍ଦ୍ରୀୟ ଯୋଜନାରେ ଫନୀ ପ୍ରଭାବିତ ଏବଂ ଅନ୍ୟ ହିତାଧିକାରୀଙ୍କୁ ସାମିଲ ସହ ଜିଓ ଟ୍ୟାଗିଂ ପାଇଁ କୁହାଯିବ। ସିବିଏସ୍‌ଇ ଦ୍ୱାରା କରାଯାଇଥିବା ଫି' ବୃଦ୍ଧିକୁ ପ୍ରତ୍ୟାହାର ନେଇ ଦାବି କରାଯିବ ବୋଲି ସସ୍ମିତ୍ କହିଛନ୍ତି। ପିଡିଏସ୍ ବାବଦରେ ୨୦୧୭-୧୮ ଆର୍ଥିକ ବର୍ଷରେ କେନ୍ଦ୍ର ଓଡ଼ିଶାକୁ ୨୧୨୩ କୋଟି, ୨୦୧୮ରୁ ଗତ ସେପ୍ଟେମ୍ବର ସୁଦ୍ଧା ୧୩୪୫ କୋଟି ଟଙ୍କା ଦେବାକୁ ରହିଛି। ଏହି ଅର୍ଥ ଅବିଳମ୍ବେ ପ୍ରଦାନ ପାଇଁ ରାଜ୍ୟ ପକ୍ଷରୁ କୁହାଯିବ। ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଉ। ଏ ସମ୍ପର୍କିତ ବିଲ୍ ଗୃହରେ ଆଣିବା ସହ ଗୃହୀତ କରାଇବା ପାଇଁ ବିଜେଡି ଦାବି କରିବ। ସେହିଭଳି ସାରା ରାଜ୍ୟରେ ବ୍ୟାଙ୍କିଙ୍ଗ୍ ଏବଂ ଟେଲି ଯୋଗାଯୋଗ, ଜାତୀୟ ରାଜପଥର ଦୈର୍ଘ୍ୟ ବୃଦ୍ଧି ପାଇଁ ପଦକ୍ଷେପ ନେବା ଲାଗି କୁହାଯିବ ବୋଲି ସସ୍ମିତ୍ ସୂଚନା ଦେଇଛନ୍ତି।

ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମିର ଅଭାବ ନାହିଁ। ଏହାକୁ ପର୍ଯ୍ୟଟକଙ୍କ ପ୍ରମୁଖ ପସନ୍ଦର ସ୍ଥାନ କରିବାକୁ କେନ୍ଦ୍ର ସରକାର ସମସ୍ତ ସହଯୋଗ କରିବା ଦରକାର ବୋଲି ବିଜେଡି ପକ୍ଷରୁ କୁହାଯାଇଛି। କେନ୍ଦ୍ର ଦ୍ୱାରା ଚିହ୍ନଟ କରାଯାଇଥିବା ୧୭ଟି ପର୍ଯ୍ୟଟନସ୍ଥଳୀ ମଧ୍ୟରେ ରାଜ୍ୟର ଅନ୍ୟୂନ ୨ଟି ସ୍ଥଳୀକୁ ସ୍ଥାନ ଦେବା ପାଇଁ ଦାବି କରାଯାଇଛି। ଅନୁରୂପଭାବେ ରାଜଧାନୀ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ପାଇଁ ଦାବି କରାଯିବ। ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତୀତର ଗୌରବଗାଥା ବହନ କରିଥାଏ। ଏହାର ସ୍ମୃତି ବହନ କରୁଥିବା କଟକର ପ୍ରସିଦ୍ଧ ବାଲିଯାତ୍ରାକୁ ଜାତୀୟ ସାମୁଦ୍ରିକ ଐତିହ୍ୟର ମାନ୍ୟତା ଦେବା ପାଇଁ ବିଜେଡି ପକ୍ଷରୁ ଦୃଢ଼ ଦାବି କରାଯିବ ବୋଲି ସସ୍ମିତ୍ କହିଛନ୍ତି। ଅପରପକ୍ଷରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରିବା ପାଇଁ ମଧ୍ୟ ବିଜେଡି ପକ୍ଷରୁ ଦାବି କରାଯିବ ବୋଲି ଜଣାପଡ଼ିଛି।

ସ୍ମିତାରାଣୀ ପ୍ରସଙ୍ଗ ଉଠାଇବ ଭାଜପା

■ ଓଡ଼ିଶାର ସ୍ୱାର୍ଥ କଥା ଭୁଲିଯାଉଛି ବିଜେଡି: ବସନ୍ତ

■ କଂଗ୍ରେସ ବି ଦେବ ଗୁରୁତ୍ୱ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ସୋମବାରଠାରୁ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଭାଜପାର ରାଜ୍ୟ ଏମ୍‌ପିମାନଙ୍କ ପକ୍ଷରୁ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଯିବ ବୋଲି ସୂଚନା ମିଳିଛି। ସେଥିମଧ୍ୟରେ ପ୍ରମୁଖ ହେଉଛି ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ। ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ବିଧାନସଭାରେ ଶାସକ ଦଳକୁ ଉଭୟ ଭାଜପା ଏବଂ କଂଗ୍ରେସ ଟାର୍ଗେଟ କରିବାରେ ଲାଗିଛନ୍ତି। ସ୍ମିତାରାଣୀଙ୍କୁ ଶାସକ ଦଳର କେତେଜଣ ନେତା ଓ କର୍ମୀ ହତ୍ୟା କରିଛନ୍ତି, ତେଣୁ ଏହାର ସିବିଆଇ ତଦନ୍ତ କରିବାକୁ ଭାଜପା ପକ୍ଷରୁ ବିଧାନସଭାରେ ଦାବି କରାଯାଉଛି। ଭାଜପା ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି ଯେ, ରାଜ୍ୟରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ସ୍ମିତାରାଣୀଙ୍କୁ ହତ୍ୟା କରାଯାଇଥିବା ବେଳେ ଏଥିରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଥିବାରୁ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଉଛି। ଏକଥା ପାର୍ଲାମେଣ୍ଟରେ ଉଠାଯିବ। ଆବଶ୍ୟକ ପଡ଼ିଲେ ଦଳ ନ୍ୟାୟାଳୟର ଆଶ୍ରୟ ନେବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଧାନ ପରିଷଦ ବିଲ୍ ପାସ୍ କରାଇବାକୁ ଚାହୁଁଥିବା ପ୍ରସଙ୍ଗରେ ପଣ୍ଡା କହିଛନ୍ତି, ବିଜେଡି ନିଜର ପରାଜିତ ନେତାଙ୍କୁ ଥଇଥାନ କରିବା ସକାଶେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ କଥାକୁ ଭୁଲିଯାଉଛି। ଓଡ଼ିଶା ଏକ ଗରିବ ରାଜ୍ୟ, ଏଠାରେ ରାଜ୍ୟର ବିକାଶ କଥାକୁ ସେମାନେ ପ୍ରାଧାନ୍ୟ ଦେବା କଥା। ପାର୍ଲାମେଣ୍ଟରେ ଭାଜପା ଅପପୁଷ୍ଟି, ଏନ୍‌ଏଚ୍‌ଏଆଇ(ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ) ଏବଂ ଜଳସେଚନ ଆଦି ପ୍ରସଙ୍ଗ ଉଠାଇବ ବୋଲି ପଣ୍ଡା କହିଛନ୍ତି। ସେହିପରି କଂଗ୍ରେସ ନେତା ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ସ୍ମିତାରାଣୀ ପ୍ରସଙ୍ଗକୁ ଲୋକ ସଭାରେ ଜୋର୍‌ଦାର ଭାବେ ଉଠାଇବି। କୁନ୍ଦୁଲି ଗଣବଳାତ୍କାର ଘଟଣାର ସିବିଆଇ ତଦନ୍ତ ଓ ଚିଟ୍‌ଫଣ୍ଡ ପ୍ରସଙ୍ଗ ମଧ୍ୟ ଉଠାଇବି ବୋଲି ସେ କହିଛନ୍ତି।

ଭାଜପା ଓ କଂଗ୍ରେସ ପକ୍ଷରୁ ସ୍ମିତାରାଣୀ ପ୍ରସଙ୍ଗ ଉଠାଯିବ ବୋଲି କୁହାଯିବାପରେ ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଲୋକମାନେ ସବୁକିଛି ଠିକ୍‌ରେ ବୁଝୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ କଥା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛୁ। ମହିଳା, ଚାଷୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ବିଜେଡି ସ୍ୱର ଉଠାଇବ। ପ୍ରାକୃତିକ ବିପର୍ଯ୍ୟୟରେ ଓଡ଼ିଶା ତଳିତଳାନ୍ତ ହୋଇଗଲାଣି, ସେକଥା ଉପରେ ଗୁରୁତ୍ୱ ଦିଆଯିବ।

#MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ

ଅନୁଭୂତି ବରାଳ

ଭବ୍ୟ ଏବଂ ଭାସ୍ୱତୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

୨ଶହ କେଜି ଚନ୍ଦନ କାଠ ଜବତ

ରାୟଗଡ଼(ଗଜପତି)/ପାରଳାଖେମୁଣ୍ଡି, ୧୭।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

ଜବତ ଟ୍ରକ, ଚନ୍ଦନ କାଠ ସହ ଗିରଫ ଅଭିଯୁକ୍ତ।

■ ପଇଡ଼ ବୋଝେଇ ମିନି ଟ୍ରକରେ ହେଉଥିଲା ଚାଲାଣ

■ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ

ଗଜପତି ଜିଲା ରାୟଗଡ ବ୍ଲକ ନାରାୟଣପୁର ବନାଞ୍ଚଳ ତଥା ଗାରବନ୍ଧ ଥାନା ଅଧୀନ ଲାବଣ୍ୟଗଡ ଗାଁ ନିକଟରୁ ଏକ ପଇଡ ବୋଝେଇ ମିନି ଟ୍ରକରେ ଚାଲାଣ ହେଉଥିବା ପ୍ରାୟ ୨ ଶହ କିଲୋ ଦୁର୍ଲଭ ରକ୍ତ ଚନ୍ଦନ କାଠକୁ ବନ ବିଭାଗ ରବିବାର ଜବତ କରିଛି। ଏହି ଘଟଣାରେ ବନ ବିଭାଗ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ମଧ୍ୟପ୍ରଦେଶ ଗୋଆଲିଅର ଅଞ୍ଚଳର ଡ୍ରାଇଭର ବିକାଶ ଯାଦବ(୩୨), ହେଲପର ଅଭିଷେକ ମାଝି(୧୯) ଓ ଉତ୍ତରପ୍ରଦେଶ ବେଟା ଜିଲା ଅଲ୍ଲିଗଞ୍ଜ ଗାଁର ମହମ୍ମଦ ଆଶିଫ(୪୧)।

ପ୍ରକାଶଯେ, ଗତ ସେପ୍ଟେମ୍ବର ୧୮ତାରିଖରେ ଗଣ୍ଡାହାତୀ ବିଟ୍ ଅଧୀନ ମୁନିଙ୍ଗାବାଡ ଗ୍ରାମ ନିକଟ ଜଙ୍ଗଲରୁ କେତେ ଜଣ ଦୁର୍ବୃତ୍ତ ଦୁଇଟି ରକ୍ତ ଚନ୍ଦନ ଗଛ କାଟି ନେଇଥିଲେ। ବନ ବିଭାଗ ପକ୍ଷରୁ ଏହାର ତଦନ୍ତ ଜାରି ରଖିଥିଲା। ସେହି କାଠଗୁଡିକୁ ଓଡିଶା ଓ ପଡୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତ ସାନଧୁରୁ ଗ୍ରାମ ନିକଟରେ ଲୁଚାଇ ରଖାଯାଇଥିବା ବନବିଭାଗ ଜାଣିବାକୁ ପାଇଥିଲା। କାଠ ମାଫିଆମାନେ ଶନିବାର ସେଗୁଡିକୁ ଏକ ପଇଡ ବୋଝେଇ ମିନି ଟ୍ରକ ଭିତରେ ରଖି ଚାଲାଣ କରୁଥିବା ବନବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିବେକ କୁମାର ତ୍ୟାଗୀଙ୍କ ନିର୍ଦ୍ଦେଶ କ୍ରମେ ନାରାୟଣପୁର ରେଞ୍ଜର କିବିନ ପରିଚ୍ଛାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଫରେଷ୍ଟର ସନ୍ତୋଷ ରଥ, ପୂର୍ଣ୍ଣ ଗୌଡ, ସନ୍ତୋଷ ସାହୁ, ପିତର ଶବର, ପ୍ରଦୀପ ଚୌଧୁରୀ, ପ୍ରସାଦ ନାୟକ ପ୍ରମୁଖ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଅଭିଯୁକ୍ତଙ୍କୁ ଧରିବାକୁ ସଜାଗ ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ପଇଡ ବୋଝେଇ ମିନିଟ୍ରକ(ଏମ୍‌ପି-୦୭ ଜିଏ-୫୫୭୮)ରେ ୫ଖଣ୍ଡ ରକ୍ତ ଚନ୍ଦନ କାଠ ନିଆଯାଉଥିଲା। ପୂର୍ବ ଯୋଜନା ଅନୁଯାୟୀ ବନବିଭାଗ ଲାବଣ୍ୟଗଡ ନିକଟରେ ଚନ୍ଦନ କାଠକୁ ଜବତ କରିବାରେ ସଫଳ ହୋଇଥିଲା। ଜବତ ଚନ୍ଦନ କାଠର ପରିମାଣ ୨୦୦କେଜି ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୬ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ୨ଜଣ ଖସି ପଳାଇବାରେ ସଫଳ ହୋଇଛନ୍ତି। ଏହି ର୍ୟାକେଟରେ ଅନ୍ୟ କିଛି ଲୋକଙ୍କ ସମ୍ପୃକ୍ତି ରହିଛି। ଅତିଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ରେଞ୍ଜ ଅଧିକାରୀ ପରିଚ୍ଛା ସୂଚନା ଦେଇଛନ୍ତି।

ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଭେଙ୍କାୟ୍ୟା

ନୂଆଦିଲ୍ଲୀ,୧୭।୧୧(ପି.ଟି.): ରାଜ୍ୟ ସଭାର ୨୫୦ତମ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଥିଲାବେଳେ ଏହାର ଅଧ୍ୟକ୍ଷ ଏମ୍. ଭେଙ୍କାୟ୍ୟା ନାଇଡୁ ରବିବାର ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ଭେଟି ସହଯୋଗ ପାଇଁ ଅନୁରୋଧ କରିଥିଲେ। ଦେଶର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନରେ ଉଚ୍ଚ ସଦନର ଯଥେଷ୍ଟ ଅବଦାନ ରହିଛି। ତେବେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି ବୋଲି ନାଇଡୁ କହିଥିଲେ। ଗତ ଅଧିବେଶନ ସବୁଠୁ ଫଳପ୍ରଦ ହୋଇଥିଲା। ଶୀତ ଅଧିବେଶନରେ ମଧ୍ୟ ସେହିଭଳି ସକାରାତ୍ମକ ଗତିଶୀଳତା ବଜାୟ ରଖିବା ଲାଗି ସେ ନେତାମାନଙ୍କୁ ଆହ୍ୱାନ ଦେଇଥିଲେ। ୨୫୦ତମ ଅଧିବେଶନକୁ ଉଲ୍ଲେଖନୀୟ କରିବା ଲାଗି 'ଭାରତୀୟ ରାଜନୀତିରେ ରାଜ୍ୟ ସଭାର ଭୂମିକା: ଆବଶ୍ୟକ ସଂସ୍କାର' ଶୀର୍ଷକରେ ଆଲୋଚନା ହେବା ସହ ସ୍ମାରକୀ ମୁଦ୍ରା, ଡାକଟିକେଟ ଏବଂ ୧୯୫୨ରୁ ଉଚ୍ଚ ସଦନର ଯାତ୍ରା ସମ୍ପର୍କିତ ପୁସ୍ତକ ପ୍ରକାଶ ପାଇବ ବୋଲି ରାଜ୍ୟ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି।

ଡ୍ରୋନ୍ ବ୍ୟବହାର କରୁଛନ୍ତି ମାଓବାଦୀ

ଦେଖିବାମାତ୍ରେ ଗୁଳି ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୧୧(ପି.ଟି.)

ମାଓବାଦୀମାନେ ଡ୍ରୋନ୍ ବ୍ୟବହାର କରୁଥିବା ଜଣାପଡିଛି। ଫଳରେ ସେଗୁଡିକୁ ଦେଖିବା ମାତ୍ରେ ଗୁଳି କରିବା ଲାଗି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ସୁରକ୍ଷା ଯବାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛତିଶଗଡର ଦକ୍ଷିଣ ବସ୍ତର ଅଞ୍ଚଳ ଅନ୍ତର୍ଗତ ସୁକମା ଜିଲାରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଡ୍ରୋନ୍ ବା ୟୁଏଭି ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ଜଣାପଡିବା ପରେ କେନ୍ଦ୍ରୀୟ ସୁରକ୍ଷା କମାଣ୍ଡ ଏବଂ ଗୋଇନ୍ଦା ବିଭାଗ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଜଣେ ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତମାସରେ କିସ୍ତରାମ ଓ ପାଲୋଡିଠାରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଲାଲ୍ ଓ ଧଳା ଆଲୋକ ବିକିରଣ କରୁଥିବା ଛୋଟ ଡ୍ରୋନଗୁଡିକ ଉଡୁଥିଲା। ୩ ଦିନ ମଧ୍ୟରେ ଏଭଳି ଡ୍ରୋନ ୪ ଥର ଉଡିଥିଲା। ଏଥିରୁ ଏକ ଶବ୍ଦ ଆସୁଥିବାରୁ କ୍ୟାମ୍ପ ସୁରକ୍ଷା ଦାୟିତ୍ୱରେ ଥିବା ଯବାନ ଜାଣିପାରି ସଜାଗ ହେବା ସହ ସମ୍ଭାବ୍ୟ ମାଓବାଦୀ ଆକ୍ରମଣ ସମ୍ପର୍କରେ ପାଖ କ୍ୟାମ୍ପକୁ ଜଣାଇଦେଇଥିଲେ। ତେବେ ଉକ୍ତ ଡ୍ରୋନ୍‌କୁ ଗୁଳି କରିବା ପୂର୍ବରୁ ତାହା ଆକାଶରୁ ଉଭାନ ହୋଇଯାଇଥିଲା।

■ ଆଜି ଶ୍ରୀମନ୍ଦିରରେ ପଇତାଲାଗି

୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ ଅଫିସ, ୧୭।୧୧: ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଏହି ନୀତି ପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ପଇତାଲାଗି କରିବେ। ପ୍ରାୟ ୪ ଘଣ୍ଟା ଧରି ଏହି ନୀତି ଚାଲିବି। ଏହି ନୀତି ସମ୍ପନ୍ନ ପରେ ପୁଣି ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ ବୋଲି ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

■ ଆଇଏନ୍‌ଏସ୍ ପକ୍ଷରୁ ଚିଲିକାରେ ନୌଚାଳନା ପ୍ରତିଯୋଗିତା

'ତଟ ସୁରକ୍ଷାରେ ମତ୍ସ୍ୟଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାଲୁଗାଁ,୧୭।୧୧(ଡି.ଏନ.ଏ.)

ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ଅନୁଷ୍ଠିତ ନୌଚାଳନା ପ୍ରତିଯୋଗିତା ପରେ ଅତିଥିଙ୍କ ଗହଣରେ କୃତୀ ମତ୍ସ୍ୟଜୀବୀ।

ଚିଲିକା ତଥା ସମୁଦ୍ର ତଟ ସୁରକ୍ଷା ଦିଗରେ ମତ୍ସ୍ୟଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଳପଥରେ ସେମାନେ ହେଲେ କର୍ଣ୍ଣଧାର ତଥା ଆଖି ଓ କାନ ସଦୃଶ। ନୌସେନା ବିଭାଗ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓ ସମନ୍ୱୟ ରହିପାରିଲେ ତଟରକ୍ଷା କ୍ଷେତ୍ରରେ କୌଣସି ଅଘଟଣ ଏଡ଼ାଇବା ସହଜ ହେବ। ରବିବାର ସ୍ଥାନୀୟ ବଡ଼କୁଳଠାରେ ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ଅନୁଷ୍ଠିତ ନୌଚାଳନା ପ୍ରତିଯୋଗିତା ଅବସରରେ ଭାରତୀୟ ନୌସେନା ଚିଲିକା ଶାଖା ଅଧିକାରୀ ତଥା କମୋଡ଼ର ରତ୍ନରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ଭାରତୀୟ ନୌସେନା ବିଭାଗର ୪୦ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ନୌସେନା ଓ ଜିଲା ମତ୍ସ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ବଡ଼କୁଳ ପାଛନିବାସ ଜେଟିଠାରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ନେଇ ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମୋଡ଼ର ସାହୁ ପ୍ରତଯୋଗିତା ଉଦ୍‌ଘାଟନ କରିଥିଲେ। କାତମରା ଓ ଆହୁଲା ଦୁଇ ପର୍ଯ୍ୟାୟରେ ନୌଚାଳନା ପ୍ରତିଯୋଗିତା ହୋଇଥିଲା। ଆହୁଲାରେ ୧୦ ଓ କାତମରାରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତି ଦଳରେ ଜଣେ ଦଳପତିଙ୍କ ସହ ୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଚିଲିକା ମଧ୍ୟସ୍ଥ ଜଟିଆନାଶି ପାହାଡ଼ଠାରୁ ବଡ଼କୁଳ ପାଛନିବାସ ପର୍ଯ୍ୟନ୍ତ ପ୍ରାୟ ଦେଢ଼କିଲୋମିଟର ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠିତ ଆହୁଲା ପ୍ରତିଯୋଗିତାରେ ମା'ନାରାୟଣୀ ଟିମ୍ (ଶାନ୍ତିନଗର) ପ୍ରଥମ, ମା'କାଳିଜାଇ ଟିମ୍ (ଶାନ୍ତିନଗର) ଦ୍ୱିତୀୟ ଓ ହରିଚାନ୍ଦ ଠାକୁର ଟିମ୍ (ସନ୍ନ୍ୟାସୀନଗର) ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କାତମରା ପ୍ରତିଯୋଗିତାରେ ଜୟନ୍ତପୁର ଟିମ୍ ପ୍ରଥମ, ମା' ଚିଲିକାରାଣୀ ଟିମ୍ (ଚନ୍ଦ୍ରାପୁଟ) ଦ୍ୱିତୀୟ ଓ ଗଙ୍ଗାଦେବୀ ଟିମ୍ (ପଥରା,ଗଞ୍ଜାମ) ତୃତୀୟ ସ୍ଥାନ ହାସଲ କରିଥିଲେ। କମୋଡ଼ର ସାହୁ କୃତିତ୍ୱ ଅର୍ଜନ କରିଥିବା ଟିମ୍‌କୁ ଯଥାକ୍ରମେ ୧୦ହଜାର, ୬ହଜାର ଓ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ନୌସେନା ବିଭାଗର ବହୁ ଅଧିକାରୀ, ବାଲୁଗାଁ ଏସ୍‌ଡିପିଓ ସୁରେଶ କୁମାର ଦାଶ, ଆଇଆଇସି ରମାକାନ୍ତ ମହାଲିକ୍‌ଙ୍କ ସମେତ ପାଛନିବାସ କର୍ତ୍ତୃପକ୍ଷ, ସ୍ଥାନୀୟ ଡ଼ଙ୍ଗା ମାଲିକ ସଂଘର ସଦସ୍ୟ ବୃନ୍ଦ ଓ ମତ୍ସ୍ୟଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

■ ଶିବସେନା ଓହ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ମାଳତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ହୀରାକୁଦ ଡ୍ୟାମ୍ ପରିଦର୍ଶନ କଲେ ଛତିଶଗଡ଼ ଟିମ୍

- ପାଣିର ବ୍ୟବହାର ଉପରେ ଆଲୋଚନା
- କମ୍ପାନୀକୁ ଯାଉଥିବା ପାଣିର ପରିମାଣ ଦେଖିଲେ

ସମ୍ବଲପୁର, ୧୭।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ଡ୍ୟାମ୍‌କୁ ରବିବାର ଛତିଶଗଡ଼ ଜଳସମ୍ପଦ ବିଭାଗର ଏକ ୧୧ ଜଣିଆ ଉଚ୍ଚସ୍ତରୀୟ ଟିମ୍ ପରିଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ଏକ୍ସପର୍ଟ, ୨ଜଣ ଆଇନଜୀବୀ ଓ ୭ଜଣ ଇଞ୍ଜିନିୟର ରହିଛନ୍ତି। ଏମାନେ ହେଲେ କେ.ଏସ. ଧୋନିକ, ଆର୍.ଏସ୍. ନାଇଡୁ, ଏ.କେ. ସୋନୱାର, ଆର୍.କେ. ନାଗରିଆଙ୍କ ସମେତ ୧୧ଜଣ ସଦସ୍ୟ। ସେହିପରି ଓଡ଼ିଶାର ଗୋପାଳ ରାୟ, ଆଶୁତୋଷ ଦାସ, ହରମନ୍ ପ୍ରଧାନ, ଭକ୍ତରଞ୍ଜନ ମହାନ୍ତି, ନିରାକାର ବିଶି, ସାଗର ମହାନ୍ତି, ପ୍ରତୀକ ଦୀକ୍ଷିତ, ସୁମିତ କୁଜୁର ପ୍ରମୁଖ ବିଭାଗୀୟ ଇଞ୍ଜିନିୟର ଓ ଏକ୍ସପର୍ଟ ଏହି ପ୍ରତିନିଧିଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ରହିଥିଲେ। ହୀରାକୁଦ ଡ୍ୟାମର ପାଣି କି ଭଳି ଭାବେ ପରିଚାଳନା କରାଯାଉଛି ମୁଖ୍ୟତଃ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଓପିଜିସି, ଭୂଷଣ, ବେଦାନ୍ତ , ହିନ୍ଦ ବରାତ ଓ ଅନ୍ୟାନ୍ୟ କମ୍ପାନୀଗୁଡିକୁ କେତେ ପରିମାଣର ପାଣି ଦିଆଯାଉଛି ତାହା ଏହି ଟିମ୍ ଅନୁଧ୍ୟାନ କରିଛି। ସେହିପରି ଶାସନ କେନାଲରେ ଚାଷୀମାନଙ୍କ ପାଇଁ କେତେ କ୍ୟୁସେକ ପାଣି ଯାଉଛି ତାହା ମଧ୍ୟ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିଛନ୍ତି। ଏହାସହ ହୀରାକୁଦ ଡ୍ୟାମର ଉପରମୁଣ୍ଡ ବର୍ଷା ଓ ତଳ ମୁଣ୍ଡରେ ବର୍ଷା ପରିମାଣ, କେତେ ପାଣି ଛଡା ଯାଉଛି ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ତେବେ ବର୍ଷା ସମୟରେ ଡ୍ୟାମ୍‌ରେ ପଟୁମାଟି ପୋତି ହୋଇଯାଉଛି। ଏହାକୁ ନେଇ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ମହାନଦୀ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ମାମଲା ବିଚାରାଧୀନ ରହିଛି। ଅନ୍ୟପଟେ ଓଡ଼ିଶା ଓ ଛତିଶଗଡ ରାଜ୍ୟ ଜଳସମ୍ପଦ ବିଭାଗ ସମନ୍ୱୟ ରଖିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଣୁ ଏହାକୁ ନେଇ ରବିବାର ଛତିଶଗଡ଼ ଜଳସମ୍ପଦ ବିଭାଗର ଏହି ୧୧ ଜଣିଆ ଟିମ୍ ଓଡ଼ିଶା ଗସ୍ତରେ ଆସିଥିଲେ। ଓଡ଼ିଶାରୁ ମଧ୍ୟ ବିଭିନ୍ନ ସମୟରେ ଟିମ୍ ଯାଇ ଛତିଶଗଡ଼ ଜଳସମ୍ପଦ ବିଭାଗ ସହ ବୈଠକ ଓ ଆଲୋଚନା କରିଛନ୍ତି। ନିୟମିତ ଭାବେ ଉଭୟ ରାଜ୍ୟ ପକ୍ଷରୁ ଏଭଳି ସମନ୍ୱୟ ରକ୍ଷା କରି ଆଲୋଚନା ଓ ପରିଦର୍ଶନ କରାଯାଉଛି ବୋଲି ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ନାୟକ କହିଛନ୍ତି।

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତ୍ରୀ ଶୀତଲଙ୍କ ଅଭିନୟ ଜୀବନ ଯାତ୍ରା କେମିତି ତାହା ଦେଖନ୍ତୁ ଏହି ଭିଡିଓରେ

YouTube /dharitrilive

ବଜ୍ରକାପ୍ତା ଉଦ୍ଧାର, ୪ ଗିରଫ

ପାଲଲହଡ଼ା, ୧୭।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବନବିଭାଗ ପକ୍ଷରୁ ରବିବାର ଏକ ବଜ୍ରକାପ୍ତା ଉଦ୍ଧାର ସହ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଟାମୁଣ୍ଡ ଗାଁର ସନ୍ତୋଷ ମହାକୁଳ, କୈଳାସ ନାୟକ, ଟାଇଁସିରା ଗାଁର ଗଣନାଥ ନାୟକ ଏବଂ ଜଗମୋହନପୁର ମୁନା ମୁଣ୍ଡା। ଫେରାର ଥିବା ଅନ୍ୟଜଣେ ସହଯୋଗୀଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ବନବିଭାଗ କହିଛି। ସୂଚନା ମୁତାବକ, ପ୍ରାୟ ମାସେ ହେବ ଗିରଫ ବ୍ୟକ୍ତିମାନେ ଏହି ବଜ୍ରକାପ୍ତାକୁ ଜଙ୍ଗଲରୁ ଧରି ଘରେ ରଖି ବିକ୍ରିକରିବା ପାଇଁ ଯୋଜନା କରୁଥିଲେ। ଖବରପାଇ ବିଭାଗୀୟ କର୍ମଚାରୀମାନେ ବେପାରୀ ଭାବେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଦ୍ଧାର ବଜ୍ରକାପ୍ତାର ଓଜନ ୧୦ କେଜି ହେବ

ବୋଲି ଜଣାପଡିଛି। ବଜ୍ରକାପ୍ତାର ଡାକ୍ତରୀ ପରୀକ୍ଷା ପରେ ଏହାକୁ ଜଙ୍ଗଲରେ ଛଡ଼ାଯିବ କି ନନ୍ଦନକାନନକୁ ନିଆଯିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ରେଞ୍ଜର ଦୁର୍ଯ୍ୟୋଧନ ଜେରେଇ କହିଛନ୍ତି। ଏହି ଚଢ଼ାଉରେ ଡେପୁଟି ରେଞ୍ଜର ମହେନ୍ଦ୍ର କୁମାର ସାହୁ, ଫରେଷ୍ଟର ମନ୍ମଥ ବେହେରା, ପୁଲିନ ବିହାରୀ ପ୍ରଧାନ, ରୋହିତ ନାୟକ ଫରେଷ୍ଟଗାର୍ଡ, ସୁରେନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ ।

୫ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି,୧୭।୧୧ (ଡିଏନ୍.ଏ.)

ମାଲକାନଗିରି ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ରବିବାର ଅବକାରୀ,ପୋଲିସ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ନଷ୍ଟ କରିଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୫ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ମାଲକାନଗିରି, ଜୟପୁର, ନବରଙ୍ଗପୁର ଅବକାରୀ ବିଭାଗ, ମାଲକାନଗିରି ପୋଲିସ ଓ ବନ ବିଭାଗ ମିଳିତ ସହଯୋଗରେ ମାଲାକନଗିରି ଥାନା ଅଞ୍ଚଳର କର୍ତନଗୁଡ଼ା, ବାଟଗୁଡ଼ା ଓ ବାପନପାଲି ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩୯ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡିକୁ କାଟି ନିଆଁ ଲଗାଇ ପୋଡ଼ି ଦିଆଯାଇଥିଲା। ଏହି ୩ଟି ସ୍ଥାନରୁ ମୋଟ ୫୮ହଜାର ୫୦୦ ଗଛ କଟାଯାଇଥିବା ସେଠ୍ କହିଛନ୍ତି।

ଜଳ ଯୋଗାଣ ଟ୍ୟାଙ୍କରରେ ଗଞ୍ଜେଇ ଚୋରା ଚାଲାଣ

ମାଲକାନଗିରି,୧୭।୧୧(ଡି.ଏନ୍.ଏ.)

ଏକ ଅଭିନବ ଉପାୟରେ ଗଞ୍ଜେଇ ଚୋରା ଚାଲାଣକୁ ମାଲକାନଗିରି ଜିଲା ମାଥିଲି ପୋଲିସ ଧରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ପରିମାଣ ଦେଢ ଟନ୍ ହେବ ବୋଲି ଏସପି ରିଷିକେଶ ଡି. ଖିଲାରୀ କହିଛନ୍ତି। ମାଥିଲି ଥାନା ମାଡ଼କାପଦର ଅଞ୍ଚଳରୁ ଏକ ପାଣି ଟ୍ୟାଙ୍କର ଜୟପୁର ଅଭିମୁଖେ ଯାଉଥିଲା। ଗୋବିନ୍ଦପାଲି ଛକଠାରେ ମାଥିଲି ଓ ଗୋବିନ୍ଦପାଲି ପୋଲିସ ଏହାକୁ ସନ୍ଦେହ କରି ଅଟକାଇ ପାଣି ଟ୍ୟାଙ୍କରକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେଥିରୁ ୧୪୪୩ କେଜି ଗଞ୍ଜେଇ ମିଳିଥିଲା। ଏହି ଗଞ୍ଜେଇ ଚୋରା ଚାଲାଣ କରୁଥିବା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଣ୍ଡୁଲିପଡା ପଞ୍ଚାୟତ ସର୍ଗିଗୁଡା ଗ୍ରାମର ସଦନ ପାଙ୍ଗି ଓ ଉତ୍ତର ପ୍ରଦେଶ ମାଥୁର ଜିଲା ସାଜିଦପୁର ଗ୍ରାମର ଡ୍ରାଇଭର ଉଦୟ ଚାନ୍ଦଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ବ୍ୟୟ ଅଟକଳ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ,ଛୋଟ ଦୋକାନରୁ ସୁଫଳ ମିଳିବ। ଅଫିସ୍ କାମରେ ବୁଝାମଣା ନେଇ ସହମତି ଦେଖାଦେଇପାରେ। ପ୍ରକାଶନ, ପ୍ରଶାସନ, ସଙ୍ଗଠନ ଓ ରାଜନୈତିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

ବୃଷ

ଆଜି ଶ୍ରୁତିମଧୁର କଥା ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାରେ ସମର୍ଥ ହେବେ। ଅଟକି ରହିଯାଇଥିବା କାମଗୁଡ଼ିକ ସୁବିଧାରେ ନ ହେଉଥିବା କାରଣରୁ ମନ ଭଲ ରହିନପାରେ। ସଭା ସମିତି, କଚେରି ମାମଲା, ଚୁକ୍ତିପତ୍ର ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ।

ମିଥୁନ

ମଧ୍ୟାହ୍ନ ପରେ ପରେ ପରିବାରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁଙ୍କ ପରାମର୍ଶକୁ ଯଦି ଗ୍ରହଣ କରିବେ ତେବେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିବା କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ଆଶଙ୍କା ରହିଛି।

କର୍କଟ

ଆଜି ସକାଳୁ ସକାଳୁ ଘରୋଇ କାମ ସଙ୍ଗକୁ ଅଫିସ୍ କାମର ଜାଳ ବଢିଯିବ, ଫଳରେ ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ। ଭୁଲ୍ ବୁଝାମଣାବଶତଃ ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବ, ଫଳରେ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବେ।

ସିଂହ

ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସିରହିବେ। କିନ୍ତୁ ଯେତିକି ପାଇବେ ତାହାଠାରୁ ବହୁ ଗୁଣରେ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଅନ୍ୟ ମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଲାଗି ରହିଥିବା ବିବାଦୀୟ ଘଟଣାରେ ଅବଶ୍ୟ ବିଜୟୀ ହେବେ।

କନ୍ୟା

ଦିନଟିରେ ମନ ଖୁସି ହେଲାଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ରପ୍ତାନି ବାଣିଜ୍ୟ, ଜମିଜମା ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। କର୍ମକ୍ଷେତ୍ରରୁ ଅଚାନକ ଭାବରେ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ପାରନ୍ତି। ସାମାଜିକ ସ୍ତରରେ ଅନ୍ୟାୟ ବିରୋଧରେ ଲଢ଼ିଲେ ସମର୍ଥନ ପାଇବେ ନାହିଁ।

ତୁଳା

ଘରୋଇ ସମସ୍ୟା ସମାଧାନ ନ ହୋଇପାରିବା କାରଣରୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ କିଛି ନୂତନ କାମ ସୃଷ୍ଟି କରିବା ସକାଶେ ଚିନ୍ତା କରି ପାରନ୍ତି। ଦୀର୍ଘଦିନରୁ ରହିଆସିଥିବା ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

ବିଛା

ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଖୁସି ହେବେ। କାମରେ ଅବହେଳା କରିବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ ଓ କଟୁକ୍ତି ଶୁଣିବାକୁ ପଡ଼ିପାରେ। ପରିବାରରେ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହୋଇପାରେ।

ଧନୁ

ଦିନଟି ଆପଣଙ୍କ ପାଇଁ ଆଜି ସବୁ ପ୍ରକାର ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହେବ। ଦୀର୍ଘଦିନର ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ।

ମକର

ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇପାରନ୍ତି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବାକୁ ପଡିପାରେ। ନିର୍ମାଣ, କଳା,ସାହିତ୍ୟ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରୁ ଖୁସି ରହିବେ। ଆଜି ଫେରିବା ବାଟରେ କୌଣସି ଅଚିହ୍ନା ଲୋକ ସେହିମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରି ପାରନ୍ତି।

କୁମ୍ଭ

ଆଜିର ସମୟ ବନ୍ଧୁମାନଙ୍କ ସହ ଆଲୋଚନାରେ ଅତିବାହିତ ହେବ। ଶିଳ୍ପ, ବ୍ୟବସାୟରେ ଶିଥିଳତା ଦେଖାଦେବ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ ଏବଂ ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିର୍ମାଣ କାମ ଧିମେଇ ଯିବ ଓ ଆବଶ୍ୟକତା ପୂରଣ ପାଇଁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ମୀନ

ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ତାହା ସମସ୍ତଙ୍କର ମନକୁ ପାଇବ। କିନ୍ତୁ କୌଣସି ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ, ମାଲିମକଦ୍ଦମାରୁ ଚିନ୍ତାକୁଳ ହୋଇପାରନ୍ତି କିନ୍ତୁ ବନ୍ଧୁଙ୍କ ସହ ଆଲୋଚନା ପରେ ଆଶ୍ୱସ୍ତି ଲାଭ କରିବେ। ରାଜନୀତି, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଆଜି ମାର୍ଗଶିର କୃଷ୍ଣ ଷଷ୍ଠୀ ସୋମବାର, ନଭେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ, ଦିବା ଘ୮।୫୭ମି. ଗତେ ଘ୧୧।୧୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୨୨ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୨୮ମି. ଗତେ ଘ୮।୫୨ମି.ମଧ୍ୟେ, ଘ୧୧।୩୯ମି. ଗତେ ଘ୧୨।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୨୩ମି. ଗତେ ଘ୮।୪୬ମି. ମଧ୍ୟେ ରାହୁକାଳ।

ଟୋକନ...

ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ଚାଷୀନେତା ଗୌରଚନ୍ଦ୍ର ଖମାରୀ, ଲକ୍ଷ୍ମଣ ପ୍ରଧାନ, ଅଶୋକ ପ୍ରଧାନ, ଦୟାସାଗର ମେଣ୍ଡଲି, ରାହାସ କର୍ଣ୍ଣ, ଭୀଷ୍ମଦେବ ପଣ୍ଡା, ପି. ପାପାରାଓ ଚୌଧୁରୀ, ରାହାସ କର୍ଣ୍ଣ, ଅରୁଣ ସାହୁ ପ୍ରମୁଖ ସମାବେଶରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ସମବାୟ ବିଭାଗ ପକ୍ଷରୁ ଏପରି ଅଭିଯୋଗକୁ ଖଣ୍ଡନ କରାଯାଇଛି। ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ଅନ୍‌ଲାଇନ ଟୋକନ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରୁନାହାନ୍ତି, ମଧ୍ୟସ୍ଥମାନେ ବିରୋଧ କରୁଛନ୍ତି।

ସବୁ ପ୍ରସଙ୍ଗରେ...

ଗଣମାଧ୍ୟମକୁ କହିଛନ୍ତି। ବୈଠକରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏମ୍‌ପି ହସନୈନ ମାସୁଦି ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକଙ୍କ ଅଟକ ପ୍ରସଙ୍ଗ ଉଠାଇ ତାଙ୍କୁ ସଂସଦୀୟ ଅଧିବେଶନରେ ଯୋଗଦେବାର ବ୍ୟବସ୍ଥା କରିବା ସରକାରଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ବୋଲି କହିଥିଲେ। ବେଆଇନ ଭାବେ ଜଣେ ଏମ୍‌ପିଙ୍କୁ ଅଟକ ରଖାଯାଇପାରିବ ନାହିଁ। ତାଙ୍କୁ ତୁରନ୍ତ ଛଡ଼ାଯାଉ ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଥିଲେ। ସୂଚନାଯୋଗ୍ୟ ଫାରୁକଙ୍କୁ ଜନନିରାପତ୍ତା ଆଇନ (ପିଏସ୍‌ଏ) ବଳରେ ଅଟକ ରଖାଯାଇଛି। ଫାରୁକଙ୍କ ବାପା ତଥା ଏନ୍‌ସିର ପ୍ରତିଷ୍ଠାତା ଶେଖ୍ ମହମ୍ମଦ ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ଥିଲାବେଳେ ଏହି ଆଇନକୁ କାର୍ଯ୍ୟକାରୀ କରିଥିଲେ।

ସର୍ବଦଳୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଅଧ୍ୟକ୍ଷ ଅମିତ୍ ଶାହ, କେନ୍ଦ୍ରମନ୍ତ୍ରୀ ଥାୱରଚନ୍ଦ ଗେହଲଟ, ରାଜ୍ୟ ସଭାରେ ବିରୋଧୀ ଦଳ ଉପନେତା ଆନନ୍ଦ ଶର୍ମା, ଟିଏମ୍‌ସି ନେତା ଡେରେକ୍ ଓ ବ୍ରିଏନ, ଏଲଜେପିରୁ ଚିରାଗ ପାଶ୍ୱାନ, ସମାଜବାଦୀ ପାର୍ଟିରୁ ରାମଗୋପାଳ ଯାଦବ, ଟିଡିପିରୁ ଜୟଦେବ ଗାଲ୍ଲା ଏବଂ ଭି. ବିଜୟସାଇ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏବଂ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ ବୈଠକ ଡାକିଥିଲେ। ଶନିବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସର୍ବଦଳୀୟ ବୈଠକରେ ଗୃହକାର୍ଯ୍ୟ ସୁଚୁଖୁଚୁରେ ଚଳାଇବା ପାଇଁ ସମସ୍ତଙ୍କର ସହଯୋଗ ନିମନ୍ତେ ଅନୁରୋଧ କରିଥିଲେ।

ଡିସେମ୍ବର ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ନାଗରିକତ୍ୱ (ସଂଶୋଧନ) ବିଲ୍, ବ୍ୟକ୍ତିଗତ ଡାଟା ସୁରକ୍ଷା ବିଲ୍ ସମେତ ୩୫ଟି ବିଧେୟକ

ପ୍ରଥମ ପୃଷ୍ଠାରୁ...

ଆଣିବାକୁ ଯୋଜନା କରିଛନ୍ତି। ଏହା ବ୍ୟତୀତ ଇ-ସିଗାରେଟ ଅଧ୍ୟାଦେଶକୁ ଆଇନରେ ପରିଣତ କରିବା ଲାଗି ବିଲ୍ ଆସିବାକୁ ଥିବାବେଳେ ଟ୍ରାନ୍ସଜେଣ୍ଡର (ଅଧିକାର ସୁରକ୍ଷା) ବିଲ୍, ଶିଳ୍ପ ସମ୍ପର୍କ କୋଡ୍ ବିଲ୍, ଟିକସ ଆଇନ ସଂଶୋଧନ ବିଲ୍, କମ୍ପାନୀ (ଦ୍ୱିତୀୟ ସଂଶୋଧନ) ବିଲ୍, ଚିଟ୍

ଜିଲା ଚିଠି
ଦେବଗଡ଼

ରାସ୍ତା ଉପରେ ବସ୍‌ଷ୍ଟାଣ୍ଡ

ଦୀର୍ଘ ବର୍ଷ ଧରି ଦେବଗଡ଼ ସଦର ମହକୁମାସ୍ଥିତ ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ରାସ୍ତା ଉପରେ ଚାଲିଛି। ସହରର ଛାତି ଉପରେ ଥିବା ଏହି ବସଷ୍ଟାଣ୍ଡରୁ ପ୍ରତିଦିନ ୭୦ରୁ ଊର୍ଦ୍ଧ୍ୱ ବସ୍ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି। କୁନି କୁନି ଛାତ୍ରୀଛାତ୍ରଙ୍କ ସମେତ ଶହଶହ ଯାତ୍ରୀ ଏହି ବସଷ୍ଟାଣ୍ଡ ଉପରେ ନିର୍ଭର କରୁଛନ୍ତି। ବସଷ୍ଟାଣ୍ଡର ଚାରିପାଖରେ ୫ ସ୍କୁଲ ସହ ୯ ଟି ବ୍ୟାଙ୍କ ରହିଛି। ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ ବି ଅଛି। ଦୋକାନ,ବଜାର ବି ସେହି ଅଞ୍ଚଳକୁ ସଙ୍କୁଚିତ କରିଛି। ଏଥିପାଇଁ ଉପରୋକ୍ତ ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣ କରିବା କାଠିକାର ପାଠ ହୋଇଛି। ବିଶେଷ କରି ଛାତ୍ରୀଛାତ୍ର ତଥା ଜନସାଧାରଣ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ ଯିବା ଆସିବା ବିପଦପୂର୍ଣ୍ଣ ହୋଇପଡିଛି। ଟିକେ ଅସାବଧାନ ହେଲେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ବି ଘଟୁଛି। ଏହାପରେ ବି ଏହି ବସଷ୍ଟାଣ୍ଡ ସମସ୍ୟାର ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ଯାତ୍ରୀମାନଙ୍କ ସୁବିଧା ପାଇଁ ଯାତ୍ରୀ ନିବାସ, ଶୌଚାଳୟ, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ନାହିଁ। ବିଭିନ୍ନ ସମୟରେ ବହୁ ଅନୁଷ୍ଠାନ ପକ୍ଷରୁ ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ହୋଇଛି। ହେଲେ ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ଦେବଗଡ଼ ସହରଠାରୁ ୪ କିଲୋମିଟର ଦୂର ବିଶ୍ରାମ ଭବନ ନିକଟ ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ପ୍ରସ୍ତାବିତ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ସରିବାର ନାଁ ନେଉନାହିଁ। ୨୦୧୬ ଡିସେମ୍ବର ୨୩ରେ ଏହି ବସଷ୍ଟାଣ୍ଡ ନିର୍ମାଣର ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ୩ ବର୍ଷ ପୂରିବାକୁ ବସିଥିବା ବେଳେ କେବେ ଉକ୍ତ ବସଷ୍ଟାଣ୍ଡ ନିର୍ମାଣ ସରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ ଜିଲା ପ୍ରଶାସନ ଚୁପ୍ ହୋଇ ବସିବା ଅଞ୍ଚଳବାସୀଙ୍କୁ ଅଡୁଆରେ ପକାଇଛି। ୧୯୮୫ ମସିହାରୁ ନିର୍ମିତ ହୋଇଥିବା ଏହି ଅସ୍ଥାୟୀ ବସଷ୍ଟାଣ୍ଡରୁ ପ୍ରଥମେ ପ୍ରାୟ ୩୦ଟି ବସ ଓଡିଶାର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିଲା। ବର୍ଦ୍ଧିତ ଯାତ୍ରୀସଂଖ୍ୟାକୁ ତାଳ ଦେଇ ଏବେ ବସ ସଂଖ୍ୟା ବଢ଼ିଛି। ଫଳରେ ଅସ୍ଥାୟୀ ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଜରୁରୀ ହୋଇପଡିଛି। ଏହା ପରେ ବି ବିଭାଗୀୟ ଅଧିକାରୀମାନେ ସେଥିପ୍ରତି ଗୁରୁତ୍ୱ ନ ଦେବା ଦେବଗଡ଼ବାସୀଙ୍କୁ ବ୍ୟଥିତ କରିଛି।

–ଶଶାଙ୍କ ଶେଖର ଝାଙ୍କର

ଜାତୀୟ ସ୍ତରରେ ଓଡ଼ିଶା ସ୍ୱାସ୍ଥ୍ୟସେବାକୁ ପ୍ରଶଂସା

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଓଡ଼ିଶାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସା କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଓ ଅଭିନବ ପଦକ୍ଷେପ ଯୋଗୁ ଗୁଜରାଟର ଗାନ୍ଧୀନଗରଠାରେ ଆୟୋଜିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଷଷ୍ଠ ଜାତୀୟ ସମ୍ମିଳନୀରେ ରାଜ୍ୟକୁ ଏଭଳି ପ୍ରଶଂସା ମିଳିଛି। ଏଥିସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ରାଜ୍ୟର ସବୁଠାରୁ ଉତ୍ତମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବୋଲି ଦର୍ଶାଯାଇଛି। ତିନିଦିନିଆ ଏହି ଜାତୀୟ ଶିବିରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିନବ ପଦକ୍ଷେପ ଓ ତାହାର ସଫଳତା ଉପସ୍ଥାପନ କରିଥିଲେ। ଏହାସହ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'ବିଏସ୍‌କେୱାଇ'ର କାର୍ଯ୍ୟକାରିତା ଏବଂ 'ମୋ ସରକାର' ମାଧ୍ୟମରେ ରୋଗୀ ସନ୍ତୁଷ୍ଟୀକରଣ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ।

ଗୁଜରାଟରେ ଆୟୋଜିତ ଷଷ୍ଠ ଜାତୀୟ ସମ୍ମିଳନୀରେ ଯୋଗଦେବା ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ।

ଡାକ୍ତର ଅଭାବଜନିତ ସମସ୍ୟାର ମୁକାବିଲା ଲାଗି ସରକାର ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା, ଆନୁଷ୍ଠାନିକ ପ୍ରସବ ହାର ବୃଦ୍ଧି, ବାଇକ୍ ଓ ବୋଟ୍ ଆମ୍ବୁଲାନ୍ସ, ଭ୍ରାମ୍ୟମାଣ ପ୍ରସୂତିଯାନ ଠାରୁ ଆରମ୍ଭ କରି ପ୍ରସୂତିଗୃହ, ଯାତାୟାତ ଖର୍ଚ୍ଚ ଆଦି ବିଭିନ୍ନ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକଙ୍କୁ ଘରୋଇ ଚିକିତ୍ସାଳୟରେ ଉନ୍ନତମାନର ସେବା ଯୋଗାଇ ଦେବାକୁ ୧୯୭ ଘରୋଇ ହସ୍ପିଟାଲ ସହିତ ରାଜ୍ୟ ସରକାର ଅନୁବନ୍ଧିତ ହୋଇଛନ୍ତି। ରାଜ୍ୟର ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକରେ ମାଗଣା ରୋଗ ନିରୂପଣ ଓ ଜଟିଳ ରୋଗର ଚିକିତ୍ସା ତଥା ବିନାମୂଲ୍ୟରେ ଔଷଧ ଯୋଗାଣ, ଡାଏଲିସିସ୍, କେମୋଥେରାପି ଆଦି ବ୍ୟବସ୍ଥା ମଧ୍ୟ କରାଯାଇଛି। ୭୦ଲକ୍ଷ ପରିବାରଙ୍କୁ 'ବିଏସ୍‌କେୱାଇ' ଯୋଜନାରେ ସାମିଲ କରାଯାଇଛି। 'ମୋ ସରକାର' ଯୋଜନାରେ ରୋଗୀଙ୍କଠାରୁ ମତାମତ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନିଆଯାଉଛି। ବର୍ଷକ ମଧ୍ୟରେ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକର ଓପିଡି ଓ ଆଇପିଡିରେ ରୋଗୀଙ୍କ ସଂଖ୍ୟା ୩୩% ବୃଦ୍ଧି ପାଇ ୬କୋଟି ୭୦ଲକ୍ଷକୁ ଟପିଛି। ସରକାରଙ୍କ ଚିକିତ୍ସା ବ୍ୟବସ୍ଥାକୁ ନେଇ ୯୨%ରୁ ଅଧିକ ରୋଗୀ ସନ୍ତୋଷ ପ୍ରକାଶ କରିଛନ୍ତି। ରୋଗୀମାନଙ୍କ ନିଜସ୍ୱ ଚିକିତ୍ସା ଖର୍ଚ୍ଚ ଆଶାତୀତ ଭାବେ ହ୍ରାସ ପାଇଛି। ସ୍ୱାସ୍ଥ୍ୟ ମିଶନକୁ ବାଦ୍ ଦେଇ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ୧୭୧୨ କୋଟିରୁ ଅଧିକ ଟଙ୍କା ରୋଗୀଙ୍କ ପାଇଁ ବ୍ୟୟ କରୁଛନ୍ତି। ଶାଳିନୀ ପଣ୍ଡିତ ରାଜ୍ୟ ସରକାରଙ୍କ ଉପରୋକ୍ତ ପଦକ୍ଷେପଗୁଡ଼ିକୁ ଜାତୀୟ ସମ୍ମିଳନୀରେ ଉପସ୍ଥାପିତ କରିଥିବାବେଳେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପ୍ରଶଂସା ସାଉଁଟିଛି।

ଗଣମାଧ୍ୟମ ସରକାରଙ୍କ ପାଇଁ ସ୍ୱଚ୍ଛ ଆଇନା ସଦୃଶ: ମାନସ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଲେ କୃତଜ୍ଞତା
- ସରକାରୀ ବିଜ୍ଞାପନ, ଖବରଦାତା କଲ୍ୟାଣ କଥା ବୁଝିବେ

ଗଣମାଧ୍ୟମ ସରକାରଙ୍କ ପାଇଁ ସ୍ୱଚ୍ଛ ଆଇନା ସଦୃଶ। ଏହା ଜରିଆରେ ସରକାର ନିଜ ଦୋଷ ତ୍ରୁଟି ଦେଖିପାରନ୍ତି ଆଉ ଭଲ କାର୍ଯ୍ୟ ପାଇଁ ପ୍ରଶଂସା ସାଉଣ୍ଟିଥାଆନ୍ତି। ପ୍ରଶାସନିକ ଦାୟିତ୍ୱ ପ୍ରତି ଗଣମାଧ୍ୟମ ସରକାରଙ୍କୁ ଅଧିକ ଯତ୍ନଶୀଳ କରାଇଥାଏ। ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ସେତୁ ହୋଇ କାର୍ଯ୍ୟ କରିବା ଏକ ଚ୍ୟାଲେଞ୍ଜ ସହ ଗୌରବର ବିଷୟ ବୋଲି ମାନସ ମଙ୍ଗରାଜ କହିଛନ୍ତି।

ଶନିବାର ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସଙ୍କୁ ପୂର୍ବ ଦାୟିତ୍ୱ ସହ ଏକାଧିକ ନୂଆ ଦାୟିତ୍ୱ ଦିଆଯାଇଛି। ଏଣିକି ମାନସ ସରକାରୀ ବିଜ୍ଞାପନ(ବୈଦ୍ୟୁତିକ/ମୁଦ୍ରିତ) ବିତରଣ, ଖବରଦାତାଙ୍କ କଲ୍ୟାଣ ବୁଝିବା ସହ ସୂଚନା ଓ ଲୋକସମ୍ପର୍କ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଅତିଥି ଭାବେ ଯୋଗଦେବେ। ନୂଆ ଦାୟିତ୍ୱ ମିଳିବା ପରେ ମାନସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମାନସଙ୍କୁ ଗତ ସେପ୍ଟେମ୍ବର ୭ରେ ରାଜ୍ୟ ସରକାରଙ୍କ ପରାମର୍ଶଦାତା(ଗଣମାଧ୍ୟମ ଓ ଲୋକସମ୍ପର୍କ) ଭାବେ ନିଯୁକ୍ତି ଦିଆଯାଇଥିଲା। ଏଥିସହିତ ରାଜ୍ୟ ସରକାର ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ପ୍ରଦାନ କରିଛନ୍ତି। ନିଜର ଏହି ନୂଆ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମାନସ ଦୃଢ଼ ଆଶାବାଦୀ ଅଛନ୍ତି।

ନାଗା ବେଶରେ ଦର୍ଶନ ଦେଲେ ସିଦ୍ଧ ମହାବୀର



ପୁରୀ ଅଫିସ, ୧୭।୧୧

କାର୍ତ୍ତିକ ପୂର୍ଣ୍ଣିମା ଯିବାର ପଞ୍ଚମ ଦିବସରେ ପୁରୀସ୍ଥିତ ସିଦ୍ଧମହାବୀରଙ୍କ ନାଗାବେଶ ହୁଏ। ତେଣୁ ରବିବାର ଠାକୁରଙ୍କ ନାଗା ବେଶ ଅନୁଷ୍ଠିତ ହୋଇଛି। ସିଦ୍ଧମହାବୀରଙ୍କ ଏହି ଦିବ୍ୟ ବେଶ ଦର୍ଶନ ଲାଗି ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ନାଗା ବେଶ ଦର୍ଶନ କରିଥିଲେ। ଦ୍ୱାର ଫିଟା ପରେ ମଙ୍ଗଳ ଆଳତି, ମାଜଣା, ଅବକାଶ, ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବାଳଭୋଗ (ବଲ୍ଲଭ) ହୋଇ ଅନ୍ୟାନ୍ୟ ନୀତି ବଢିଥିଲା। ଅନ୍ନଭୋଗ ଲାଗି ହେବା ପରେ ମହାବୀରଙ୍କ ନାଗା ବେଶ ହୋଇଥିଲା। ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ରାତି ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନ ଜାରି ରହିଥିଲା। ଏଥିପାଇଁ ମନ୍ଦିରକୁ ଫୁଲରେ ସୁସଜ୍ଜିତ କରାଯାଇଥିଲା। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀମହାବୀର ବୀରତ୍ୱ ପ୍ରଦର୍ଶନ କରି ଶ୍ରୀକ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଏହି ସ୍ମୃତିରେ ଶ୍ରୀକ୍ଷେତ୍ର ପରିକ୍ରମା ଅବସରରେ ସିଦ୍ଧମହାବୀର ନାଗା ବେଶରେ ବିଭୂଷିତ ହୋଇଥାନ୍ତି। ଏହି ଦିନ ସିଦ୍ଧ ମହାବୀରଙ୍କ ନିକଟରେ ଭକ୍ତମାନେ ଚୁଡ଼ାଘଷା ଏବଂ ରସଗୋଲା ଭୋଗ କରିଥାନ୍ତି।

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ଜିଲ୍ଲା: ପୁରୀ
ସଂଶୋଧନ ପତ୍ର
ତା.୧୫.୧୧.୨୦୧୯ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ 'ଅନ୍‌ଲାଇନ ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ'ର କ୍ର. ନଂ. ୧୦ ଏବଂ ୧୮ରେ ଦର୍ଶିତ ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲିର ଠିକଣାରେ ଜିଲ୍ଲା: ଖୋର୍ଦ୍ଧା ପରିବର୍ତ୍ତେ **ଜିଲ୍ଲା: ପୁରୀ** ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୧୬.୧୧.୨୦୧୯ / କ୍ଷମତାପ୍ରାପ୍ତ ଅଧିକାରୀ

ଗ୍ୟାସ ସିଲିଣ୍ଡରର ଲିକ୍‌ରୁ ଅଗ୍ନିକାଣ୍ଡ
ବାପା ମୃତ, ପୁଅ ଆହତ

ସିମୁଳିଆ, ୧୭।୧୧(ଡି.ଏନ.ଏ.): ଗ୍ୟାସ ସିଲିଣ୍ଡର ଲିକରୁ ଅଗ୍ନିକାଣ୍ଡ ଘଟି ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ କନ୍ଦଡା ଅଞ୍ଚଳର ବୁଦ୍ଧିରାମ ବେହେରା(୪୨)ଙ୍କ ମୃତ୍ୟୁ ଘଟିଛି। ବୁଦ୍ଧିରାମ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୫ ଦିନ ପୂର୍ବେ ବୁଦ୍ଧିରାମ ରୋଷେଇ କରି ଖାଇପିଇ ଶୋଇଥିଲେ। ରାତିରେ ଘର ମଧ୍ୟରେ ଥିବା ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇଥିଲା । ସକାଳେ ସେ ଗ୍ୟାସ ଲଗାଇବା ପାଇଁ ଉଦ୍ୟମ କରୁଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଏଥିରେ ବୁଦ୍ଧିରାମ ଗୁରୁତର ଆହତ ହୋଇଥିବା ତାଙ୍କ ପୁଅ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ରବିବାର ତାଙ୍କର ମୃତ୍ୟୁ ହୋଇଛି।

- ଦେଶରେ ପ୍ରଥମ ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ

ଲଦାଖର ଉର୍ଜା ଆବଶ୍ୟକତା ପୂରଣ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲଦାଖରେ ପ୍ରଥମ ଆଇଓସିଲ ଦ୍ୱାରା ତିଆରି ହୋଇଥିବା ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଶାହ ଏହି ପଦକ୍ଷେପ ପାଇଁ ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେବାସହ ଏହି ଐତିହାସିକ ପଦକ୍ଷେପ ଦ୍ୱାରା କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖର ବିକାଶରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଏହି ପଦକ୍ଷେପ ଲଦାଖର ଅର୍ଥନୀତି ଓ ଲୋକଙ୍କ ଜୀବନଶୈଳିକୁ ଗତି ଦେବ। ଆଗାମୀ ଦିନରେ ଲଦାଖର ବିକାଶରେ ବହୁତ ବଡ ପରିବର୍ତ୍ତନ ହେବ ବୋଲି ଶାହ କହିଛନ୍ତି। ସେହିପରି ଆଗାମୀ ୪ବର୍ଷ ମଧ୍ୟରେ ଲଦାଖରେ ପ୍ରାୟ ୫୦ହଜାର କୋଟି ଟଙ୍କା ବ୍ୟୟରେ ଦେଶର ସର୍ବବୃହତମ ତଥା ୭୫୦୦ ମେଗାୱାଟର ସୌର ପ୍ରକଳ୍ପ ଶେଷ ହେବ। ଏହାଦ୍ୱାରା ଲଦାଖର କେବଳ ବିକାଶ ହେବ ନାହିଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି ଶାହ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି ଯୋଗୁ ଦେଶରେ ପ୍ରଥମ ଥର ପାଇଁ ଏପରି ପଦକ୍ଷେପ ନିଆଯାଇପାରିଛି। ମୋଦିଙ୍କ ନେତୃତ୍ୱରେ ନିଆଯାଇଥିବା ପଦକ୍ଷେପ ଲଦାଖର ଉର୍ଜା ଆବଶ୍ୟକତାକୁ ପୂରଣ କରିବ। ଶୀତଋତୁରେ ଲଦାଖରେ ଅତ୍ୟଧିକ ଶୀତ ତଥା ପାରଦରେ ମାତ୍ରା ମାଇନସ ଡିଗ୍ରୀ ରହିବା କାରଣରୁ ଡିଜେଲ୍ ବରଫ ଆକାର ହୋଇଯାଉଥିଲା। ଫଳରେ ଏହି ଅଞ୍ଚଳରେ ଡିଜେଲ ଚାଳିତ ଗାଡି ବନ୍ଦ ହେବା ଫଳରେ ବ୍ୟବସାୟ ଠପ୍ ହେବାସହ ପର୍ଯ୍ୟଟନରେ ବାଧା ଉପୁଜୁଥିଲା। ମାତ୍ର ଆଇଓସିଏଲ୍ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ -୩୩ ଡିଗ୍ରୀ ତାପମାତ୍ରାରେ ମଧ୍ୟ ରହିପାରିବାର କ୍ଷମତା ରଖିଛି। ଏହାକୁ ଆଇଓସିଏଲର ପାନିପଥ ରିଫାଇନାରୀରେ ତିଆରି କରାଯାଇଛି। ଏବେ ଏହି ବ୍ୟବସ୍ଥା ଫଳରେ ସୁରକ୍ଷା କର୍ମୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସୀନ୍ଦାଙ୍କ ପାଇଁ ଇନ୍ଧନ ଯୋଗାଣର ସୁନିଶ୍ଚିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ଏକ ଲୋକକଲ୍ୟାଣ ସରକାର ଥିବାରୁ ଗରିବ ଏବଂ ସାଧାରଣ ଲୋକଙ୍କ ସମସ୍ତ ଆବଶ୍ୟକତା ଏବଂ ମୌଳିକ ସୁବିଧାକୁ ପହଞ୍ଚାଇବା ପାଇଁ ଆମେ ପ୍ରଯତ୍ନଶୀଳ। ସାମାନ୍ୟ ତଥା ଗରିବ ଲୋକଙ୍କ ଜୀବନରେ ନୂଆ ଆଶା ସଞ୍ଚାର ହୋଇଛି।

ଶୀତକାଳୀନ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ ଅବସରରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ, ଧର୍ମେନ୍ଦ୍ର ପ୍ରଧାନ।

ସବୁ ସ୍କୁଲ, ଗାଁରେ ପହଞ୍ଚିପାରିନି ବିଦ୍ୟୁତ୍ ସଂଯୋଗ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ରାଜ୍ୟରେ ଏ ପର୍ଯ୍ୟନ୍ତ ସମସ୍ତ ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ପ୍ରାୟ ୩୦୦ରୁ ଅଧିକ ଉଚ୍ଚ ବିଦ୍ୟାଳୟରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଯଦିଓ ସରକାର ଏହି ସଂଖ୍ୟାକୁ ସ୍ୱୀକାର କରିନାହାନ୍ତି ତଥା

ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ।
–ଶ୍ରୀମା

କାହାର ମଙ୍ଗଳ

ଭାରତୀୟ ଅର୍ଥନୀତି ମାନ୍ଦାବସ୍ଥା କବଳରେ ପଡ଼ିଥିବାରୁ ବିଭିନ୍ନ ସର୍ଭେ ସଂସ୍ଥା ଆର୍ଥିକ ବ୍ୟାପାର ସହ ଜଡ଼ିତ ବିଷୟ ଉପରେ ଅନୁଶୀଳନ କରିବାରେ ଲାଗିଛନ୍ତି। ଏବେ ଏକ ବିଚିତ୍ର କୌତୂହଳ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା ପ୍ରସ୍ତୁତ କେତେକ ସର୍ଭେ ରିପୋର୍ଟକୁ ଖୋଦ୍ କେନ୍ଦ୍ର ସରକାର ନାକଚ କରିବାକୁ ବାଧ୍ୟ ହେଉଛନ୍ତି। ଉଦାହରଣ ସ୍ୱରୂପ, ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ ୨୦୧୭–୧୮ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳର ଉପଭୋକ୍ତା କରୁଥିବା ଖର୍ଚ୍ଚ ୧୦ ପ୍ରତିଶତ ହ୍ରାସ ପାଇଛି। ଏହା ୪୦ ବର୍ଷ ମଧ୍ୟରେ ପ୍ରଥମ ଥର ଏବଂ ସର୍ବାଧିକ। ବିବ୍ରତ କଲା ଭଳି ଏହି ପ୍ରକାରର ଖବରକୁ ସିଧାସଳଖ ବିରୋଧ କରିବାର ବ୍ୟବସ୍ଥା ସରକାରଙ୍କ ପାଖରେ ନାହିଁ। ଯେତେବେଳେ ଗଣମାଧ୍ୟମରେ ଏହି ତଥ୍ୟ ପ୍ରକାଶ ପାଇଲା, ତତ୍‌କ୍ଷଣାତ୍ ସରକାର ଏହି ତଥ୍ୟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ନାକଚ କରିବାର ଘୋଷଣା ୧୫ ନଭେମ୍ବରରେ କରିଦେଲେ। ତା' ପରେ ଏବେ କହିଛନ୍ତି ଯେ, ଖୁବ୍‌ଶୀଘ୍ର ସେହି ଏନ୍‌ଏସ୍‌ଓ ତରଫରୁ ସଦ୍ୟ ଡାଟା ପ୍ରକାଶ ପାଇବ। ଅର୍ଥାତ୍ ବିଳମ୍ବରେ ସରକାରଙ୍କ ଚେତା ପଶିବା ପରେ ଅର୍ଥନୈତିକ ପରିସ୍ଥିତିକୁ ସଜାଡ଼ିବାର ଚେଷ୍ଟା ନ କରି ଡାଟା ବା ତଥ୍ୟକୁ ବିଭ୍ରାନ୍ତ କରିବା ହୋଇପଡ଼ିଛି ମୁଖ୍ୟ ଉଦ୍ଦେଶ୍ୟ।

ବିଶେଷଜ୍ଞଙ୍କ ମତରେ ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଘୋଷଣା ହେବା ପରେ ଅର୍ଥନୀତିରେ ଧିମାବସ୍ଥା ଦେଖାଦେଇଛି। ବିମୁଦ୍ରୀକରଣ ପରେ ଅନ୍‌ଲାଇନ କାରବାରକୁ ଗୁରୁତ୍ୱ ଦିଆଯାଇଥିଲା। ସେବେଠାରୁ ଏହି କାରବାର ବଢୁଥିଲେ ମଧ୍ୟ ଲୋକେ ନଗଦକୁ ଅଗ୍ରାଧିକାର ଦେଉଥିବା ଜଣାପଡ଼ିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତଥ୍ୟ ମୁତାବକ ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବିମୁଦ୍ରୀକରଣ ପରେ ବ୍ୟବସ୍ଥାରେ ନଗଦ ପରିମାଣ ୧୭ ପ୍ରତିଶତ ବଢ଼ି ୨୧.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଇତିମଧ୍ୟରେ ଏହି ସଂଖ୍ୟା ନିଶ୍ଚିତ ଭାବେ ଆହୁରି ବଢ଼ିଯାଇଥିବ। ବିମୁଦ୍ରୀକରଣ ପୂର୍ବରୁ ନୋଟ୍ ପରିମାଣ ଥିଲା ୧୭.୯୭ ଲକ୍ଷ କୋଟି ଟଙ୍କା। ଏଥିରୁ ବୁଝିବାକୁ ହେବ ଯେ, ଲୋକେ ନଗଦ କାରବାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ବିମୁଦ୍ରୀକରଣ ବେଳେ କୁହାଯାଉଥିଲା ଯେ, ୫୦୦ ଓ ୧୦୦୦ ଟଙ୍କିଆ ପୁରୁଣା ବଡ଼ ନୋଟ୍‌କୁ ରଦ୍ଦ କରିଦିଆଗଲେ ଲୋକଙ୍କ ପାଖରେ କଳାଧନ ହ୍ରାସ ପାଇବ। କିନ୍ତୁ ୨୦୦୦ ଟଙ୍କିଆ ବଜାରକୁ ଆସିବା ପରେ କଳାଧନ ଚିତ୍ରକୁ ସମ୍ପୂର୍ଣ୍ଣ ଭିନ୍ନ କରିଦେଉଛି। ନଗଦ ଟଙ୍କା ଲୁକ୍କାୟିତ ରଖିବା ଏକ କଷ୍ଟକର କାର୍ଯ୍ୟ ବୋଲି ଆମେ ଭାବୁ। ୧୦୦୦ ଟଙ୍କିଆ ଥିଲା ପୂର୍ବର ସର୍ବବୃହତ୍ କାଗଜ ଟଙ୍କା। ସେହି ଟଙ୍କାରେ କୋଟିଏ ଟଙ୍କା ରଖିବା ପାଇଁ ଯେତିକି ସ୍ଥାନ ବ୍ୟବହୃତ ହେଉଥିଲା, ଏବେ କଳାଧନ ଅର୍ଜନକାରୀମାନେ ସେତିକି ସ୍ଥାନରେ ଦୁଇ କୋଟି ଟଙ୍କା ରଖିପାରୁଥିବେ। ଏଭଳି ସ୍ଥଳେ ଯେଉଁମାନେ ଟିକସ ଫାଙ୍କି ଅର୍ଥ ସାଇତି ରଖିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ୨୦୦୦ ଟଙ୍କିଆ ବରଦାନ ସାବ୍ୟସ୍ତ ହୋଇଛି। ଜନସାଧାରଣ ଏହା ମଧ୍ୟ ଲକ୍ଷ୍ୟ କରିପାରୁଥିବେ ଯେ ପୂର୍ବାପେକ୍ଷା ୨୦୦୦ ଟଙ୍କିଆ ନୋଟ୍‌ର ସର୍କୁଲେଶନ ବା ମୁଦ୍ରା ସଞ୍ଚାଳନ କମିବାରେ ଲାଗିଛି। ବ୍ୟାଙ୍କରେ ୨୦୦୦ ଟଙ୍କିଆ ମାଗିଲେ ଉତ୍ତର ମିଳୁଛି, ସେହି ନୋଟ୍ ଆଉ ବ୍ୟାଙ୍କକୁ ଫେରୁନାହିଁ। ଏଥିରୁ ଦୁଇଟି କଥା ବୁଝିହେବ। ପ୍ରଥମଟି ହେଲା ଯାହା ଜନସାଧାରଣଙ୍କ ପାଖକୁ ଯାଉଛି, କଳାଧନ ଭାବେ ଠୁଳ ହୋଇ ରହିଯାଉଛି। ଅନ୍ୟପଟେ ଯଦି ଜନସାଧାରଣ ରଖୁନାହାନ୍ତି ବୋଲି ଚିନ୍ତା କରାଯାଏ, ତେବେ ବ୍ୟାଙ୍କକୁ ଯାହା ଯାଉଛି ତାହାକୁ ବଜାରକୁ ଛାଡ଼ିବା ପାଇଁ ସରକାର ଅନିଚ୍ଛୁକ। ଉଭୟ ଭାରତୀୟ ଅର୍ଥନୀତି ପାଇଁ ମାରାତ୍ମକ।

ତଥାଗତ ସତପଥୀ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) କହିଛି ଯେ, ଭାରତରେ ଏଟିଏମ୍‌ଗୁଡ଼ିକର ଉଚ୍ଚ ପରିଚାଳନା ଖର୍ଚ୍ଚ ଯୋଗୁ ନୂଆ ଏଟିଏମ୍ ଖୋଲିବାରେ ବାଧା ଉପୁଜୁଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ତୁଳନା କଲେ ଭାରତରେ ୧ ଲକ୍ଷ ଲୋକଙ୍କ ପାଇଁ ଏଟିଏମ୍ କମ୍ ରହିଛି। ବର୍ତ୍ତମାନର ସ୍ଥିତି ଦେଖିଲେ ଆଗକୁ ବ୍ୟାଙ୍କଗୁଡ଼ିକ ମଧ୍ୟରେ ମିଶ୍ରଣ ହେଲେ ଶାଖା ଓ ଏଟିଏମ୍ ସଂଖ୍ୟା ଆହୁରି କମିଯିବ। ଅର୍ଥନୈତିକ କାର୍ଯ୍ୟକ୍ରମକୁ ବୃଦ୍ଧି କରିବା ଲାଗି ଏହାର ଭିତ୍ତିଭୂମିକୁ ବଢ଼ାଇବା ନିତାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ଭାରତରେ ସବୁ ଶିକ୍ଷିତ ଲୋକ ଅନ୍‌ଲାଇନ୍ କାରବାର କରୁନାହାନ୍ତି। ସେଭଳିସ୍ଥଳେ ଗାଁ ଗହଳିରେ ବାସ କରୁଥିବା ବ୍ୟକ୍ତି ପାଇଁ ଏକ ନୂତନ ବ୍ୟବସ୍ଥା ସୁରକ୍ଷିତ ମନେହେଉ ନାହିଁ। ଏବର ଅର୍ଥନୈତିକ ସ୍ଥିତିରେ ଲୋକେ ବଜାରରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପସନ୍ଦ କରୁନାହାନ୍ତି। ମାନ୍ଦାବସ୍ଥାକୁ ସମ୍ମୁଖୀନ ହେବା ସକାଶେ ନିଜ ପାଖରେ ନଗଦ ଅର୍ଥ ସାଇତି ରଖିବାକୁ ଚେଷ୍ଟା କଲେଣି। କାରଣ ସେମାନେ ବୁଝିଲେଣି ଅସୁବିଧା ବେଳେ ନଗଦ ଅର୍ଥ କାମରେ ଆସିବ। ଏଠାରେ ଉଲ୍ଲେଖ କରାଯାଇପାରେ, ଯେତେବେଳେ ବିଗତ ଦିନରେ ବିମୁଦ୍ରୀକରଣ ସମର୍ଥକ ପାଲଟି ଯେଉଁମାନେ ବିଭିନ୍ନ ଉଚ୍ଚକୋଟୀର ଅର୍ଥନୈତିକ ମନ୍ତବ୍ୟ ଶୁଣାଉଥିଲେ, ସେମାନେ ଏବେ ଜନସାଧାରଣ ସହୁଥିବା କଷ୍ଟ ସମ୍ପର୍କରେ ଦେଶକୁ ବୁଝାଇବା ଉଚିତ।

ସବୁକିଛି ଅନ୍‌ଲାଇନ୍ କରିବା ଲାଗି ଦେଶବ୍ୟାପୀ ଯେଉଁ ଉଦ୍ୟମ କରାଯାଉଛି, ତାହା ଦ୍ୱାରା କାହାର କାର୍ଯ୍ୟ ତ୍ୱରାନ୍ୱିତ ହେଉଥାଇପାରେ, ସାଧାରଣ ନାଗରିକର କ୍ଷତି ଘଟୁଥିବା ପରିଲକ୍ଷିତ ହେଉଛି। ଓଡ଼ିଶାରେ ମଣ୍ଡିରେ ଧାନ ବିକ୍ରିକୁ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ପଶ୍ଚିମ ଓଡିଶାରେ ଏବେ ଚାଷୀମାନେ ରାଜ୍ୟସ୍ତରୀୟ ଅନ୍‌ଲାଇନ୍ ବ୍ୟବସ୍ଥାରେ ମିଳୁଥିବା ଟୋକନ୍ ଯୋଗୁ ହଇରାଣ ହେଉଥିବା ଅଭିଯୋଗ କରୁଛନ୍ତି। ଧାନକୁ ମଣ୍ଡିରେ ଦିନ ଦିନ ଧରି ରଖିଥିଲେ ମଧ୍ୟ ତାହାକୁ ବିକ୍ରି କରିପାରୁ ନାହାନ୍ତି। ତେଣୁ ଟୋକନ୍ ବ୍ୟବସ୍ଥା ଉଚ୍ଛେଦ କରିବା ଲାଗି ଚାଷୀମାନେ ଦାବି କରୁଛନ୍ତି। ଦେଖିବାକୁ ଗଲେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ମଣ୍ଡି ସୁପରିଚାଳନାରେ ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇ କାର୍ଯ୍ୟକୁ ସୁରୁଖୁରୁରେ କିଭଳି କରାଯାଇପାରିବ ସେଥିଲାଗି ଚେଷ୍ଟା ହେବା ଦରକାର। ଅନ୍‌ଲାଇନ୍‌ରେ ସ୍ୱଚ୍ଛତା ଅଣାଯାଇ ବ୍ୟବସ୍ଥିତ କରାଯିବା ଲାଗି ସବୁ ପ୍ରକାର ପ୍ରୟାସ କରାଯାଉଛି ବୋଲି କେବଳ କହିଚାଲିଲେ ଚାଷୀକୁଳ ବୁଡ଼ିଯିବ। ଏଠାରେ ସନ୍ଦେହ ଉପୁଜୁଛି ଯେ, ଏଭଳି ଜୋରଜବରଦସ୍ତ ଅନ୍‌ଲାଇନ୍ ବ୍ୟବସ୍ଥା ଗିଳେଇବାର ଉଦ୍ୟମ କାହାର ମଙ୍ଗଳ ପାଇଁ ଉଦ୍ଦିଷ୍ଟ।

ବିପଦରେ ନଦୀ

ଡ. ପ୍ରଫୁଲ୍ଲ କୁମାର ସାହୁ

ନଦୀ ହେଉଛି ସଭ୍ୟତାର ଜନ୍ମଦାତ୍ରୀ। ନଦୀର ସୁସ୍ଥତାରୁ ଜଣାପଡ଼େ ସଭ୍ୟତାର ସ୍ଥିତି। ମାତ୍ର ଭାରତବର୍ଷର ବଡ଼ବଡ଼ ସହର ପାର୍ଶ୍ୱରେ ବହିଯାଉଥିବା ଏମିତି ଗୋଟିଏ ନଦୀ ନାହିଁ, ଯାହାର ପାଣିକୁ ପିଇବା ତ ଦୂରର କଥା ଗାଧୋଇବା ବି ସୁରକ୍ଷିତ। ଭାରତୀୟମାନଙ୍କ ବିଶ୍ୱାସରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ଉଦ୍‌ବେଳିତ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ଏକ ପବିତ୍ର ତୀର୍ଥକ୍ଷେତ୍ର। ଯେଉଁ ତୀର୍ଥ ଜଳରେ ସ୍ନାନ କଲେ ଓ ତା'ର ପବିତ୍ର ଜଳକୁ ଦାନ କଲେ ବା ପାନ କଲେ ଧୋଇଯାଏ ପାପ। ସେଥିପାଇଁ ଲୋକେ ତାକୁ ନଦୀ ପରିବର୍ତ୍ତେ ଗଙ୍ଗାମାତା ବୋଲି ସମ୍ବୋଧନ କରନ୍ତି ଅତି ଭକ୍ତି ଓ ଶ୍ରଦ୍ଧାରେ। ମାତ୍ର ଯେଉଁ ଗଙ୍ଗାମାତା ଲୋକଙ୍କୁ ପବିତ୍ର କରିଥାଏ, ସେ ନିଜେ ଆଜି ଆବର୍ଜନାମୟ। ଏବେ ଗଙ୍ଗାଜଳକୁ ପାନୀୟ ଭାବରେ ବ୍ୟବହାର କରିବା ଦୂରର କଥା ତାହା କୃଷି କାର୍ଯ୍ୟ ପାଇଁ ବି ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଏକା ଗଙ୍ଗା ନୁହେଁ ଭାରତବର୍ଷର ସବୁ ବଡ଼ ବଡ଼ ନଦୀ ଏବେ ଭୟଙ୍କର ଭାବେ ପ୍ରଦୂଷିତ। ୨୦୧୮ ମାର୍ଚ୍ଚ ୨୬ରେ ରାଜ୍ୟ ସଭାରେ ଏକ ଉତ୍ତର ରଖି କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ବୋର୍ଡ ନଜର ରଖୁଥିବା ୨୭୫ଟି ନଦୀର ଅବବାହିକାରେ ଥିବା ୩୦୨ଟି ଅଞ୍ଚଳ ଆଜି ଭୀଷଣ ଭାବେ ପ୍ରଦୂଷିତ। ଏହି ପ୍ରଦୂଷିତ ଅଞ୍ଚଳ ମଧ୍ୟରୁ ୧୨ଟି ଅବସ୍ଥିତ ଆମ ଓଡ଼ିଶାରେ।

ପୁଣ୍ୟତୋୟା ମହାନଦୀ କେବଳ ଓଡ଼ିଶାର ବୃହତ୍ତମ ନଦୀ ନୁହେଁ ଅସୁମାରି ସ୍ୱପ୍ନ ଓ ସମ୍ଭାବନାର ଏକ ନିରନ୍ତର ପ୍ରବାହ। ନବଗଠିତ ଛତିଶଗଡ଼ର ଧମନ୍ତରି ଜିଲାରୁ ଉତ୍ପତ୍ତି ଲାଭ କରି ବହି ଆସିଥିବା ମହାନଦୀ ଓଡ଼ିଶାର ପାରାଦୀପଠାରେ ମୁହାଣ ମେଲି ନିଜକୁ ଅଜାଡ଼ି ଦେଇଛି ବଙ୍ଗୋପସାଗରରେ। ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଓଡ଼ିଶାରେ ଅତି ଉଦଣ୍ଡ ଥିଲା ତାହାର ଗତି। କୂଳ ଲଂଘୁଥିଲା ଫି ବର୍ଷ। ମାତ୍ର ହୀରାକୁଦଠାରେ ବହୁମୁଖୀ ଜଳଭଣ୍ଡାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେଲାପରେ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ଜଳସେଚିତ ହେଲା ମହାନଦୀ ଅବବାହିକାରେ ଥିବା ୬୫ ହଜାର ୬୨୮ ବର୍ଗ କି.ମି. ପରିମିତ କୃଷି କ୍ଷେତ୍ର। ବୁର୍ଲା ଚିପିଲିମାଠାରେ ଉତ୍ପନ୍ନ ହେଲା ୩୪୭ ମେଗାୱାଟ ବିଜୁଳିଶକ୍ତି। ମାତ୍ର ହଜାର ହଜାର ଲୋକଙ୍କ ଲୁହଲହୁରେ ତିଆରି ହୋଇଥିବା ସେହି ହୀରାକୁଦ ନଦୀବନ୍ଧ ଯୋଜନା ତଥା ମହାନଦୀର ଅସ୍ତିତ୍ୱକୁ ନେଇ ଏବେ ସୃଷ୍ଟିହୋଇଛି ପ୍ରଶ୍ନବାଚୀ। ହୀରାକୁଦ ଜଳଭଣ୍ଡାରର ଗଚ୍ଛିତ ଜଳ ଉପରେ ନିର୍ଭର କରେ ଏହି ବହୁମୁଖୀ ଯୋଜନାର ସଫଳତା। ମାତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ତା'ର ଜଳଧାରଣ କ୍ଷମତା। ଏହାର ପ୍ରଧାନ କାରଣ ହେଉଛି ଜଳଭଣ୍ଡାର ଭିତରକୁ ପ୍ରବେଶ କରୁଥିବା ପଟୁମାଟି ଓ କାରଖାନା ବର୍ଜ୍ୟ। ପ୍ରତିଦିନ ମହାନଦୀର ଅବବାହିକାରେ ଫିଙ୍ଗାଯାଉଛି ସେଠାରେ ଗଢିଉଠିଥିବା କଳକାରଖାନାରୁ ନିର୍ଗତ ଲକ୍ଷ ଲକ୍ଷ ଟନ୍ ତରଳ ଓ ଶୁଷ୍କ ବର୍ଜ୍ୟ। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ ରେଙ୍ଗାଲି ଓ ଝାଡ଼ସୁଗୁଡ଼ାରୁ ମହାନଦୀକୁ ପ୍ରତିଦିନ ଯାଉଛି ସେଠାରେ ଥିବା ସ୍ୱଞ୍ଚ ଆଇରନ କାରଖାନାରୁ ନିର୍ଗତ ୪ହଜାର ଟନ୍ ପାଉଁଶ। ହୀରାକୁଦ ଜଳର ସିଂହଭାଗ ମାଲିକ ଏବେ ଛତିଶଗଡ଼ ଓ ଓଡ଼ିଶାରେ ଗଢିଉଠିଥିବା ଶିଳ୍ପ ପ୍ରତିଷ୍ଠାନ। ତଥ୍ୟ କହେ ହୀରାକୁଦରୁ ୩୩ଟି ଶିଳ୍ପ ପ୍ରତିଷ୍ଠାନ ଦୈନିକ ଶୋଷି ନେଉଛନ୍ତି ପାଖାପାଖି ଶହେ କୋଟି ଲିଟର ପାଣି।

କୌଣସି ଅଞ୍ଚଳର ଶ୍ରୀ ଓ ସମୃଦ୍ଧିରେ ସହାୟକ ହୁଏ ନଦୀ। ତେଣୁ ମହାନଦୀ କେବଳ ଓଡ଼ିଶାର ଅର୍ଥନୀତିକୁ ସୁଦୃଢ କରିନି, ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଛି ତା'ର ସୌନ୍ଦର୍ଯ୍ୟମୟୀ ରୂପ। ଏହା ସବୁଠାରୁ ସୌନ୍ଦର୍ଯ୍ୟମୟୀ ହୋଇଉଠିଛି ସୁବର୍ଣ୍ଣପୁର ସହର ପାଦଦେଶରେ। ବିନିକାରୁ ସୁବର୍ଣ୍ଣପୁର ଦେଇ ବୌଦ୍ଧ ପର୍ଯ୍ୟନ୍ତ ଶୋଭାମୟୀ ମହାନଦୀକୁ କୁହାଯାଏ ଚିତ୍ରୋତ୍ପଳା। ଚିତ୍ରୋତ୍ପଳାକୁ ଯିଏ ଦେଖିନାହିଁ, ସିଏ ଆକଳନ କରିପାରିବ ନାହିଁ ମହାନଦୀର ସୁଷମା। ତାଜମହଲ ହେଉ କି କୋଣାର୍କ, ମଣିଷ ଯେତେସବୁ ଆଶ୍ଚର୍ଯ୍ୟଜନକ କୀର୍ତ୍ତି ସ୍ଥାପନ କରିଛି, ତାହା ପ୍ରାୟତଃ ନଦୀକୂଳରେ। ମହାନଦୀ କୂଳେ କୂଳେ ଗଢି ଉଠିଛି ଭଦ୍ରାମ୍ବିକା, ସୁବର୍ଣ୍ଣମେରୁ, ସମଲେଶ୍ୱରୀ, ସିଦ୍ଧେଶ୍ୱର, ନୀଳମାଧବ, ଚର୍ଚ୍ଚିକା, ରାମନାଥ, ନୃସିଂହନାଥ, ଚମ୍ପେଶ୍ୱର, ଭଜାରିକା, ଚଣ୍ଡୀ, ଧବଳେଶ୍ୱର ଓ ମା'ଗଡ଼ଚଣ୍ଡୀଙ୍କ ପୀଠ। ଅର୍ଥାତ୍ କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସହ ମହାନଦୀର ସମ୍ପର୍କ ଅଭିନ୍ନ। ମାତ୍ର ବିଡ଼ମ୍ବନାର ବିଷୟ ଆମର ଅପରିଣାମଦର୍ଶିତା ପାଇଁ ଶ୍ରୀହୀନ ହେଲାଣି ମା' ମହାନଦୀ। ଅପ୍ରାସଙ୍ଗିକ ହୋଇ ପଡ଼ିଲାଣି ଓଡ଼ିଶା ପ୍ରଗତିର ମାଇଲଖୁଣ୍ଟ କୁହାଯାଉଥିବା ହୀରାକୁଦ ନଦୀବନ୍ଧ ଯୋଜନା। ହୀରାକୁଦ ଜଳଭଣ୍ଡାରରେ ପଡ଼ିବା ପୂର୍ବରୁ ମହାନଦୀକୁ ଏବେ ଅତିକ୍ରମ କରିବାକୁ ପଡୁଛି ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମିତ ୧୨ଟି ବନ୍ଧ, ଚେକ୍‌ଡ୍ୟାମ୍ ଓ ବ୍ୟାରେଜ। ଫଳରେ ବର୍ଷାଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ତା'ର ଖଣ୍ଡବିଖଣ୍ଡିତ ଜଳଧାରାକୁ ବଳିଗଲାଣି ପୋତିହୋଇ ପଡ଼ିଥିବା ବାଲିପଠାର ବିସ୍ତୃତି।

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ। ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରୁ ବାହାରିଥିବା ଦୁଇ ନଦୀ ଶଂଖ ଓ ଦକ୍ଷିଣ କୋଏଲ୍ ନଦୀର ସମ୍ମିଶ୍ରଣରେ ସୃଷ୍ଟି ହୋଇଛି ବ୍ରାହ୍ମଣୀ। ଏହାର ଉତ୍ପତ୍ତି ସ୍ଥଳର ନାମ ବେଦବ୍ୟାସ। ଇସ୍ପାତ ନଗରୀର ୯କି.ମି. ଦୂରରେ ଅବସ୍ଥିତ ଏହି ବେଦବ୍ୟାସ ଓଡ଼ିଶା ସଂସ୍କୃତିର ଏକ ଆଧ୍ୟାତ୍ମିକ ପୀଠ ହୋଇଥିବାରୁ ଏହା ଯୋଡ଼ିହୋଇ ରହିଛି ଲୋକଙ୍କ ଭାବାବେଗ ସହିତ। ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ମଧ୍ୟଦେଇ ପ୍ରବାହିତ ଏହି ନଦୀ ବୈତରଣୀ ସହିତ ମିଶି ବଙ୍ଗୋପସାଗରରେ ନିଜକୁ ଅଜାଡ଼ି ଦେଇଛି ଧାମରା ନିକଟରେ। ଓଡ଼ିଶା ଭିତରେ ଏହାର ଯାତ୍ରା ୪୮୦କି.ମି.ରୁ ଅଧିକ। ପାଖାପାଖି ୪୦ହଜର ବର୍ଗ କି.ମି. ଏହାର ଅବବାହିକାରେ ଆଶ୍ରିତ ଅସଂଖ୍ୟ ବୃକ୍ଷଲତା, ଜୀବଜନ୍ତୁ ଓ ଓଡ଼ିଶାର ୬୦ଲକ୍ଷରୁ ଅଧିକ ଲୋକ। ଏହାରି କୂଳରେ ମଥାଟେକିଛି ରାଉରକେଲା, ବଣେଇ, ତାଳଚେର, ରେଙ୍ଗାଲି, ଢେଙ୍କାନାଳ, ଅନୁଗୋଳ ଓ କଳିଙ୍ଗନଗର ଭଳି ଅନେକ ଛୋଟବଡ଼ ସହର। ଏହାର ଆଶୀର୍ବାଦରେ ସବୁଜିମାରେ ଭରପୂର ହୋଇଛି ଓଡ଼ିଶାର ବିସ୍ତୃତ ଅଞ୍ଚଳ। ପ୍ରକାଣ୍ଡକାୟ ଶିଳ୍ପସଂସ୍ଥାଗୁଡ଼ିକର ଅସରନ୍ତି ଶୋଷ ମେଣ୍ଟାଉଛି ବ୍ରାହ୍ମଣୀ। ମାତ୍ର ନଦୀର ନିର୍ମଳ ଜଳ ଶୋଷିନେଉଥିବା ଶିଳ୍ପସଂସ୍ଥାଗୁଡ଼ିକ ତା' ଦେହକୁ ଛାଡୁଛନ୍ତି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ। ବିଭିନ୍ନ ରାସାୟନିକ ଧାତୁରେ ପ୍ରଦୂଷିତ ହଜାର ହଜାର ଗ୍ୟାଲନ ଜଳ ବ୍ରାହ୍ମଣୀ ଗର୍ଭକୁ ପ୍ରବେଶ କରୁଛି ପ୍ରତିମୁହୂର୍ତ୍ତରେ। କୂଳରେ ଗଢିଉଠିଥିବା ସହରର ନର୍ଦ୍ଦମା ପାଣି ଅବାଧରେ ମିଶୁଛି ତା' ଗର୍ଭରେ। ଫଳରେ ଜହର ପାଲଟିଗଲାଣି ବ୍ରାହ୍ମଣୀର ଅମୃତ ଧାରା। ତେଣୁ ଏହାକୁ ଅତି ପ୍ରଦୂଷିତ ନଦୀ ଭାବରେ ଚିହ୍ନଟ କରିସାରିଲାଣି ସେଣ୍ଟ୍ରାଲ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ।

ଧାର୍ମିକ ମହତ୍ତ୍ୱ ରଖୁଥିବା ବୈତରଣୀ ହେଉ କି ସୁବର୍ଣ୍ଣରେଖା ବା ବୁଢ଼ାବଳଙ୍ଗ, କ୍ରମାଗତ ବିଗିଡ଼ିବାରେ ଲାଗିଛି ସବୁ ନଦୀଜଳର ସ୍ଥିତି। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ ଦୈନିକ କୁଆଖାଇର ଜଳକୁ ପ୍ରଦୂଷିତ କରୁଛି ଲକ୍ଷ ଲକ୍ଷ ଟନ ବର୍ଜ୍ୟ। ସମାନ ଅବସ୍ଥା ଭୋଗକରୁଛି ରାଜଧାନୀ ଉପକଣ୍ଠରେ ପ୍ରବାହିତ ଦୟାନଦୀ। ଭୁବନେଶ୍ୱରରେ ବିଭିନ୍ନ ଶିଳ୍ପକାରଖାନା, ହୋଟେଲ, ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନର ହଜାର ହଜାର ଲିଟର ବର୍ଜ୍ୟ ଜଳ ଗଙ୍ଗୁଆ ନାଳଦେଇ ମିଶିଛି କୁଆଖାଇ ନଦୀରେ। ସେଥିପାଇଁ ଦୟା ଓ କୁଆଖାଇର ଜଳ ଏବେ ଗାଧୁଆ ପାଇଁ ବି ଅନୁପଯୁକ୍ତ। ସୂଚନାଯୋଗ୍ୟ ଯେ ଇଂରେଜ ରାଜତ୍ୱ କାଳରେ ନଦୀଜଳ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଥିଲା କଡ଼ାକଡ଼ି ଆଇନ। ଦୃଷ୍ଟାନ୍ତ ସ୍ୱରୂପ ୧୯୩୪ ମସିହାରେ କାଠଯୋଡ଼ି ନଦୀ ଜଳର ସୁସ୍ଥତାକୁ ନେଇ ପ୍ରକାଶ ପାଇଥିଲା ବିଜ୍ଞପ୍ତି। ତଦନୁଯାୟୀ ଚାରିଘରିଆଠାରୁ ରାଜାବଗିଚା ପର୍ଯ୍ୟନ୍ତ କାଠଯୋଡ଼ି ନଦୀର ଜଳ ସଂରକ୍ଷିତ ରହିଥିଲା ପିଇବା, ଗାଧୋଇବା ଓ ରନ୍ଧନ କାର୍ଯ୍ୟ ପାଇଁ। ପଶୁମାନଙ୍କୁ ଗାଧୋଇଦେବା, ମଇଳା ଲୁଗା ସଫାକରିବା ଓ ଶୌଚକର୍ମ ଉପରେ କଟକଣା ଜାରିହୋଇଥିଲା ଏବଂ ଆଇନ ଅମାନ୍ୟକାରୀଙ୍କ ବିରୋଧରେ ବିହାର–ଓଡ଼ିଶା ମ୍ୟୁନୁସିପାଲିଟି ଆଇନର ୨୨୭ ଧାରା ଅନୁଯ

ଥମୁନି ନିରଞ୍ଜନ ହଟାଇବା ପ୍ରୟାସ

- ସଭାପତି ପରିବର୍ତ୍ତନ ପାଇଁ ଆଜି ଦିଲ୍ଲୀ ଯିବ ଗୋଟିଏ ଗୋଷ୍ଠୀ
- ରବିବାର ଏକାଠି ହେଲେ କେତେଜଣ ପୂର୍ବତନ ମନ୍ତ୍ରୀ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ରାଜ୍ୟ କଂଗ୍ରେସର ବହୁ ବରିଷ୍ଠ ନେତା ବର୍ତ୍ତମାନ ମେଳି ବାନ୍ଧିବା ଆରମ୍ଭ କରିଦେଇଛନ୍ତି। ଏମିତି କି ମହିଳା କଂଗ୍ରେସର ଗୋଟିଏ ଗୋଷ୍ଠୀ ମଧ୍ୟ ନିରଞ୍ଜନଙ୍କୁ ସଭାପତି ପଦରୁ ହଟାଇବା ସକାଶେ ମେଳି ବାନ୍ଧିବା ଆରମ୍ଭ କରିଦେଇଛନ୍ତି। କଂଗ୍ରେସ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ତାଗିଦ ପରେ ମଧ୍ୟ କେହି ତାଙ୍କ କଥା ଆଉ ଶୁଣିବା ସ୍ଥିତିରେ ନାହାନ୍ତି। ନିରଞ୍ଜନଙ୍କୁ ହଟାଇବା ପାଇଁ ନିକଟରେ ଏକ ଘରୋଇ ହୋଟେଲରେ ବୈଠକ କରିଥିବା କେତେଜଣ ନେତା ଦିଲ୍ଲୀ ଗସ୍ତ କରିବେ। ସୋମବାର ଏହି ଟିମ୍ ଦିଲ୍ଲୀ ଗସ୍ତରେ ଯାଇ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ଯୋଜନା ରଖିଛନ୍ତି। ସୋନିଆ ଏ ପର୍ଯ୍ୟନ୍ତ ସେମାନଙ୍କୁ ଭେଟିବା ସକାଶେ ସମୟ ଦେଇ ନ ଥିବା ଜଣାପଡିଛି। ମାତ୍ର ସମୟ ମିଳିବା ଆଗରୁ ନିରଞ୍ଜନ ବିରୋଧୀ ଗୋଷ୍ଠୀ ଦିଲ୍ଲୀରେ ରହି ସୋନିଆଙ୍କ ସହ ଭେଟ ହେବାକୁ ଚେଷ୍ଟା କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଅପରପକ୍ଷରେ ନିରଞ୍ଜନଙ୍କୁ ସଭାପତି ପଦରୁ ହଟାଇବା ଲାଗି ରବିବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ କେତେଜଣ ଏକାଠି ହୋଇଥିଲେ। ଏହି ବୈଠକରେ କେତେଜଣ ପୂର୍ବତନ ମନ୍ତ୍ରୀ ସାମିଲ ଥିବା ଜଣାପଡିଛି। ଏହି ଟିମ୍ ମଧ୍ୟ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଦିଲ୍ଲୀ ଯିବା ପାଇଁ ଯୋଜନା କରିଥିବା କଥା ଶୁଣିବାକୁ ମିଳିଛି। ଆସନ୍ତା ୩୦ ତାରିଖରେ ଦିଲ୍ଲୀର ରାମଲିଳା ମୈଦାନରେ କେନ୍ଦ୍ର ସରକାର ବିରୋଧରେ କଂଗ୍ରେସ ଏକ ବଡ ଧରଣର ଆନ୍ଦୋଳନ କରିବାକୁ ଯୋଜନା ରଖିଛି। ଏଥିରେ ଦେଶର ସମସ୍ତ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସଦସ୍ୟଙ୍କୁ ସାମିଲ ହେବା ଲାଗି କୁହାଯାଇଛି। ଓଡିଶାରେ ୨୧ଜଣ ଏଆଇସିସି ସଦସ୍ୟ ଅଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ନେତା ମଧ୍ୟ ନିରଞ୍ଜନଙ୍କ ବିପକ୍ଷରେ ମେଳି ବାନ୍ଧିବା ଆରମ୍ଭ କରିଦେଇଛନ୍ତି। ତେଣୁ ୩୦ ତାରିଖ କାର୍ଯ୍ୟକ୍ରମରେ ଯୋଗଦେବା ବାହାନାରେ ବହୁ ନେତା ସୋନିଆଙ୍କୁ ଭେଟି ଓଡିଶା ପିସିସି ସଭାପତି ପରିବର୍ତ୍ତନ ଦାବି କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ଚୋରା ମଦକୁ ବିରୋଧ କରିବାରୁ ମାଫିଆଙ୍କ ଆତଙ୍କ

ଘରେ ପଶି ବନ୍ଧୁକ ଦେଖାଇ ଅଟୋ ପୋଡ଼ିଲେ

- ଫାଲିକିଆ ବସ୍ତିରେ ରାଜ୍ କରୁଛନ୍ତି ୪ଜଣିଆ ଗ୍ୟାଙ୍ଗ୍
- ଆକ୍ରମଣ ଘଟଣାରେ ଥାନାକୁ ନ ଯିବା ପାଇଁ ଧମକ ଦେଲେ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

କ୍ୟାପିଟାଲ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ୪ଜଣିଆ ଗ୍ୟାଙ୍ଗ୍ ପୁଣି ଶନିବାର ରାତିରେ ରାଜମହଲ ନିକଟ ଫାଲିକିଆବସ୍ତିରେ ଆତଙ୍କ ଖେଳାଇଛନ୍ତି। ବସ୍ତିରେ ଚୋରା ମଦ ବେପାରକୁ ବିରୋଧ କରୁଥିବା ସୀମା ସେଠୀ ନାମକ ଜଣେ ବ୍ୟକ୍ତିଙ୍କ ଘରେ ପଶି ବନ୍ଧୁକ ଓ ଖଣ୍ଡା ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏଥିସହ ଘର ଆଗରେ ପାର୍କିଂ ହୋଇଥିବା ଏକ ଅଟୋକୁ ମଧ୍ୟ ପୋଡ଼ି ଦେଇଛନ୍ତି। ସୀମାଙ୍କ ଅଭିଯୋଗକ୍ରମେ ପୋଲିସ ଆଇପିସି ଦଫା ୪୩୬, ୨୯୪, ୩୨୩ ଓ ୫୦୬ରେ ଏକ ମାମଲା (ନଂ. ୪୨୩/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଗ୍ୟାଙ୍ଗ୍ ଉତ୍ପାତରେ ବସ୍ତିବାସିନ୍ଦା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସୀମା ଉକ୍ତ ବସ୍ତିରେ ପରିବାର ସହ ରହୁଛନ୍ତି। ଏକ ସଙ୍ଗଠନର ସହଯୋଗରେ ସେ ତାଙ୍କ ବସ୍ତିରେ ଚୋରା ମଦ ବେପାର ବନ୍ଦ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗତବର୍ଷ ମଦ ବ୍ୟବସାୟୀ ତାଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ସୀମା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ବସିପଡିଥିଲା। ଅଭିଯୁକ୍ତମାନେ କିଛିଦିନ ଫେରାର ହେବା ପରେ ପୁଣି ବସ୍ତିକୁ ଆସି ବ୍ୟବସାୟ କରିବା ସହ ବସ୍ତି ଲୋକଙ୍କୁ ଡରାଇ ରଖିଛନ୍ତି। ସେମାନେ ପୂର୍ବରାଗ ରଖି ଗତ ୧୫ ତାରିଖ ରାତିରେ ସୀମାଙ୍କ ଘର ଆଗରେ ଥିବା ଏକ ଅଟୋର କାଚ ଭାଙ୍ଗି ଦେଇଥିଲେ। ସିସିଟିଭି ଯାଞ୍ଚ କରି ସୀମା ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବା ପରେ ଥାନାକୁ ଅଭିଯୋଗ କରିବାକୁ ବାହାରୁଥିଲେ। ଏହି ସମୟରେ ଅଭିଯୁକ୍ତ କ୍ରିଷ୍ଣା, ସନିଆ କୁଞ୍ଜ, ଡି.ସୀମାଞ୍ଚଳ ଓ ଅଭିମାନ ପ୍ରଧାନ ତାଙ୍କ ଘର ଭିତରକୁ ଖଣ୍ଡା ଓ ବନ୍ଧୁକ ଧରି ନିଶାଗ୍ରସ୍ତ ଅବସ୍ଥାରେ ପଶିଥିଲେ। ସୀମାଙ୍କ ମୁଣ୍ଡରେ ବନ୍ଧୁ ଲଗାଇ ହତ୍ୟା ଧମକ ଦେଇଥିଲେ। ଥାନାକୁ ଗଲେ ଜୀବନରୁ ମାରି ଦେବେ ବୋଲି କହିବା ସହ ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ପୁଣି ଶନିବାର ରାତି ପ୍ରାୟ ୧୨ଟାରେ ପରିବାର ଲୋକେ ଶୋଇଥିବାବେଳେ ୪ଜଣ ଅଭିଯୁକ୍ତ ତାଙ୍କ ଘର ଆଗରେ ଥିବା ଅଟୋରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ଅଟୋ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଲିଭାଇବାକୁ କଚେଷ୍ଟା କରି ବିଫଳ ହୋଇଥିଲେ। ଗରିବ ଶ୍ରେଣୀର ସୀମା ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ଏବେ ଅଟୋ ପୋଡ଼ି ଯାଇଥିବାରୁ ଚିନ୍ତାରେ ରହିଛନ୍ତି। ଏନେଇ ତଦନ୍ତ ଅଧିକାରୀ ଅରୁଣ କୁମାର ଖିଲାର କହିଛନ୍ତି, ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚଢାଉ ଜାରି ରହିଛି।

'ସେବାରେ ଶାନ୍ତି ମିଳିଥାଏ'

ନିଖିଳ ଓଡ଼ିଶା 'ସୁଧା ସର୍ଜନା' ମହୋତ୍ସବରେ ଅତିଥିମାନେ ସ୍ମରଣିକା 'ତର୍ପଣ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ମଣିଷ ଜୀବନରେ ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ଶାନ୍ତି। ଶାନ୍ତି ପାଇଁ ଆମେ ସବୁବେଳେ ଉଦ୍ୟମ କରୁଛେ। କେବଳ ସତ୍ ମାର୍ଗ, ସତ୍‌ସଙ୍ଗ ଏବଂ ସେବାରେ ହିଁ ଶାନ୍ତି ମିଳିଥାଏ। ସମସ୍ତଙ୍କୁ ଭଲ ପାଇବା, ଅନ୍ୟକୁ ସମ୍ମାନ ଦେବା ଉପରେ ଆମେ ସବୁବେଳେ ଗୁରୁତ୍ୱ ଦେବା ଦରକାର। ସତ୍ୟ, ସେବା ଓ ଭଲପାଇବା ଜରିଆରେ ହିଁ ଆମେ ଶାନ୍ତି ପାଇପାରିବା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରରେ ସତ୍‌ସଙ୍ଗ ପକ୍ଷରୁ ଆୟୋଜିତ ନିଖିଳ ଓଡ଼ିଶା 'ସୁଧା ସର୍ଜନା' ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଓଡ଼ିଶାରେ ଶ୍ରୀ ଶ୍ରୀ ଠାକୁରଙ୍କ ଭକ୍ତମାନଙ୍କ ବହୁତ ବଡ଼ ସଙ୍ଗଠନ ରହିଛି। ଆପଣମାନେ ମଧ୍ୟ ଭଲ କାମ କରୁଛନ୍ତି। ଭଲ କାମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମାଜ ଆମକୁ ବହୁତ କିଛି ଦେଇଛି। ସମାଜକୁ ଆମେ ଯଦି କିଛି ଦେଇପାରିବା, ତେବେ ତାହା ଭଗବାନଙ୍କ ଶ୍ରେଷ୍ଠ ପୂଜା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଞ୍ଚେଶ୍ୱରସ୍ଥିତ ରେଲୱେ ସ୍ପୋର୍ଟସ କମ୍ପ୍ଲେକ୍ସ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଏମ୍‌ପି ଅଚ୍ୟୁତ ସାମନ୍ତ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ସୁଶାନ୍ତ ରାଉତ, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସତ୍‌ସଙ୍ଗର ବିନାୟକ ମହାପାତ୍ର ଏବଂ ଶ୍ରୀଧର ସୁନ୍ଦର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର କୋଣାନୁକୋଣରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସତ୍‌ସଙ୍ଗ ମୁଖ୍ୟ ଆଶ୍ରମରୁ ଆଗତ ପୂଜନୀୟ ମା' (ଆଚାର୍ଯ୍ୟଦେବ ଶ୍ରୀଶ୍ରୀ ଦାଦାଙ୍କ ସହଧର୍ମିଣୀ), ସତ୍‌ସଙ୍ଗର ଡେପୁଟି ଆଡ୍‌ମିନିଷ୍ଟ୍ରେଟର୍ ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ (ପୂଜନୀୟ ବିଙ୍କିଡା) ଓ ଅରଣୀଦା'ଙ୍କୁ ଉପସ୍ଥିତ ସହସ୍ର ଶିଷ୍ୟ, ଅନୁରାଗୀ ଦର୍ଶନ ଓ ପ୍ରଣାମ କରିଥିଲେ। ଅତିଥିମାନେ ସ୍ମରଣିକା 'ତର୍ପଣ'କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ସରକାରୀ ତଥା ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରମାନେ ମାଗଣାରେ ଚିକିତ୍ସା ସେବା ଯୋଗାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଧର୍ମେନ୍ଦ୍ରଙ୍କୁ ଭେଟିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୧(ବ୍ୟୁରେ)

ନୂଆଦିଲ୍ଲୀସ୍ଥିତ ବାସଭବନରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ଉଭୟ ମନ୍ତ୍ରୀ ରାଜ୍ୟରେ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରଣାଳୟର ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଜୈବ ଇନ୍ଧନ ଏବଂ ସିଟି ଗ୍ୟାସ ବିତରଣ(ସିବିଜି) ପାଇଁ ଛତିଶଗଡ ଉତ୍କୃଷ୍ଟ ସ୍ଥାନ ହୋଇଥିବାବେଳେ ଏହି ଆଲୋଚନା କାଳରେ ଉଭୟ ମନ୍ତ୍ରୀ ଜୈବ ଇନ୍ଧନର କ୍ଷମତା ଓ ଉତ୍ପାଦନକୁ ବୃଦ୍ଧି କରିବା ଉପରେ ଚର୍ଚ୍ଚା କରିଛନ୍ତି। ସେହିପରି ଉଭୟ ମନ୍ତ୍ରୀ ଭିଲାଇ ଇସ୍ପାତ କାରଖାନାର ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଛତିଶଗଡ ସମଗ୍ର ବିକାଶ ପାଇଁ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି।

ଗବେଷଣାରେ ସହଯୋଗ ଲାଗି ବୁଝାମଣାପତ୍ର

ବାଲେଶ୍ୱର ଅଫିସ, ୧୭।୧୧

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀସ୍ଥିତ କଳିଙ୍ଗ ଅନ୍ତର୍ଜାତୀୟ ପ୍ରତିଷ୍ଠାନ ମଧ୍ୟରେ ଶିକ୍ଷା, ସଂସ୍କୃତି ଏବଂ ଗବେଷଣାସ୍ତରରେ ସହଯୋଗ ବୃଦ୍ଧି ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉକ୍ତ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଶିଷ୍ଟ କୁଟନୀତିଜ୍ଞ ତଥା ଭାରତର ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂ ଯୋଗଦେଇ ଭାରତର ବୈଦେଶିକ ନୀତି ଏବଂ ଓଡ଼ିଶା ପ୍ରତି ତା'ର ଉପାଦେୟତା ତଥା ପ୍ରାସଙ୍ଗିକତା ଉପରେ ଏକ ବାର୍ତ୍ତାଳାପର ଶୁଭାରମ୍ଭ କରିଥିଲେ। ଦେଶର ସ୍ୱାଧୀନତା ପରଠୁ ଭାରତର ବୈଦେଶିକ ନୀତି କିପରି ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ଗତି କରି ବର୍ତ୍ତମାନର ଅବସ୍ଥାରେ ପହଞ୍ଚିଛି ତାହା ଉପରେ ଆଲୋକପାତ କରିଥିଲେ। କଳିଙ୍ଗ ଯଦିଓ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଆନ୍ତର୍ଜାତୀୟ ବାଣିଜ୍ୟ ଓ ସଂସ୍କୃତି ବିନିମୟର ପ୍ରମୁଖ କେନ୍ଦ୍ର ଥିଲା ମାତ୍ର ତାହା କ୍ରମଶଃ ଅବକ୍ଷୟ ହୋଇ ଭାରତର ବୈଦେଶିକ ନୀତିରେ ଏକ ଗୁରୁତ୍ୱହୀନ ସ୍ଥାନ ପାଇଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶା ଅନେକ କ୍ଷେତ୍ରରେ ଗୁରୁତ୍ୱ ପାଇବା ସହ ଉପକୃତ ହେବା ପାଇଁ ଯୋଗ୍ୟ ଏବଂ ସମର୍ଥ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମଧୁମିତା ଦାସ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର ଓଡ଼ିଶାର ଗବେଷଣା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଅନୀଲ କୁମାର ମହାପାତ୍ର କହିଥିଲେ, ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଉଭୟ ଅନୁଷ୍ଠାନ ମଧ୍ୟରେ ଭାବବିନିମୟ ବଢିବା ସହ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଜ୍ଞାନ ଓ ଦକ୍ଷତା ବୃଦ୍ଧିରେ ଏହା ସହାୟକ ହୋଇପାରିବ। ବିଶ୍ୱବିଦ୍ୟାଳୟ ସ୍ତରରେ ହେଉଥିବା ଗବେଷଣାର ମାନ ମଧ୍ୟ ବଢିପାରିବ।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

✓ ବରୁଣ ବିଶ୍ୱଭୂଷଣ
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୦.୧୦.୧୯୮୬
ତିରୋଧାନ : ୧୮.୧୧.୨୦୧୭
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା । ଆମକୁ ଏକା ଛାଡି ତୁ ଚାଲିଗଲୁ । ତୋର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ :
ମାଆ, ବାପା ଏବଂ ଆତ୍ମୀୟସଜନ

ଧ-୬୮୦୨୮

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସୁବାଷ ଦାସ
ବରଦାସାହି, ବ୍ରହ୍ମବରଦା, ବ୍ଲକ– ରସୁଲପୁର, ଜିଲ୍ଲା– ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୦୮।୧୧।୨୦୧୯
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ରହିଥିବା ଯାଏ କରୁଥିବୁ ମଧ୍ୟ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସହେଉ। ଶିକ୍ଷା କ୍ଷେତ୍ରରେ ତୁମର ସାଧନା ଯୁଗଯୁଗକୁ ସ୍ମରଣୀୟ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ର ରଞ୍ଜନ ଦାସ, ବୋହୂ: କୁସୁମୀନା ମହାନ୍ତି, ନାତି: ଚିତ୍ରଜୀତ୍ ଦାସ, ନାତୁଣୀ: ତେଲେସା ଦାସ, ଝିଅ, ଜ୍ୱାଇଁ , ପରିବାରବର୍ଗ, ବନ୍ଧୁବାନ୍ଧବ ଓ ପ୍ରିୟଜନଗଣ ।

ଧ-୧୫୨୯୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଇ. ଶଚିନନ୍ଦନ ଦାସ
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
(ଷଷ୍ଠୀ ମାର୍ଗଶିର ମାସ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ।

ଧ-୧୫୧୬୯

ତୃତୀୟ ପୁଣ୍ୟତିଥି

ସ୍ୱର୍ଗତା ମନି ସାମନ୍ତରାୟ
ଆବିର୍ଭାବ: ୧୮।୧୧।୧୯୫୭
ତିରୋଧାନ: ୧୮।୧୧।୨୦୧୬
ମାମି, ଆଜି କି ୩ବର୍ଷ ହେଲା, ଆମକୁ ଛାଡ଼ି ଦିବ୍ୟଧାମକୁ ଚାଲିଗଲ। ତୁମରି ଶିକ୍ଷା, ସଂସ୍କାର ଓ ଅନୁଶାସନକୁ ପାଥେୟ କରି ଆମେ ଆଗେଇ ଚାଲୁଛୁ। ତୁମର ଅମରଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ, ବାସୁଦେବଙ୍କ ପାଖରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ଶ୍ରୀମନ୍ତ, ସନ୍ତୋଷ, ବୋହୂ: ସୁଜାତା, ସୋନାଲି, ଝିଅ: ଶର୍ମିଷ୍ଠା, ଜ୍ୱାଇଁ: ସୁଶାନ୍ତ, ଭଣଜା: ରାଜା, ନାତୁଣୀ: ସୁଶ୍ରୀ, ଶ୍ରୀମା, ସମ୍ରିଦ୍ଧି, ଶରଦ୍ୟା, ନାତି: ସୂର୍ଯ୍ୟାଂଶୁ, ଶାଶ୍ୱତମନିଷ ।

ଧ-୧୫୨୯୫

ଶହେରୁ ଊର୍ଦ୍ଧ୍ୱ ଦେଶରେ ରହିଛି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି

ବଲାଙ୍ଗୀର ଅଫିସ, ୧୭।୧୧

ବିଶ୍ୱର ୧୦୨ଟି ଦେଶରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଏକ କିମ୍ବା ତଦୂର୍ଦ୍ଧ୍ୱ ପ୍ରତିମୂର୍ତ୍ତି ରହିଥିବା ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟରୁ ଜଣାପଡିଛି। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରହିଥିବା ସମୁଦାୟ ୧୦୨ଦେଶ ମଧ୍ୟରୁ ୮୨ଟି ଦେଶରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରହିଛି। ୨୦ଟି ଦେଶରେ ଅର୍ଦ୍ଧାବୟବ ପ୍ରତିମୂର୍ତ୍ତି ରହିଥିବା ଉକ୍ତ ତଥ୍ୟରୁ ଜଣାଯାଇଛି। ଭାରତ ସରକାରଙ୍କ ବୈଦେଶିକ ବିଭାଗକୁ ବଲାଙ୍ଗୀରର ସୂଚନା କର୍ମୀ ହେମନ୍ତ ପଣ୍ଡା ଏ ନେଇ ତଥ୍ୟ ମାଗିଥିଲେ । ସୂଚନା ଅଧିକାର ଆଇନର ୬(୩) ଧାରା ଅନୁଯାୟୀ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଥିବା ପଣ୍ଡା ଜଣାଇଛନ୍ତି । ତେବେ କେତୋଟି ଦେଶର ମୁଦ୍ରା ଏବଂ ଡାକ ଟିକଟରେ ଗାନ୍ଧୀଙ୍କ ଫଟୋ ରହିଛି ଏହି ସୂଚନା ସମ୍ପର୍କିତ ତଥ୍ୟ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିବା ପଣ୍ଡା କହିଛନ୍ତି । ବିଶ୍ୱର ବିଭିନ୍ନ ଦେଶରେ ରହିଥିବା ମହାତ୍ମାନବମାନଙ୍କ ପ୍ରତିମୂର୍ତ୍ତି ସଂଖ୍ୟା



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି,
ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ତ କବୀର

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲ୍ଷ୍ଟା) ପକ୍ଷରୁ ଶିକ୍ଷକ ବନମାଳୀ ବ୍ରହ୍ମଚାରୀଙ୍କ ୧୧୩ତମ ରାଜ୍ୟସ୍ତରୀୟ ଜୟନ୍ତୀ, ରେଡକ୍ରସ ଭବନ, ପୂର୍ବାହ୍ନ ୧୦ଟା।
- ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ ପକ୍ଷରୁ ଗଣ ପ୍ରତିବାଦ, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ କନଭେନସନ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ସିନିୟର ସିଟିଜନ୍ସ ଫୋରମର ୫ମ ବାର୍ଷିକ ସାଧାରଣ ବୈଠକ, ଲା ଫିଏଷ୍ଟା କଲ୍ୟାଣ ମଣ୍ଡପ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ପୂର୍ବାହ୍ନ ୧୧ଟା ୩୦।
- ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା ୩୦।
- ଜମାତ-ଏ-ଇସଲାମି ହିନ୍ଦର ସ୍ନେହ ମିଳନ, ରୋଟାରୀ କ୍ଲବ, ସନ୍ଧ୍ୟା ୬ଟା।
- ମନି ସାମନ୍ତରାୟ ସ୍ମୃତି ସଂସଦ ପକ୍ଷରୁ ମନି ସାମନ୍ତରାୟଙ୍କ ୩ୟ ରାଜ୍ୟସ୍ତରୀୟ ପୁଣ୍ୟତିଥି, ଆର୍ଯ୍ୟ ସଂସ୍କୃତି ମନ୍ଦିର ପରିସର, ଅଶୋକ ନଗର, ସନ୍ଧ୍ୟା ୬ଟା।
- ମମତା ଚାରିଟେବୁଲ ଟ୍ରଷ୍ଟର ୧୯ତମ ପ୍ରତିଷ୍ଠା ଦିବସ, ନୀଳକଣ୍ଠେଶ୍ୱର ମନ୍ଦିର ପରିସର, କେୟାର ହସ୍ପିଟାଲ ନିକଟ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟା ଭବନ ଓ ଇଙ୍ଗୋସିସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଯାଦୁବିଦ୍ୟା(ମ୍ୟାଜିକ ଶୋ), ଭାରତୀୟ ବିଦ୍ୟାଭବନ, ଖାରବେଳନଗର, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶୀ ଆସର କାର୍ଯ୍ୟକ୍ରମ, ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।

କଟକ

- ରଘୁନାଥଜୀଉ ଜୁନିୟର ମହାବିଦ୍ୟାଳୟ ପକ୍ଷରୁ ବାଳିକା ଆତ୍ମରକ୍ଷା ଶିବିରର ଉଦ୍‌ଘାଟନୀ ଉତ୍ସବ, ରଘୁନାଥଜୀଉ ମହାବିଦ୍ୟାଳୟ ପରିସର, ତୁଳସୀପୁର, ପୂର୍ବାହ୍ନ ୧୦ଟା ୩୦।
- ପ୍ରଦକ୍ଷୀଣ ପକ୍ଷରୁ ଓଡ଼ିଶୀ ଡ୍ୟାନ୍ସ ସନ୍ଧ୍ୟା, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।

ଡ୍ରେନ୍ ଜଗିବ ବିଏମ୍‌ସି ସ୍କ୍ୱାଡ୍

- ସେସ୍‌ପୁଲ ଗାଡ଼ି ଉପରେ ନଜର ରଖାଯିବ
- ଏଣେତେଣେ ମଳ ପକାଇଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ୫୦ରୁ ଊର୍ଦ୍ଧ୍ୱ ଘରୋଇ ସେସ୍‌ପୁଲ ଗାଡ଼ି ରହିଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ ଅନେକ ସହରର ସ୍ୱଚ୍ଛତାକୁ ଅଣଦେଖା କରି ଏଣେତେଣେ ମଳ ପକାଉଛି। ଏ ସମ୍ପର୍କରେ ବିଭିନ୍ନ ଅଞ୍ଚଳରୁ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସହରର ଡ୍ରେନ ସମେତ ଖୋଲା ଜାଗା ଓ ରାସ୍ତାକଡ଼ରେ ଯେଭଳି ସେସ୍‌ପୁଲ ଗାଡ଼ି ମଳ ପକାଇପାରିବେ ନାହିଁ ସେନେଇ ଦୁଇଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଛି। ସ୍କ୍ୱାଡ ଦ୍ୱାରା କୌଣସି ସେସ୍‌ପୁଲ ଗାଡ଼ି ଏଣେତେଣେ ମଳ ପକାଉଥିବା ଧରାପଡ଼ିଲେ ବଡ଼ଧରଣର ଜରିମାନା ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଜୋନାଲ ଡେପୁଟି କମିଶନରମାନେ ବିଏମ୍‌ସି ତରଫରୁ ନୋଡାଲ୍ ଅଫିସର୍ ଭାବେ ସ୍କ୍ୱାଡ୍‌କୁ ସଂଯୋଜନା କରିବେ। ସ୍କ୍ୱାଡ୍ ବ୍ୟତୀତ ପୋଲିସ୍, ଟ୍ରାଫିକ୍ ଏବଂ ଆର୍‌ଟିଓ ୧ ଏବଂ ୨ର ପ୍ରତିନିଧି ମଧ୍ୟ ସେସ୍‌ପୁଲ୍ ଗାଡ଼ି ଉପରେ ନଜର ରଖି ଜରିମାନା କରିପାରିବେ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ବିଭିନ୍ନ ଅଭିଯୋଗ ଓ ବିଏମ୍‌ସି ଅଧିକାରୀମାନଙ୍କ କ୍ଷେତ୍ର ପରିଦର୍ଶନରୁ ସେସ୍‌ପୁଲ୍ ଗାଡ଼ିଗୁଡ଼ିକ ଲୁଚିଛପି ମଳ ଛାଡୁଥିବା ସ୍ଥାନଗୁଡ଼ିକ ଚିହ୍ନଟ କରାଯାଇଛି। ବିଶେଷକରି ବରମୁଣ୍ଡା ଫ୍ଲାଏଓଭରରୁ ଖଣ୍ଡଗିରି ପାର୍ଶ୍ୱ ଡ୍ରେନ୍, ଜୟଦେବ ବିହାରଠାରୁ ଆଚାର୍ଯ୍ୟ ବିହାର, ଫାୟାର ଷ୍ଟେଶନ୍‌ଠାରୁ ସିଆର୍‌ପି, କ୍ଲବ୍‌ଟାଉନ୍ ପଟିଆ ନିକଟରେ ଥିବା ଡ୍ରେନ୍ ଏବଂ ସିଲିକନ୍ ଭିଲେଜ୍‌ରୁ ଶିଖରଚଣ୍ଡି ପାଖ ଡ୍ରେନ୍‌ରେ ସେସ୍‌ପୁଲ୍ ଗାଡ଼ିଗୁଡ଼ିକ ମଳ ଛାଡୁଥିବା ଦେଖିବାକୁ ମିଳିଛି। ଏହି ସବୁ ଅଞ୍ଚଳ ସମେତ ଅନ୍ୟସ୍ଥାନର ଡ୍ରେନ୍ ଉପରେ ସ୍କ୍ୱାଡ୍ କଡ଼ା ନଜର ରଖିବ ବୋଲି ବିଏମ୍‌ସି କହିଛି।

ଉଲ୍ଲେଖଯୋଗ୍ୟ, ଓଡିଶା ଦେଶର ପ୍ରଥମ ରାଜ୍ୟ, ଯେଉଁଠାରେ ରାଜ୍ୟବ୍ୟାପୀ ଏଫ୍‌ଏସ୍‌ଏସ୍‌ଏମ୍ ଅଧିନିୟମକୁ ସୂଚୀତ କରାଯାଇଛି। ଏହାଦ୍ୱାରା ସହରାଞ୍ଚଳର ଥିବା ଖୋଲାସ୍ଥାନ ଏବଂ ଜଳାଶୟଗୁଡିକରେ ମଳର ଅସୁରକ୍ଷିତ ନିଷ୍କାସନକୁ ନିୟନ୍ତ୍ରଣ ଏବଂ ତଦାରଖ କରାଯାଇପାରିବ। ଏହାର ପ୍ରଭାବୀ କାର୍ଯ୍ୟକାରିତା ଦ୍ୱାରା ରାଜ୍ୟର ଛୋଟ ଏବଂ ବଡ଼ ସହରଗୁଡ଼ିକରେ ଉନ୍ନତ ସ୍ୱାସ୍ଥ୍ୟ ଏବଂ ପରିବେଶ ସୃଷ୍ଟି ହେବାର ଆଶା କରାଯାଉଛି। ତଦନୁଯାୟୀ ବିଏମ୍‌ସି ପକ୍ଷରୁ ମଳକୁ ଏଣେତେଣେ ନିଷ୍କାସନ କରିବାରେ କଡା କଟକଣା ଲଗାଯାଇଛି। ସେସ୍‌ପୁଲ୍ ଗାଡ଼ିଗୁଡ଼ିକର ମଳ ନିଷ୍କାସନ ପାଇଁ ବାସୁଆଘାଇଠାରେ ମଳ ଉପଚାର ପ୍ଲାଣ୍ଟ କରାଯାଇଛି। ଉକ୍ତ ପ୍ଲାଣ୍ଟ ୭୫ କେଏଲ୍‌ଡି କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ସେଠାରେ ସୁରକ୍ଷିତ ଉପଚାର ହୋଇଥାଏ ବୋଲି ବିଏମ୍‌ସି କହିଛି।

କଟକରେ ଖୋଲିଲା ବାର୍ବିକ୍ୟୁ ନେଶନ

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ପ୍ରମୁଖ କାଜୁଆଲ ଡାଇନିଂ ରେଷ୍ଟୁରାଣ୍ଟ ଚେନ୍ ବାର୍ବିକ୍ୟୁ ନେଶନ ପକ୍ଷରୁ କଟକରେ ନୂଆ ରେଷ୍ଟୁରାଣ୍ଟ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଦରଘା ବଜାରସ୍ଥିତ ନେତାଜୀ ଶୁଭାଷ ଚନ୍ଦ୍ର ବୋଷ ଆର୍କେଡଠାରେ ୪୨୫୦ ବର୍ଗଫୁଟରେ ଏହା ଖୋଲିଛି। ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ, ଆର୍‌ଏମ୍ ସୁମନ ମୁଖାର୍ଜୀ, ଏଆର୍‌ଏମ୍ ଶୁଭଜିତ ଶାହା, କ୍ଲଷ୍ଟର ମ୍ୟାନେଜର ପ୍ରହ୍ଲାଦ ପାତ୍ର ଏହାକୁ ଉନ୍ମୋଚନ କରିଥିଲେ। ବାର୍ବିକ୍ୟୁର ଏହା ୧୩୮ତମ ଆଉଟ୍‌ଲେଟ। ଏହି ନୂଆ ଆଉଟ୍‌ଲେଟରେ ଏକାଥରେ ୧୦୮ ଜଣ ବସି ଖାଇବାର ସୁବିଧା ରହିଛି। ଉଭୟ ଭେଜ୍ ଏବଂ ନନଭେଜ୍ ବର୍ଗରେ ବିଭିନ୍ନ ବ୍ୟଞ୍ଜନ ଏଠାରେ ଗ୍ରାହକ ଲାଭ କରିପାରିବେ। କଟକରେ ନୂଆ ରେଷ୍ଟୁରାଣ୍ଟ ଖୋଲି ଅତ୍ୟନ୍ତ ଖୁସି ବୋଲି ଆର୍‌ଏମ୍ ମୁଖାର୍ଜୀ କହିଛନ୍ତି। ଗ୍ରାହକ ଏଠାରେ ବାର୍ବିକ୍ୟୁର ବିଭିନ୍ନ ସୁସ୍ୱାଦୁ ଭୋଜନ ଲାଭ କରିପାରିବେ। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ଦିଗରେ ଚେଷ୍ଟା ଜାରି ରଖିଥିବା ସେ ସୂଚନା ଦେଇଛନ୍ତି।

ବିର୍ସା ମୁଣ୍ଡା ଜୟନ୍ତୀରେ ୬ ବ୍ୟକ୍ତିତ୍ୱ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସ୍ଥାନୀୟ ୱାର୍ଡ୍ ନଂ-୨୮ସ୍ଥିତ ମୁଣ୍ଡାସାହିରେ ଅନୁଷ୍ଠିତ ହୋଇଯାଇଛି। ବିର୍ସା ମୁଣ୍ଡା ଜୟନ୍ତୀ କମିଟି ସଭାପତି କୁଳମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିର୍ସା ମୁଣ୍ଡାଙ୍କ ଦେଶପ୍ରେମ ଓ ତ୍ୟାଗ ସମ୍ପର୍କରେ ଜେନା ଆଲୋକପାତ କରିଥିଲେ। ଯୁବ ସାମାଜିକ କର୍ମୀ ବିବେକାନନ୍ଦ ବାରିକ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଭଳି ନିଜକୁ ଦେଶ ହିତରେ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। କମିଟି ସମ୍ପାଦକ ସନାତନ ମୁଣ୍ଡା ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପୀନାଥ ସେଠୀ ଓ ସନାତନ ମୁଣ୍ଡାଙ୍କୁ 'ଗୁରୁଶ୍ରୀ ସମ୍ମାନ', ଦିଲୀପ ଦେହୁରୀ, ସନ୍ତୋଷ ନାୟକ, ଚନ୍ଦନ ନାୟକଙ୍କୁ 'ଯୁବ କ୍ରୀଡ଼ାବିତ୍ ସମ୍ମାନ' ଓ ଗୋବର୍ଦ୍ଧନ ମୁଣ୍ଡାଙ୍କୁ 'ଯୁବ ନୃତ୍ୟ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମୀ ଦିଦି ଓ ଦୁର୍ଗା ମହାରଣା, ରାଧା କେରେଇ, ପ୍ରଫୁଲ୍ଲ ମହାନ୍ତି, ଫେଲୁ ମହାନ୍ତି ଏବଂ ମାୟାଧର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିକାଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ରବିବାର ନବମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅର୍ଥ ମନ୍ତ୍ରଣାଳୟର ରଣ ପରିଶୋଧ ନ୍ୟାୟାଧିକରଣ ଅଧୀକ୍ଷକ ପି. ରବିକିରଣ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ସଭାପତି ଡି. ମୁରଲୀକ୍ରିଷ୍ଣା, ପ୍ରଶାସନିକ ନିର୍ଦ୍ଦେଶକ ଡି. ନାଗେଶ ରାଓ, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଶିକ୍ଷା ବିଭାଗ ନିର୍ଦ୍ଦେଶକ ଭି. ଶ୍ରୀନିବାସ, ଡିନ୍ ପୀତାମ୍ବର ଦାସ, ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦାସ, ଅଧ୍ୟକ୍ଷ ଆର. ବିଜୟ କୁମାର ଓ ଉପାଧ୍ୟକ୍ଷ ସଞ୍ଜୀବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଦାଶ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶାରୀରିକ, ମାନସିକ, ବୈଷୟିକ, ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା ଅଛି ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ ଓ ଦେଶ ଗଠନର କର୍ଣ୍ଣଧାର ବୋଲି ସମ୍ମାନିତ ଅତିଥି ପି. ରବିକିରଣ କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଅକ୍ଷୟ ମହାନ୍ତିଙ୍କ ୧୭ତମ ସ୍ମୃତି ସମାରୋହ

ଛନ୍ଦା ମିଶ୍ରଙ୍କୁ ଅକ୍ଷୟ ସଙ୍ଗୀତ ସମ୍ମାନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଅକ୍ଷୟ ମହାନ୍ତି ଥିଲେ ଓଡ଼ିଆ ସଙ୍ଗୀତ ଜଗତର ମୁକୁଟ ବିହୀନ ସମ୍ରାଟ। ତାଙ୍କର ବିଶାଳ ପ୍ରତିଭା ଚିର ଅକ୍ଷୟ ଓ ସଦା ଅମଳିନ। ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ୧୭ତମ ଅକ୍ଷୟ ମହାନ୍ତି ସ୍ମୃତି ସମାରୋହରେ ଅତିଥିମାନେ ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଓ ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ରୁମଝୁମ୍ ନାୟକଙ୍କୁ ଅକ୍ଷୟ ସାହିତ୍ୟ ସମ୍ମାନ ଓ ଛନ୍ଦା ମିଶ୍ରଙ୍କୁ ଅକ୍ଷୟ ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଥିଲା। ନଦୀର ନାମ ଅଳସୀ କନ୍ୟା, ସ୍ମୃତି ଏକ ରୁପା ଜହ୍ନ, ମନ ମୋର ପ୍ରଜାପତି, ଏଇଭରା ଜହ୍ନରାତି ଆଦି ସୁମଧୁର ସଙ୍ଗୀତ ଆସର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଇଂ. ବିଚିତ୍ରାନନ୍ଦ ଦେଓ, ଛନ୍ଦା ମିଶ୍ର, ପ୍ରତିଭା ପ୍ରଧାନ, ଶୈଳଭାମା ମହାପାତ୍ର ପ୍ରମୁଖ କଣ୍ଠଦାନ କରିଥିଲେ। ବରଦା ପ୍ରସନ୍ନ ପଟ୍ଟନାୟକ, କିଶୋର ନାୟକ, ପ୍ରଭାତ କୁମାର ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସିନେ ସାମ୍ବାଦିକ ଦିଲୀପ ହାଲି ସ୍ୱାଗତ ଭାଷଣ ଦେଇଥିଲେ।

କୁନି କୁନି ପିଲାଙ୍କ ପାଇଁ 'ଟ୍ରେଜର ହଣ୍ଟ୍'

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ରବିବାର ପୂର୍ବାହ୍ନରେ କୁନି କୁନି ପିଲାମାନଙ୍କ ପାଇଁ ଭିନ୍ନସ୍ୱାଦର କାର୍ଯ୍ୟକ୍ରମ 'ଟ୍ରେଜର ହଣ୍ଟ୍' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଯୋଗଦେଇ ୮ଟି ବିଭାଗ ଯଥା ଟେରାକୋଟା, ପାରମ୍ପରିକ ଚିତ୍ରକଳା, ପଥର ଓ କାଠ ଖୋଦେଇ, ଧାତବ କଳାକୃତି, ପ୍ରାକୃତିକ ଦ୍ରବ୍ୟରେ ପ୍ରସ୍ତୁତ ହସ୍ତଶିଳ୍ପ, ବୟନ, ଜନଜାତି ଗ୍ୟାଲେରି, ହସ୍ତତନ୍ତ ଗ୍ୟାଲେରିକୁ ଯାଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଠିକ୍ ଉତ୍ତର ଦେଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀ ବଛାଯାଇ ପୁରସ୍କୃତ କରାଯାଇଥିଲା। ଏହାସହ ସମସ୍ତ ପ୍ରତିଯୋଗୀଙ୍କୁ କଳାଭୂମି ପକ୍ଷରୁ ହସ୍ତଶିଳ୍ପ ସାମଗ୍ରୀ ଉପହାର ଦିଆଯାଇଥିଲା। ପିଲାମାନେ ବେଶ୍ ଉତ୍ସୁକତାର ସହ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ।

ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କଲେଜ ଛାତ୍ର ଗିରଫ

ପୁରୁଣା ଭୁବନେଶ୍ୱର/ପିପିଲି, ୧୭।୧୧ (ଡି.ଏନ.ଏ.): ପିପିଲି ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ କଲେଜ ଛାତ୍ରଙ୍କୁ ରବିବାର ଗିରଫ କରିଛି। କଲେଜ ଛାତ୍ରଙ୍କ ଘର ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଞ୍ଚଳରେ। ପୋଲିସ ସୂଚନା ମୁତାବକ, ଛାତ୍ର ଜଣକ ନିଜ ପରିବାର ସହ ପିପିଲି ଥାନା ଅଞ୍ଚଳରେ ୧୦ ବର୍ଷ ଧରି ରହି ଆସୁଥିଲେ। ସେ ସ୍ଥାନୀୟ ଏକ ଘରୋଇ କଲେଜରେ ପଢନ୍ତି। ଭାଇରାଲ ହୋଇଥିବା ନାବାଳିକା ଜଣକ ମଧ୍ୟ ତାଙ୍କ ସହ ଏକା ଶ୍ରେଣୀରେ ପଢନ୍ତି। ଅଭିଯୁକ୍ତ ଛାତ୍ରଙ୍କ ଭାଇ ନାବାଳିକାଙ୍କ ସହ ୯ମ ଶ୍ରେଣୀରୁ ପ୍ରେମ କରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ସେ ନାବାଳିକାଙ୍କ ଦୁର୍ବଳତାର ସୁଯୋଗ ନେଇ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରି ମୋବାଇଲରେ ରଖିଥିଲେ। ୨ବର୍ଷ ଧରି ଅଭିଯୁକ୍ତ ଛାତ୍ରଙ୍କ ଭାଇ ଆନ୍ଧ୍ରରେ ରହି ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଛାତ୍ର ତାଙ୍କ ଭାଇଙ୍କ ମୋବାଇଲରୁ ନାବାଳିକାଙ୍କ ଫଟୋ, ଭିଡିଓ ଆଣି ତାଙ୍କୁ ଦେଖାଇ ଶାରୀରିକ ସମ୍ପର୍କ ପାଇଁ କହିଥିଲେ। ମାତ୍ର ସେ ମନା କରିବାରୁ ଛାତ୍ର ଜଣଙ୍କ ଭିଡିଓ ଭାଇରାଲ କରିଥିଲେ। ଏ ନେଇ ପୋଲିସ ଦଫା ୩୭୬, ପୋସ୍କୋ ଆକ୍ଟରେ ନଂ. ୨୯୪/୧୯ରେ ମାମଲା ରୁଜୁ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସୋମବାର ଅଭିଯୁକ୍ତ ଛାତ୍ରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଶରତ ଚନ୍ଦ୍ର ସାହୁ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

ରାକେଶ

ରୋମ୍ୟରଞ୍ଜନ

ପ୍ରଦୀପ୍ତ

ତ୍ରିଲୋଚନ

ବିଭୂତି

ଶିବ

ଲିପ୍‌ସା

ସୌମ୍ୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

ସ୍ପଷ୍ଟବାଦୀ ନେତା ଥିଲେ ହରିଶ୍ଚନ୍ଦ୍ର ବକ୍ସିପାତ୍ର

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମାରକ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବକ୍ତା ଓ ଅତିଥିମାନେ।

ହରିଶ୍ଚନ୍ଦ୍ର ବକ୍ସିପାତ୍ର ଜଣେ ସ୍ପଷ୍ଟବାଦୀ ନେତା ଥିଲେ। ତାଙ୍କ ନେତୃତ୍ୱ ଯେତିକି ବଳିଷ୍ଠ ଥିଲା, ସେତିକି ଆଦରଣୀୟ ମଧ୍ୟ ଥିଲା। ବକ୍ସିପାତ୍ର ଜଣେ ନିର୍ଭୀକ ରାଜନେତା ଭାବେ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ଲୋକପ୍ରିୟତା ଅର୍ଜନ କରିଥିଲେ। ଦଳମତ ନିର୍ବିଶେଷରେ ସେ ଜନସାଧାରଣଙ୍କ ସ୍ୱାର୍ଥକୁ ସର୍ବଦା ଗୁରୁତ୍ୱ ଦେଉଥିଲେ। ନି

ଯିଏ ସାଧୁସନ୍ଥକୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ

କଟକ ଜାମ୍, ବାଲିଯାତ୍ରାକୁ ଲୋକଙ୍କ ସୁଅ

ଏବର୍ଷ ବାଲିଯାତ୍ରାରେ କ'ଣ ସବୁ ସ୍ପେଶାଲ ମିଳୁଛି, ଲୋକଙ୍କ ଗହଳି କେଉଁ ଷ୍ଟଲରେ ରହୁଛି ତାହା ଜାଣିବା ପାଇଁ ଦେଖନ୍ତୁ ଏହି ଭିଡିଓ

YouTube /dharitrilive

ଖେଳିଲେ, କିଣିଲେ, ଯାତ୍ରାର ମଜା ନେଲେ

କଟକ ଅଫିସ, ୧୭।୧୧

ରବିବାର ଛୁଟିଦିନରେ କଟକ ଜାମ୍। ଜୁଆଡେ ଚାହିଁବ ଭିଡ। ଗିଂରୋଡଠାରୁ ଆରମ୍ଭ କରି ସହର ବିଭିନ୍ନ ରାସ୍ତା ଦେଇ ଲୋକମାନେ ବାଲିଯାତ୍ରା ପଡିଆ ମୁହାଁ ହୋଇଥିଲେ। ଏହି ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଛି। ରବିବାର ବାଲିଯାତ୍ରା ପଡିଆ ଲୋକାରଣ୍ୟ ହୋଇପଡିଥିଲା। ଦିନବେଳା ଲୋକଙ୍କ ଗହଳି ଲାଗି ରହିଥିଲେ ମଧ୍ୟ ଅସଲ ଭିଡ ଦେଖିବାକୁ ମିଳିଥିଲା ସନ୍ଧ୍ୟାରେ। ପଡିଆରେ ରଙ୍ଗବେରଙ୍ଗର ଲାଇଟ ଲାଗିଥିବାବେଳେ ନାଚଗୀତ ତାଳେତାଳେ ଉଛୁଳି ପଡୁଥିଲା ମହାନଦୀ ପଠା। ଏଥିସହିତ ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟାର କଳାକାରଙ୍କ ଆଗମନ ଭିଡକୁ ଦିଗୁଣିତ କରିଦେଇଛି। ଲୋକମାନେ ଦୋଳିରେ ବସିବା ସହ ଚଟ୍‌ପଟି ଖାଦ୍ୟ ଖାଇଥିଲେ। ପରେ ବିଭିନ୍ନ ସାମଗ୍ରୀ କିଣାକିଣି କରି ଘରକୁ ଫେରିଥିଲେ।

ଯାତ୍ରା ପଡିଆରେ ଦୋଳିର ମଜା

ଚଳିତବର୍ଷ ବାଲିଯାତ୍ରା ପଡିଆକୁ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ଡ୍ରାଗନ ଟ୍ରେନ, ଅକ୍ଟୋପସ, ଚାନ୍ଦ ତାରା ଦୋଳି ସମେତ ରୋଞ୍ଜର ଦୋଳି ଆସିଛି। ରବିବାର ଛୁଟିଦିନ ଥିବାରୁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ସମସ୍ତେ ଯାତ୍ରା ପଡିଆରେ ଦୋଳିର ମଜା ନେଇଥିଲେ। ଏଥିସହ ପିଲାମାନେ ସେଠାରେ ବୋଟିଂ କରିଥିଲେ। ଏଥିସହ କିଛି ଦୋଳି ସମ୍ମୁଖରେ ସଚେତନତା ବାର୍ତ୍ତା ଦେଖିବାକୁ ମିଳିଥିଲା। ଯେପରିକି ନିଶାଦ୍ରବ୍ୟ ସେବକ କରି ଦୋଳିରେ ବସିବା ମନା, କୌଣସି ଅସୁବିଧା ହେଲେ ବାଲିଯାତ୍ରା କାର୍ଯ୍ୟକ୍ରମ ପରିଚାଳକଙ୍କ ସହିତ ଯୋଗାଯୋଗ କରିବା ପାଇଁ ଲେଖା ମାଧ୍ୟମରେ ସତର୍କସୂଚନା ଦିଆଯାଇଥିଲା।

କଟିକିଆ ଡ୍ରେସ ଷ୍ଟଲ୍‌ରେ ଭିଡ଼

ବାଲିଯାତ୍ରା ପଡ଼ିଆରେ କ'ଣ ସବୁ ଭଲ ତ, ଆପଣମାନେ ଖୁସି ତ, ଲୋକାଲ ଟୋକା, ଖାଣ୍ଟି କଟିକିଆ, ଚା ଖଟି ଭଳି ଲେଖାଯାଇ ପ୍ରିଣ୍ଟିଂ ହୋଇଥିବା ବିଭିନ୍ନ ଡ୍ରେସ୍‌ର ଚାହିଦା ଦେଖିବାକୁ ମିଳିଥିଲା। ଫଳରେ ଏହାକୁ କିଣିବା ପାଇଁ ଉକ୍ତ ଷ୍ଟଲରେ ଲୋକଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। ସିଲ୍‌ଭର ସିଟି କଟକ ସଂସ୍ଥା ପକ୍ଷରୁ ଏହି ଷ୍ଟଲ୍ ପକାଯାଇଛି। ଏହି ଷ୍ଟଲ୍‌ରେ ବ୍ୟବସାୟ ହେଉଥିବା ଅର୍ଥର କିଛି ଅଂଶ ସାମାଜିକ କାର୍ଯ୍ୟରେ ଲାଗିବ ବୋଲି ଦେବାଶିଷ ସାମନ୍ତରାୟ କହିଛନ୍ତି। ବାଲିଯାତ୍ରାରେ ଏହି ଡ୍ରେସ୍‌କୁ ୩୦୦ ଟଙ୍କାରେ ବିକ୍ରି କରାଯାଉଛି।

ଅସହାୟ ଶିଶୁଙ୍କୁ ବାଲିଯାତ୍ରା ବୁଲାଇଲା ଓଡ଼ିଶା ପୋଲିସ

ରବିବାର ଐତିହାସିକ କଟକ ବାଲିଯାତ୍ରାରେ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଥିଲା। କେତେଜଣ ଅସହାୟ ପିଲାଙ୍କୁ ପୋଲିସ କର୍ମଚାରୀମାନେ ବାଲିଯାତ୍ରା ବୁଲାଇ ଦେଖାଉଥିଲେ। ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ପ୍ରାୟ ୪୦ ଜଣ ପିଲାଙ୍କୁ ଆଣି ବାଲିଯାତ୍ରା ବୁଲାଇବା ସହ ବିଭିନ୍ନ ଦୋଳିରେ ବସାଇବା, ଖାଇବାକୁ ଦେବା ଏବଂ ଖେଳନା ଆଣି କର୍ମଚାରୀମାନଙ୍କୁ ଦେଇଥିଲେ। ପୋଲିସର ଏହିପରି କାର୍ଯ୍ୟ ଦେଖି ସାଧାରଣ ଲୋକେ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ। ଏହି କାର୍ଯ୍ୟରେ ଡିଏସ୍‌ପି ଦେବାଶିଷ ଧଳ, ଦୀପକ ଗଡ଼ନାୟକ, ଇନ୍ସପେକ୍ଟର ଅଶୋକ ବେହେରା, ଗୀତାଞ୍ଜଳି ଜେନା, ଏସ୍‌ଆଇ ଯଶୋବନ୍ତ ସେଠୀ, ପ୍ରଦୀପ ସାହୁ, ସତ୍ୟ ଦାସଙ୍କ ଅନ୍ୟମାନେ ସାମିଲ ହୋଇଥିଲେ।

କେନ୍ଦୁଝର ଧୂପ

ବାଲିଯାତ୍ରା ପଡ଼ିଆରେ କେନ୍ଦୁଝରରେ ପ୍ରସିଦ୍ଧିଲାଭ କରିଥିବା ଗୁପ୍ତଗଙ୍ଗା ଧୂପକାଠିର ଏକ ଷ୍ଟଲ ଖୋଲିଛି। ଷ୍ଟଲରେ ଭଲ ବ୍ୟବସାୟ ହେବା ସହ ଲୋକଙ୍କ ଭିଡ଼ ଜମୁଛି। ଗୁପ୍ତଗଙ୍ଗା ଧୂପକାଠି ଏବେ କେନ୍ଦୁଝର ଜିଲା ସମେତ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ପ୍ରଭୃତି ଜିଲାରେ ଭଲ ବ୍ୟବସାୟ କରୁଥିବା କମ୍ପାନୀ ମାଲିକ ଅନିତା ମହାନ୍ତି କହିଛନ୍ତି।

ଗଣକବି ବୈଷ୍ଣବ ପାଣି ମଞ୍ଚ

କଟକ ଅଫିସ, ୧୭।୧୧

ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ରବିବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ କଣ୍ଠଶିଳ୍ପୀ ସୋନା ମହାପାତ୍ର। ଏହି ମଞ୍ଚରେ ସୋନାଙ୍କ ବ୍ୟାଣ୍ଡ ୨ ଘଣ୍ଟା ଧରି କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ଆହେ ନୀଳ ଶୈଳ... ଭଜନ ଗାନକରି ସୋନା ମଞ୍ଚରେ ପ୍ରବେଶ କରିଥିଲେ। ବହୁ ଚର୍ଚ୍ଚିତ 'ରଙ୍ଗବତୀ' ଗୀତ ଗାଇ ଏହି ସନ୍ଧ୍ୟାକୁ ରଙ୍ଗୀନ କରିଥିଲେ ସୋନା। ଏଥିସହ ମନ୍ ତେରା ଜୋ ରାଗ ହେ, ଆଜା ୱେ, ଆଫରୀ ଆଫରୀ, ପିୟା ରେ ତେରେ ବିନା ଲାଗେ ନେହିଁ ମେରା ଜିୟାରେ ଭଳି ସୁପରହିଟ୍ ହିନ୍ଦୀ ଗୀତ ସୋନାଙ୍କ କଣ୍ଠରୁ ଶୁଣିବାକୁ ମିଳିଥିଲା। ସେହିପରି ରସକେ କମ୍‌ରେ କଓାଲି ଗୀତ ମଧ୍ୟ ବେଶ ଆକର୍ଷଣୀୟ ଥିଲା। ରବିବାର ଛୁଟିଦିନ ଥିବାରୁ ଯାତ୍ରା ପଡ଼ିଆରେ ଦର୍ଶକଙ୍କ ଖଚାଖଚ ଭିଡ ଦେଖିବାକୁ ମିଳିଥିଲା।

ସୋନାଙ୍କ 'ରଙ୍ଗବତୀ' ଗୀତରେ ରଙ୍ଗିନ ହେଲା ସନ୍ଧ୍ୟା

ଅନ୍ୟପକ୍ଷରେ ବାଲିଯାତ୍ରାର ମହାନଦୀ ମଞ୍ଚରେ ବିନୋଦ ବିହାରୀ କଳା ପରିଷଦ ପକ୍ଷରୁ ଯକ୍ଷ ଯଜ୍ଞ ଗୀତିନାଟ୍ୟ, ମାତୃଶକ୍ତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ମମତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଲୋକନୃତ୍ୟ, ମା' ସରୋଜିନୀ କଳା ପରିଷଦ ପକ୍ଷରୁ ଓଡ଼ିଶୀ ଡ୍ୟାନ୍ସ ପରିବେଷିତ ହୋଇଥିଲା। ସେହିପରି ବାଲାଂଦେଶ ଢ଼ାକାର ନ୍ରିତୋରଙ୍ଗ ସଙ୍ଗଠନ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

ସଙ୍ଗୀତର ନିର୍ଦ୍ଦିଷ୍ଟ ଭାଷା ନାହିଁ

ମଞ୍ଚରେ ବାଲିଯାତ୍ରା ଓ କଟକ ସହିତ ଥିବା ସ୍ମୃତି ବଖାଣିଥିଲେ କଣ୍ଠଶିଳ୍ପୀ ସୋନା ମହାପାତ୍ର। ତାଙ୍କ ଘର କଟକର ତୁଳସୀପୁର ଅଞ୍ଚଳରେ। ପିଲାବେଳେ ସେ ଅନେକ ଥର ବାଲିଯାତ୍ରା ବୁଲିବାକୁ ଆସି ଦହିବରା ଖାଇଥାନ୍ତି। ବିବାଦୀୟ ଗୀତ ଗାଇ ଚର୍ଚ୍ଚାରେ ରହିଥିବା ସୋନା ସଙ୍ଗୀତର କୌଣସି ନିର୍ଦ୍ଦିଷ୍ଟ ଭାଷା ନାହିଁ ବୋଲି କହିଛନ୍ତି। ଯାହା ଶ୍ରୋତାଙ୍କୁ ଶୁଣିବାକୁ ଭଲ ଲାଗେ ତାହା ଭଲ ସଙ୍ଗୀତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଇଭେଣ୍ଟ ମ୍ୟାନେଜରଙ୍କୁ ଅପହରଣ ପରେ ମୁଣ୍ଡଜାମିନ

ମାଷ୍ଟରମାଇଣ୍ଡ ଗିରଫ, ଜଣେ ଫେରାର

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଜଣେ ଇଭେଣ୍ଟ ମ୍ୟାନେଜରଙ୍କୁ ଅପହରଣ ପରେ ମୁଣ୍ଡଜାମିନ କରି ସାଢେ ୩ଲକ୍ଷ ନେବା ଅଭିଯୋଗରେ ନୟାପଲ୍ଲୀ ପୋଲିସ ରବିବାର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖାରବେଳ ନଗର ବ୍ଲକ-ଡି ଶିଳ୍ପାଞ୍ଚଳରେ ରହୁଥିବା ଅକ୍ଷୟ କୁମାର ମହାରଣା। ଏ ନେଇ ପୋଲିସ କେସ୍ ନଂ-୫୮୨/୧୯ରେ ରୁଜୁ କରିଛି। ଅକ୍ଷୟଙ୍କ ସହଯୋଗୀ ଫେରାର ଥିବାବେଳେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ତମାଣ୍ଡୋ ଟ୍ରାଇଟେଣ୍ଟ ଗ୍ୟାଲେକ୍ସିରେ ରହୁଥିବା ଜିମୁତୋଷ ଶର୍ମା ଏକ ଇଭେଣ୍ଟ ସଂସ୍ଥାର ମ୍ୟାନେଜର ଭାବେ କାମ କରୁଥିଲେ। ଏପରିକି ଇଭେଣ୍ଟରେ ବ୍ୟବହାର ହେଉଥିବା ଲାଇଟ୍, ଡିଜେ ଏବଂ ଅନ୍ୟାନ କାମ ପ୍ରୋଗ୍ରାମର ଭାବେ ଅକ୍ଷୟ ବୁଝନ୍ତି। ଜିମୁତୋଷଙ୍କଠାରୁ ଅକ୍ଷୟ କିଛି ଟଙ୍କା ପାଇବାର ଥିବାରୁ ମାଗିଥିଲେ ମଧ୍ୟ ସେ ଦେଇ ନ ଥିଲେ। ଗତ ୧୦ ତାରିଖ ରାତିରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଷ୍ଟାର ହୋଟେଲ ନିକଟରେ ଥିବା ପଡିଆରେ ଇଭେଣ୍ଟ କରାଯାଉଥିଲା। ଅକ୍ଷୟ ତା'ର ସାଙ୍ଗଙ୍କ ସହ ସେଠାକୁ ଯାଇ ଜିମୁତୋଷଙ୍କୁ ମାଡ଼ ମାରି ବାଇକରେ ଅପହରଣ କରି ଶହୀଦନଗର ଥାନା ଏକ ହୋଟେଲ ନିକଟକୁ ଆଣି ଏକ ଘରେ ରଖିଥିଲେ। ସେଠାରେ ତାଙ୍କୁ ମାଡ ମାରିବା ସହ ସାଢ଼େ ୩ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖିଥିଲେ। ରାତି ହେବାରୁ ବାଧ୍ୟ ହୋଇ ଜିମୁତୋଷ ତାଙ୍କର ଜଣେ ସାଙ୍ଗକୁ ଫୋନ୍ କରି ଟଙ୍କା ଆଣିବାକୁ କହିଥିଲେ। ଟଙ୍କା ଆଣିବା ପରେ ଅକ୍ଷୟ ଓ ତାର ସହଯୋଗୀଙ୍କୁ ଅକ୍ଷୟ ଛାଡିଥିଲେ। ଏ ନେଇ ଜିମୁତୋଷ ୧୧ତାରିଖରେ ନୟାପଲ୍ଲୀ ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଅକ୍ଷୟଙ୍କୁ ଧରିଥିଲେ।

ପ୍ରତିଯୋଗିତାମୂଳକ ମନୋଭାବ ନୂତନ ଶୈଳୀ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ

'ଅନ୍ ୱାଇଣ୍ଡ-୨୦୧୯' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏକାଦଶ 'ଅନ୍ ୱାଇଣ୍ଡ-୨୦୧୯'ଅନୁଷ୍ଠିତହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଧାରଣ ଶିକ୍ଷା ଏବଂ ମୂଲ୍ୟ ଆଧାରିତ ଶିକ୍ଷା ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଇଥିଲେ। ପିଲାଙ୍କ ପାଇଁ ବଡ଼ ବଡ଼ କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହୋଇ ଭବିଷ୍ୟତରେ ନୂତନ ଶୈଳୀରେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଚିତ୍ରା ଅରୁଣୁଗମ୍ ଯୋଗଦେଇ କହିଥିଲେ ନେତୃତ୍ୱ, ଶିଖିବା ଓ ସେବା କରିବାର ମାନସିକତା ଯାହା ମଧ୍ୟରେ ରହିଛି ସେ ସର୍ବଦା ନିଜେ ଖୁସି ରହିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବ। ସାଇ ଇଣ୍ଟରନ୍ୟାଶନାଲ ପ୍ରତିଷ୍ଠାତା ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଡ. ବିଜୟ କୁମାର ସାହୁ କହିଥିଲେ ଯେ, ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ବୃହତ୍ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ସୂତାରୁ ରୂପେ ସମ୍ପାଦନ କରିପାରିବେ। ଏଥିରୁ ମିଳୁଥିବା ଅର୍ଥର କିଛି ଅଂଶକୁ ସମାଜ ମଙ୍ଗଳ ଏବଂ ଗରିବ ପିଲାମାନଙ୍କ ସହାୟତା ଯଥା ଆଖପାଖ ଗ୍ରାମାଞ୍ଚଳରେ ୧୦୦ ଲାଇବ୍ରେରୀ ପ୍ରତିଷ୍ଠାରେ ବିନିଯୋଗ କରାଯିବ ବୋଲି ସାହୁ କହିଥିଲେ। କଟକ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ଛାତ୍ରୀଛାତ୍ରଙ୍କୁ ଏହି ଉତ୍ସବରେ ସାମିଲ କରାଯାଇ ସେମାନଙ୍କ କଳା ଓ ପ୍ରତିଭାକୁ ପ୍ରଦର୍ଶିତ କରିବାର ସୁଯୋଗ ଦିଆଯାଇଥିଲା। ଉତ୍ସବରେ ୧୩୦ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା, ଯାହା ମଧ୍ୟରେ ଫୁଡ୍, ଫାଷ୍ଟଫୁଡ୍, ଗେମ୍, ଆଡ଼ଭେଞ୍ଚର, ହରର୍, ଟୟ ଟ୍ରେନ୍, ବଙ୍ଗି ଜମ୍ପିଙ୍ଗ୍ ଏବଂ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳ ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା। ଏ ବର୍ଷର ହୋଲିଷ୍ଟିକ୍ ପ୍ୟାରେଣ୍ଟିଂ ଆୱାର୍ଡ କମର୍ସ ଟପ୍ପର ଖୁସି ଗୁପ୍ତାଙ୍କ ଅଭିଭାବକଙ୍କୁ ଦିଆଯାଇଥିଲା। ଏହାସହ ସନ୍ଧ୍ୟାରେ ପ୍ରତିଭାବାନ୍ ଗାୟିକା ଲିସା ମିଶ୍ରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ ଭାଇସ୍ ଚେୟାରପର୍ସନ ଡ. ଶିଳ୍ପୀ ସାହୁ, ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସମେତ ପ୍ରାୟ ୨୫ ହଜାର ଲୋକଙ୍କ ସମାଗମ ହୋଇଥିଲା।

ଲୟୋଲା ସ୍କୁଲର 'ଆନୁଆଲ୍ ଫେଟ୍-୨୦୧୯'ରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ଲୟୋଲା 'ଆନୁଆଲ୍ ଫେଟ୍-୨୦୧୯'

ପିଲାଙ୍କ ଷ୍ଟଲ୍‌ରେ ମଜା ଉଠାଇଲେ ଅଭିଭାବକ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଲୟୋଲା ସ୍କୁଲ ପକ୍ଷରୁ ରବିବାର ଶିଶୁ ଦିବସ ମେଳା 'ଆନୁଆଲ୍ ଫେଟ୍-୨୦୧୯' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ଫୁଡ୍ ଷ୍ଟଲ୍ ଓ ୪୭ ଗେମ୍ ଷ୍ଟଲ୍ ପଡ଼ିଥିଲା। ପିଲାମାନେ ଦହିବରା ଆଲୁଦମ୍‌ଠାରୁ ଆରମ୍ଭ କରି ଚାଉମିନ୍, ଚାଟ୍, ଗୁପ୍‌ଚୁପ୍, ଚିକେନ୍ ପକୋଡ଼ା, ସୁପ୍ ଭଳି ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଷ୍ଟଲ ପକାଇଥିଲେ। ଏହାକୁ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ମନଭରି ଉପଭୋଗ କରିଥିଲେ। ୭ହଜାରରୁ ଊର୍ଦ୍ଧ୍ୱ ଏହି ଫୁଡ୍ ଷ୍ଟଲ୍‌ରେ ବୁଲି ଖାଇଥିଲେ। ସେହିଭଳି ଗେମ୍ ଷ୍ଟଲଗୁଡ଼ିକରେ ବିଭିନ୍ନ ପ୍ରକାର ଖେଳ ପଡ଼ିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। ଛାତ୍ରୀଛାତ୍ରମାନେ ନିଜେ ନିଜେ ମ୍ୟୁଜିକ୍ ବ୍ୟାଣ୍ଡ୍ ବଜାଇବା ସହିତ ଗୀତ ବୋଲି ଶ୍ରୋତାଙ୍କୁ ମତୁଆଲା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ପୁରସ୍କାର କୋମଳ ତ୍ରିପାଠୀଙ୍କୁ ମିଳିଥିବାବେଳେ ଦ୍ୱିତୀୟ ପୁରସ୍କାର ଆୟୁଷ୍ମାନ ମହାପାତ୍ର ଓ ତୃତୀୟ ପୁରସ୍କାର ସିବେଶ ସାହୁଙ୍କୁ ମିଳିଥିଲା। ସ୍କୁଲ ପ୍ରିନ୍ସିପାଲ ଫାଦର ଭିକ୍ଟର ମିସ୍‌କୁଇଥ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ପାଠପଢ଼ା ଛଡ଼ା ସମସ୍ତଙ୍କ ଭିତରେ କିଛି ନା କିଛି ପ୍ରତିଭା ରହିଛି। ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କର ବୋଲି ପ୍ରିନ୍ସିପାଲ ପରାମର୍ଶ ଦେଇଥିଲେ। ରେକ୍ଟର ଫାଦର ଗିଲବର୍ଟ ମେଞ୍ଜେସ୍ ଉଦ୍‌ଘାଟନୀ ସମୟରେ ଉପସ୍ଥିତ ଥିଲେ। ପୂର୍ବରୁ ସପ୍ତାହ ବ୍ୟାପୀ ଶିଶୁଦିବସ ପାଳନ କରାଯାଉଥିଲା। ଅଭିଭାବକମାନଙ୍କୁ ନେଇ ମଧ୍ୟ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା।

ସ୍କୁଲ ପ୍ରିନ୍ସିପାଲ ଫାଦର ଭିକ୍ଟର ମିସ୍‌କୁଇଥ୍ ଓ ଅନ୍ୟ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ମେଣ୍ଟର ଜଣେ ଆବାହକ ନିଯୁକ୍ତ କରାଯିବା ଉଚିତ।

-ଚିରାଗ ପାଶ୍ୱାନ, ଏଲ୍‌ଜେପି ଅଧ୍ୟକ୍ଷ

ଆଣବିକ ପରୀକ୍ଷାରେ ଘୁଞ୍ଚିଥିଲା ପର୍ବତ

ଚେନ୍ନାଇ,୧୭।୧୧: ଉତ୍ତର କୋରିଆ ୨୦୧୭ରେ ଆଣବିକ ପରୀକ୍ଷା କରିଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ପରୀକ୍ଷାସ୍ଥଳମାଉଣ୍ଟମଣ୍ଟପର ଉପରିଭାଗକୁ ଘୁଞ୍ଚାଇଦେଇଥିଲା। ହିରୋସୀମାରେ ପଡ଼ିଥିବା ପରମାଣୁ ବୋମାଠାରୁ ଏହା ୧୭ଗୁଣ ଅଧିକ ଶକ୍ତିଶାଳୀ ଥିଲା ବୋଲି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକ କେ.ଏମ୍. ଶ୍ରୀଜିତ୍, ରିତେଶ ଅଗ୍ରୱାଲ ଏବଂ ଏ.ଏସ୍. ରାଜୱାଡ଼ଙ୍କୁ ନେଇ ଗଠିତ ଟିମ୍ ଉତ୍ତରକୋରିଆ ଅଣୁଅସ୍ତ୍ର ପରୀକ୍ଷାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେମାନଙ୍କ



ଗବେଷଣାତ୍ମକ ସନ୍ଦର୍ଭ 'ଜିଓଫିଜିକାଲ ଜର୍ନାଲ ଇଣ୍ଟରନ୍ୟାଶନାଲ୍'ରେ ପ୍ରକାଶ ପାଇଛି। ବିସ୍ଫୋରଣ ଯୋଗୁ ପର୍ବତ ଉପରିଭାଗର ଏକ ବଡ଼ଅଂଶର ରୂପରେଖ ସମ୍ପୂର୍ଣ୍ଣ ବଦଳିଯାଇଥିଲା। ଏହା ଜାପାନ ସାଟେଲାଇଟ ଆଲୋସ୍-୨ର ଲାଇନ୍ ଅଫ ସାଇଟ ପାଖରୁ ୦.୫ ମିଟର ପର୍ଯ୍ୟନ୍ତ ଘୁଞ୍ଚିଯାଇଥିଲା। ପର୍ବତର ୫୪୨ ମିଟର ଗଭୀରରେ ଅଣୁଅସ୍ତ୍ର ପରୀକ୍ଷା କରାଯାଇଥିଲା। ସାଟେଲାଇଟ ତଥ୍ୟ ଆଧାରରେ ପରୀକ୍ଷା କରାଯାଇଥିବା ଅଣୁଅସ୍ତ୍ର ୨୪୫ରୁ ୨୭୧ କିଲୋଟନ୍ ହେବ ବୋଲି ଗବେଷକମାନେ ଆକଳନ କରୁଛନ୍ତି। ୧୯୪୫ରେ ହିରୋସୀମାରେ ପଡ଼ିଥିବା ପରମାଣୁ ବୋମା ଥିଲା ୧୫ କିଲୋଟନ। ସୂଚନାଯୋଗ୍ୟ, ୨୦୧୭ ସେପ୍ଟେମ୍ବର ୩ରେ ଉତ୍ତର କୋରିଆ ଥର୍ମୋନ୍ୟୁକ୍ଲିୟର ଯୁଦ୍ଧାସ୍ତ୍ର (ହାଇଡ୍ରୋଜେନ ବୋମା) ପରୀକ୍ଷା କରିଥିଲା। ଏହି ପରୀକ୍ଷା ପୂର୍ବରୁ ଉତ୍ତରକୋରିଆ ନେତା କିମ୍ ଜଙ୍ଗ-ଉନ୍ ଉକ୍ତ ଯୁଦ୍ଧାସ୍ତ୍ରର ମଡେଲ ପ୍ରଦର୍ଶନ କରିଥିଲେ।

ଗୋଟାବାୟା ଶ୍ରୀଲଙ୍କା ରାଷ୍ଟ୍ରପତି

କଲମ୍ବୋ,୧୭।୧୧(ପି.ଟି.)

ଗୋଟାବାୟା ରାଜପାକ୍‌ସେ

- ଶାସକ ଦଳ ପ୍ରାର୍ଥୀ ସାଜିଥି ପ୍ରେମଦାସା ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ
- ପ୍ରତିରକ୍ଷା ସଚିବ ଥିବାବେଳେ ୩୦ ବର୍ଷ ଗୃହଯୁଦ୍ଧର ଅନ୍ତ ଘଟାଇଥିଲେ

ଶ୍ରୀଲଙ୍କାର ପୂର୍ବତନ ପ୍ରତିରକ୍ଷା ସଚିବ ଗୋଟାବାୟା ରାଜପାକ୍‌ସେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶନିବାର ଅନୁଷ୍ଠିତ ନିର୍ବାଚନରେ ସେ ଶାସକ ଦଳ ପ୍ରାର୍ଥୀ ସାଜିଥି ପ୍ରେମଦାସାଙ୍କୁ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ଫଳରେ ଶ୍ରୀଲଙ୍କାରେ ପୁଣିଥରେ ରାଜପାକ୍‌ସେ ଶାସନ ଫେରିଛି। ରାଷ୍ଟ୍ରପତି ସିରିସେନା ମୈତ୍ରୀପାଳଙ୍କ ଉତ୍ତରାଧିକାରୀ ତଥା ଦେଶର ସପ୍ତମ ରାଷ୍ଟ୍ରପତି ଭାବେ ୭୦ ବର୍ଷୀୟ ଗୋଟାବାୟା ସୋମବାର ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଗୋଟାବାୟାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ-ଶ୍ରୀଲଙ୍କା ସମ୍ପର୍କ ଅଧିକ ମଜଭୁତ ହେବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି।

ରାଜପାକ୍‌ସେ ପରିବାରର ଦ୍ୱିତୀୟ ସଦସ୍ୟ ଭାବେ ଗୋଟାବାୟା ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ତାଙ୍କ ବଡ଼ଭାଇ ମହିନ୍ଦା ରାଜପାକ୍‌ସେ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଶ୍ରୀଲଙ୍କାର ରାଷ୍ଟ୍ରପତି ଥିଲେ। ନିର୍ବାଚନରେ ଗୋଟାବାୟାଙ୍କୁ ୫୨.୨୫ ପ୍ରତିଶତ (୬୯,୨୪,୨୫୫) ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରେମଦାସାଙ୍କୁ ୪୧.୯୯ ପ୍ରତିଶତ (୫୫,୬୪,୨୩୯ ଖଣ୍ଡ) ଭୋଟ ମିଳିଛି। ଶ୍ରୀଲଙ୍କାର ନୂତନ ଯାତ୍ରାରେ ଯେପରି ସମସ୍ତେ ସାମିଲ ହେବେ ତାହା ମନେରଖିବାକୁ ହେବ ବୋଲି ଗୋଟାବାୟା କହିଛନ୍ତି। ନିର୍ବାଚନ ଜିତିଲେ ତାଙ୍କ ସରକାର ଚାଇନା ସହ ସମ୍ପର୍କ ବଢ଼ାଇବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଭାରତ ଓ ଆମେରିକା ସପକ୍ଷବାଦୀ ପ୍ରେମଦାସା ହାରିଯିବା ପରେ ଶାସକ ୟୁନାଇଟେଡ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି)ର ଉପନେତା ପଦରୁ ଇସ୍ତଫା ଦେଇଛନ୍ତି।

ପ୍ରତିରକ୍ଷା ସଚିବ ଭାବେ ଗୋଟାବାୟା ଏଲ୍‌ଟିଟିଇ ସହ ପାଖାପାଖି ୩୦ ବର୍ଷ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅନ୍ତ ଘଟାଇଥିଲେ। ସଂଖ୍ୟାଗରିଷ୍ଠ ସିଂହଳୀ ବୌଦ୍ଧାବଲମ୍ବୀମାନେ ତାଙ୍କୁ ଯୁଦ୍ଧ ହିରୋ ଭାବେ ଅଭିହିତ କରୁଥିଲାବେଳେ ସଂଖ୍ୟାଲଘୁ ତାମିଲମାନେ ଧ୍ୱଂସକାରୀ ବୋଲି ସମାଲୋଚନା କରିଥାନ୍ତି। ପୂର୍ବତନ ସେନାଧିକାରୀ ଗୋଟାବାୟା ୧୯୮୦ରେ ଆସାମର ଯୁଦ୍ଧ ପ୍ରଶିକ୍ଷଣ ସ୍କୁଲରେ ତାଲିମ ନେଇଥିଲେ। ୧୯୮୩ରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପ୍ରତିରକ୍ଷା ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ମହିନ୍ଦା ରାଜପାକ୍‌ସେଙ୍କ ଶାସନ କାଳରେ ସେ ୨୦୦୫ରୁ ୨୦୧୪ ପ୍ରତିରକ୍ଷା ସଚିବ ରହିଥିଲେ। ଏହି ସମୟରେ ସେ ଦୁଇଥର ଭାରତ ଗସ୍ତରେ ଆସିଥିଲେ।

ବାଚସ୍ପତି ପଦରୁ ହଟିଲେ ନିର୍ମଳ ସିଂ

ଜମ୍ମୁ,୧୭।୧୧(ପି.ଟି.): ଜମ୍ମୁ-କଶ୍ମୀର ବିଧାନସଭା ବାଚସ୍ପତି ପଦରୁ ଭାଜପା ନେତା ନିର୍ମଳ ସିଂଙ୍କୁ ହଟାଇ ଦିଆଯାଇଛି। ବାଚସ୍ପତିଙ୍କ କାର୍ଯ୍ୟକାଳ ଶେଷ ହେଲା ବୋଲି ଉପରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ନେତୃତ୍ୱାଧୀନ ପ୍ରଶାସନ ଏକ

ନୋଟିସ୍ ଜାରି କରିଛି। ପୂର୍ବରୁ ପ୍ରଚଳିତ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ନିର୍ମଳଙ୍କୁ ବାଚସ୍ପତି ନିଯୁକ୍ତି ମିଳିଥିଲା। ଏବେ ଉକ୍ତ ସମ୍ବିଧାନ ରଦ୍ଦ ହୋଇଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। ବିଧାନସଭା ଭଙ୍ଗ ସତ୍ତ୍ୱେ ବାଚସ୍ପତି ପଦରେ ଭାଜପା ନେତା ରହିଥିବାରୁ ଏହାକୁ ନେଇ ନ୍ୟାଶନାଲ ପାନ୍ଥର୍ସ ପାର୍ଟି ସମେତ କେତେକ ଦଳ ପ୍ରଶ୍ନ ଉଠାଇଥିଲେ।

ଇତିହାସର ଆଇନାରେ

ନଭେମ୍ବର ୧୮ର ପ୍ରମୁଖ ଘଟଣା

୧୯୬୩ ନଭେମ୍ବର ୧୮ରେ ପ୍ରଥମ ବଟନଯୁକ୍ତ ଟେଲିଫୋନ ବଜାରକୁ ଆସିଥିଲା। ବେଲ୍ ଟେଲିଫୋନ କମ୍ପାନୀ କାର୍ନେଜି, ଗ୍ରାନବର୍ଗ, ପେନ୍‌ସିଲଭାନିଆରେ ପ୍ରଥମେ ଏହି ଟେଲିଫୋନ ସଂଯୋଗ କରିଥିଲା।

୧୯୭୮ ନଭେମ୍ବର ୧୮ରେ ଦକ୍ଷିଣ ଆମେରିକାର ଗୟାନା ସହରରେ ୨୭୬ ଶିଶୁଙ୍କ ସମେତ ୯୧୪ ଜଣ ସାମୂହିକ ଆତ୍ମହତ୍ୟା କରିଥିଲେ। ପିପୁଲ୍ସ ଟେମ୍ପୁଲ୍‌ର ପ୍ରତିଷ୍ଠାତା ଜିମ୍ ଜୋନ୍ସ ତାଙ୍କର ଶିଷ୍ୟମାନଙ୍କୁ ଗଣଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିଲେ।

ଝାଡ଼ଖଣ୍ଡରେ ବଢ଼ୁଛି ଭାଜପା ଅଡ଼ୁଆ

ରାଞ୍ଚି,୧୭।୧୧ (ପି.ଟି./ ଆଇଏଏନ୍‌ଏସ୍)

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ଦୁଇ ସପ୍ତାହରୁ କମ୍ ସମୟ ବାକି ଥିବାବେଳେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିଛି। ଶାସକ ଭାଜପା ସହ ଅନ୍ୟତମ ସହଯୋଗୀ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ ୟୁନିୟନ୍ (ଏଜେଏସ୍‌ୟୁ)ର ମଧ୍ୟ ମତଭେଦ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, ଟିକେଟ ବଣ୍ଟନକୁ ନେଇ ଭାଜପା ଭିତରେ ବି ମତଭେଦ ବୃଦ୍ଧି ପାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ରଘୁବର ଦାସ ସରକାରଙ୍କ ଅଡୁଆ ବଢ଼ିବାରେ ଲାଗିଛି।

୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନଭେମ୍ବର ୩୦ରୁ ଡିସେମ୍ବର ୨୦ ମଧ୍ୟରେ ୫ ପର୍ଯ୍ୟାୟରେ ହେବ। ଏଥିପାଇଁ ସବୁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ଗତ ସପ୍ତାହରେ ଚିରାଗ ପାଶ୍ୱାନଙ୍କ ଦଳ ଏଲ୍‌ଜେପି ଆସନ ବୁଝାମଣାକୁ ନେଇ ମତଭେଦ ହେବାରୁ ମେଣ୍ଟରୁ ଓହରିଯିବା ପରେ ୫୦ ଆସନରେ ପ୍ରାର୍ଥୀ ଘୋଷଣା କରିଥିଲା। ସେହିପରି ସହଯୋଗୀ ଦଳ ଏଜେଏସ୍‌ୟୁ ପକ୍ଷରୁ ଅଦ୍ୟାବଧି ତୃତୀୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ରବିବାର ପ୍ରକାଶିତ ତାଲିକାକୁ ମିଶାଇ ଏଜେଏସ୍‌ୟୁର ମୋଟ ୨୭ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି। ଏହାସହ ଭାଜପା ଏବଂ ଏଜେଏସ୍‌ୟୁ ୧୯ ନିର୍ବାଚନମଣ୍ଡଳୀରେ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି। ଭାଜପା ପକ୍ଷରୁ ଏଯାଏ ୭୨ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ କେତେଜଣ ବରିଷ୍ଠ ନେତାଙ୍କୁ ଟିକେଟ ଦିଆଯାଇ ନାହିଁ, ଯାହାକୁ ନେଇ ଦଳ ମଧ୍ୟରେ ଅସନ୍ତୋଷ

ଉର୍ସ ପର୍ବର ଶେଷଦିନରେ ରାଞ୍ଚିର ବାବା ରେସଲଦାରଙ୍କ ସମାଧିରେ ଚାଦର ଚଢ଼ାଉଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ।

ଦେଖାଦେଇଛି। ପ୍ରାର୍ଥୀ ତାଲିକାରେ ଖାଦ୍ୟ, ସାଧାରଣ ବଣ୍ଟନ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ସରୟୂ ରୟଙ୍କ ନାମ ନ ଥିବାରୁ ସେ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ଚ୍ୟାଲେଞ୍ଜ ଦେବାକୁ ବାହାରିଛନ୍ତି। ସେ ରଘୁବରଙ୍କ ବିରୋଧରେ ଜାମସେଦପୁର (ଇଷ୍ଟ୍) ଆସନରେ ସ୍ୱାଧୀନ ପ୍ରାର୍ଥୀ ହେବେ। ଏହାସହ ୨୦୧୪ରେ ଜିତିଥିବା ଜାମସେଦପୁର (ୱେଷ୍ଟ) ନିର୍ବାଚନମଣ୍ଡଳୀରୁ ମଧ୍ୟ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନାମାଙ୍କନପତ୍ର ଦାଖଲ କରିବା ଦିନ ସେ କ୍ୟାବିନେଟରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ରଘୁବରଙ୍କ ବିରୋଧରେ କଂଗ୍ରେସ ଦଳର ଜାତୀୟ ମୁଖପାତ୍ର ଗୌରବ ବଲ୍ଲଭଙ୍କୁ ଟିକେଟ ଦେଇଛି। ଏହାକୁ ମିଶାଇ କଂଗ୍ରେସ ପକ୍ଷରୁ ୨୭ ପ୍ରାର୍ଥୀଙ୍କ ନାମ

- ରଘୁବରଙ୍କ ବିରୋଧରେ ପ୍ରାର୍ଥୀ ହେବେ ତାଙ୍କ ମନ୍ତ୍ରୀ
- ଅଲଗା ଲଢ଼ୁଛନ୍ତି ସହଯୋଗୀ ଏଜେଏସ୍‌ୟୁ, ଜେଡିୟୁ, ଏଲ୍‌ଜେପି

ଘୋଷଣା ଶେଷ ହୋଇଥିବାବେଳେ ଆଉ ୪ ଜଣଙ୍କୁ ଟିକେଟ ମିଳିବା ବାକି ଅଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍), କଂଗ୍ରେସ ଏବଂ ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଏଲ୍‌ଜେପି) ମଧ୍ୟରେ ପ୍ରାକ୍ ନିର୍ବାଚନୀ ମେଣ୍ଟ ଘୋଷଣା କରାଯାଇଛି। ମହାମେଣ୍ଟ ପକ୍ଷରୁ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯାଇଛି। ଜେଏମ୍‌ଏମ୍ ୪୩ ଆସନରେ ଲଢ଼ିବାକୁ ଥିବାବେଳେ ଆର୍‌ଜେଡିକୁ ୭ ଆସନ ମିଳିଛି। ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏନ୍‌ଡିଏର ଅଂଶୀଦାର ହୋଇଥିଲେ ହେଁ ଝାଡ଼ଖଣ୍ଡରେ ଅଲଗା ନିର୍ବାଚନ ଲଢୁଛି।

'ଭାଜପା ବୁଡ଼ିଯାଉଥିବା ଜାହାଜ'

ନୂଆଦିଲ୍ଲୀ,୧୭।୧୧(ପି.ଟି.): ଭାଜପା ଏକ ବୁଡ଼ିଯାଉଥିବା ଜାହାଜ, ଯାହାକୁ ତା'ର ସହଯୋଗୀ ଦଳଗୁଡ଼ିକ ଛାଡ଼ିବାରେ ଲାଗିଛନ୍ତି ବୋଲି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସମାଲୋଚନା କରିଛନ୍ତି। ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଭାଜପା ତା' କୁଶାସନରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ରାଷ୍ଟ୍ରବାଦୀ ପ୍ରସଙ୍ଗର ସାହାରା ନେଉଛି। ଏହା ଲୋକ ସଭା ନିର୍ବାଚନ ନୁହେଁ। ବିଧାନସଭା ନିର୍ବାଚନ ଜମି ଅଧିଗ୍ରହଣ ଓ ବେକାର ସମସ୍ୟା ଭଳି ସ୍ଥାନୀୟ ପ୍ରସଙ୍ଗକୁ ନେଇ ଲଢ଼ାଯିବ। ଝାଡ଼ଖଣ୍ଡବାସୀଙ୍କୁ ରଘୁବର ଦାସ ସରକାର ଆଉ ଭୁଆଁ ବୁଲାଇପାରିବେ ନାହିଁ। ଜେଡିୟୁ, ଏଲ୍‌ଜେପି ଏବଂ ଏଜେଏସ୍‌ୟୁ ଭିନ୍ନ ଭିନ୍ନ ଭାବେ ନିର୍ବାଚନ ଲଢୁଛନ୍ତି। ଭାଜପା ଡଙ୍ଗା ବୁଡ଼ିଯାଉଥିବାରୁ ସେମାନେ ତାକୁ ଛାଡ଼ିବାରେ ଲାଗିଛନ୍ତି ବୋଲି ହେମନ୍ତ କହିଛନ୍ତି।

ସଂକ୍ଷେପରେ

➤ଭାରତର ୪୭ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେ ସୋମବାର ଶପଥ ନେବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୂର୍ବାହ୍ନ ୯ଟା ୩୦ରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ ପ୍ରକାଶ।

➤ଜମ୍ମୁ-କଶ୍ମୀର ଅଖନୁର ସେକ୍ଟର ସଂଲଗ୍ନ ନିୟନ୍ତ୍ରଣରେଖା ନିକଟରେ ରବିବାର ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଶହୀଦ ଓ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସେନା ଯବାନମାନେ ପଲ୍ଲାନୱାଲା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା।

➤ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ନାଗରିକମାନେ ଏଣିକି ଭାରତରେ ପହଞ୍ଚିବା ମାତ୍ରେ ଭିଜା ପାଇବେ। ଦୁଇଦେଶର ଲୋକଙ୍କ ମଧ୍ୟରେ ଯୋଗସୂତ୍ର ଓ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନିମନ୍ତେ ନୂଆଦିଲ୍ଲୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

➤କ୍ରିକେଟରରୁ ରାଜନେତା ପାଲଟିଥିବା ଦିଲ୍ଲୀ ଇଷ୍ଟ୍ ଏମ୍‌ପି ଗୌତମ ଗମ୍ଭୀର ଦୁଇଦିନ ତଳେ ପ୍ରଦୂଷଣ ସମ୍ପର୍କିତ ଏକ ବୈଠକରେ ଯୋଗ ନ ଦେବାକୁ ନେଇ ବିବାଦ ଉଠିଛି। ତାଙ୍କୁ ଶେଷଥର ପାଇଁ ଇନ୍ଦୋରରେ ଜିଲାପି ଖାଉଥିବା ଦେଖିବାକୁ ମିଳିଥିଲା। ଦିଲ୍ଲୀରେ ତାଙ୍କୁ କେହି ଦେଖିଛନ୍ତି କି ବୋଲି ଦିଲ୍ଲୀର ବିଭିନ୍ନ ସ୍ଥାନରେ ମିସିଙ୍ଗ୍ ପୋଷ୍ଟର ଲଗାଯାଇଛି।

➤ପଶ୍ଚିମ ଦିଲ୍ଲୀର ମୋଦି ନଗରରେ ଚାଲିଥିବା ଏକ ଫେକ୍ କଲ୍ ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ୩୨ ଜଣଙ୍କୁ ଗିରଫ କରିଛି। ସେଠାରୁ ୫୫ କମ୍ପ୍ୟୁଟର ଓ ୩୫ ମୋବାଇଲ ସମେତ ଅନେକ ବେଆଇନ ସଫ୍ଟୱେର ଜବତ କରାଯାଇଛି। ଅଭିଯୁକ୍ତମାନେ ନିଜକୁ କାନାଡା ପୋଲିସ ଅଧିକାରୀ ପରିଚୟ ଦେଇ ବିଦେଶୀ ନାଗରିକଙ୍କୁ ଠକୁଥିଲେ।

➤ଗ୍ରୀସ୍‌ର ଏଥେନ୍ସରେ ୧୯୭୩ ସେନା ବିରୋଧୀ ଆନ୍ଦୋଳନବେଳେ ପୋଲିସ କାର୍ଯ୍ୟାନୁଷ୍ଠାନରେ ୨୪ ଜଣ ନିହତ ହୋଇଥିଲେ। ଏହାର ୪୬ତମ ବାର୍ଷିକୀ ପାଳନ ଅବସରରେ ରବିବାର ୫,୫୦୦ ଲୋକ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

➤ହଂକଂରେ ସରକାର ବିରୋଧୀ ଆନ୍ଦୋଳନ ଷଷ୍ଠ ମାସରେ ପହଞ୍ଚିଥିବାବେଳେ ରବିବାର ପଲିଟେକ୍ନିକ୍ ୟୁନିଭର୍ସିଟିରେ ପୋଲିସ-ବିକ୍ଷୋଭକାରୀ ମୁହାଁମୁହିଁ ହୋଇଛନ୍ତି। ବିକ୍ଷୋଭକାରୀଙ୍କ ତୀରମାଡ଼ରେ ଜଣେ ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ସେମାନେ ଏଭଳି ଘାତକ ଅସ୍ତ୍ର ବ୍ୟବହାର ବନ୍ଦ ନ କଲେ ପୋଲିସ ଗୁଳି ଚଳାଇବ ବୋଲି ଚେତାବନୀ ଦେଇଛି।

ଜଳିଗଲା ୧୧୭ ବର୍ଷ ପୁରୁଣା ଚର୍ଚ୍ଚ

ଗୁଆହାଟୀ,୧୭।୧୧(ପି.ଟି.)

ବୃଦ୍ଧ ଦମ୍ପତି ଦଗ୍ଧ

ମେଘାଳୟ ରାଜଧାନୀ ସିଲଂରେ ଥିବା ୧୧୭ ବର୍ଷର ପୁରୁଣା ଚର୍ଚ୍ଚରେ ରବିବାର ଅଗ୍ନିକାଣ୍ଡ ଘଟି ବୃଦ୍ଧ ଦମ୍ପତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। କ୍ୱାଲପାଟିଠାରେ ଥିବା ଏହି ଚର୍ଚ୍ଚ ୧୯୦୨ରେ ସ୍ଥାପିତ ହୋଇଥିଲା। ସେଠାରେ ମରାମତି କାର୍ଯ୍ୟ ଚାଲିଥିବାବେଳେ ବିଦ୍ୟୁତ ତାରରୁ ସ୍ପାର୍କ ହୋଇ ନିଆଁ ଲାଗିଯାଇଥିବା ବିଶ୍ୱାସ କରାଯାଉଛି। ଚର୍ଚ୍ଚଟି ସମ୍ପୂର୍ଣ୍ଣ ଜଳିଯାଇଛି। ଚର୍ଚ୍ଚ ପାଖରେ ଥିବା ଏକ ଘରେ ବୃଦ୍ଧ ଦମ୍ପତି ରହୁଥିଲେ। ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଭୋର ୪ଟା ବେଳେ ସ୍ଥାନୀୟ ଲୋକେ ଚର୍ଚ୍ଚରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ସେଠାରେ ଜଗୁଆଳି ଥିବାରୁ କେହି ନିଆଁ ଲଗାଇଥିବା ସମ୍ଭାବନାକୁ ପୋଲିସ ଅସ୍ୱୀକାର କରିଛି।

ସିଜେଆଇ ପଦରୁ ଅବସର ନେଲେ ଜଷ୍ଟିସ୍ ଗୋଗୋଇ

ନୂଆଦିଲ୍ଲୀ,୧୭।୧୧(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ପଦରୁ ଜଷ୍ଟିସ୍ ରଞ୍ଜନ ଗୋଗୋଇ ରବିବାର ଅବସର ଗ୍ରହଣ କରିଛନ୍ତି। ଉତ୍ତରପୂର୍ବାଞ୍ଚଳରୁ ପ୍ରଥମ ବ୍ୟକ୍ତି ଭାବେ ସେ ସର୍ବୋଚ୍ଚ ଅଦାଲତର ଶୀର୍ଷ ପଦବୀ ମଣ୍ଡନ କରିଥିଲେ। ସିଜେଆଇ ଭାବେ କାର୍ଯ୍ୟକାଳର ଶେଷ ପର୍ଯ୍ୟାୟରେ ଗତ ୯ ତାରିଖରେ ସେ ରାଜନୈତିକ ଓ ଧର୍ମୀୟ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅ

ଯେଉଁ ବେଶ ଧାରଣ କଲେ ଲୋକେ ଘୃଣା କରନ୍ତି ସେହି ବେଶ ଧାରଣ କରିବା ଉଚିତ ନୁହେଁ।
- ଚାଣକ୍ୟ

ସଂକ୍ଷେପରେ

ରେଲ୍‌ୱେ ଚାକିରି ଠକେଇ ରୋକିବାକୁ ହେଲ୍ପଲାଇନ ଜାରି

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ): ରେଲ୍‌ୱେ ଚାକିରି ନାଁରେ ଠକେଇ ଘଟଣା ଉପରେ ପୂର୍ବତଟ ରେଳପଥ ପକ୍ଷରୁ ସଚେତନତା ଜାରି କରାଯାଇଛି। ଚାକିରି ଦେବା ଆଳରେ କିଛି ଲୋକ ଟଙ୍କା ନେଇ ଯୁବବର୍ଗଙ୍କୁ ଠକିଥାନ୍ତି। ଏଥିପାଇଁ ପୂର୍ବତଟ ରେଳପଥ ତା'ର ନିଯୁକ୍ତି ପ୍ରକ୍ରିୟା ବିଷୟରେ ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରିଛି। ନିଯୁକ୍ତି ବିଜ୍ଞାପନ ପ୍ରମୁଖ ଗଣମାଧ୍ୟମରେ ପ୍ରକାଶ କରାଯାଉଛି। ରେଲ୍‌ୱେର ସମସ୍ତ ପରୀକ୍ଷା ଅନ୍‌ଲାଇନରେ କରାଯାଉଛି। ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ପୂର୍ବତଟ ରେଳପଥର ନିଯୁକ୍ତି ବିଭାଗ ଦ୍ୱାରା ପରୀକ୍ଷା କରାଯାଉଛି। ସେହିପରି ତୃତୀୟ ଶ୍ରେଣୀ ବର୍ଗର ପରୀକ୍ଷା ରେଲ୍‌ୱେ ନିଯୁକ୍ତି ବୋର୍ଡ ଦ୍ୱାରା କରାଯାଉଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ନିଯୁକ୍ତିପତ୍ର ସମ୍ବନ୍ଧୀୟ ଯଦି କୌଣସି ସମସ୍ୟା ବା ଦ୍ୱନ୍ଦ୍ୱ ରହିଥାଏ ଲୋକେ ପୂର୍ବତଟ ରେଳପଥ ମୁଖ୍ୟାଳୟର କାର୍ମିକ ବିଭାଗ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଲାଞ୍ଚ କିମ୍ବା ଚାକିରି ଲୋଭ ଦେଖାଇ ଅର୍ଥଦାବି ଘଟଣା ନଜରକୁ ଆସିଲେ ପୂର୍ବତଟ ରେଳପଥର ଭିଜିଲାନ୍ସ ହେଲ୍ପଲାଇନ ନଂ.୮୪୫୫୮୮୫୦୩୧ରେ ଜଣାଇବାକୁ କୁହାଯାଇଛି।

ଶ୍ରୀ ନୃତ୍ୟୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ): ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା 'ଶ୍ରୀ ନୃତ୍ୟୋତ୍ସବ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଅପରାହ୍ନ ଅଧିବେଶନରେ ଶ୍ରୀ ଡ୍ୟାନ୍ସ ଏକାଡେମୀର କନିଷ୍ଠ ନୃତ୍ୟଶିଳ୍ପୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଏହାସହ ଗୁରୁ ଡ. ମନୋଜ ବେହେରାଙ୍କ ଶିଷ୍ୟା, ଗୁରୁ ମନୋଜ ପ୍ରଧାନଙ୍କ ଶିଷ୍ୟାମାନେ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ବିଭୋର କରିଥିଲେ। ଉତ୍ସବର ସନ୍ଧ୍ୟା ଅଧିବେଶନରେ ନୃତ୍ୟଶିଳ୍ପୀ ନମିତା ରାୟ ନୃତ୍ୟାଭିନୟରେ 'ଅମ୍ବାପଲ୍ଲୀ' ପରିବେଷଣ କରିଥିଲେ। ପରେ ପରେ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ମୀରା ଭଜନ, ସଙ୍ଗୀତା ଦାଶଙ୍କ ନୃତ୍ୟାଭିନୟ ପରୀକ୍ଷିତ, ହ୍ୱେତ ନୃତ୍ୟରେ ଗାୟତ୍ରୀ ରଣବୀର ଓ ମାନସୀ ମାଇତିଙ୍କ ଦ୍ୱାରା ପ୍ରସ୍ତୁତ 'ମୁଖାରୀ ପଲ୍ଲବୀ' ଏବଂ ଗଜେନ୍ଦ୍ର ପଣ୍ଡା ଓ ଗୁପ୍ସଙ୍କ ଦ୍ୱାରା 'ଯୋଗିନୀ ଯୋଗରୂପା' ପ୍ରମୁଖ ଆକର୍ଷଣ ସାଜିଥିଲା। ଶେଷରେ ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦଳଗତ ନୃତ୍ୟ 'ସ୍ଥାୟୀ' ପରିବେଷଣ କରାଯାଇଥିଲା। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ହରିହର ମହାନ୍ତି ଏବଂ ପ୍ରସିଦ୍ଧ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏକାଡେମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏବଂ ସମ୍ପାଦିକା ନମିତା ରାୟ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଡକ୍ୟୁମେଣ୍ଟାରି ନିର୍ମାଣରେ ଓଡ଼ିଶା ପଛରେ

- ସଂରକ୍ଷିତ ହୋଇପାରୁନି ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ
- ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ମିଳୁନି ସମ୍ମାନ
- ଜନଜାତି ଭାଷାରେ ନିର୍ମାଣ ହେଉନି ଫିଲ୍ମ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ଓଡ଼ିଆ ଭାଷାରେ ପ୍ରାମାଣିକ ବା ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ରାଜ୍ୟ ବହୁପଛରେ ରହିଛି। କେତେଜଣ ପ୍ରଯୋଜକ ଏଭଳି ଚଳଚ୍ଚିତ୍ର ନିର୍ମାଣ ଲାଗି ଆନ୍ତରିକତା ଦେଖାଉଥିଲେ ବି ପ୍ରୋତ୍ସାହନ ଅଭାବ ଓ ଫିଲ୍ମରେ ଲଗାଉଥିବା ଟଙ୍କା ଫେରସ୍ତ ପାଉ ନଥିବାରୁ ସେମାନେ ଆଗକୁ ବଢୁନାହାନ୍ତି। ୧୯୭୩ ମସିହାରୁ ପ୍ରାମାଣିକ ଚଳଚ୍ଚିତ୍ର ଲାଗି ରାଜ୍ୟ ସରକାର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବ୍ୟବସ୍ଥା କରିଥିଲେ ମଧ୍ୟ ହାତଗଣତି କେତେବର୍ଷକୁ ଛାଡିଦେଲେ ପ୍ରାମାଣିକ ଚଳଚ୍ଚିତ୍ର ଚୟନ ପ୍ରକ୍ରିୟାକୁ ଆସିନାହିଁ। କେବଳ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନୁହେଁ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା ସମ୍ମାନଜନକ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାରେ ମଧ୍ୟ ଓଡ଼ିଆ ଫିଲ୍ମ ବିଫଳ ହେଉଛି। ଆବଶ୍ୟକ ସଂଖ୍ୟକ ଡକ୍ୟୁମେଣ୍ଟାରି ନିର୍ମିତ ହେଉ ନଥିବାରୁ ଓଡ଼ିଆ ଫିଲ୍ମ ଆବେଦନ ଏବଂ ଚୟନ ପ୍ରକ୍ରିୟାରେ ମଧ୍ୟ ସାମିଲ ହୋଇପାରୁନାହିଁ। ପଶ୍ଚିମବଙ୍ଗ, କର୍ନାଟକ, ଆସାମ, ମହାରାଷ୍ଟ୍ର, କେରଳ, ତାମିଲନାଡୁ ଭଳି ରାଜ୍ୟ ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ କ୍ଷେତ୍ରରେ ବେଶ୍ ଆଗରେ ରହିଛନ୍ତି। କେବଳ ଡକ୍ୟୁମେଣ୍ଟାରି ନୁହେଁ, ଶିଶୁ ଚଳଚ୍ଚିତ୍ର, ଆଦିବାସୀ ଭାଷାରେ ଚଳଚ୍ଚିତ୍ର ଓ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ଆଦି ନିର୍ମାଣ କ୍ଷେତ୍ରରେ ମଧ୍ୟ ଓଡ଼ିଶା ବହୁପଛରେ ରହିଛି। ଆନ୍ତରିକତା, ପ୍ରୋତ୍ସାହନ ଅଭାବ ସହ ରାତାରାତି ପ୍ରଯୋଜକର ଟ୍ୟାଗ୍ ପାଇଁ ଅଧିକାଂଶ ନିର୍ମାତା କମ୍‌ଦିନରେ ଶେଷ ହୋଇପାରୁଥିବା ଫିଚର ଫିଲ୍ମ ନିର୍ମାଣ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି।

ଅନ୍ୟପକ୍ଷରେ ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ କରାଯାଉଥିଲା। ବିଶେଷକରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କୃଷି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଉଥିଲା। ଏଥିପାଇଁ ସ୍ୱତନ୍ତ୍ର ବଜେଟ ରହୁଥିଲା। ଏଥିଲାଗି କିଛି ନିର୍ଦ୍ଦେଶକ ଓ ନିର୍ମାତା ମଧ୍ୟ ରହୁଥିଲେ। ହେଲେ ଏବେ ଏହା ପ୍ରାୟ ବନ୍ଦ ହୋଇଗଲାଣି। ଅନ୍ୟ ରାଜ୍ୟରେ ସେମାନଙ୍କ କଳା, ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ସରକାର ଡକ୍ୟୁମେଣ୍ଟାରିର ସାହାଯ୍ୟ ନେଉଥିବାବେଳେ ଓଡ଼ିଶା ଏହି ଚିନ୍ତାଧାରାଠାରୁ ବହୁ ଦୂରରେ ରହିଛି। ସେହିଭଳି ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ରହିଥିବା ବେଳେ ସେମାନଙ୍କ ଭାଷା ଭିନ୍ନ ଭିନ୍ନ। ୩୦ ଜିଲାରେ ଏମାନେ ବସବାସ କରୁଥିବା ବେଳେ ୧୪ ଜିଲାରେ ଏମାନଙ୍କ ସଂଖ୍ୟା ଅଧିକ। ଏପରିକି ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୧କୋଟି କେବଳ ଆଦିବାସୀ। ହେଲେ ସେମାନଙ୍କ ଭାଷାରେ ଫିଲ୍ମ ନିର୍ମାଣ ହେଉନାହିଁ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇପାରନ୍ତା। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର କହିଛନ୍ତି, ବିଭାଗ ପକ୍ଷରୁ 'ଆମ କଥା ଓଡ଼ିଶା କଥା' ଏବଂ 'ବିକାଶର ନବଦିଗନ୍ତ' ନାମରେ ଦୁଇଟି ସଚେତନଧର୍ମୀ କାର୍ଯ୍ୟକ୍ରମ ଦୂରଦର୍ଶନରେ ପ୍ରସାରିତ ହେଉଛି। ଫିଲ୍ମ ନ ହେଉଥିଲେ ବି ଡିପିଆରଓମାନଙ୍କ ଦ୍ୱାରା ପାଲା, ଦାସକାଠିଆ ଭଳି ଲୋକକଳା ମାଧ୍ୟମରେ ଜିଲାଗୁଡ଼ିକରେ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ କରାଯାଉଛି।

ପ୍ରୋତ୍ସାହନ ଅଭାବରୁ ପଛାଉଛନ୍ତି ନିର୍ମାତା

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ ପେସାଦାର ପ୍ରଯୋଜକ ଓ ଫିଲ୍ମ ନିର୍ମାତାଙ୍କ ଅଭାବ ଏକ ପ୍ରମୁଖ ସମସ୍ୟା ସୃଷ୍ଟି କରିଥିବା ବେଳେ କପି-ପେଷ୍ଟର ଟ୍ରେଣ୍ଡ ଓଡ଼ିଆ ଫିଲ୍ମ ଦର୍ଶକଙ୍କ ମଧ୍ୟରେ ଏକ ନକାରାତ୍ମକ ଭାବନା ସୃଷ୍ଟିକରିଛି। ଆଗରୁ ଓଡିଆ ଚଳଚ୍ଚିତ୍ର ନିର୍ମାତାମାନେ ବର୍ଷକୁ ହାତଗଣତି ଗୋଟିଏ ଦୁଇଟି ଚଳଚ୍ଚିତ୍ର ନିର୍ମାଣ କରୁଥିବା ବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇଛି। ପ୍ରତିବର୍ଷ ପାଖାପାଖି ୪୦ଟି ଫିଲ୍ମ ମୁକ୍ତିଲାଭ କରୁଛି। ସେଥିମଧ୍ୟରୁ ଅତିବେଶିରେ ଗୋଟିଏ କିମ୍ବା ଦୁଇଟି ଫିଲ୍ମ ଲୋକଙ୍କ ମନକୁ ଛୁଇଁପାରୁଛି। ଏଭଳିସ୍ଥଳେ ଓଡ଼ିଆ ଭାଷାରେ ପ୍ରାମାଣିକ ଚଳଚ୍ଚିତ୍ର ଓ ଭିନ୍ନସ୍ୱାଦର ଫିଲ୍ମ କଥା ନ କହିଲେ ଭଲ। ଯଦି ବି କାଁ ଭାଁ ନିର୍ମାତା ଭିନ୍ନସ୍ୱାଦର ଫିଲ୍ମ ନିର୍ମାଣ କରୁଛନ୍ତି, ତାହେଲେ ନିର୍ମାଣ ପାଇଁ ନା ପ୍ରୋତ୍ସାହନ ମିଳୁଛି ନା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ତାକୁ ସ୍ୱତନ୍ତ୍ର ପରିଚୟ ମିଳୁଛି। ୧୩ଟି ଦେଶର ୨୩ଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବା ଏବଂ ବହୁ ଅନ୍ତର୍ଜାତୀୟ ଓ ଜାତୀୟ ପୁରସ୍କାର ହାସଲ କରିଥିଲେ ମଧ୍ୟ 'କ୍ଷଣିକା'କୁ ୨୦୧୭ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଅବହେଳା କରାଯାଇଥିଲା। ସେହିଭଳି ୨୦୧୬ରେ ଡକ୍ୟୁମେଣ୍ଟାରି ଫିଲ୍ମ 'ସାବାସ୍ ବିଜୁ'କୁ କୌଣସି ପୁରସ୍କାର ମିଳି ନଥିବାରୁ ବିବାଦ ଉଠିଥିଲା। ଏନେଇ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି, ଭଲ ଫିଲ୍ମ ଥିଲେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ତାହାକୁ ସମ୍ମାନ ମିଳୁଛି। ଟେଲି ପୁରସ୍କାରରେ ମଧ୍ୟ ସ୍ୱତନ୍ତ୍ର ବିଭାଗ ରହିଛି। ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ ପାଇଁ ପ୍ରୋତ୍ସାହନ ଦେବାକ୍ଷେତ୍ରରେ ଆମେ କାର୍ଯ୍ୟକରୁନୁ। ଆମେ କେବଳ ପୁରସ୍କାର ପ୍ରଦାନ କରିଥାଉ।

ସଞ୍ଜୟ ସାହୁଙ୍କୁ ବେଷ୍ଟ ପିଆର୍‌ଓ ଆୱାର୍ଡ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ପବ୍ଲିକ ରିଲେସନ୍ସ ଏବଂ କର୍ପୋରେଟ କମ୍ୟୁନିକେଶନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ସଞ୍ଜୟ କୁମାର ସାହୁଙ୍କୁ ବେଷ୍ଟ ପବ୍ଲିକ ରିଲେସନ୍ସ ଅଫିସର(ପିଆର୍‌ଓ) ଆୱାର୍ଡ-୨୦୧୯ ପ୍ରଦାନ କରାଯାଇଛି। ନ୍ୟାଶନାଲ ଜର୍ନାଲିଷ୍ଟ ୱେଲଫେୟାର ବୋର୍ଡ ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ଜାତୀୟ ପ୍ରେସ ଦିବସରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ। ସଞ୍ଜୟ ସାହୁ ବର୍ତ୍ତମାନ ଜିନ୍ଦଲ ଷ୍ଟିଲ ଏବଂ ପାୱାର ଲିମିଟେଡରେ କର୍ପୋରେଟ କମ୍ୟୁନିକେଶନ ବିଭାଗରେ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଭାବେ ଅବସ୍ଥାପିତ ଅଛନ୍ତି। ପବ୍ଲିକ ରିଲେସନ୍ସ ମ୍ୟାନେଜମେଣ୍ଟ କ୍ଷେତ୍ରରେ ସେ ଗତ ୧୫ ବର୍ଷ ହେବ କାର୍ଯ୍ୟରତ ଅଛନ୍ତି। ଏହି କ୍ଷେତ୍ରରେ ବିଭିନ୍ନ ନୂତନତ୍ୱ ଏବଂ କୌଶଳ ଆଣିଛନ୍ତି। ଗଣଯୋଗାଯୋଗ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ସେ ଢେଙ୍କାନାଳସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ ଆଣ୍ଡ ଜର୍ନାଲିଜମର ଆଲୁମନି। ପବ୍ଲିକ ରିଲେସନ୍ସ ସୋସାଇଟି ଅଫ୍ ଇଣ୍ଡିଆ (ପିଆର୍‌ଏସ୍‌ଆଇ) ଭୁବନେଶ୍ୱର ଚାପ୍ଟରର ସେ ପ୍ରତିଷ୍ଠାତା ସମ୍ପାଦକ ଏବଂ ଆଇଆଇଏମ୍‌ସି ଆଲୁମୁନି ଆସୋସିଏଶନ ସଭାପତି ଅଛନ୍ତି।

ବୋଟିଂ ଲାଗି କମିଶନ ଆଦାୟ, ୩ ଅଟକ

ପୁରୀ ଅଫିସ, ୧୭।୧୧

ନିଲାମ୍ବୁ ଚିଲିକାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଚିଲିକାରେ ବୋଟିଂର ମଜା ନିଆରା। ତେବେ ଅନେକ ସମୟରେ ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ରବିବାର ଚିଲିକାରେ ପର୍ଯ୍ୟଟକଙ୍କୁ ମୋଟର ବୋଟିଂ ଲାଗି ଜଣେ ଟ୍ରାଭେଲର୍ସ ଠାରୁ କମିଶନ ନେଉଥିବା ବେଳେ ପୁରୀ ଟୁରିଷ୍ଟ ସେଲ ଏକ ଟୁର ଓ ଟ୍ରାଭଲ୍ସର ଡ୍ରାଇଭର, ମାଲିକ ଏବଂ କାର ମାଲିକଙ୍କୁ ଧରିଛନ୍ତି। ତାଙ୍କ ଠାରୁ ନମ୍ବର ବିହୀନ କାର ଜବତ କରିଛନ୍ତି। ଏନେଇ ସମୁଦ୍ରକୂଳ ଥାନାରେ ଏକ ମାମଲା ରୁଜୁ ହୋଇଛି।

ଭୁବନେଶ୍ୱର ଭଞ୍ଜକଳାମଣ୍ଡପରେ ରବିବାର ଅନୁଷ୍ଠିତ 'ଶ୍ରୀ ନୃତ୍ୟୋତ୍ସବ'ରେ ନୃତ୍ୟଶିଳ୍ପୀ ନମିତା ରାୟ ନୃତ୍ୟାଭିନୟ କରୁଛନ୍ତି।

ଯୁବକଙ୍କ ଆତ୍ମହତ୍ୟା

କଟକ ଅଫିସ,୧୭।୧୧

ଲାଲବାଗ ଥାନା ଅନ୍ତର୍ଗତ ଗଙ୍ଗାମନ୍ଦିର ଅଞ୍ଚଳରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ହାୱଡା ଅଞ୍ଚଳର ତୁହିନ ହାଜେରା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରେମ ବ୍ୟାପାରକୁ ନେଇ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର କେତେଜଣ ଗହଣା କାରିଗର ଗଙ୍ଗାମନ୍ଦିର ଅଞ୍ଚଳରେ ଘର ଭଡାନେଇ ରହୁଛନ୍ତି। ଶନିବାର ସନ୍ଧ୍ୟାରେ ଅନ୍ୟମାନେ କାମ କରିବାକୁ ଯାଇଥିବାବେଳେ ତୁହିନ ଘରେ ଏକା ରହିଥିଲେ। ରାତିରେ ସହକର୍ମୀମାନେ ଘରକୁ ଫେରିବା ପରେ ତୁହିନର ରୁମ୍ ଭିତରପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ପହଞ୍ଚି କବାଟ ଭାଙ୍ଗି ତୁହିନଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲା।

ଓଡ଼ିଆ ଘରର କାହାଣୀକୁ ନେଇ ହେବ ଯାତ୍ରା

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ଦୀର୍ଘଦିନ ଧରି ଯାତ୍ରା ତଥା ଗଣନାଟ୍ୟ ଓଡ଼ିଶାର ସଂଖ୍ୟାଧିକ ଯାତ୍ରାପ୍ରେମୀ ଦର୍ଶକଙ୍କ ମନୋରଞ୍ଜନର ମାଧ୍ୟମ ହୋଇ ରହିଆସିଛି। ଦର୍ଶକମାନେ ପ୍ରତ୍ୟକ୍ଷଭାବେ ଏହାକୁ ଉପଭୋଗ କରୁଥିବାବେଳେ କଳାକାରଙ୍କ ପ୍ରତିଟି ଆବେଗକୁ ଅନୁଭବ କରିଥାନ୍ତି। ଏଠାରେ କରତାଳି ସହ ଗାଳି ମଧ୍ୟ ପୁରସ୍କାର ଭଳି ମନେହୁଏ। ହେଲେ ଧୀରେ ଧୀରେ ଯାତ୍ରାରେ କାହାଣୀଠାରୁ ଅଧିକ ନଗ୍ନତା ଓ ଅଶ୍ଳୀଳତାକୁ ଗୁରୁତ୍ୱ ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳିସ୍ଥଳେ ଅଶ୍ଳୀଳତା ପରିବର୍ତ୍ତେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ ଅବକ୍ଷୟ ହୋଇଯାଉଥିବା ପ୍ରାଚୀନ ଯାତ୍ରା ପରମ୍ପରାକୁ ଫେରାଇ ଆଣିବାର ଲକ୍ଷ୍ୟ ନେଇ ଆରମ୍ଭ ହେବାକୁ ଯାଉଛି 'ଯାତ୍ରା କଳାମନ୍ଦିର'। ଯାତ୍ରା ଜଗତର ସଂପୂର୍ଣ୍ଣ ରୂପରେଖ ବଦଳାଇ ସ୍ୱତନ୍ତ୍ର ବିଚାରଧାରା, ନୂତନ ଚିନ୍ତାଧାରା ଓ ନିଆରା ପ୍ରୟାସ ମାଧ୍ୟମରେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିବା ଏହି ନୂତନ ଯାତ୍ରା ପାର୍ଟିର ଲକ୍ଷ୍ୟ ହେବ ବୋଲି କୁହାଯାଇଛି। ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ଯାତ୍ରା କଳାମନ୍ଦିର'ର ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି।

ଯାତ୍ରା କଳାମନ୍ଦିରର ମୁଖ୍ୟ ନିରଞ୍ଜନ ସାହୁଙ୍କ ସମେତ ବରିଷ୍ଠ କଳାକାର ବିଜୟ ମହାନ୍ତି, ଅଶ୍ରୁମୋଚନ ମହାନ୍ତି, ହର ବାରିକ, ବିନୋଦ ରାଉତ, ଆଶୁତୋଷ ମହାପାତ୍ର, ପ୍ରଦୀପ ବେହେରା, କୈଳାସ ମଲ୍ଲିକ, ମୁକ୍ତିକାନ୍ତ ନାୟକ, ପ୍ରେମାନନ୍ଦ, ବିକାଶ ଶୁକ୍ଳା, ଗୁରୁ ବିମ୍ବାଧର ଦାସ, ସଞ୍ଜୟ କୁମାର ମହାନ୍ତି, ତପନ ରଥ ଏବଂ ଦୈତାରୀ ପଣ୍ଡା ପ୍ରମୁଖ ଏହି ଯାତ୍ରା ଦଳ ଆଗାମୀଦିନରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି କହିଥିଲେ। ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ସମସ୍ତ ବର୍ଗର ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ନିଛକ ଓଡ଼ିଆ ଘରର କାହାଣୀ ଓ କଥାକୁ ନେଇ ଯାତ୍ରା ପରିବେଷଣ କରାଯିବ। ବଳିଷ୍ଠ ସଂଳାପ, ଚିତ୍ତାକର୍ଷକ ଅଭିନୟ ଏବଂ ଉତ୍କୃଷ୍ଟ କାରିଗରି ଏହାର ଅନ୍ୟତମ ଆକର୍ଷଣ ରହିବ। ୨୦୨୦-୨୧ ବର୍ଷଠାରୁ ଏହି ଯାତ୍ରା ଦଳ ବିଭିନ୍ନ ସ୍ଥାନରେ ଯାତ୍ରା ପରିବେଷଣ କରିବ ବୋଲି କୁହାଯାଇଛି।

ଦୁଇ ଅଭିଯୁକ୍ତଙ୍କୁ ବସ୍ତିରୁ ଉଠାଇନେଲା ପୋଲିସ

ଲୁଟ୍ ସାମଗ୍ରୀ ଜବତ କରି ତଦନ୍ତ ଜାରି

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ): ଏକ ମୋବାଇଲ୍ ଲୁଟ୍ ମାମଲାର ତଦନ୍ତବେଳେ କ୍ୟାପିଟାଲ ଥାନା ପୋଲିସ ରାଧାକୃଷ୍ଣ ବସ୍ତିର ଦୁଇ ଅଭିଯୁକ୍ତଙ୍କୁ ଉଠାଇ ନେଇଛି। ସେ

କାର୍ଯ୍ୟଦକ୍ଷତା ବୃଦ୍ଧିର ନୂଆ ଉପାୟ

ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାଉ। ତାହାର ପ୍ରଭାବ ମଧ୍ୟ କାର୍ଯ୍ୟଦକ୍ଷତା ଉପରେ ପଡିଥାଏ। ତେବେ ନିଜ କାର୍ଯ୍ୟକୁ ସୁରୁଖୁରୁରେ କରିବା ପାଇଁ ସକାରାତ୍ମକ ମାନସିକତା ରହିବା ନିହାତି ଦରକାର। ତେଣୁ ଏ କ୍ଷେତ୍ରରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ସଙ୍ଗୀତ। ମନକୁ ହାଲକା କରିବା ପାଇଁ ଅବସର ସମୟରେ ମନ ପସନ୍ଦର ଗୀତ ଶୁଣିଲେ ତାହା କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ବୋଲି ସଦ୍ୟତମ ସର୍ଭେରୁ ଜଣାପଡିଛି। ଏପରି ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ଅଧିକାଂଶ ସମୟ ମନ ପସନ୍ଦର ଗୀତ ଶୁଣନ୍ତି ସେମାନଙ୍କ କାର୍ଯ୍ୟଦକ୍ଷତା ସେହି ଅନୁସାରେ ଆହୁରି ସକ୍ରିୟ ରହିଥାଏ। ହେଲେ ଏହି ଗୀତ ଶୁଣିବା ଯେମିତି ମାନସିକତାକୁ ପ୍ରଭାବିତ ନ କରେ ସେଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

ଦଶଟି କଥା

ବୟସ ବଢ଼ିବା ସହ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ବିଶେଷ ଭାବରେ ଏହି ସମୟରେ ନିମ୍ନୋକ୍ତ ୧୦ଟି କଥାକୁ ଧ୍ୟାନ ଦେଲେ ତାହା ନିଜକୁ ସୁସ୍ଥ ରଖିବା କ୍ଷେତ୍ରରେ ଅନେକ ସହାୟକ ହୋଇପାରିବ। ପ୍ରଥମେ ନିଜ ଖାଦ୍ୟପେୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ଏହି ତାଲିକାରେ କାର୍ବୋହାଇଡ୍ରେଟ ଖାଦ୍ୟ ସାମିଲ କରନ୍ତୁ। ଏହି ବୟସରେ ଫ୍ୟାଟ୍‌ଯୁକ୍ତ ଖାଦ୍ୟଠାରୁ ଯେତେ ଦୂରେଇ ରହିବେ ସେତେ ଭଲ। ନିଜକୁ ସୁସ୍ଥ ରଖିବା ପାଇଁ ତଟକା ଫଳମୂଳ ଏବଂ ସବୁଜପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବୟସ ବଢ଼ିବା ସହ ଲୁଣ ଏବଂ ମିଠାଜାତୀୟ ଖାଦ୍ୟ ବର୍ଜନ କରନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିୟମିତ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ଏହି ସମୟରେ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ସେହି ଅନୁସାରେ ପାଣି ପିଅନ୍ତୁ। ବୟସ ବଢ଼ିଲେ ଗୋଟିଏ ଜିନିଷ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ। ତାହା ହେଲା ଓଜନ। ବୟସ୍କ ବ୍ୟକ୍ତି ନିଜ ଓଜନକୁ ସନ୍ତୁଳିତ ରଖିବା ଆବଶ୍ୟକ। ସେହି ଅନୁସାରେ ଖାଦ୍ୟ ଖାଆନ୍ତୁ। ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଗୋଟିଏ କଥା ସବୁବେଳେ ମନେ ରଖିବା ଦରକାର। ନିଜକୁ ସୁସ୍ଥ ରଖିବା ନିଜ ଉପରେ ହିଁ ନିର୍ଭର କରିଥାଏ। ତେଣୁ ଏଥିପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ।

ପଦାର୍ଥ ବିଜ୍ଞାନର ପରିଚୟ

କମଳାକାନ୍ତ ଜେନା

ଆଜିକୁ ୫୫ ଲକ୍ଷ ବର୍ଷ ତଳେ ମଣିଷ ଜାତି ପୃଥିବୀପୃଷ୍ଠରେ ଜନ୍ମ ନେଲା। ସେବେଠାରୁ ଆମର ଗବେଷଣା ଜାରି ରହିଛି । କିନ୍ତୁ ଆଜି ଯେଉଁ ଯୁଗକୁ 'ବିଜ୍ଞାନର ଯୁଗ' ବୋଲି କୁହାଯାଉଛି, ସେହି ବିଜ୍ଞାନ ଓ ଗବେଷଣା ଆରମ୍ଭ ହୋଇଛି ମାତ୍ର ୩୦୦ ବର୍ଷ ତଳେ । ଏଇ ୩୦୦ ବର୍ଷର ଗବେଷଣା ଆମକୁ ସୁଖସୁବିଧା ଦେଇଛି । ଆମର ଭାବନାକୁ ଉନ୍ନତ କରିଛି । ଆମ ହୃଦୟରେ ଆଶା ଓ ଆକାଙ୍କ୍ଷାର ଜୁଆର ସୃଷ୍ଟିକରିଛି ।

ଆଜିର ଯୁଗକୁ ବିଜ୍ଞାନର ଯୁଗ କୁହାଯିବାର ଯଥେଷ୍ଟ କାରଣ ରହିଛି। ସବୁ କାରଣକୁ ଗୋଟିଏ ବାକ୍ୟରେ କହିଲେ, ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ବିଜ୍ଞାନ ପ୍ରଭାବିତ କରିଛି। ଆମେ ବିଭିନ୍ନ ପ୍ରକାର ଆଉ ବିଭିନ୍ନ ଆକାରର ଜିନିଷପତ୍ର ଦେଖୁ। ସବୁ ଜିନିଷର ରଙ୍ଗ ସମାନ ନଥାଏ । ଅଥବା, ସମସ୍ତଙ୍କର ଆକୃତି ବି ସମାନ ନଥାଏ । ରଙ୍ଗ ଦେଖିବାରେ ହେଉ, କିମ୍ବା ବିଭିନ୍ନ ବସ୍ତୁର ଭିନ୍ନ ଭିନ୍ନ ଆକାର ଓ ଆକୃତି ହେଉ, ସେସବୁ ପଛରେ ରହୁଥିବା କାରଣ ବିଷୟରେ ଅନୁଶୀଳନ କଲେ, କଅଣ-କିପରି-କାହିଁକି ବୋଲି ପ୍ରଶ୍ନର ଉତ୍ତର ଖୋଜିଲେ, ସବୁଠି ବିଜ୍ଞାନର ସ୍ୱାକ୍ଷର ଦେଖିବାକୁ ମିଳେ। ପ୍ରକୃତିରେ ଘଟୁଥିବା ଘଟଣାଗୁଡିକୁ ବୁଝିବା ପାଇଁ ଆମେ କେତେବେଳେ ପଦାର୍ଥ ବିଜ୍ଞାନର ସହାୟତା ନେଉ ପୁଣି ଆଉ କେତେବେଳେ ରସାୟନ ବିଜ୍ଞାନର ସହାୟତା ନେଉ। କେତେବେଳେ ଗଣିତ, ପୁଣି ଆଉ କେତେବେଳେ ଉଦ୍ଭିଦ ବିଜ୍ଞାନ ଅଥବା ପ୍ରାଣୀବିଜ୍ଞାନର ସହାୟତା ନେଉ। ଆମେ ଏଠାରେ ପଦାର୍ଥ ବିଜ୍ଞାନର ଅର୍ଥ ବିଷୟରେ ଆଲୋଚନା କରିବା । ପଦାର୍ଥ ବିଜ୍ଞାନ ଦ୍ୱାରା ବୁଝି ହେଉଥିବା କେତେକ ସାଧାରଣ ଘଟଣା ବିଷୟରେ ଆଲୋଚନା କରିବା।

ସ୍ଥିର ଥିବା ବସ୍ତୁକୁ ଠେଲିଲେ କାହିଁକି ଚାଲେ ? ଚାଲୁଥିବା ସାଇକେଲକୁ ପଛରୁ ଟାଣିଲେ କାହିଁକି ଅଟକି ଯାଏ ? ବେଲୁନ୍‌କୁ ଜୋର୍ ଚିପିଲେ କାହିଁକି ଫାଟିଯାଏ ? ଏସବୁ ହେଉଛି ବସ୍ତୁର କଥା ଏବଂ ବସ୍ତୁର ଗତି ଓ ଶକ୍ତିର କଥା । ବସ୍ତୁ ଏବଂ ବସ୍ତୁର ଗତି ଓ ଶକ୍ତି ପଛରେ ରହିଥିବା ବିଜ୍ଞାନ ହେଉଛି ପଦାର୍ଥ ବିଜ୍ଞାନ । ବସ୍ତୁଟି ଏମିତି କାହିଁକି ଦିଶିଲା, ବସ୍ତୁଟି କାହିଁକି ଚାଲିଲା, ଯଦି ଚାଲୁଥିଲା, ତେବେ କାହିଁକି ଅଟକିଲା, ପଦାର୍ଥ ବିଜ୍ଞାନ ପାଖରେ ଏଭଳି ଅଗଣିତ ପ୍ରଶ୍ନର ଉତ୍ତର ରହିଛି । ଆମର ଦୈନନ୍ଦିନ ଜୀବନରେ ପଦାର୍ଥ ବିଜ୍ଞାନ ସମ୍ପର୍କିତ ଅନେକ ଘଟଣା ଦେଖିବାକୁ ମିଳେ। ଆମର ଦୈନନ୍ଦିନ ଜୀବନକୁ ସରସ ଓ ସୁନ୍ଦର କରିବାରେ ପଦାର୍ଥ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶ୍ୱ ବ୍ରହ୍ମାଣ୍ଡରେ ଘଟୁଥିବା ଅଗଣିତ ଘଟଣା ପଛରେ ପଦାର୍ଥ ବିଜ୍ଞାନ ରହିଛି। ଗଛରୁ ଫଳ ତଳକୁ ପଡେ କାହିଁକି, ପୃଥିବୀ ଚାରିପଟେ ଜହ୍ନମାମୁ ବୁଲୁଛି କାହିଁକି, ଆକାଶ କାହିଁକି ନୀଳ ଦିଶେ, ସକାଳର ସୂର୍ଯ୍ୟ କାହିଁକି ଲାଲ, କନିଅର ଫୁଲ କାହିଁକି ହଳଦିଆ, ଇନ୍ଦ୍ରଧନୁ ଏତେ ରଙ୍ଗିନ କାହିଁକି, ପୁନେଇଁ ଜହ୍ନ ଗୋଲ କାହିଁକି, ଶଙ୍ଖ ଫୁଙ୍କିଲେ ଶବ୍ଦ ବାହାରେ କାହିଁକି, ଘଣ୍ଟା ବାଜିଲେ ଶବ୍ଦ ବାହାରେ କାହିଁକି, ପାଣିରେ ଲୁହାକଣ୍ଟା ବୁଡିଯାଏ, କିନ୍ତୁ ଜାହାଜ କେମିତି ଭାସେ, ଏ.ସି. ଲାଗିଥିବା ଦୋକାନରେ କାଚର କାନ୍ଥ କରାଯାଏ କାହିଁକି, ବିଜୁଳି ମାରିଲା ପରେ ଘଡଘଡି ଶୁଣାଯାଏ କାହିଁକି – ଏମିତି ଲକ୍ଷ ଲକ୍ଷ ପ୍ରଶ୍ନର ସରଳ ଉତ୍ତର ହେଉଛି ପଦାର୍ଥ ବିଜ୍ଞାନ । ଏସବୁ ଘଟଣାକୁ ଆମେ ପଦାର୍ଥ ବିଜ୍ଞାନ ଦ୍ୱାରା ବୁଝି ପାରିବା। ପ୍ରକୃତିକୁ ବିରାଟ ଗବେଷଣାଗାର କହିଲେ, ପଦାର୍ଥ ବିଜ୍ଞାନ ହେଉଛି ପ୍ରକୃତି ଉପରେ ଗବେଷଣା ଜାରି ରଖିଥିବା ଗବେଷକ ଛାତ୍ର।



ପଦାର୍ଥ ବିଜ୍ଞାନ ପ୍ରସଙ୍ଗ ଆସିଲେ ସାର୍ ଆଇଜାକ୍ ନିଉଟନ୍‌ଙ୍କ କଥା ମନେ ପଡେ। ବସ୍ତୁର ଗତି ଓ ଶକ୍ତି ପଛରେ ରହିଥିବା ବିଜ୍ଞାନ ହେଉଛି ପଦାର୍ଥ ବିଜ୍ଞାନର ସଂଜ୍ଞା। କିନ୍ତୁ ନିଉଟନ୍ ହେଉଛନ୍ତି ପଦାର୍ଥ ବିଜ୍ଞାନର ସୂତ୍ରଧର, ପଦାର୍ଥ ବିଜ୍ଞାନର ପିତା । କାରଣ, ସେ ପଦାର୍ଥ ବିଜ୍ଞାନର ମୂଳମନ୍ତ୍ର ଉଚ୍ଚାରଣ କରିଥିଲେ। ବିଶ୍ୱ ବ୍ରହ୍ମାଣ୍ଡରେ ଅନେକ ଘଟଣା ଘଟୁଛି। ପ୍ରତ୍ୟେକ ଘଟଣା ପଛରେ କିଛି ନା କିଛି କାରଣ ରହିଛି। ସେହି କାରଣ ସଂପର୍କରେ ବିଶେଷ ଭାବରେ ଜାଣିବା ହେଉଛି ବିଜ୍ଞାନ । ଗଛରୁ ତଳକୁ ଫଳ ପଡିବା ବି ସେମିତିକା ଗୋଟିଏ ଘଟଣା। ଆମ ପାଇଁ ଅତି ସାଧାରଣ ଘଟଣା। କିନ୍ତୁ ନିଉଟନ୍‌ଙ୍କ ପାଇଁ ଏହା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ ଘଟଣା। ସେଓ ଗଛରୁ ସେଓ ପଡିବା ଘଟଣା ତାଙ୍କୁ ପୃଥିବୀର ମାଧ୍ୟାକର୍ଷଣ ବିଷୟରେ ଗଭୀର ଭାବରେ ଚିନ୍ତା କରିବା ପାଇଁ ପ୍ରେରଣା ଯୋଗାଇଥିଲା । ସେ ଚନ୍ଦ୍ର ଉପରେ ପୃଥିବୀର ଆକର୍ଷଣ ବିଷୟରେ ଅନେକ ତଥ୍ୟର ସନ୍ଧାନ ପାଇଲେ। ବସ୍ତୁ ଉପରେ ବଳ ପ୍ରୟୋଗ କଲେ କିପରି ତା'ର ଅବସ୍ଥାର ପରିବର୍ତ୍ତନ ହୁଏ, ସେହି ବିଷୟରେ ଅନେକ ନିୟମ ଦୁନିଆକୁ ଜଣାଇଲେ । ଏହା ହେଉଛି ପଦାର୍ଥ ବିଜ୍ଞାନର ମୂଳ ମନ୍ତ୍ର।

ପୃଥିବୀ ଗୋଟିଏ ଗ୍ରହ, ଚନ୍ଦ୍ର ତାହାର ଉପଗ୍ରହ । ଆମେ ଜାଣୁ ପୃଥିବୀ ଚାରିପଟେ ଚନ୍ଦ୍ର ବୁଲୁଛି । ଏଥିରେ ମାଧ୍ୟାକର୍ଷଣ ବଳର ଭୂମିକା ରହିଛି। ପୃଥିବୀ ଯେମିତି ମାଧ୍ୟାକର୍ଷଣ ବଳ ଦ୍ୱାରା ଫଳକୁ ନିଜ ଆଡକୁ ଟାଣେ, ସେମିତି ଚନ୍ଦ୍ରକୁ ମଧ୍ୟ ନିଜ ଆଡକୁ ଟାଣୁଛି । ପଦାର୍ଥ ବିଜ୍ଞାନରେ ଅନୁଶୀଳନ କଲେ, ପୃଥିବୀର ମାଧ୍ୟାକର୍ଷଣ ବଳ ନଥିଲେ ଚନ୍ଦ୍ର ବୁଲିପାରିବ ନାହିଁ, ନିଜର କକ୍ଷପଥରୁ ଖସି ଶୂନ୍ୟକୁ ପଳେଇବ। ଆକାଶ ଆମକୁ ନୀଳ ଦେଖାଯିବାର କାରଣ ପଛରେ ରହିଛି ପଦାର୍ଥ ବିଜ୍ଞାନ । ସୂର୍ଯ୍ୟକିରଣ ଧଳା, କିନ୍ତୁ ସେଥିରେ ସାତଟି ରଙ୍ଗ ରହିଛି, ଯାହାକୁ ଆମେ କହୁ ବା-ଘ-ନୀ-ସ-ହ-ନା-ଲା । ଗବେଷଣାରୁ ଜଣାପଡିଛି ଯେ, ଆକାଶରେ ରହିଥିବା କ୍ଷୁଦ୍ର କଣିକାଗୁଡିକ ବାଇଗଣି ଓ ନୀଳ ରଙ୍ଗର ଆଲୋକକୁ ସବୁଠାରୁ ଅଧିକ ଶୋଷିପାରନ୍ତି, ତେଣୁ କଣିକାଗୁଡିକରୁ ନୀଳ ଓ ବାଇଗଣି ରଙ୍ଗର ଆଲୋକ ବାହାରୁଥାଏ। ଆମର ଆଖି ବାଇଗଣି ତୁଳନାରେ ନୀଳ ରଙ୍ଗର ଆଲୋକକୁ ଭଲ ଦେଖିପାରେ । ତେଣୁ ଆକାଶ ଆମକୁ ନୀଳ ଦେଖାଯାଏ ।

ବର୍ଷାଦିନେ ଆମେ ଆକାଶରେ ଇନ୍ଦ୍ରଧନୁ ଦେଖୁ । ସୂର୍ଯ୍ୟକିରଣରେ ଥିବା ରଙ୍ଗରୁ ଇନ୍ଦ୍ରଧନୁରେ ୭ଟି ରଙ୍ଗ ଆସୁଛି । ବର୍ଷା ପାଇଁ ବାୟୁମଣ୍ଡଳରେ ଭାସି ବୁଲୁଥିବା କ୍ଷୁଦ୍ର କ୍ଷୁଦ୍ର ଜଳକଣା ଭିତରେ ସୂର୍ଯ୍ୟକିରଣ ପଶିଲେ, ୭ଟି ରଙ୍ଗର ଆଲୋକ ୭ଟି ଅଲଗା ଅଲଗା କୋଣରେ ବଙ୍କେଇ ଯାଆନ୍ତି । ପୁଣି ଥରେ ସେଗୁଡିକ ଜଳବିନ୍ଦୁ ଭିତରେ ବଙ୍କେଇ ଯାଇ ଭୂଇଁ ଆଡକୁ ଗତି କରନ୍ତି । ସେହି ଆଲୋକ ଆମ ଆଖିରେ ପଡିଲେ ଆମେ ୭ଟି ରଙ୍ଗ ଥିବା ଇନ୍ଦ୍ରଧନୁ ଦେଖୁ। ବର୍ଷାଦିନେ ବିଜୁଳି ମାରିବାର କିଛି ସମୟ ପରେ ଘଡଘଡି ଶୁଣାଯାଏ । ଏସବୁ ପାଇଁ ଦାୟୀ ହେଉଛି ବାଦଲରେ ରହିଥିବା ଚାର୍ଜକଣିକା । ବିଜୁଳି ଓ ଘଡଘଡି ଏକ ସଙ୍ଗରେ ସୃଷ୍ଟି ହେଲେ ବି ଆଲୋକ କ୍ଷୀପ୍ର ବେଗରେ ଆମ ପାଖରେ ପହଞ୍ଚିଯାଏ । ଆମେ ବିଜୁଳି ଦେଖିପାରୁ । ହେଲେ ଶବ୍ଦ ଧୀରେ ଧୀରେ ଆସି ଆମ କାନପାଖରେ ପହଞ୍ଚେ । ତେଣୁ ବିଜୁଳି ମାରିବାର କିଛି ସମୟ ପରେ ଘଡଘଡି ଶୁଣୁ । ଆମ ନିତିଦିନିଆ ଜୀବନରେ ଏମିତି ଅନେକ ଘଟଣାକୁ ପଦାର୍ଥ ବିଜ୍ଞାନ ସହାୟତାରେ ବୁଝି ପାରିବା ।



> ''ବସ୍ତୁର ଗତି ଓ ଶକ୍ତି ପଛରେ ରହିଥିବା ବିଜ୍ଞାନ ହେଉଛି ପଦାର୍ଥ ବିଜ୍ଞାନର ସଂଜ୍ଞା। କିନ୍ତୁ ନିଉଟନ୍ ହେଉଛନ୍ତି ପଦାର୍ଥ ବିଜ୍ଞାନର ସୂତ୍ରଧର, ପଦାର୍ଥ ବିଜ୍ଞାନର ପିତା। କାରଣ, ସେ ପଦାର୍ଥ ବିଜ୍ଞାନର ମୂଳମନ୍ତ୍ର ଉଚ୍ଚାରଣ କରିଥିଲେ। ବିଶ୍ୱ ବ୍ରହ୍ମାଣ୍ଡରେ ଅନେକ ଘଟଣା ଘଟୁଛି। ପ୍ରତ୍ୟେକ ଘଟଣା ପଛରେ କିଛି ନା କିଛି କାରଣ ରହିଛି। ସେହି କାରଣ ସଂପର୍କରେ ବିଶେଷ ଭାବରେ ଜାଣିବା ହେଉଛି ବିଜ୍ଞାନ।''

ନିଉଟନ୍ ଯେମିତି ପଦାର୍ଥ ବିଜ୍ଞାନର ସୂତ୍ରଧର, ସେମିତି ଆଲବର୍ଟ ଆଇନ୍‌ଷ୍ଟାଇନ୍ ହେଉଛନ୍ତି ଆଧୁନିକ ପଦାର୍ଥ ବିଜ୍ଞାନର ସୂତ୍ରଧର । କେବଳ ନିଉଟନ୍‌ଙ୍କର ଅନୁଶୀଳନ ଦ୍ୱାରା ବିଶ୍ୱବ୍ରହ୍ମାଣ୍ଡକୁ ସଂପୂର୍ଣ୍ଣ ଭାବରେ ବୁଝିବା ସମ୍ଭବ ନଥିଲା । ହୁଏତ ଆଇନ୍‌ଷ୍ଟାଇନ୍ ତାଙ୍କର ଗବେଷଣା ତଥ୍ୟକୁ ଆମ ଭିତରେ ବାଣ୍ଟି ନଥିଲେ, ଆଜି ବିଶ୍ୱବ୍ରହ୍ମାଣ୍ଡର ଗୂଢତଥ୍ୟକୁ ବୁଝିବା ସମ୍ଭବ ହୋଇପାରି ନଥାନ୍ତି । ତେଣୁ ଆଲବର୍ଟ ଆଇନ୍‌ଷ୍ଟାଇନ୍ ହେଉଛନ୍ତି ଆଧୁନିକ ପଦାର୍ଥ ବିଜ୍ଞାନର ପିତା । ତାଙ୍କର ଆପେକ୍ଷିକତା ତତ୍ତ୍ୱ ଆଜି ପଦାର୍ଥ ବିଜ୍ଞାନକୁ ଶ୍ରେଷ୍ଠତ୍ୱର ଅଧିକାରୀ କରିପାରିଛି। ଶୂନ୍ୟରେ ଆଲୋକର ବେଗ ସବୁଠାରୁ ଅଧିକ ବୋଲି ସେ କହିଥିଲେ। ସେ ପ୍ରମାଣ କରିଥିଲେ, ତୀବ୍ରଗତିରେ ଯାଉଥିବା ବସ୍ତୁର ଲମ୍ବ କମିଯାଏ ଓ ବସ୍ତୁତ୍ୱ ବଢିଯାଏ । ସବୁଠାରୁ ଆଶ୍ଚର୍ଯ୍ୟର କଥା, ମହାକାଶରେ ଗତି କରୁଥିବା ରକେଟ୍ ଭିତରେ ବସିଥିବା ମହାକାଶଚାରୀର ବୟସ ଆମ ପରି ନବଢି ଧୀରେ ଧୀରେ ବଢେ । ଏଭଳି ଚମତ୍କାର ତଥ୍ୟ କେବଳ ଆଇନ୍‌ଷ୍ଟାଇନ୍ ଦେଇପାରିଥିଲେ, ଯାହାକୁ ନେଇ ଆଜି ଆମେ ଟାଇମ୍ ମେଶିନ୍ ତିଆରି କରିବା ପାଇଁ ଯୋଜନା କରୁଛୁ । ଟାଇମ୍ ମେଶିନ୍ ଭିତରେ ବସିଲେ ଆମର ବୟସ କମିଯାଇ ପାରିବ ଓ ବଢିଯାଇ ପାରିବ । କମିବା ବଢିବା ଆମର ଇଚ୍ଛା ଉପରେ ନିର୍ଭର କରେ । ଏସବୁ ଚମତ୍କାରିତା ଆଉ କୌଣସି ବିଜ୍ଞାନର କଥା ନୁହେଁ, ବରଂ ଆମ ପଦାର୍ଥ ବିଜ୍ଞାନର କଥା ।

–ମୁଖ୍ୟ କୋଅର୍ଡିନେଟର, ଏମ୍. ଏସ୍‌ସି. (ଆପ୍ଲାଏଡ୍ ଫିଜିକ୍ସ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

ମାନସିକ ସ୍ୱାସ୍ଥ୍ୟ ଓ ପରିବେଶ

ପରିବେଶ ପ୍ରଦୂଷିତ ହେଲେ ତାହାର ପ୍ରଭାବ ଆମ ଜୀବନଶୈଳୀ ଉପରେ ପଡ଼ିଥାଏ। ଏଥିପାଇଁ ଆମେ ଶ୍ୱାସଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ହେଲେ ଏହାଦ୍ୱାରା ଆମର ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ବୋଲି ନିକଟରେ ଶେଷ ହୋଇଥିବା ଗବେଷଣାରୁ ଜଣାପଡ଼ିଛି। ପରିବେଶ ପ୍ରଦୂଷିତ ହେବା ଦ୍ୱାରା ଏହାକୁ ନେଇ ଅନେକ ଚିନ୍ତିତ ରହିଥାଆନ୍ତି। ଏହି ଚିନ୍ତାଧାରା ଅଧିକ ସମୟ ଧରି ଲାଗି ରହିଲେ ତାହା ଅବସାଦ ପରି ସମସ୍ୟାର କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। କାରଣ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରଦୂଷିତ ପରିବେଶ ଦ୍ୱାରା କେତେକଙ୍କର ମାନସିକ ଅବସ୍ଥା ପ୍ରଭାବିତ ହୋଇଥିବାର ସେମାନେ ଜାଣିବାକୁ ପାଇଥିଲେ।

ସ୍କିନ୍ କ୍ୟାନ୍‌ସର୍ ଚିକିତ୍ସାର୍ ସହଜ ଉପାୟ

ସ୍କିନ୍(ଚର୍ମ) କ୍ୟାନସର ଦ୍ୱାରା ଆକ୍ରାନ୍ତ ରୋଗୀଙ୍କ ପାଇଁ ଖୁସି ଖବର। ଏଥିରୁ ଉପଶମ ପାଇବାର ଏକ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ୟେଲେ ୟୁନିଭର୍ସିଟି ଅଫ୍ ସାଇନ୍ସର କ୍ୟାନସର ବିଶେଷଜ୍ଞମାନେ। ସାଧାରଣତଃ ସୂର୍ଯ୍ୟଙ୍କଠାରୁ ନିର୍ଗତ ହେଉଥିବା ଅଲଟ୍ରା ଭାୟୋଲେଟ ରଶ୍ମୀ ସଂସ୍ପର୍ଶରେ ଚର୍ମ ଅଧିକାଂଶ ସମୟ ଆସିଲେ ସ୍କିନ କ୍ୟାନସର ହେବାର ଆଶଙ୍କା ଅଧିକ ଥାଏ। ଆମେରିକାର ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେଣ୍ଟେସନ (ସିଡିସି)ର ବିଶେଷଜ୍ଞମାନେ ଏ ନେଇ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଚର୍ମରେ ଥିବା 'ହାଇପେରୋଟସ୍ପଟସ'କୁ ସ୍କିନିଂ କରିଥିଲେ। ଏହାଦ୍ୱାରା ସ୍କିନ୍ କ୍ୟାନସର ଲକ୍ଷଣ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା ଆରମ୍ଭ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏଥିରୁ ସଫଳତା ମିଳିଥିଲା ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କିତ ବିଷୟରେ ଅଧିକ ଜାଣିବା ପାଇଁ ସେମାନେ ଚେଷ୍ଟା ଜାରି ରଖିଛନ୍ତି।

ସ୍ୱାସ୍ଥ୍ୟ ସୂଚନା

- ରାତ୍ର ଭୋଜରେ କଦାପି ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ଏହି ତାଲିକାରେ ସବୁବେଳେ ହାଲକା ତଥା ସୁପାଚ୍ୟ ଖାଦ୍ୟ ସାମିଲ କରନ୍ତୁ।
- ବୟସ ବଢ଼ିଲେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ବୟସ ୪୦ ଟପିଲେ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଚକ୍ଷୁ ଡାକ୍ତରଙ୍କ ନିକଟରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- କୌଣସି ରୋଗ ବିଷୟରେ ତର୍ଜମା କରି ଡାକ୍ତର ପ୍ୟାଥୋଲୋଜି ଟେଷ୍ଟ ପାଇଁ ଲେଖିଥାଆନ୍ତି। କେତେକ ଏହା ମଧ୍ୟରୁ ସବୁ ପରୀକ୍ଷାକୁ ସମାନ ଗୁରୁତ୍ୱ ନ ଦେଇ କେତେକକୁ ବାଦ୍ ଦେବାକୁ ଚାହିଁଥାଆନ୍ତି। ପ୍ରଥମେ ଏଭଳି ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। କାରଣ ଏହି ପ୍ୟାଥୋଲୋଜି ଟେଷ୍ଟକୁ ଆଧାର କରି ଡାକ୍ତର ରୋଗର ଲକ୍ଷଣ ନିରୂପଣ କରିବା ସହ ଚିକିତ୍ସା କରିଥାଆନ୍ତି।
- ଏବେ ଡାଇବେଟିସ, ବ୍ଲଡପ୍ରେସର ପରି ସ୍ୱାସ୍ଥ୍ୟ ସମସ୍ୟା ସାଧାରଣ କଥା ପାଲଟି ଗଲାଣି। ତେଣୁ ଏପରି ସମସ୍ୟା ଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତରେ ସୁଗାର ଏବଂ ବ୍ଲଡପ୍ରେସର କେତେ ରହିଛି ତାହା ମାପି ନିଅନ୍ତୁ। ତା'ସହ ଡାକ୍ତରଙ୍କ ସହ ନିୟମିତ ସମୟ ଅନ୍ତରାଳରେ ପରାମର୍ଶ କରନ୍ତୁ।

ସଂକ୍ଷେପରେ

୨୦୨୦ ପରେ ଭାରତର ଅଭିବୃଦ୍ଧି ତ୍ୱରାନ୍ୱିତ ହେବ: ବିଲ୍ ଗେଟ୍ସ

ନୂଆଦିଲ୍ଲୀ,୧୭-୧୧: ଭାରତ ନିକଟରେ ଦ୍ରୁତ ଅଭିବୃଦ୍ଧି ହାସଲ କରିବାର ଅନେକ କ୍ଷମତା ରହିଛି। ୨୦୨୦ ପରେ ଭାରତର ଜିଡିପି ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ମାଇକ୍ରୋସଫ୍ଟ ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସ ରବିବାର କହିଛନ୍ତି। ଭାରତର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ବେଳେ ସରକାରଙ୍କୁ ଏନେଇ ଅର୍ଥନୀତିଜ୍ଞ ସମାଲୋଚନା କରିଛନ୍ତି। ଏଭଳି ସ୍ଥିତିରେ ଅଭିବୃଦ୍ଧି ନେଇ ବିଲ୍ ଗେଟ୍ସର ମନ୍ତବ୍ୟ ଆସିଛି। ସେ କହିଛନ୍ତି, ବିକାଶ କ୍ଷେତ୍ରରେ ଆଗାମୀ ଦଶକ ଭାରତର ହେବ। ଏକ ବୃହତ୍ ସଂଖ୍ୟକ ଜନସଂଖ୍ୟାକୁ ଗରିବୀରୁ ବାହାରକୁ ଆଣିବା ଦିଗରେ ସରକାର କାର୍ଯ୍ୟ କରିବା ନେଇ ସେ ଆଶାବାଦୀ। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବାଦ ଗେଟ୍ସ ଆଧାର ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ମାନ୍ଦାବସ୍ଥା କେବେ ଯାଏ ରହିବ ସେ ଉପରେ ଗେଟସ ସ୍ପଷ୍ଟ ଭାବେ କୌଣସି କଥା କହି ନାହାନ୍ତି।

ଏଣ୍ଟରପ୍ରାଇଜେସ୍ ଓଡ଼ିଶା ଉଦ୍‌ଯାପିତ

ଭୁବନେଶ୍ୱର,୧୭-୧୧: ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ଚାଲିଥିବା ୨୨ତମ ଏଣ୍ଟରପ୍ରାଇଜେସ୍ ଓଡ଼ିଶା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶଶି ଶେଖର ମହାନ୍ତି ଶିଳ୍ପ ବିକାଶ ଏବଂ ନିଯୁକ୍ତି ସୃଷ୍ଟି ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟ ଆଇଟି, ଖଣି, ଇଲେକଟ୍ରୋନିକ୍ସ, ଆଗ୍ରୋଫୁଡ ପ୍ରୋସେସିଂ ଏବଂ ସର୍ଭିସ ଭଳି କ୍ଷେତ୍ରରେ ନିବେଶର ଏକ ପ୍ରମୁଖ ସ୍ଥାନ ହୋଇଥିବା ସେ କହିଛନ୍ତି। ବୃହତ୍ ଶିଳ୍ପ ବର୍ଗରେ ବେଦାନ୍ତ ଲିମିଟେଡକୁ ଏଥିରେ ପୁରସ୍କୃତ କରାଯାଇଛି। ମିଡିୟମ ଏବଂ ସ୍ମଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଆଗ୍ରୋପାକ ପ୍ରାଇଭେଟ ଲିମିଟେଡ ମହିଳା ଉଦ୍ୟୋଗୀ କ୍ଷେତ୍ରରେ ମନମ୍ ଫାଉଣ୍ଡେଶନକୁ ସମ୍ମାନିତ କରାଯାଇଛି। ସେହିଭଳି ନୋଭୋଲ୍ୟୁସନ୍ସ ଫୁଡ ଆଣ୍ଡ ବେଭରେଜ ଷ୍ଟାର୍ଟଅପ୍ ଅଫ୍ ଦି ଇୟର ଏବଂ ଏଗ୍ରିପ୍ୟାକ୍ ସୋସିଆଲ ଏଣ୍ଟରପ୍ରାଇଜ ଅଫ ଦି ଇୟର ପୁରସ୍କାର ହାସଲ କରିଛି।

ସାରା ଦେଶରେ ୨୬୦ ଟଚ୍ ପଏଣ୍ଟ ସହ ସେବା ଯୋଗାଣ ଆରମ୍ଭ କରିଥିଲୁ। ଶୀଘ୍ର ଏଥିରେ ଆଉ ୫୦ ନୂଆ ସେଲ୍‌ସ ପଏଣ୍ଟ ଯୋଡିବାକୁ ଯୋଜନା ରହିଛି।
– ମନୋହର ଭଟ୍ଟ, ମାର୍କେଟିଂ ମୁଖ୍ୟ, କିଆ ମୋଟର୍ସ ଇଣ୍ଡିଆ

ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଏବେ ସ୍ୱର୍ଣ୍ଣିମ ସମୟ ଚାଲିଛି। ଆଗକୁ ବିପୁଳ ସମ୍ଭାବନା ରହିଛି।
– ରଣଜୟ ଦତ୍ତ, ଇଣ୍ଡିଗୋ ସିଇଓ

ମାର୍ଚ୍ଚ ସୁଦ୍ଧା ବିପିସିଏଲ୍, ଏୟାର ଇଣ୍ଡିଆର ଘରୋଇକରଣ

- ସ୍ପଷ୍ଟ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ
- ଖାଉଟିଙ୍କ ମନୋଭାବରେ ଉନ୍ନତି ହେଉଥିବା କହିଲେ
- ମାନ୍ଦାବସ୍ଥାରୁ ବିଭିନ୍ନ କ୍ଷେତ୍ର ଶୀଘ୍ର ବାହାରିବା ନେଇ ଆଶାବାଦୀ

ନୂଆଦିଲ୍ଲୀ,୧୭-୧୧

୨୦୨୦ ମାର୍ଚ୍ଚ ସୁଦ୍ଧା ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ଏବଂ ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ଘରୋଇକରଣ ନେଇ ସମସ୍ତ ପ୍ରକ୍ରିୟା ଶେଷ ହେବ। ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ ଜାତୀୟ ମୁଦ୍ରିତ ଗଣମାଧ୍ୟମକୁ ସାକ୍ଷାତ୍‌କାରରେ ଏହି ସୂଚନା ଦେଇଛନ୍ତି। କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆକୁ ସମ୍ପୂର୍ଣ୍ଣ ଘରୋଇକରଣ କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି। ଏହି ଧାରାରେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ରୋଡ ଶୋ' ମଧ୍ୟ ଆୟୋଜନ କରାଯାଇଛି। ନିବେଶକମାନେ ଏୟାର ଇଣ୍ଡିଆ ଲାଗି ଭଲ ରେସପନ୍ସ ଦେଖାଇଥିବା ଜଣାପଡିଛି। ଏହି ଦୁଇ କମ୍ପାନୀର ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରିବାକୁ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ନିର୍ମଳା ସ୍ପଷ୍ଟ କରିଛନ୍ତି।

ସୀତାରାମନ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ନେଇ ସରକାର ଅଗ୍ରସର ହେଉଛନ୍ତି। ଏହାବାଦ ଏହି ୨ କମ୍ପାନୀର ଅଂଶଧନ ବିକ୍ରି ପଦକ୍ଷେପ ଗ୍ରହଣ କରାଯାଇଛି। ଏୟାର ଇଣ୍ଡିଆ ଅଂଶଧନ ବିକ୍ରି ଲାଗି ସରକାର ପୂର୍ବରୁ ଚେଷ୍ଟା ଜାରି ରହିଥିଲେ ମଧ୍ୟ ଏବେ ଯାଏ ଏଦିଗରେ କୌଣସି ନିର୍ଯାସ ବାହାରି ନାହିଁ। ମାନ୍ଦାବସ୍ଥା ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଏଭଳି ସ୍ଥିତିକୁ ଲଢିବା ଲାଗି ସରକାର ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। ଅନେକ କ୍ଷେତ୍ର ଧୀରେ ଧୀରେ ମାନ୍ଦାବସ୍ଥା କବଳରୁ ବାହାରିବାକୁ ଆରମ୍ଭ କରିଛନ୍ତି। ଶିଳ୍ପ କ୍ୟାପଟେନମାନେ ନୂଆ ନିବେଶ ନେଇ ଯୋଜନା ରଖିଥିବା ବେଳେ କମ୍ପାନୀଗୁଡିକର ବାଲାନ୍ସ ଶିଟ୍‌ରେ ଉନ୍ନତି ଆଣିବା ଲାଗି କମ୍ପାନୀଗୁଡିକ ଚେଷ୍ଟା ବଜାୟ ରଖିଛନ୍ତି।

ଅପରପକ୍ଷରେ ଜିଏସ୍‌ଟି ଚୋରିକୁ ରୋକିବା ଦିଗରେ ସରକାର ଯୋଜନା ହାତକୁ ନେଇଛନ୍ତି। ବିଭିନ୍ନ ବର୍ଗର ସାମଗ୍ରୀ ବିକ୍ରିରେ ଉନ୍ନତି ଆସିଲେ ରାଜସ୍ୱ ସଂଗ୍ରହ ବଢିବା ନେଇ ଆଶାବାଦୀ ରହିଥିବା ସେ ମତ ରଖିଛନ୍ତି। ପାର୍ବଣ ସମୟରେ ବ୍ୟାଙ୍କଗୁଡିକ ଆଉଟରିଚ୍ କାର୍ଯ୍ୟକ୍ରମ ଦ୍ୱାରା ସାରା ଦେଶରେ ଋଣ ଯୋଗାଣ କରିଥିବାରୁ ଗ୍ରାହକଙ୍କ ମନୋଭାବରେ ଉନ୍ନତି ଆସିଥିବା ସେ ମତ ରଖିଛନ୍ତି।

ପାନାସୋନିକର ଲକି ଡ୍ର ବିଜେତା

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ପ୍ରମୁଖ କମ୍ପାନୀ ପାନାସୋନିକ ପକ୍ଷରୁ ଏହାର 'ଡ୍ରିମ୍ ମୋର ଆଣ୍ଡ ସେଲିବ୍ରେଟ ମୋର' କଣ୍ଟେଷ୍ଟର ଭାଗ୍ୟଶାଳୀ ବିଜେତାଙ୍କୁ ରବିବାର ପୁରସ୍କୃତ କରାଯାଇଛି। ଖୋର୍ଦ୍ଧା ପଲ୍ଲାହାଟଠାରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଶୋ'ରୁମରୁ ପୂଜା ଉତ୍ସବରେ ପାନାସୋନିକ ବ୍ରାଣ୍ଡର ସାମଗ୍ରୀ କିଣିଥିବା ଗ୍ରାହକ ଏହି ଲକି ଡ୍ରରେ ସାମିଲ ହୋଇଥିଲେ। ଖୋର୍ଦ୍ଧା ମୁକ୍ତାପୁରର ଭାଗ୍ୟଶାଳୀ ବିଜେତା ମନୋରଞ୍ଜନ ବେହେରାଙ୍କୁ ପାନାସୋନିକ ପକ୍ଷରୁ ୧୧ଟି ଗୃହ ଉପକରଣ ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଟିଭି, ଫ୍ରିଜ, ୱାଶିଂ ମେଶିନ, ଏସି, ମାଇକ୍ରୋଓଭନ, ଭାକ୍ୟୁମ କ୍ଲିନର, ଏୟାର ପ୍ୟୁରିଫାୟର ସାମିଲ ରହିଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା, ପାନାସୋନିକର ମାର୍କେଟିଂ ମ୍ୟାନେଜର ଏସ୍.କେ. ରଫିକୁଆଲା, ଏରିଆ ମ୍ୟାନେଜର ରାକେଶ ବାରିକ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ଅରୁନ୍ଧତୀର ନୂଆ ସଗୁନ କଲେକ୍ସନ

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ବିବାହ ଗହଣା କଲେକ୍ସନ 'ସଗୁନ'ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଓ୍ୱେଡିଂ କାର୍ନିଭାଲ ଅଫର ଆରମ୍ଭ କରାଯାଇଛି। ଅରୁନ୍ଧତୀର ଭୁବନେଶ୍ୱରସ୍ଥିତ ଫ୍ଲାଗଶିପ ଷ୍ଟୋରରେ ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅରୁନ୍ଧତୀ ମେହେର ନୂଆ କଲେକ୍ସନକୁ ବଜାର ପ୍ରବେଶ କରାଇଥିଲେ। ଅରୁନ୍ଧତୀର ଲକି ଡ୍ର ବିଜେତାଙ୍କ ନାମ ଏହି ଅବସରରେ ଘୋଷଣା କରାଯାଇଥିଲା। ଏଥିରେ ବିଜେତା ହୋଇ ଶୁଭ୍ରାଂଶୁ ପ୍ରଧାନ ଲଣ୍ଡନ ଭ୍ରମଣର ସୁଯୋଗ ପାଇଛନ୍ତି। ଓ୍ୱେଡିଂ କାର୍ନିଭାଲ ଅଫରରେ ଗ୍ରାହକମାନେ ସୁନା ଗହଣାର ଗଢା ମୂଲ୍ୟରେ ୫୦% ପର୍ଯ୍ୟନ୍ତ ରିହାତି ପାଇବେ। ନିର୍ଦ୍ଦିଷ୍ଟ ମୂଲ୍ୟର କ୍ରୟ ଉପରେ ଭିଆଇପି ଏକ୍ସକ୍ଲୁସିଭ ଲଗେଜ ମିଳିବ। ଓ୍ୱେଡିଂ ପରଚେଜରେ ଫ୍ରି ରିସର୍ଟ ହଲିଡେ ପ୍ୟାକେଜ ଏବଂ ବ୍ରାଇଡାଲ ମେକ୍ ଅପ୍‌ର ସୁଯୋଗ ରହିଛି। ୨୦ ବର୍ଷ ଧରି ନିରନ୍ତର ସେବା ଯୋଗାଣ ସହ ଗ୍ରାହକ ସନ୍ତୁଷ୍ଟି କ୍ଷେତ୍ରରେ ଅରୁନ୍ଧତୀ ନୂଆ ଅଧ୍ୟାୟ ସୃଷ୍ଟି କରିପାରିଛି ବୋଲି ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି।

ପ୍ରକୃତ ବିତ୍ତୀୟ ନିଅଣ୍ଟକୁ ଲୁଚାଯାଉଛି: ୟଶୱନ୍ତ ସିହ୍ନା

ନୂଆଦିଲ୍ଲୀ,୧୭-୧୧

ଦେଶର ପ୍ରକୃତ ବିତ୍ତୀୟ ନିଅଣ୍ଟକୁ ଲୁଚାଯାଉଥିବା ଅଭିଯୋଗ ଆସିଛି। ସରକାର ବଜେଟରେ ଏ ନେଇ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରୁଥିବା ଭାରତୀୟ ଜନତା ପାର୍ଟିର ପୂର୍ବତନ ନେତା ୟଶୱନ୍ତ ସିହ୍ନା ରବିବାର ଅଭିଯୋଗ ଆଣି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଟାର୍ଗେଟ କରିଛନ୍ତି। ଚଳିତ ବର୍ଷ ଫେବୃୟାରୀରେ ଆସିଥିବା ଅନ୍ତରୀଣ ବଜେଟରେ ଅର୍ଥମନ୍ତ୍ରୀ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ନେଇ ଯେଉଁ ଘୋଷଣା କରିଥିଲେ ତାକୁ ୟଶୱନ୍ତ ଆଧାର କରିଛନ୍ତି। ମାତ୍ର ପରେ ଜୁଲାଇରେ ଆସିଥିବା ପୂର୍ଣ୍ଣାଙ୍ଗ ବଜେଟରେ ପରିବର୍ତ୍ତିତ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ସିଏଜି ପ୍ରଦାନ କରିଥିଲେ । ଏଭଳି ଅସଙ୍ଗତି ପ୍ରସଙ୍ଗରେ କିଛି ଏମ୍‌ପିଙ୍କୁ ସେ ଅବଗତ କରାଇଥିଲେ ମଧ୍ୟ ସଂସଦରେ ଏହାକୁ କେହି ଉଠାଇ ନଥିବା ସିହ୍ନା କହିଛନ୍ତି।

ଓଡ଼ିଶା ବଜାରରେ ଆଲିଆଞ୍ଜି ଇଣ୍ଟରନ୍ୟାଶନାଲ ହୋଲଡ୍ଜିଂର ପ୍ରଡକ୍ଟ

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ଆଲିଆଞ୍ଜି ହୋଲଡ୍ଜିଂ ଲିମିଟେଡ ଓଡ଼ିଶା ବଜାରରେ ପ୍ରବେଶ କରିଛି। ବ୍ୟକ୍ତିଗତ ପ୍ରସାଧନ ସାମଗ୍ରୀ, କସ୍‌ମେଟିକ୍ସ ଓ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏହି ଏଫ୍‌ଏମ୍‌ସିଜି କମ୍ପାନୀ ଆନ୍ଧ୍ରପ୍ରଦେଶ ପରେ ଓଡିଶାକୁ ଏହାର ନେଟୱର୍କରେ ଯୋଡିଛି। କମ୍ପାନୀର କଣ୍ଟ୍ରି ହେଡ ନରେଶ ଶ୍ରୀବାସ୍ତବ, ଆଞ୍ଚଳିକ ମୁଖ୍ୟ ନାଗରାଜନ, ନିର୍ଦ୍ଦେଶକ ଆର୍.ବି.ଠାକୁର, ବିକ୍ରମ କେଶରୀ ସାହୁ, ରାଜୀବ ଲୋଚନ ଦାସ ଏହି ନୂଆ ବ୍ରାଣ୍ଡ୍ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଓଡ଼ିଆ ସିନେମା ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ ଓଡିଶା ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏହି ପ୍ରଡକ୍ଟଗୁଡିକ ସୁପରମାର୍କେଟ ଏବଂ ଏଫ୍‌ଏମ୍‌ସିଜି ଷ୍ଟୋରଗୁଡିକରେ ମଧ୍ୟ ଉପଲବ୍ଧ ହେବ। ଗ୍ରାହକଙ୍କ ଚାହିଦା, ବ୍ୟବହାର ଏବଂ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ପ୍ରଡକ୍ଟଗୁଡିକୁ ବଜାର ପ୍ରବେଶ କରାଯାଇଥିବା କଣ୍ଟ୍ରି ହେଡ ଶ୍ରୀବାସ୍ତବ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

FINANCE

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଅରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

DHARITRI Career appointment Every Wednesday and Saturday

BUSINESS

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000/-, ଉଡା 50,000/- ଟଙ୍କା ପାଆନ୍ତୁ । ଋଣରୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ୍ୟ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ନେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ଖାଜେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ ଜଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ର

ସଂକ୍ଷେପରେ

ଇଂଲଣ୍ଡ ଖେଳାଳି ବହି ବିକିବା ପାଇଁ ବ୍ୟବହାର କରୁଛନ୍ତି ୱାର୍ନରଙ୍କ ନାମ

କାନବେରା,୧୭।୧୧- ବହିକୁ ଅଧିକରୁ ଅଧିକ ବିକ୍ରି କରିବା ପାଇଁ ଇଂଲଣ୍ଡ କ୍ରିକେଟରମାବେ ଡେଭିଡ୍ ୱାର୍ନରଙ୍କ ନାମ ବ୍ୟବହାର କରୁଛନ୍ତି। ଏହା କହିଛନ୍ତି ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଅଧିନାୟକ ଟିମ୍ ପେନ। ନିକଟରେ ବେନ୍ ଷ୍ଟୋକ୍ସ ନିଜର ନୂଆ ବହି 'ଅନ୍ ଫାୟାର' ଉନ୍ମୋଚିତ କରିଛନ୍ତି। ଏଥିରେ ହେଡିଂଲେ ଟେଷ୍ଟବେଳେ ତାଙ୍କୁ ୱାର୍ନର ସ୍ଲେଜିଂ କରି ଉତ୍ତେଜିତ କରିଥିଲେ ଓ ଏହା ତାଙ୍କୁ ମ୍ୟାଚ୍ ଜିତାଇବା ପାଇଁ ପ୍ରେରିତ କରିଥିବା ଉଲ୍ଲେଖ କରିଛନ୍ତି। ଉକ୍ତ ଟେଷ୍ଟରେ ଷ୍ଟୋକ୍ସ ୧୩୫ ରନ୍‌ର ଅପରାଜିତ ଇନିଂସ ଖେଳି ଅଷ୍ଟ୍ରେଲିଆ ମୁହଁରୁ ବିଜୟ ଛଡ଼ାଇ ଆଣିଥିଲେ। ଷ୍ଟୋକ୍ସଙ୍କ ଇନିଂସ୍ ବେଳେ ମୋ ନିକଟରେ ୱାର୍ନର ପୂରା ସମୟ ସ୍ଲିପ ଅଞ୍ଚଳରେ ଫିଲ୍ଡିଂ କରୁଥିଲେ। ସମସ୍ତଙ୍କୁ କ୍ରିକେଟ ଫିଲ୍ଡରେ କଥାହେବାର ଅଧିକାର ରହିଛି। ମାତ୍ର ସେ କୌଣସି ପ୍ରକାର ସ୍ଲେଜିଂ କରିନାହାନ୍ତି। ୱାର୍ନରଙ୍କ ନାମ ବ୍ୟବହାର କରି କ୍ରିକେଟରମାନେ ବହି ବିକିବା ଇଂଲଣ୍ଡରେ ଏକ ଟ୍ରେଣ୍ଡ ପାଲଟିଲା ଭଳି ଲାଗୁଛି। ସେମାନଙ୍କୁ ଶୁଭକାମନା ବୋଲି ପେନ୍ କହିଛନ୍ତି।

ବାରବାଟୀରେ 'ଷ୍ଟାର ସ୍ପୋର୍ଟସ' ଟିମ୍

କଟକ ଅଫିସ,୧୭।୧୧: 'ଷ୍ଟାର୍ ସ୍ପୋର୍ଟସ'ର ଏକ ଟିମ୍ ରବିବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନରେ ଆସିଥିଲା। ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ର ପ୍ରସାରଣ ଦାୟିତ୍ୱ ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ହାତରେ ରହିଛି। ଚ୍ୟାନେଲର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ବିସ୍ତଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଷ୍ଟାଡିୟମର ବିଭିନ୍ନ ପାର୍ଶ୍ୱ ବୁଲି ଦେଖିଥିଲେ। ହର୍ସଗେଟ ନିକଟରେ ଚ୍ୟାନେଲର କଣ୍ଟ୍ରୋଲ ରୁମ୍ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପ୍ରସାରଣ ବିଭାଗର କିଛି ଅଧିକାରୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ଭାରତୀୟ ମହିଳା ବକ୍ସରଙ୍କୁ ୫ ସ୍ୱର୍ଣ୍ଣ

ଉଲାନବାତାର, ୧୭।୧୧ (ପି.ଟି.): ମଙ୍ଗୋଲିଆର ଉଲାନବାତାରଠାରେ ଚାଲିଥିବା ଏସିଆନ ୟୁଥ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସରମାନେ ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। ଭାରତୀୟ ମହିଳା ବକ୍ସରମାନେ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୁରୁଷ ବକ୍ସର ୨ଟି ରୌପ୍ୟ ପଦକ ଜିତିଛନ୍ତି। ୫୧ କେ.ଜି. ବର୍ଗରେ ନାଓରେମ ଚାନୁ, ୬୪ କେ.ଜି. ବର୍ଗରେ ଭିନ୍‌କା, ୭୫ କେ.ଜି. ବର୍ଗରେ ସାନାମାଚା ଚାନୁ, ୫୪ କେ.ଜି.ରେ ପୁନମ ଓ ୮୧ କେ.ଜି.ରେ ସୁଷମା ସ୍ୱର୍ଣ୍ଣ ପଦକ ହାସଲ କରି ଭାରତ ପାଇଁ କ୍ଲିନ୍ ସୁଇପ୍ କରିଛନ୍ତି।

ବର୍ତ୍ତମାନ ମୋର ଲକ୍ଷ୍ୟ କେବଳ ରନ ସ୍କୋରିଂ ଉପରେ ରହିବା। ଚୟନକର୍ତ୍ତାମାନେ ମୋ ସମ୍ପର୍କରେ ଯାହା ନିଷ୍ପତ୍ତି ନେବେ।
– ପୃଥ୍ୱୀ ଶ', ଯୁବ କ୍ରିକେଟର

ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲ ଏବଂ ବିଦେଶୀ ଖେଳାଳିଙ୍କୁ ବିଳମ୍ବରେ ପାଉଣା ପ୍ରଦାନ ଯୋଗୁ ବାଂଲାଦେଶ ପ୍ରିମିୟର ଲିଗ୍‌ର ଭାବମୂର୍ତ୍ତି ନଷ୍ଟ ହୋଇଛି।–ନାଜମୁଲ ହସନ, ବାଂଲାଦେଶ କ୍ରିକେଟ ମୁଖ୍ୟ

ସୟଦ ମୁସ୍ତାକ ଅଲ୍ଲୀ ଟି୨୦

ଓଡ଼ିଶା ପାଇଁ ସୁଯୋଗ

କଟକ ଅଫିସ,୧୭।୧୧

ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ଟିକ୍ସି ରହିବା ଲାଗି ଓଡ଼ିଶା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ପୂର୍ବରୁ ବର୍ଷା ଯୋଗୁ ବାତିଲ ହୋଇଥିବା ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପୁନର୍ବାର ଆୟୋଜନ କରିବା ନିମନ୍ତେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସ୍ଥିର କରିଛି। ବିସିସିଆଇର ନୂତନ ମ୍ୟାଚ୍ ସୂଚୀରେ ଓଡ଼ିଶା ସୋମବାର ଦିଲ୍ଲୀ ଦଳକୁ ଭେଟିବ। ତେବେ ଅଧିକ ରନ୍‌ରେଟରେ ଦିଲ୍ଲୀକୁ ହରାଇଲେ ହିଁ ପରବର୍ତ୍ତୀ ରାଉଣ୍ଡକୁ ଯିବାର

ଦିଲ୍ଲୀକୁ ଅଧିକ ରନରେଟରେ ହରାଇବାକୁ ପଡ଼ିବ

ଆଶା ରହିଛି। ଦିଲ୍ଲୀ ୭ଟି ମ୍ୟାଚ୍‌ରୁ ୪ ବିଜୟ, ଗୋଟିଏ ପରାଜୟ ଓ ୨ଟି ଅମୀମାଂସିତ ଫଳାଫଳ ବଳରେ ୨୦ ପଏଣ୍ଟ ହାସଲ କରି ଏଲିଟ୍ ଗ୍ରୁପ-ଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚ୍‌ରୁ ୩ଟି ବିଜୟ, ୪ଟି ପରାଜୟ, ୨ଟି ଅମୀମାଂସିତ ଫଳାଫଳ ବଳରେ ୧୬ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି। ରନରେଟ୍‌ରେ ସାମାନ୍ୟ ତାରତମ୍ୟ ରହିଛି। ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୪୫ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି।

ଶୁଭ୍ରାଂଶୁ ସେନାପତି

ନାଗାଲାଣ୍ଡ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଦଳ ୯ ଉଇକେଟ ହରାଇ ୧୪୯ରନ କରିଥିଲା। ଏହି ମ୍ୟାଚ୍‌ରେ ଶୁଭ୍ରାଂଶୁ ସେନାପତି ୨୧ବଲରୁ ୩ ଚୌକା ଓ ୪ ଛକା ବଳରେ ସର୍ବାଧିକ ୪୨ରନ କରିଥିଲେ। ଏହାଛଡ଼ା ଅଭିଷେକ ରାଉତ ୩୬, ରାଜେଶ ଧୂପର ୨୩, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୭ରନ କରିଥିଲେ। ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଷ୍ଟୁଆର୍ଟ ବିନ୍ନି, ଆଇ.ଲେମଟୁର ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଜବାବରେ ନାଗାଲାଣ୍ଡ ୧୦୪ରନରେ ଅଲଆଉଟ ହୋଇଥିଲା। ନାଗାଲାଣ୍ଡ ପକ୍ଷରୁ ଯୋଗେଶ ଟକାୱାଲେ ଓ ଷ୍ଟୁଆର୍ଟ ବିନ୍ନି ସର୍ବାଧିକ ୩୧ରନ ଲେଖାଏ କରିଥିଲେ। ଏସ୍.ଏସ୍ ମୁନ୍ଧେ ୨୦ରନ ଓ ଏଏନ ଲଙ୍ଗଚାର ୧୪ରନ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍ସମ୍ୟାନ ଆଖି ଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି। ଓଡ଼ିଶା ସ୍ପିନ ବୋଲିଂ ସହାୟତାରେ ବିଜୟୀ ହୋଇଛି। ଅଧିନାୟକ ଗୋବିନ୍ଦ ଓ ପପୁ ରାୟ ସର୍ବାଧିକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ୨ଟି ଓ ଅଭିଷେକ ରାଉତଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

ରଜତ ଶର୍ମା ଡିଡିସିଏ ସଭାପତି ପଦରେ ରହିବେ

ନୂଆଦିଲ୍ଲୀ,୧୭।୧୧(ପି.ଟି.)

ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ବୋର୍ଡ (ଡିଡିସିଏ) ଅମ୍ବୁଡ୍‌ସମ୍ୟାନ ଜଷ୍ଟିସ୍ (ଅବସରପ୍ରାପ୍ତ) ବାଦର ଦୁରେଜ ଅହମ୍ମଦ ରବିବାର ସିନିୟର ଜର୍ନାଲିଷ୍ଟ ରଜତ ଶର୍ମାଙ୍କ ଇସ୍ତଫାପତ୍ରକୁ ଅଟକ ରଖିଛନ୍ତି ଏବଂ ତାଙ୍କୁ ସଭାପତି ଭାବେ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସ୍ଥିତିରେ ସ୍ୱଚ୍ଛତା ସହ ସାଲିସ କରିବେ ନାହିଁ ବୋଲି ପ୍ରକାଶ କରି ଶର୍ମା ଶନିବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ଅମ୍ବୁଡ୍‌ସମ୍ୟାନ ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି, ଡିଡିସିଏ ସଭାପତିଙ୍କ କ୍ଷମତା ପ୍ରତ୍ୟାହାର ଦିଗରେ ଉଚିତ୍ ମାର୍ଗ ଗ୍ରହଣ କରାଯାଇ ନାହିଁ। ସାଧାରଣ ସମ୍ପାଦକ ବିନୋଦ ତିହାରିଙ୍କ ସସ୍‌ପେଣ୍ଡ ଆଦେଶ ଉଠାଯାଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ଅମ୍ବୁଡ୍‌ସମ୍ୟାନ ଏହାକୁ ଅଟକ ରଖିଛନ୍ତି। ଏ ଘଟଣାରେ ତିହାରିଙ୍କୁ ୨ ସପ୍ତାହ ମଧ୍ୟରେ ନିଜ ପକ୍ଷ ରଖିବାକୁ କୁହାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ଜବାବ ଆସିନାହିଁ। ୩ଟି ପ୍ରସ୍ତାବ ଆପେକ୍ସ କାଉନ୍‌ସିଲ ଦ୍ୱାରା ଗତ ୧୩ ତାରିଖରେ ମଞ୍ଜୁରୀ ପାଇଥିଲା, ଯାହା ଆଇନଗତ ନୁହେଁ। ଏଥିରେ ବିନୋଦଙ୍କ ଉପରୁ ସସ୍‌ପେଣ୍ଡ ଆଦେଶ ଉଠାଇବା ସମ୍ପର୍କରେ ଏକ ପ୍ରସ୍ତାବ ରହିଥିଲା। ଡିଡିସିଏ ସାଧାରଣ ସମ୍ପାଦକ ଗତ ୨ ତାରିଖରେ ଆପେକ୍ସ କାଉନ୍ସିଲ ଦ୍ୱାରା ସସ୍‌ପେଣ୍ଡ ହୋଇଥିଲେ। ଅମ୍ବୁଡ୍‌ସମ୍ୟାନ ଆହୁରି କହିଛନ୍ତି, ଆପେକ୍ସ କାଉନ୍‌ସିଲ ଏବେ ଶର୍ମା କିମ୍ବା କୌଣସି ପଦଧାରୀଙ୍କ ଇସ୍ତଫାକୁ ମଞ୍ଜୁରୀ ଦେଇପାରିବ ନାହିଁ। କୌଣସି ପ୍ରକାର ପ୍ରସ୍ତାବକୁ ମଞ୍ଜୁରୀ ଦେବା ପୂର୍ବରୁ ଆପେକ୍ସ କାଉନ୍ସିଲକୁ ଅମ୍ବୁଡ୍‌ସମ୍ୟାନଙ୍କ ଅନୁମତି ଦରକାର। କ୍ରିକେଟର ଉନ୍ନତି ଲାଗି ସେମାନଙ୍କୁ କାର୍ଯ୍ୟ ଜାରି ରଖିବାକୁ ପଡ଼ିବ।

ରାଜ୍ୟ ସ୍କୁଲ ଚେସ୍: ସ୍ୱପ୍ନିଳ ଚାମ୍ପିୟନ

ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ ଓପନ ଚେସ୍‌ରେ ସ୍ୱପ୍ନିଳ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬.୫ ପଏଣ୍ଟ ସହିତ ଏହି ସଫଳତା ପାଇଛନ୍ତି। ଦେବୀ ନାୟକ (୬ ପଏଣ୍ଟ) ଓ ଅବିନାଶ ଆଚାର୍ଯ୍ୟ(୫.୫) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତ୍ରିଦେବ ତୀର୍ଥଙ୍କର, ଈଶାନି ଦାସ, ପ୍ରତୀକ ରାଉତ, ମୃତ୍ୟୁଞ୍ଜୟ ମଣ୍ଡଳ, ପ୍ରଭାଂଶୁ ଦାଶ, ଜ୍ଞାନଜ୍ୟୋତି ସିଂ ଓ ଅମୃତ ଶତପଥୀ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ଏବଂ ୪ ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଲେଖକ ସତ୍ୟନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲୋପାମୁଦ୍ରା ମହାପାତ୍ର, ପୂର୍ଣ୍ଣିମା ସାବତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଟୁର୍ନାମେଣ୍ଟ ପରିଚାଳନା କରିଥିବାବେଳେ ରତ୍ନା ଦାଶ ସହଯୋଗ କରିଥିଲେ।

ଅଭୟ ନେଗିଙ୍କ ନାମରେ ଦ୍ରୁତତମ ଅର୍ଦ୍ଧଶତକ

ମୁମ୍ବାଇ, ୧୭।୧୧ (ପି.ଟି.)

ମେଘାଳୟର ଅଭୟ ନେଗି ସୟଦ ମୁସ୍ତାକ ଅଲ୍ଲୀ ଟି୨୦ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି। ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ମିଜୋରାମ ବିପକ୍ଷ ମ୍ୟାଚ୍‌ରେ ୨୭ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ଅଭୟ ମାତ୍ର ୧୪ ବଲରୁ ୫୦ ରନ ପୂରଣ କରିଥିଲେ। ଏଥିସହ ଭାରତୀୟ ଘରୋଇ ଟି୨୦ କ୍ରିକେଟ୍ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟରେ ରବିନ ଉଥପ୍ପାଙ୍କ ନାମରେ ରହିଥିବା ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡକୁ ଅଭୟ ଟପିଯାଇଛନ୍ତି। ଏଥିସହ ଭାରତ

ମାଟିରେ ଟି୨୦ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ସେ ଲୋକେଶ ରାହୁଲଙ୍କ ସହ ସମକକ୍ଷ ହୋଇଛନ୍ତି। ରାହୁଲ ୨୦୧୮ରେ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୪ ବଲରୁ ୫୦ ରନ ପୂରଣ କରି ଏହି ରେକର୍ଡର ଅଧିକାରୀ ରହିଥିଲେ। ଅଭୟ (୫୦ ରନ, ୨ ଚୌକା, ୬ ଛକା)ଙ୍କ ଅପରାଜିତ ଇନିଂସ ବଳରେ ମେଘାଳୟ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୦୪ ରନ କରିଥିଲା। ଜବାବରେ ମିଜୋରାମ ଓପନର୍ ତରୁଣ୍ୱର କୋହଲି (୯୦ ରନ) ଓ ଅଧିନାୟକ କେ.ବି. ପଓ୍ୱାନ (୭୨*)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୨ ଉଇକେଟ୍ ହରାଇ ୧୮୨ ରନ କରିଥିଲା।

ବେଲ୍ଟ ଟେଷ୍ଟରେ ୫୫ କରାଟେକା ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ୧୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ କରାଟେ ସ୍କୁଲର କଟକ ଶାଖା ବେଲ୍ଟ ଟେଷ୍ଟ ରବିବାର ଅନୁଷ୍ଠିତ ହୋଇ ଯାଇଛି। କଟକସ୍ଥିତ ୱାଇଏମସିଏରେ ଅନୁଷ୍ଠିତ ପରୀକ୍ଷାରେ ୫୫ କରାଟେକା ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟେଷ୍ଟରେ କଟକ ଶାଖା ପ୍ରଶିକ୍ଷକ ଗୋପାଳ ଦାସ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ, ଉମାକାନ୍ତ ବେହେରା ଏବଂ ଅନୁଗୋଳ କରାଟେ ସ୍କୁଲ ଶାଖାର ସେନ୍‌ସେଇ ଜୟଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆଇଏଏଏଫ୍ ହେଲା ୱାର୍ଲ୍ଡ ଆଥ୍‌ଲେଟିକ୍ସ

ନାମ ପରିବର୍ତ୍ତନ

ନୂଆଦିଲ୍ଲୀ,୧୭।୧୧

ବିଶ୍ୱ ଆଥଲେଟିକ୍ସ ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍)ର ନାମ ପରିବର୍ତ୍ତନ ହୋଇଛି। ଆଇଏଏଏଫ୍ ଏବେ ନୂଆ ନାମ ୱାର୍ଲ୍ଡ ଆଥଲେଟିକ୍ସ ଭାବେ ପରିଚିତ ହେବ। ଏଥିସହିତ ଏହାର ଅଫିସିଆଲ ୱେବସାଇଟ୍‌ର ନାମ ପରିବର୍ତ୍ତନ ହୋଇଛି। କ୍ରୀଡ଼ାକୁ ଆହୁରି ଅଧିକ ସୁଗମ୍ୟ କରିବା ପାଇଁ ଏଭଳି ନାମ ପରିବର୍ତ୍ତନ କରାଯାଇଛି ବୋଲି କୁହାଯାଇଛି। ଏବେ ଆମେ ୱର୍ଲ୍ଡ ଆଥଲେଟିକ୍ସରେ ପରିଣତ ହୋଇଛୁ ବୋଲି ନୂଆ ୱେବସାଇଟ୍‌ରେ ଉଲ୍ଲେଖ କରାଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ସମ୍ପର୍କିତ ସବୁ ସୂଚନା ଏହି ୱେବସାଇଟ୍‌ରେ ମିଳି ପାରିବ। ଉଲ୍ଲେଖଥାଉ କି, ଆଇଏଏଏଫ୍ ୧୯୧୨ରେ ସ୍ଥାପିତ ହୋଇଥିଲା। ସେତେବେଳେ ଏହା ଥିଲା ଇଣ୍ଟରନ୍ୟାଶନାଲ ଆମେଚର ଆଥଲେଟିକ ଫେଡେରେଶନ ରୂପେ ଜଣାଶୁଣା ଥିଲା। ତେବେ ୨୦୦୧ରେ ଏହାର ନାମ ପୁଣି ପରିବର୍ତ୍ତନ ହୋଇଥିଲା ଓ ଆଇଏଏଏଫ୍ ରୂପେ ପରିଚିତ ଥିଲା।

ସିରିଜ ଜିତିଲା ଆଫଗାନିସ୍ତାନ

ଲକ୍ଷ୍ନୌ, ୧୭।୧୧ (ପି.ଟି.)

ଦୁଇ ଯୁବ ଖେଳାଳି ୧୭ ବର୍ଷୀୟ ରହମାନୁଲ୍ଲା ଗୁର୍‌ବାଜ (୭୯ ରନ) ଓ ୨୦ ବର୍ଷୀୟ ନବୀନ-ଉଲ୍-ହକ୍ (୩/୨୩)ଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌କୁ ଆଫଗାନିସ୍ତାନ ୨୯ ରନରେ ଜିତିନେଇଛି। ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ ୩୦ ରନରେ ଜିତିଥିଲା। ସେହିପରି ଆଫଗାନିସ୍ତାନ ୨ୟ ମ୍ୟାଚ୍‌କୁ ୪୧ ରନରେ ବିଜୟୀ ହୋଇ ସିରିଜକୁ ୨-୧ରେ ଜିତିନେଇଛି। ଦୁଇଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ୨୭ରୁ ଏଠାରେ ଆରମ୍ଭ ହେବ। ସ୍ଥାନୀୟ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଆଫଗାନିସ୍ତାନ ଅଧିନାୟକ ରଶିଦ ଖାଁ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର୍ ରହମାନୁଲ୍ଲା (୭୯ ରନ, ୫୨ ବଲ)ଙ୍କ ସମେତ ଅସଘାର ଆଫଘାନ (୨୪), ନଜିବୁଲ୍ଲା ଜର୍ଦାନ (୧୪) ଓ ମହମ୍ମଦ ନବୀ (୧୫)ଙ୍କ ଉପଯୋଗୀ ଇନିଂସ ବଳରେ ଦଳ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୫୬ ରନ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ କେମୋ ପଲ୍, ସେଲଡନ କୋର୍ଟେଲ ଓ କେସରିକ୍ ୱିଲିୟମ୍ସ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଉଇକେଟ୍‌କିପର ସାଇ ହୋପ୍ (୫୨ ରନ)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୭ ଉଇକେଟ୍ ବିନିମୟରେ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ କିରନ ପୋଲାର୍ଡ ଓ ସିମରନ ହେଟ୍‌ମେୟର ୧୧ ରନ ଲେଖାଏ କରିଥିଲେ। ଏହି ସିରିଜ ଲାଗି ଆଫଗାନିସ୍ତାନ ଲକ୍ଷ୍ନୌକୁ ନିଜର ଘରୋଇ ଗ୍ରାଉଣ୍ଡ କରିଛି।

ଉତ୍କଳ କରାଟେ ସ୍କୁଲ କଟକ ଶାଖା ବେଲ୍ଟ ଟେଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଟେକାମାନେ।

ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ରାଇଜିଂ ଷ୍ଟାରର ଖେଳାଳିମାନେ।

ରାଇଜିଂ ଷ୍ଟାର ଚାମ୍ପିୟନ

ଲିଙ୍ଗରାଜ ଚ୍ୟାଲେଞ୍ଜ ଭଲିବଲ

ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦ୍ୱାଦଶ ଜାତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ରବିବାର ରାତିରେ ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସକୁ ୨-୧ରେ ହରାଇ ରାଉରକେଲାର ରାଇଜିଂ ଷ୍ଟାର ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ୩-୨ରେ ତାମିଲନାଡୁ କ୍ରୀଡ଼ା ଛାତ୍ରାବାସକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟାର ୩-୨ରେ ଆନ୍ଧ୍ର ପ

ଅନ୍ତର୍ଜାତୀୟ ଫୁଟ୍‌ବଲରୁ କେବେ ଅବସର ନେବି ମୁଁ ଏକାକୀ ନିଷ୍ପତ୍ତି ନେବି। ଅନ୍ୟ କେହି ଏଥିରେ ମୁଣ୍ଡ ଖେଳାଇବା ଆବଶ୍ୟକ ନାହିଁ।
–କରିମ୍ ବେଞ୍ଜିମା, ରିୟଲ ମାଡ୍ରିଡ ଷ୍ଟ୍ରାଇକର

ୟୁରୋ ୨୦୨୦ ପାଇଁ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ମଙ୍ଗଳବାର ନର୍ଦ୍ଦର୍ନ ଆଇଲାଣ୍ଡକୁ ପରାସ୍ତ କରି ଗ୍ରୁପ୍ ସି'ର ଶୀର୍ଷ ସ୍ଥାନ ଅଧିକାର ଆମର ଲକ୍ଷ୍ୟ।–ଜୋଚିମ୍ ଲୋ, ଜର୍ମାନୀ କୋଚ୍

ସଂକ୍ଷେପରେ

■ ଇଷ୍ଟ ଇଣ୍ଡିଆ ଷ୍ଟ୍ରଙ୍ଗ ଓମ୍ୟାନ, ଷ୍ଟ୍ରଙ୍ଗ ମ୍ୟାନ ପ୍ରତିଯୋଗିତା

ପ୍ରିୟଦର୍ଶିନୀ, ସୌମ୍ୟରଞ୍ଜନ ଚାମ୍ପିୟନ

ସମ୍ବଲପୁର, ୧୭।୧୧ (ବ୍ୟୁରୋ): ଇଷ୍ଟ୍ ଇଣ୍ଡିଆ ଷ୍ଟ୍ରଙ୍ଗ ଓମ୍ୟାନ୍ ଓ ଷ୍ଟ୍ରଙ୍ଗ ମ୍ୟାନ ପ୍ରତିଯୋଗିତା ରବିବାର ସମ୍ବଲପୁର କଚେରି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲାର ପ୍ରିୟଦର୍ଶିନୀ ବିଶୋଇ ଷ୍ଟ୍ରଙ୍ଗ ଓମ୍ୟାନ ଓ ଭୁବନେଶ୍ୱରର ସୌମ୍ୟରଞ୍ଜନ ବେହେରା ଷ୍ଟ୍ରଙ୍ଗ ମ୍ୟାନ ଭାବେ ବିବେଚିତ ହୋଇଛନ୍ତି। ଆସାମ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, କର୍ନାଟକରୁ ୬୦ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରେ ୧୦ ମହିଳା ଥିଲେ। ଫାର୍ମର ୱାର୍କ, ଡେଡ୍‌ଲିଫ୍ଟ, କ୍ଲିନପ୍ରେସ, ସେଣ୍ଟ ବ୍ୟାଗକେରି, ଟ୍ରକ୍ ପୁଲିଂ, କାର ପୁଲିଂ ଇଭେଣ୍ଟ ହୋଇଥିଲା। ବରିଷ୍ଠ ପ୍ରଶିକ୍ଷକ ସନ୍ତୋଷ ଭୂୟାଁ, ଗଙ୍ଗାଧର ବିଶୋଇଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶା ଷ୍ଟ୍ରଙ୍ଗ୍ ମ୍ୟାନ ଆସୋସିଏଶନ୍ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

କବିରାଜ ଭୁବନେଶ୍ୱର ଜିଲା ବଡିବିଲ୍ଡିଂ ଆସୋସିଏଶନ ସଭାପତି

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି): ପୁରୁଣା ଭୁବନେଶ୍ୱରସ୍ଥିତ ବଉଳଗଡ଼ ବ୍ୟାୟାମଶାଳାରେ ଭୁବନେଶ୍ୱର ଜିଲା ବଡିବିଲ୍ଡିଂ ଆସୋସିଏଶନର ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କବିରାଜ ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ଆସୋସିଏଶନର ସଭାପତି ମନୋନୀତ କରାଯାଇଛି।

୨୦୨୦ ଫେବୃୟାରୀ ୭ରୁ ୯ ପର୍ଯ୍ୟନ୍ତ ରାଜ୍ୟ ସନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା 'ମିଷ୍ଟର ଓଡ଼ିଶା' ଏବଂ ପୂର୍ବାଞ୍ଚଳ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ୨ଟି ଯାକ ପ୍ରତିଯୋଗିତା ନୂଆ ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ବଡିବିଲ୍ଡିଂ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

ରାଜ୍ୟ ସ୍ନୁକର, ବିଲିୟାର୍ଡସ ଆଜିଠାରୁ

କଟକ ଅଫିସ,୧୭।୧୧: ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଂ ଚାମ୍ପିୟନଶିପ କଟକ କ୍ଲବଠାରେ ସୋମବାରଠାରୁ ଆରମ୍ଭ ହେବ। ଉଭୟ ଜୁନିୟର ଓ ସିନିୟର ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର ଓ ପୁରୀର ପ୍ରତିଯୋଗୀ ଭାଗ ନେବେ। ସିନିୟର ସ୍ନୁକରରେ ୪୨ଜଣ, ସିନିୟର ବିଲିୟାର୍ଡସରେ ୧୦ଜଣ, ଜୁନିୟର ସ୍ନୁକରରେ ୨ଜଣ ଓ ଜୁନିୟର ବିଲିୟାର୍ଡସରେ ୨ଜଣ ଭାଗ ନେବା ପାଇଁ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଜୁନିୟର ସ୍ନୁକର, ଜୁନିୟର ବିଲିୟାର୍ଡସ ଓ ସିନିୟର ବିଲିୟାର୍ଡସର ଚାମ୍ପିୟନ, ରନର୍ସଅପ ପ୍ରତିଯୋଗୀ ଆସନ୍ତା ଜାତୀୟ ଚାମ୍ପିୟନଶିପ ନିମନ୍ତେ ଯୋଗ୍ୟତା ହାସଲ କରିବେ। ସିନିୟର ସ୍ନୁକରରେ ଚାମ୍ପିୟନ, ରନର୍ସଅପ ସମେତ ୩ୟ ର୍ୟାଙ୍କରେ ଥିବା ପ୍ରତିଯୋଗୀ ଜାତୀୟ ଚାମ୍ପିୟନଶିପରେ ଭାଗ ନେବାର ସୁଯୋଗ ପାଇବେ ବୋଲି ବିଏସ୍‌ଏଓର ସଂଯୋଜକ ଗୋବିନ୍ଦ ଶର୍ମା କହିଛନ୍ତି।

ରେଫରିଙ୍କୁ ଧକ୍କା ମାରି ୬ ମାସ ବାସନ୍ଦ ଖେଳାଳି

ଜୋହାନ୍ସବର୍ଗ,୧୭।୧୧(ଏଏଫ୍‌ପି): କେପ ଟାଉନ ସିଟି ମିଡ୍‌ଫିଲ୍ଡର ଏମ୍‌ଫୋ ମାକୋଲାଙ୍କୁ ଏକ ମ୍ୟାଚ୍‌ବେଳେ ମିଳିଥିବା ହଳଦିଆ କାର୍ଡ ୬ ମାସ ବାସନ୍ଦାଦେଶରେ ପରିଣତ ହୋଇଛି। ଲିଗ୍ କପ୍ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳ କେଜର ଟିଫକୁ ପେନାଲ୍ଟି ମିଳିବା ପରେ ୩୩ ବର୍ଷୀୟ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଉତ୍ୟକ୍ତ ହୋଇ ରେଫରି ଆବୋଙ୍ଗଲେ ଟମଙ୍କୁ ଦୁଇ ହାତରେ ଧକ୍କା ମାରିଥିଲେ। ଏଭଳି ଅପରାଧ ପାଇଁ ରେଡ୍ କାର୍ଡ ମିଳିପାରେ ବୋଲି ରେଫରି ମାକୋଲାଙ୍କୁ ଚେତାଇବା ପରେ ସାଥୀ ଖେଳାଳି ତାଙ୍କୁ ଦୂରକୁ ଟାଣି ନେଇଥିଲେ। ଏହି କାରଣରୁ ମାକୋଲାଙ୍କୁ ବାସନ୍ଦ କରାଯାଇଛି।

ଫ୍ଲଡ୍ ଲାଇଟ୍‌ରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ

ଇନ୍ଦୋର, ୧୭।୧୧(ପି.ଟି.)

କୋଲକାତାର ଇଡେନ ଗାର୍ଡେନରେ ହେବାକୁଥିବା ଦିବାରାତ୍ର କ୍ରିକେଟ ଟେଷ୍ଟକୁ ଦୃଷ୍ଟିରେ ରଖି ଭାରତୀୟ ଖେଳାଳିମାନେ ଏଠାରେ ଫ୍ଲଡ୍ ଲାଇଟ୍‌ରେ ଅଭ୍ୟାସ କରିଛନ୍ତି। ଅଧିନାୟକ ବିରାଟ କୋହଲି, ରୋହିତ ଶର୍ମା ଏବଂ ତିନି ପେସ୍ ବୋଲର(ମହମ୍ମଦ ସାମି, ଇଶାନ୍ତ ଶର୍ମା, ଉମେଶ ଯାଦବ)ଙ୍କୁ ବାଦ୍ ଦେଇ ଅନ୍ୟ ଖେଳାଳି ଏହି ଅଭ୍ୟାସ ସେସନରେ ଯୋଗ ଦେଇଛନ୍ତି। ସ୍ଥାନୀୟ ହୋଲ୍‌କାର ଷ୍ଟାଡିୟମରେ ବାଂଲାଦେଶର ୧୯ ଉଇକେଟ ମଧ୍ୟରୁ ୧୪ଟି ଉଇକେଟ ଏହି ତିନି ପେସ୍ ବୋଲର ହାସଲ କରିଥିଲେ। ଏହି ମ୍ୟାଚରେ ଭାରତ ଏକ ଇନିଂସ ୧୩୦ ରନରେ ବିଜୟ ହାସଲ କରିଥିଲା। ତେଣୁ କୋହଲି ଓ ରୋହିତଙ୍କ ସହିତ ଏହି ପେସ୍ ବୋଲରମାନଙ୍କୁ ବ୍ରେକ୍ ଦିଆ ଯାଇଛି। ଇଡେନ୍‌ରେ ଭାରତର ସର୍ବପ୍ରଥମ

ପିଙ୍କ୍ ବଲ ଟେଷ୍ଟ

ପିଙ୍କ୍ ବଲ୍ ଟେଷ୍ଟ ଚଳିତମାସ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଟେଷ୍ଟରେ ଦ୍ୱିଶତକ ହାସଲ କରିଥିବା ମୟଙ୍କ ଅଗ୍ରୱାଲ ଓ ଉଇକେଟ କିପର ରିଦ୍ଧିମାନ ଶାହ ମଧ୍ୟ ଟ୍ରେନିଂ ସେସନରେ ଉପସ୍ଥିତ ନ ଥିଲେ। ଚେତେଶ୍ୱର ପୂଜାରା, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ରିଷଭ ପନ୍ତ, ହନୁମା ବିହାରି, ଶୁବମନ୍ ଗିଲ୍ ଓ କୁଲଦୀପ ଯାଦବ ଦୀର୍ଘ ସମୟ ଅଭ୍ୟାସ କରିଥିବା ପରିଲକ୍ଷିତ ହୋଇଥିଲା। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଓ ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ୭ ଖେଳାଳି ଅଭ୍ୟାସ କରିଥିଲେ।

ପ୍ରଥମ ଟେଷ୍ଟ ୩ ଦିନରେ ଶେଷ ହୋଇ ଯାଇଥିଲା। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଅଧିକ ସମୟ ମିଳିଥିବାରୁ ଭାରତୀୟ ଖେଳାଳିମାନେ ଏଠାରେ ଆଉ ୨ ଦିନ ରହି ଲାଇଟ୍‌ରେ ଅଭ୍ୟାସ କରୁଛନ୍ତି। କେବଳ ଭାରତୀୟ ଦଳ ନୁହେଁ ବାଂଲାଦେଶ ଦଳ ମଧ୍ୟ ସମୟର ସଦୁପଯୋଗ କରିଛି। ଭ୍ରମଣକାରୀ ଦଳର ଖେଳାଳିମାନେ ମଧ୍ୟ ଲାଇଟ୍‌ରେ ଟ୍ରେନିଂ ନେଇଛନ୍ତି। ଉଭୟ ଭାରତ ଓ ବାଂଲାଦେଶ ଦଳ ୧୯ ତାରିଖରେ କୋଲକାତା ଯାଇ ଇଡେନ ଗାଡେନ ଗ୍ରାଉଣ୍ଡରେ ୨ ଦିନ ଅଭ୍ୟାସ କରିବା କାର୍ଯ୍ୟକ୍ରମ ରହିଛି।

ପିଙ୍କ୍ ବଲ ଟେଷ୍ଟ ମ୍ୟାଚ ପାଇଁ ଅଫିସିଆଲ ମାସ୍କଟ୍ 'ପିଙ୍କୁ ଓ ଟିଙ୍କୁ'ଙ୍କ ସହ ଟିକେଟ୍ ପ୍ରଦର୍ଶନ କରୁଛନ୍ତି ସୌରଭ ଗାଙ୍ଗୁଲି । ଇଡେନ୍ ଗାର୍ଡେନରେ ପିଙ୍କ୍ ବଲ ଆକୃତିର ବୃହତ୍ ବେଲୁନ୍।

ଫାଇଦାରେ ରହିବେ ଭାରତୀୟ ପେସ୍ ବୋଲର

କୋଲକାତା, ୧୭।୧୧ (ପି.ଟି.)

ଶୁକ୍ରବାର ଇଡେନଗାର୍ଡେନରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦିବାରାତ୍ର ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ପିଙ୍କ୍ ବଲ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଭାରତୀୟ ବୋଲରମାନେ ଅଧିକ ଫାଇଦାରେ ରହିବେ। ଏକଥା କହିଛନ୍ତି, ବାଂଲାଦେଶର ପୂର୍ବତନ ଅଧିନାୟକ ଅମିନୁଲ ଇସ୍‌ଲାମ। ବାଂଲାଦେଶର ପ୍ରଥମ ଟେଷ୍ଟ ଶତକ ହାସଲକାରୀ ଏପରିକି ଭାରତୀୟ ପେସ୍ ଆଟାକ୍‌କୁ ୧୯୭୦ ଏବଂ ୧୯୮୦ ଦଶକର ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଆନ ଫାଷ୍ଟ ବୋଲରଙ୍କ ସହ ତୁଳନା କରିଛନ୍ତି। ମହମ୍ମଦ ଶାମି, ଇଶାନ୍ତ ଶର୍ମା ଏବଂ ଉମେଶ ଯାଦବଙ୍କ ପେସ୍ ବୋଲିଂରେ ବିଭିନ୍ନତା ଆଣିପାରୁଛନ୍ତି। ତେଣୁ ସେମାନେ ପିଙ୍କ୍ ବଲ୍‌ରୁ ଅଧିକ ଫାଇଦା ଉଠାଇବେ ବୋଲି ଇସ୍‌ଲାମ ତାଙ୍କର ଏକ ସାକ୍ଷାତ୍‌କାରରେ ଏକଥା ପ୍ରକାଶ କରିଛନ୍ତି।

ମାସ୍କଟ୍ ଉନ୍ମୋଚିତ

କୋଲକାତା,୧୭।୧୧ (ପି.ଟି.)

ଭାରତର ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ ମ୍ୟାଚ ପାଇଁ କାଉଣ୍ଟଡାଉନ୍ ରବିବାରଠାରୁ ଆରମ୍ଭ ହୋଇଛି। ହର୍ଷ ଉଲ୍ଲାସର ସହରକୁ ଗୋଲାପୀ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ବହୁ ପ୍ରତୀକ୍ଷିତ ଇଭେଣ୍ଟର ଅଫିସିଆଲ ମାସ୍କଟ 'ପିଙ୍କୁ ଟିଙ୍କୁ'ର ଉନ୍ମୋଚନ କରିଛନ୍ତି। ଗାଙ୍ଗୁଲି ମ୍ୟାଚ ଟିକେଟ ସହ ପୋଜ୍ ଦେଇଛନ୍ତି। ବାଂଲାଦେଶ ବିପକ୍ଷ ଏହି ଐତିହାସିକ ଟେଷ୍ଟ ପୂର୍ବରୁ ଇଡେନଗାର୍ଡେନରେ ଏହି ମାସ୍କଟଟି କୁନି କୁନି ପିଲାଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଷ୍ଟାଡିୟମର ଆକାଶ ମାର୍ଗରେ ଏକ ବୃହତ୍‌କାୟ ବେଲୁନ ଶୋଭା ପାଉଛି। ଭାରତ–ବାଂଲାଦେଶ ଟେଷ୍ଟ ମ୍ୟାଚ ଶେଷ ହେବା ପର୍ଯ୍ୟନ୍ତ ଏହି ବେଲୁନ୍‌ଟି ରହିବ। ସହରର ସବୁଠାରୁ ଉଚ୍ଚ ଅଟ୍ଟାଳିକା ଶହୀଦ ମିନାର '୪୨' ଏବଂ କୋଲକାତା ମ୍ୟୁନିସିପାଲିଟି କର୍ପୋରେଶନର କେତୋଟି ପାର୍କକୁ ଗୋଲାପୀ ଆଲୋକରେ ସଜ୍ଜାଯାଇଛି। ହୁଗ୍‌ଲୀ ନଦୀରେ ଚଳପ୍ରଚଳ କରୁଥିବା ଏକ ଡଙ୍ଗାରେ ଏକ ଆଲୋକିତ ଗୋଲାପୀ ବଲ ଶୋଭା ପାଉଛି। ଏହି ଡଙ୍ଗା ମ୍ୟାଚ ଆରମ୍ଭ ଅର୍ଥାତ ନଭେମ୍ବର ୨୨ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ଆଇକନିକ ହାଓ୍‌ଡ଼ା ଏବଂ ବିଦ୍ୟାସାଗର ସେତୁ ମଧ୍ୟରେ ଯିବା ଆସିବା କରିବ। ନଭେମ୍ବର ୨୦ରୁ ଟାଟା ଷ୍ଟିଲ ବିଲଡିଂରେ ଥ୍ରିଡି ମ୍ୟାପିଂ ଶୋଭାପାଇବ। ମେଜର୍ସ କ୍ଲବ ଗୋଲାପୀ ଆଲୋକମାଳାରେ ସଜ୍ଜିତ ହୋଇଛି। ଅନ୍ୟ କେତେକ ଏହି ଯୋଜନାରେ ନିଜକୁ ସାମିଲ କରିଛନ୍ତି। ଏହାଛଡ଼ା ସୋମବାରଠାରୁ ସମଗ୍ର ସହରରେ ବିଲ୍‌ବୋର୍ଡ, ୬ଟି ଏଲ୍‌ଇଡି ବୋର୍ଡ ଏବଂ କେତେକ ବସ୍ ଜରିଆରେ ଟେଷ୍ଟ କ୍ରିକେଟ ପ୍ରତି ଆଗ୍ରହ ଏବଂ ସଚେତନତା ସୃଷ୍ଟି କରାଯିବ। ଇଡେନଗାର୍ଡେନ ଭିତରପଟ ପାଚେରିରେ କ୍ରିକେଟ ଖେଳ ସମ୍ପର୍କିତ ଚିତ୍ର ସ୍ଥାନ ପାଇବ। ଏଥିପାଇଁ ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସ୍ଥାନୀୟ କ୍ରେଓକ୍ରାଫ୍ଟ ନାମକ ଏକ ଏଜେନ୍ସିର ସହାୟତା ନେଇଛି। ୨୦ ଜଣ ଚିତ୍ର ଶିଳ୍ପୀ ଦିନରାତି ଲାଗିପଡ଼ିଛନ୍ତି।

ସାମି, ଅଗ୍ରୱାଲଙ୍କୁ ଶ୍ରେଷ୍ଠ ମାନ୍ୟତା

ଦୁବାଇ,୧୭।୧୧ (ପି.ଟି.)

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଓ ଓପନର ମୟଙ୍କ ଅଗ୍ରୱାଲ କ୍ୟାରିୟର ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ଏକ ଇନିଂସ ଓ ୧୩୦ ରନ୍‌ରେ ବିଜୟ ହାସଲ କରିବା ପରେ ରବିବାର ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଖେଳାଳିମାନେ ଉନ୍ନତି କରିଛନ୍ତି। ସାମି ପ୍ରଥମ ଓ ଦ୍ୱିତୀୟ ଇନିଂସରେ ଯଥାକ୍ରମେ ୩ ଓ ୪ ଉଇକେଟ୍ ହାସଲ କରି ୮ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାର ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେ ତୃତୀୟ ଶ୍ରେଷ୍ଠ ଭାରତୀୟ ବୋଲର ଭାବେ ୭୯୦ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ତେବେ ପୂର୍ବରୁ କିୟଦନ୍ତୀ ବୋଲର କପିଲ ଦେବ ୮୭୭ ଓ ଯଶପ୍ରୀତ ବୁମ୍‌ରା ୮୩୨ ପଏଣ୍ଟ ପାଇଥିଲେ।

ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

ସେହିପରି ୨୪୩ ରନର ଦ୍ୱିଶତକ ପାଳି ଖେଳିଥିବା ଅଗ୍ରୱାଲ ଉପରକୁ ଉଠି ୧୧ତମ ସ୍ଥାନ ଅଧିକାର କରିଛନ୍ତି। ୨୮ ବର୍ଷୀୟ ଅଗ୍ରୱାଲ ପ୍ରଥମ ୮ଟି ଟେଷ୍ଟରେ ୮୫୮ ରନ ସଂଗ୍ରହ କରି ୬୯୧ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ବିଶ୍ୱର କେବଳ ୭ଜଣ ବ୍ୟାଟ୍ସମ୍ୟାନ ପ୍ରଥମ ୮ଟି ଟେଷ୍ଟରେ ଅଗ୍ରୱାଲଙ୍କଠାରୁ ଅଧିକ ରନ ସଂଗ୍ରହ କରିଛନ୍ତି। ସେମାନେ ହେଲେ ଡନ୍ ବ୍ରାଡମ୍ୟାନ (୧୨୧୦), ଇଭର୍ଟନ ୱିକ୍ସ (୯୬୮), ସୁନୀଲ ଗାଭାସ୍କର (୯୩୮), ମାର୍ଟ ଟେଲର (୯୦୬), ଜର୍ଜ ହେଡଲୀ (୯୦୪), ଫ୍ରାଙ୍କ ୱରେଲ (୮୯୦) ଓ ହର୍ବର୍ଟ ସୁଟକ୍ଲିଫ୍ (୮୭୨)।

ସେହିପରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୪ଟି ସ୍ଥାନ ଉପରକୁ ଉଠି ବ୍ୟାଟ୍ସମ୍ୟାନ ତାଲିକାର ଯୁଗ୍ମ ୩୫ତମ ସ୍ଥାନରେ ରହିଛନ୍ତି। ସେହିପରି ଦ୍ରୁତ ବୋଲର ଇଶାନ୍ତ ଶର୍ମା ଓ ଉମେଶ ଯାଦବ ଗୋଟିଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୨୦ ଓ ୨୨ତମ ସ୍ଥାନରେ ରହିଛନ୍ତି। ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ତାଲିକାର ଶ୍ରେଷ୍ଠ ୧୦ତମ ସ୍ଥାନରେ ରହିଛନ୍ତି ଓ ଅଲରାଉଣ୍ଡର ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି।

ବାଂଲାଦେଶ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୁସ୍‌ଫିକର ରହିମ ୫ଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ୩୦ତମ ସ୍ଥାନରେ ରହିଛନ୍ତି। ସେହିପରି ଲିଟନ ଦାସ ୯୨ରୁ ୮୬ତମ ସ୍ଥାନକୁ ଉନ୍ନତି କରିଛନ୍ତି। ବୋଲିଂରେ ଆବୁ ଜାଏଦ ୧୮ଟି ସ୍ଥାନ ଉପରକୁ ଉଠି ୬୨ତମ ସ୍ଥାନରେ ରହିଛନ୍ତି।

ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ତାଲିକାରେ ଭାରତ ୩୦୦ ପଏଣ୍ଟ ପାଇ ତା'ର ଶୀର୍ଷ ସ୍ଥାନକୁ ଆହୁରି ମଜଭୁତ କରିଛି। ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ୬୦ ଲେଖାଏ ପଏଣ୍ଟ ପାଇଛନ୍ତି। ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଗୋଟିଏ ଲେଖାଏ ସିରିଜ ଖେଳିଥିଲେ ମଧ୍ୟ କୌଣସି ପଏଣ୍ଟ ପାଇନାହାନ୍ତି।

ଅୟସକାନ୍ତଙ୍କ ଭଲ ବୋଲିଂ ସତ୍ତ୍ୱେ ଓଡ଼ିଶା ପରାସ୍ତ

କଟକ ଅଫିସ,୧୭।୧୧

ଡେରାଡୁନ୍‌ରେ ରବିବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୫୭ରନରେ ହାଇଦ୍ରାବାଦଠାରୁ ହାରି ଯାଇଛି। ଖରାପ ବ୍ୟାଟିଂ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ତେବେ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ୪ ଉଇକେଟ ଦଖଲ କରି ଓଡ଼ିଶାକୁ ବିଜୟୀ କରାଇଥିବା ଅୟସକାନ୍ତ ସାହୁ ଏହି ମ୍ୟାଚ୍‌ରେ ମଧ୍ୟ ଭଲ ବୋଲିଂ କରି ୪ଟି ଉଇକେଟ ନେଇଥିଲେ। ଓଡ଼ିଶା ଟସ୍ ଜିତି ହାଇଦ୍ରାବାଦକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ରାହୁଲ ବୁଦ୍ଧିଙ୍କ ୭୧ ରନ ସହାୟତାରେ ଦଳ ୯ ଉଇକେଟ ହରାଇ ୨୨୦ରନ କରିଥିଲା। ଉଇକେଟ କିପର ଅଳକାନ୍ତି ପ୍ରଣୟ ୨୮, ସନ୍ତୋଷ ଗୌଡ଼ ୨୦, ମିକି ଜୈସୱାଲ ୨୭, ଏଲଗାନି ଗୌଡ଼ ୨୬ରନ କରିଥିଲେ। ୩୯ରନ ବିନିମୟରେ ଅୟସକାନ୍ତ ୪ଟି ଉଇକେଟ ଅକ୍ତିଆର କରିଥିବା ବେଳେ ବିଶ୍ୱଜିତ ମଲ୍ଲିକ ୨ଟି ଓ ପ୍ରୀତ କନୱର ସିଂ ଚୌହ୍ୱାନ, ଜାମେଲା ଭଞ୍ଜନ ମହାପାତ୍ର, ରାଜକିଶନ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୨୧ରନର ବିଜୟ ଲକ୍ଷ୍ୟ ପିଛା କରି ଓଡ଼ିଶା ମାତ୍ର ୬୩ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସୌଭାଗ୍ୟ ରଞ୍ଜନ ମିଶ୍ର ସର୍ବାଧିକ ୩୧ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ହାଇଦ୍ରାବାଦ ପକ୍ଷରୁ ରାଜାମଣି ପ୍ରସାଦ ୬ଟି ଓ କାର୍ତ୍ତିକେୟ ଅଜୟ ୪ଟି ଉଇକେଟ ଅକ୍ତିଆର କରିଥିଲେ।

ଅୟସକାନ୍ତ ସାହୁ

ଜାପାନ ପାରାବ୍ୟାଡ୍‌ମିଣ୍ଟନ ପ୍ରମୋଦଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି)

ଜାପାନ ପାରାବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏହାର ସିଙ୍ଗଲ୍ସ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ପ୍ରମୋଦ ଇଂଲଣ୍ଡ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୮/୨୦୧୯ Bhubaneswar, Monday, November 18/2019

ସଂକ୍ଷେପରେ

ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ ରୋଡ, ୧୭।୧୧(ଡି.ଏନ୍.ଏ.): ବଡ଼ଗଡ଼ ଥାନା ପୋଲିସ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଯାଜପୁର ଜିଲା ଅଞ୍ଚଳର ଉଷାରାଣୀ ଦାସ(୩୦)। ପୋଲିସ ସୂଚନା ଅନୁଯାୟୀ, ଉଷାରାଣୀ ଗତ କିଛିଦିନ ଧରି ଏହି ଥାନା ଅଧୀନ ବିଜେବି ନଗର ଅଞ୍ଚଳରେ ଭଡ଼ା ଘରେ ରହୁଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ କୌଣସି କାରଣକୁ ନେଇ ଉଷାରାଣୀ ଫ୍ୟାନରେ ଝୁଲୁଥିବା ନେଇ ଥାନାକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ପୋଲିସ ଅନୁସନ୍ଧାନ ଜାରି ରହିଛି।

ଅପମିଶ୍ରଣ ସିମେଣ୍ଟ କାରଖାନାରେ ଚଢ଼ାଉ

ଟାଙ୍ଗୀ(କଟକ), ୧୭।୧୧(ଡି.ଏନ.ଏ.)

୧୫୦ବସ୍ତା ସହ ନକଲି ପ୍ୟାକେଟ ଜବତ

୧୬ନଂ ଓ ୫୫ନଂ ଜାତୀୟ ରାଜପଥର ସଂଯୋଗସ୍ଥଳୀ ମଙ୍ଗୁଳି ଅଞ୍ଚଳରେ ଏକ ଅପମିଶ୍ରଣ ସିମେଣ୍ଟ କାରଖାନାରେ ଟାଙ୍ଗୀ ପୋଲିସ ରବିବାର ଚଢ଼ାଉ କରିଛି। ଘଟଣାସ୍ଥଳରୁ ୧୫୦ବସ୍ତା ସିମେଣ୍ଟ ସହ ନାମୀଦାମୀ କମ୍ପାନୀର ୬୭ଟି ଖାଲି ପ୍ୟାକେଟ୍ ଜବତ କରାଯାଇଛି। ଏ ନେଇ କେସ ନଂ-୨୪୦/୧୯ ଅନୁଯାୟୀ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ଏହାସହ କଟକ ଚାଉଳିଆଗଞ୍ଜ ଅଞ୍ଚଳର ଜଣେ ବ୍ୟକ୍ତି ଏହି କାରଖାନା ପରିଚାଳନା କରୁଥିବା ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗୁଳି ଅଞ୍ଚଳରେ ଚୋରା ମଦ, କୋଇଲା, ହାର୍ଡକୋକ ଓ ଚୋରା ଟ୍ରକ ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟିଛି। ରବିବାର ପୋଲିସ ମଙ୍ଗଳ ଛକରେ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ କାରଖାନାରେ ନକଲି ସିମେଣ୍ଟ କାରବାର ଚାଲୁଥିବା କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲେ। ଅଚାନକ ପୋଲିସ ଆସିବା ଜାଣି କାରଖାନାରେ ଥିବା ୩ଜଣ କର୍ମଚାରୀ ଖସି ଯିବାରେ ସଫଳ ହୋଇଥିବାବେଳେ ପୋଲିସ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଦୀର୍ଘଦିନ ହେବ ଏହି କାରଖାନାରେ ନାମୀଦାମୀ ବ୍ରାଣ୍ଡର ସିମେଣ୍ଟ ନକଲି କରି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଥିବାର ଜଣାପଡିଥିଲା। ସିମେଣ୍ଟ ଅପମିଶ୍ରଣ ହେଉଥିବା କିମ୍ବା ମିନି ସିମେଣ୍ଟ ପ୍ଲାଣ୍ଟର ସିମେଣ୍ଟକୁ ନାମୀ ଦାମୀ ସିମେଣ୍ଟ କାରଖାନା ପ୍ୟାକେଟରେ ରିପ୍ୟାକିଂ କରାଯାଉଥିଲା ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି।

ପୁଅକୁ ତାଲା ପକାଇ ରଖୁଥିଲେ ମା'

କଟକ ଅଫିସ, ୧୭।୧୧

୯ ବର୍ଷର ନାବାଳକଙ୍କୁ ଘର ଭିତରେ ରଖି ବାହାର ପଟୁ ତାଲା ଦେଇ କର୍ମକ୍ଷେତ୍ରକୁ ଯାଉଥିଲେ ମା'। ସିଡିଏ ବିରେନ ମିତ୍ର ପାର୍କ ନିକଟରେ ରବିବାର ଏଭଳି ଘଟଣା ଦେଖିବାକୁ ମିଳିଛି। ଦୈନିକ ମା' ଜଣଙ୍କ ନାବାଳକଙ୍କୁ ତାଲା ଦେଇ ବାହାରକୁ ପଳାଇବା ଘଟଣାକୁ ଦେଖି ଲୋକଙ୍କ ମନରେ ସନ୍ଦେହଜାତ ହୋଇଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଚାଇଲ୍ଡ ଲାଇନକୁ ଫୋନ କରିଥିଲେ। ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳ ଓ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ନାବାଳକଙ୍କ ମା' ଆସି ସେଠାରେ ପହଞ୍ଚିବା ପରେ ଘରର ତାଲା ଖୋଲାଯାଇଥିଲା। ଘର ଭିତରେ ନାବାଳକ ଥିବା ଉଭୟ ଶୁକ୍ଳ ଓ ମହାନ୍ତି ଦେଖିବାକୁ ପାଇଥିଲେ। ପୁନର୍ବାର ଏଭଳି ନ କରିବା ପାଇଁ ମା' ଜଣଙ୍କ ଅଣ୍ଡରଟେକିଂ ଲେଖି ଦେଇଥିଲେ। ଫଳରେ ଶୁକ୍ଳ ଓ ମହାନ୍ତି ସେଠାରୁ ଫେରିଥିଲେ। ଶୁକ୍ଳଙ୍କ କହିବା ଅନୁଯାୟୀ, ପାରିବାରିକ ବିଶୃଙ୍ଖଳା ଯୋଗୁ ମହିଳା ଜଣଙ୍କ ଏଠାରେ ଘରଭଡ଼ା ନେଇ ରହିବା ସହ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ତେଣୁ ପ୍ରତିଦିନ କମ୍ପାନୀକୁ ଯିବା ସମୟରେ ସେ ପୁଅକୁ ଘର ଭିତରେ ରଖି ବାହାରପଟୁ ତାଲାଦେଇଥାନ୍ତି। ପାଖାପାଖି ୮ରୁ ୯ ଘଣ୍ଟା ଧରି ନାବାଳକ ଜଣଙ୍କ ଘର ଭିତରେ ଏକୁଟିଆ ରହିଥାନ୍ତି।

ଏଏସ୍‌ଆଇଙ୍କୁ ତଣ୍ଟିଆ, ଆଇଆଇସିଙ୍କୁ ଆକ୍ରମଣ ଉଦ୍ୟମ: ଯୁବକ ଗିରଫ

କଟକ ଅଫିସ,୧୭।୧୧

କଟକରେ ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ଲୋକମାନେ ପୋଲିସ ଉପରକୁ ହାତ ଉଠାଇବାକୁ ପଛାଉ ନାହାନ୍ତି। ଶନିବାର କାର୍ତ୍ତିକେଶ୍ୱର ମେଢ ଭସାଣି ସମୟରେ ଜଗତ୍‌ପୁର ଆଇଆଇସିଙ୍କୁ ଆକ୍ରମଣ ଉଦ୍ୟମ ସହ ଏଏସ୍‌ଆଇଙ୍କୁ ତଣ୍ଟିଆ ମରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଜଗତ୍‌ପୁର ଥାନା ଅନ୍ତର୍ଗତ ଭୈରପୁରରେ ଶନିବାର କାର୍ତ୍ତିକେଶ୍ୱର ମେଢ ଭସାଣି ଚାଲିଥିଲା। ଏହି ସମୟରେ ଜଗତପୁର ଏଏସ୍‌ଆଇ ମାନସ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସୁରକ୍ଷା ଦାୟିତ୍ୱରେ ଥିଲେ। ଭସାଣି ବେଳେ ସ୍ଥାନୀୟ ଅଞ୍ଚଳର ତପନ ଦାସ(୩୨) ଏଏସ୍‌ଆଇ ମାନସ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ମାନସ ଏହାକୁ ବିରୋଧ କରିବାରୁ ତପନ ତାଙ୍କୁ ତଣ୍ଟିଆ ମାରିଥିଲେ। ଫଳରେ ମାନସ ଥାନାକୁ ଫେରି ଆସି ତପନଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ମାମଲା (ନଂ.୩୮୨/୧୯) ରୁଜୁ ହୋଇଥିଲା। ଏହାପରେ ଆଇଆଇସି ପ୍ରଦୀପ୍ତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତପନଙ୍କୁ ଘଟଣା ବିଷୟରେ ପଚାରିଥିଲେ। ଏଥିରେ ତପନ ଉତ୍‌କ୍ଷୀପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ବିୟର ବୋତଲ ଭାଙ୍ଗି ଆକ୍ରମଣ ଉଦ୍ୟମ କରିଥିଲେ। ଏ ନେଇ ଥାନାରେ ଆଉ ଏକ ମାମଲା(ନଂ. ୩୮୩/୧୯) ରୁଜୁ ହୋଇଛି। ପରେ ଉଭୟ ମାମଲାରେ ପୋଲିସ ତପନଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରଛି।

'ମୋ ବସ୍'କୁ ଦେଶର ଶ୍ରେଷ୍ଠ ସିଟି ବସ୍ ସେବା ସମ୍ମାନ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

'ମୋ ବସ୍' ଭାରତର ଶ୍ରେଷ୍ଠ ସିଟି ବସ୍ ସେବା ଭାବେ ପୁରସ୍କୃତ ହୋଇଛି। ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଚାଲିଥିବା ଅର୍ବାନ ମୋବିଲିଟି ଇଣ୍ଡିଆ (ୟୁଏମ୍‌ଆଇ) କନଫରେନ୍ସର ଦ୍ୱିତୀୟ ଦିନରେ ମୋ ବସ୍‌କୁ ଏହି ପୁରସ୍କାର ମିଳିଛି। ବସ୍ ସେବା ଯୋଗାଉଥିବା କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ପୁରସ୍କାର ଗ୍ରହଣ କରିଛନ୍ତି।

ୟୁଏମ୍‌ଆଇର ଉଦ୍‌ଘାଟନୀ ସମାରୋହରେ 'ମୋ ବସ୍' ସେବା ଉଚ୍ଚ ପ୍ରଶଂସିତ ହୋଇଥିଲା। ବାତ୍ୟା 'ଫନୀ' ପରେ ଯେଭଳି ମୋ'ବସ୍ ଦୈନିକ ୧ଲକ୍ଷ ପାସେଞ୍ଜରଙ୍କ ବିଶ୍ୱାସଭାଜନ ହୋଇପାରିଛି ଏହା ବାହାର ରାଜ୍ୟର ସିଟିବସ୍ ସେବା ଯୋଗାଉଥିବା ସଂସ୍ଥାଗୁଡ଼ିକ ପାଇଁ ଉଦାହରଣ ପାଲଟିଛି ବୋଲି ମତପ୍ରକାଶ ପାଇଥିଲା। ରବିବାର ଦେଶର ସମସ୍ତ ସିଟି ବସ୍ ସେବାକୁ ପଛରେ ପକାଇ 'ମୋ ବସ୍' ଏହି ସମ୍ମାନର ହକ୍‌ଦାର ହୋଇପାରିଛି। ଏହା କ୍ରୁଟ୍‌ର ବଡ଼ ସଫଳତା ଓ ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ପରିଚାଳନା ନିର୍ଦ୍ଦେଶକ ବୋଥ୍ରା।

ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା।

'କ୍ରୁଟ'କୁ ବଡ଼ ସଫଳତା

ଉଲ୍ଲେଖଯୋଗ୍ୟ, ୟୁଏମ୍‌ଆଇ କନ୍‌ଫରେନ୍ସରେ ଦେଶର ୪୫ରୁ ଊର୍ଦ୍ଧ୍ୱ ମହାନଗରର ବିଭିନ୍ନ ଅଧିକାରୀଙ୍କୁ କ୍ରୁଟ୍ ମଡେଲକୁ ନିଜ ରାଜ୍ୟରେ ଅନୁକରଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ କ୍ରୁଟ୍ ସମେତ ବିଭିନ୍ନ ରାଜ୍ୟରୁ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଓ ଏଥିସହ ସମ୍ପୃକ୍ତ ଅଧିକାରୀ ଯୋଗଦେଇଥିଲେ।

ସରିଲା ଜାପାନିଜ ଚଳଚ୍ଚିତ୍ର ଉତ୍ସବ

ଚଳଚ୍ଚିତ୍ର ଦେଖିଲେ ଉତ୍କଳ ବାଳାଶ୍ରମ ଅନ୍ତେବାସୀ

ପୁରୀ ଅଫିସ, ୧୭।୧୧

ଜାପାନୀ ଚଳଚ୍ଚିତ୍ରର ଏକ ଦୃଶ୍ୟ।

ସ୍ଥାନୀୟ ଶ୍ରୀକୃଷ୍ଣ ସିନେମା ହଲ୍‌ରେ ଚାଲିଥିବା ତିନିଦିନିଆ ଜାପାନୀଜ ଚଳଚ୍ଚିତ୍ର ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର, କଲିକତାର କନସୁଲ ଜେନେରାଲ ଅଫ୍ ଜାପାନ, ଚନ୍ଦ୍ରଶେଖର ଏକାଡେମୀ, ଜାପାନ ଫାଉଣ୍ଡେଶନ ତଥା ଜାପାନ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ଅନ୍ତିମ ଦିବସରେ ଦୁଇଟି ଚଳଚ୍ଚିତ୍ର 'ପପ୍ ଇନ୍ କ୍ୟୁ' ଏବଂ 'ସର୍ଭାଇବାଲ ଫ୍ୟାମିଲି' ପ୍ରଦର୍ଶୀତ ହୋଇଛି। ଜାପାନର ସଂସ୍କୃତି, ଶିକ୍ଷା ଓ ଜ୍ଞାନକୌଶଳ ଉପରେ ପ୍ରଦର୍ଶୀତ ଏହି ଚଳଚ୍ଚିତ୍ର ଦୁଇଟିକୁ ଦର୍ଶକ ବେଶ୍ ଉତ୍ସାହର ସହ ଦେଖିଥିଲେ। ତେବେ ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ଜାପାନର ଏହି ଚଳଚ୍ଚିତ୍ର ଦେଖିବାର ସୁଯୋଗ ମିଳିଥିଲା। ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ସଭାପତି ପ୍ରଦୀପ କୁମାର ନାୟକ, ଇନର ହୁଇଲ କ୍ଲବ ସଭାନେତ୍ରୀ ଝରଣା ନାୟକ ପ୍ରମୁଖ ପ୍ରାୟ ୧୦୦ ଅନ୍ତେବାସୀଙ୍କୁ ନେଇ ଏହି ଚଳଚ୍ଚିତ୍ର ଦେଖାଇଥିଲେ। ତେବେ ଏହି ଚଳଚ୍ଚିତ୍ର ଉତ୍ସବ ଜାପାନ ଏବଂ ଓଡ଼ିଶା ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ କରିବ ବୋଲି ଚନ୍ଦ୍ରଶେଖର ଏକାଡେମୀ ସଭାପତି କୁନା ଦାଶ କହିଛନ୍ତି।

TRUE VALUE
MARUTI SUZUKI

ଏତେ ଗୁଡିଏ PRE-OWNED ଗାଡି ଅଛି ଯେ,
ବାଛିବା ମୁସ୍କିଲ ହୋଇଯାଏ।

ନିଜର ନିକଟର True Value ସୋରୁମ କୁ ଯାଆନ୍ତୁ
ଆଉ ଘରକୁ ନେଇ ଆସନ୍ତୁ ଏକ ଭରୋସାଯୋଗ୍ୟ pre-owned କାର।

*T & C apply

CELERIO ₹3,00,000/- ରୁ ଆରମ୍ଭ
WAGONR ₹2,50,000/- ରୁ ଆରମ୍ଭ
SWIFT ₹3,50,000/- ରୁ ଆରମ୍ଭ

Download on the App Store | Google play
ଆପ୍ ଡାଉନଲୋଡ୍ କରନ୍ତୁ

ଦୟାକରି True Value ଆପ୍ ଏବଂ ୱେବସାଇଟରେ ଆମ ଗାଡ଼ିଗୁଡ଼ିକର ସମ୍ପୂର୍ଣ୍ଣ ରେଞ୍ଜ୍ ମଧ୍ୟରୁ ବାଛନ୍ତୁ।
TRUE VALUE ସାର୍ଟିଫାଏଡ ଗାଡ଼ିଗୁଡ଼ିକ | ସରଳ ପେପରୱାର୍କ | ଗାଡ଼ିର ଯାଞ୍ଚ ପରୀକ୍ଷା ଇତିହାସ | 1 ବର୍ଷ ପର୍ଯ୍ୟନ୍ତର ୱାରେଣ୍ଟି ଆଉ 3ଟି ସର୍ଭିସ୍ ମାଗଣା
For enquiry, SMS TRUE to 53636 | Call at 1800 102 1800 | Visit www.marutisuzukitruevalue.com
TRUE VALUE CERTIFIED

All new True Value at: BHUBANESWAR: Narayani Motors, Ph: 7381000406, 7381093625, Sky Automobiles, Ph: 9776900002, 7381028108, Jyote Motors, Ph: 7064499028, 70077377606, PURI: Narayani Motors, Ph: 8599002011, PARADEEP: Narayani Motors, Ph: 9583022061, KEONJHAR/NAYAGARH/BALUGAON: Jyote Motors, Ph: 7064499354.

27
1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି,
ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ତ କବୀର

ସଂକ୍ଷେପରେ

ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସାଲେପୁର, ୧୭।୧୧(ଡି.ଏନ୍.ଏ.): ପୋଖରୀ ବୁଡ଼ି ସାଲେପୁର ଥାନା ଅଧୀନ ପିକୋଳ ପଞ୍ଚାୟତ ଅନ୍ତର୍ଗତ ମନୋହରପୁର ଗ୍ରାମର ଜଣେ ଯୁବକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଅବଦୁଲ୍ ୟୁନୁସ୍‌ଙ୍କ ପୁତୁରା ସେକ୍ ମତି ଉଲ୍ଲା(୩୦)। ଏନେଇ ମୃତକଙ୍କ ଦାଦା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦିନ ପ୍ରାୟ ୧୨ଟା ବେଳେ ମତିଉଲ୍ଲା ସିମଲପଡା ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ଗୋଡ଼ ଖସିଯିବାରୁ ସେ ପାଣି ଭିତରେ ବୁଡ଼ିଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖା ହେବା ବେଳକୁ କୌଣସି ମାମଲା ରୁଜୁ ହୋଇ ନ ଥିଲା।

ସାଇକେଲରୁ ପଡ଼ି ବୃଦ୍ଧ ମୃତ

ନରସିଂହପୁର ୧୭।୧୧(ଡି.ଏନ୍.ଏ.): ନରସିଂହପୁରର ପସିଦ୍ଧ ଛାଡ଼ଖାଇ ଯାତ୍ରା ଦେଖିବାକୁ ଯାଉଥିବା ବେଳେ ସାଇକେଲରୁ ଖସିପଡିବାରୁ ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ଥାନା ଅନ୍ତର୍ଗତ ପୁରୁଣା ରଣସିଂହପୁର ଗ୍ରାମର ଉଦ୍ଧବ ଜେନା। ଛାଡଖାଇ ଯାତ୍ରା ଦେଖିବାକୁ ଉଦ୍ଧବ ସାଇକେଲରେ ଯାଉଥିବା ବେଳେ ଅଧାବାଟରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସ୍କୁଲ, କ୍ଲବର ନୂତନ ଗୃହ ଉଦ୍‌ଘାଟିତ

ମାହାଙ୍ଗା, ୧୭।୧୧(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ପଣସପୁର ପଞ୍ଚାୟତସ୍ଥିତ ପଣସପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଓ ଦାରୁବ୍ରହ୍ମ କ୍ଲବର ନୂତନ ଗୃହର ଉଦ୍‌ଘାଟନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଗ୍ରାମାଞ୍ଚଳରେ ଶିକ୍ଷାର ଉନ୍ନତି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ସରପଞ୍ଚ ରଶ୍ମିତା ବେହେରା, ସମିତିସଭ୍ୟା ବିଳାସିନୀ ସେଠୀ ଓ ପ୍ରଧାନଶିକ୍ଷୟତ୍ରୀ ସଂଯୁକ୍ତା କର ଉପସ୍ଥିତ ଥିଲେ ।

ଶୂନ୍ୟବ୍ରହ୍ମ ଗାଦିରେ ରାସ ଉତ୍ସବ ଉଦ୍‌ଯାପିତ

ସାଲେପୁର, ୧୭।୧୧(ଡି.ଏନ୍.ଏ): ସାଲେପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତର ମାଛୁଆତିସ୍ଥିତ ଶ୍ରୀ ଶ୍ରୀ ଶୂନ୍ୟବ୍ରହ୍ମଗାଦି ଓ ଅନନ୍ତ ବାସୁଦେବ ଭାଗବତ ପୀଠ ପରିସରରେ ରାସଉତ୍ସବ ସହ ଭାଗବତ ପାରାୟଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପି ଆୟୋଜିତ ଏହି ଉତ୍ସବରେ ପ୍ରତ୍ୟହ ଭାଗବତ ପାଠ କରାଯିବା ସହ ରାତିରେ ରାସଉତ୍ସବ ଆୟୋଜନ କରାଯାଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବାୟକ ଭାବେ ଧ୍ରୁବ ଚରଣ ଜେନା ଯୋଗଦେଇଥିଲେ। ଏହି ରାସ ଉତ୍ସବକୁ ଅଶ୍ୱନୀ କୁମାର ଦାସ, ଯୋଗେନ୍ଦ୍ର ସାହୁ, ବୀରବର ନାୟକ, ରବୀନ୍ଦ୍ର ହୋତା ଓ ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

■ ଅସୁରେଶ୍ୱର ବଜାରରୁ ସିରିଜ ଚୋରି

୬ ଦୋକାନ ତାଲା ଭାଙ୍ଗି ଲୁଟିଲେ ଦୁର୍ବୃତ୍ତ

ନିଶ୍ଚିନ୍ତକୋଇଲି,୧୭।୧୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଅସୁରେଶ୍ୱର ବଜାରରୁ ଶନିବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଛି। ଦୁର୍ବୃତ୍ତମାନେ ୬ଟି ଦୋକାନର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବ୍ୟବସାୟୀମାନେ ଥାନାରେ ପୃଥକ୍ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ରିପୋର୍ଟ ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ଅସୁରେଶ୍ୱର ବଜାରର ଜଗନ୍ନାଥ ନାୟକଙ୍କ ତେଜରାତି ଦୋକାନ ତାଲା ଭାଙ୍ଗି ୧୫ ପେଟି ରିଫାଇନ ତେଲ, ୪ ପେଟି ଫ୍ରିଡମ୍ ତେଲ,୪ ପେଟି ସୋରିଷ ତେଲ ଓ ୨ ପେଟି ଅମୁଲ ପ୍ୟାକେଟ୍ ଚୋରି କରିନେଇଛନ୍ତି। ସେହିପରି ବଜରଙ୍ଗ ଟେଣ୍ଟ ହାଉସରୁ ୨୫୦ ୱାଟର ସାଉଣ୍ଡ ମେଶିନ, ଡିଜେ ସାଉଣ୍ଡ ମେଶିନ ସହ ୭ ଫ୍ୟାନ ଚୋରି ହୋଇଛି। ପୁରସ୍ତମ ପଲେଇଙ୍କ ଜଳଖିଆ ଦୋକାନରୁ ଗୋଟିଏ ଡିକ୍ସ ଓ ନଗଦ ଟଙ୍କା, ଉଦ୍ଧବ ନାୟକଙ୍କ ପରିବା ଦୋକାନରୁ ନଗଦ ଟଙ୍କା ସହ ଏକ ପେଟି ସେଓ ୨୩ ପ୍ୟାକେଟ ଛଣା ସେଓ ଏବଂ ରଞ୍ଜନ କୁମାର ସାହୁଙ୍କ ଦୋକାନରୁ ଗୋଟିଏ ଷ୍ଟାବିଲାଇଜର ଚୋରି ହୋଇଛି। ମାତ୍ର ବୁଲୁ ବେହେରାଙ୍କ ତେଜେରାତି ଦୋକାନର ତାଲା ଭାଙ୍ଗି ଥିଲେ ମଧ୍ୟ କୌଣସି ସାମଗ୍ରୀ ଲୁଟ୍ ହୋଇ ନ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଥାନା ସବ୍‌ଇନ୍ସପେକ୍ଟର ରମାକାନ୍ତ ଜେନା କୁହନ୍ତି, ଅଭିଯୋଗ ମିଳିବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ବଜାରରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ବ୍ୟବସାୟୀମାନେ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଏନେଇ ଥାନା ପୋଲିସ ପକ୍ଷରୁ ବଜାରରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରିବା ପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି।

ପୋଲିସ ପକ୍ଷରୁ ଅସୁରେଶ୍ୱର ବଜାରରେ ତଦନ୍ତ କରାଯାଉଛି।

ଥାନାରେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ

ଆଠଗଡ, ୧୭।୧୧ (ସ୍ୱ.ପ୍ର.): କଟକ ଜିଲା ଅନ୍ତର୍ଗତ ଆଠଗଡ଼ ଥାନାକୁ ଶନିବାର ରାତିରେ ଜଣେ ନିଶାସକ୍ତ ଯୁବକ ଆସି ଉନ୍ମତ୍ତକାଣ୍ଡ କରିଛନ୍ତି। ତାଙ୍କ ଅତର୍କିତ ଆକ୍ରମଣରେ ୨ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଏଏସଆଇ ଲିଙ୍ଗରାଜ ସିଠ ଓ ହାବିଲଦାର ସୁଧାଂଶୁ ଧଳସାମନ୍ତ। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଉଭୟଙ୍କ ଚିକିତ୍ସା କରାଯାଇଛି। ଅଭିଯୁକ୍ତ ବାବୁଲି ସିଂହ(୨୪)ଙ୍କୁ ଅନ୍ୟ ପୋଲିସ କର୍ମଚାରୀମାନେ କାବୁ କରିବା ପରେ ଗିରଫ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୨୮୫/୧୯)ରୁଜୁ କରାଯାଇ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନାଅନୁଯାୟୀ, ଅଭିଯୁକ୍ତ ବାବୁଲି ଦିନ ୨ଟାରେ ବିନା କାରଣରେ ଥାନା ପରିସରକୁ ଏକ ବାଇକ୍ ଆଣି ଜୋର୍‌ରେ ଶବ୍ଦ କରିଥିଲେ। କାର୍ଯ୍ୟରତ ପୋଲିସ ଅଧିକାରୀ ବାବୁଲିଙ୍କୁ ଅଟକାଇ ତାଙ୍କ ବାପାଙ୍କୁ ଡକାଇଥିଲେ। ବାପା ରଥ ସିଂହ ଥାନାରେ ପହଞ୍ଚି ପୁଅ ଏପରି କାମ ଆଉ କରିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୋଲିସ ବାବୁଲିଙ୍କୁ ଛାଡ଼ି ଦେଇଥିଲା। ମାତ୍ର ସେ ରାତିରେ ନିଶାଦ୍ରବ୍ୟ ସେବନ କରି ପୁନର୍ବାର ଥାନାକୁ ଆସିଥିଲେ। ଥାନାର

୨ ପୋଲିସ କର୍ମଚାରୀ ଆହତ

ଟେବୁଲ ଉପରେ ରଖାଯାଇଥିବା ଏକ କାଚ ପେପରୱେଟ ସାହାଯ୍ୟରେ ସେ ଅତର୍କିତ ଭାବେ ଏଏସଆଇ ସିଠ ଓ ହାବିଲଦାର ଧଳସାମନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟଙ୍କ ମୁହଁ ଓ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇଥିଲା। ପାଟିତୁଣ୍ଡ ଶୁଣି ଏସଆଇ ବିଚିତ୍ରାନନ୍ଦ ଲେଙ୍କା ଓ ସନ୍ତୋଷ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାବୁଲିଙ୍କୁ କାବୁ କରିଥିଲେ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

ମାହାଙ୍ଗା, ୧୭।୧୧(ସ୍ୱ.ପ୍ର.)

ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ପଣସପୁର-ଅକରପଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଶିଳାନ୍ୟାସ ଉତ୍ସବ ରବିବାର ପଣସପୁରରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ, ପାନୀୟଜଳ,ଆଇନ,ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପ୍ରଥମେ ସାହାସପୁର କଲେଜଛକଠାରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ଅକରପଡା, ସାହାସପୁର , ନଡିଆ ସାହାସପୁର ଆଦି ଗ୍ରାମଦେଇ ଶିଳାନ୍ୟାସ ସ୍ଥଳରେ ପହଞ୍ଚିଥିଲା । ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଉତ୍ସବରେ ମନ୍ତ୍ରୀ ଜେନା ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଜିଲା ପରିଷଦ ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ସରପଞ୍ଚ ରଶ୍ମିତା ବେହେରା, ସମିତିସଭ୍ୟା ବିଳାସିନୀ ସେଠୀ, ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ୧.୨୫ କୋଟି ବ୍ୟୟ ଅଟକଳରେ ଏହି ୩ କିଲୋମିଟର ରାସ୍ତାର ଉନ୍ନତିକରଣ କରାଯିବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଏହି ରାସ୍ତା ହେବା ଦ୍ୱାରା ପଣସପୁର,ରାହାଣିଆ,କୁସୁମପୁର ବାଲିଚନ୍ଦ୍ରପୁର ଏବଂ ପାଇକରାପୁର ଆଦି ପଞ୍ଚାୟତର ବହୁଜନସାଧାରଣ ଉପକୃତ ହୋଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଦେବାଶିଷ ଜେନା, ଶିଶିର କୁମାର ଦାସ, କୃପାସିନ୍ଧୁ ଧଳ,ଅକ୍ଷୟ ସେନାପତି ଓ ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

ଆଠଗଡ,୧୭।୧୧(ସ୍ୱ.ପ୍ର.)

ଆଠଗଡ ବାଣୀକଣ୍ଠ ନଗରସ୍ଥିତ ବିଦ୍ୟାମନ୍ଦିରରେ ରବିବାର ଏକ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଠଗଡ ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ରିତା ଭଉଣୀ ଉଦ୍‌ଘାଟନ କରିଥିଲେ । ସ୍କୁଲର ପ୍ରଧାନ ଆଚାର୍ଯ୍ୟ ମାୟାଧର ସାହୁ ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ରିତା କହିଥିଲେ, ଶିଶୁର ଶୈକ୍ଷିକ ବିକାଶରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ଶ୍ରୁତିଧର ପ୍ରଧାନ, ସମ୍ମାନିତ ଅତିଥିଭାବେ ବ୍ରହ୍ମାକୁମାରୀ ସନ୍ଧ୍ୟା ସ୍କୁଲର ସମ୍ପାଦକ ଶଶିଭୂଷଣ ଦାସ ଓ ଉପସଭାପତି ସନ୍ତୋଷ କୁମାର ବାରିକ ଯୋଗଦେଇଥିଲେ ମାତୃ କର୍ମଶାଳାରେ ୧୩୦ଜଣ ଅଂଶଗ୍ରହଣ କରିଥିଲେ । ସ୍ନେହଲତା ମିଶ୍ର, ଗୀତାଞ୍ଜଳି ସାହୁ, ବବିତା ଖିଲାର ଓ ସୁଜାତା ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ମା'ମାନଙ୍କ ମଧ୍ୟରେ ଖେଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଛାଡ଼ଖାଇ ଉତ୍ସବ ପଞ୍ଚମ ସନ୍ଧ୍ୟା

ଓଡ଼ିଶୀ, ମେଲୋଡିରେ ଝୁମିଲେ ଦର୍ଶକ

ନରସିଂହପୁର, ୧୭।୧୧ (ଡି.ଏନ୍.ଏ.): ନରସିଂହପୁର ଛାଡ଼ଖାଇ ଉତ୍ସବର ପଞ୍ଚମ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ଆୟୋଜିତ ଓଡିଶୀ ନୃତ୍ୟ ଓ ମେଲୋଡି ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଭୁବନେଶ୍ୱରରୁ ଆସିଥିବା ପ୍ରତିଭା ପଣ୍ଡା ଗ୍ରୁପର ଓଡିଶୀ ନୃତ୍ୟ ଓ କଟକ ସିଗ୍ନେଚର ବ୍ୟାଣ୍ଡର କଳାକାରଙ୍କ ଦ୍ୱାରା ମଞ୍ଚ ଦୁଲୁକି ଥିଲା । ସଙ୍ଗୀତର ତାଳେ ତାଳେ ନୃତ୍ୟାଙ୍ଗନାମାନେ ଯୁଗ ବର୍ଗର ଦର୍ଶକଙ୍କୁ ଆକର୍ଷିତ କରି ପାରିଥିଲେ । ଏହି ଉତ୍ସବ ଦେଖିବାକୁ ଦର୍ଶକ ପ୍ରବଳ ଭିଡ ହୋଇଥିଲା । ଟାଉନର ପଞ୍ଚମୁହିଁ ଛକରୁ ସନ୍ଧ୍ୟା ପରଠାରୁ ଭିଡ଼ ଜମିବାରେ ଲାଗିଥିଲା। ଏହି ଭିଡ଼ ହାଟ ଛକ, କ୍ଲବ ଛକ ଓ ଡେଲି ମାର୍କେଟ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଆଜିର ଉତ୍ସବରେ ମଞ୍ଚରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଲଲିତ କିଶୋରୀ ବିଶ୍ୱାଳ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ ବେହେରା କହିଥିଲେ ଯେ, ନରସିଂହପୁରର ସ୍ୱତନ୍ତ୍ର ପରିଚୟ ଆମ ରାଜ୍ୟ ମାନ ଚତ୍ରରେ ରହିଛି । ଏହାର ଗରିମାମୟ ଇତିହାସ, ପର୍ଯ୍ୟଟନ ସ୍ଥଳୀ, ଲୋକନୃତ୍ୟ ଓ ପ୍ରାକୃତିକ ଶୋଭା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଛି । ଶେଷରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ । ଉତ୍ସବକୁ ଦେବଦତ୍ତ ମଳୟ ବରାଳ ସଂଯୋଜନା କରିଥିଲେ ।

ଫନୀ ସହାୟତା ପ୍ରଦାନରେ ଅନିୟମିତତା ଘଟଣାର ତଦନ୍ତ ଜାରି

ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଭାଳେଣି

ନିଶ୍ଚିନ୍ତକୋଇଲି, ୧୭।୧୧(ସ୍ୱ.ପ୍ର.)

ନିଶ୍ଚନ୍ତକୋଇଲି ତହସିଲ ତିଲକଣା ପଞ୍ଚାୟତରେ ଫନୀ ସହାୟତା ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାପରେ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲାପାଳଙ୍କ ୨ ଜଣିଆ ତଦନ୍ତକାରୀ ଟିମ୍ ଶନିବାର ପଞ୍ଚାୟତ ଗସ୍ତ କରି ତଦନ୍ତ ଆରମ୍ଭ କରିଥିଲେ। ରବିବାର ଏହି ତଦନ୍ତ ୨ୟ ଦିନରେ ପହଞ୍ଚିଛି। ଏନେଇ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ସେମାନେ ତଦନ୍ତଙ୍କୁ ବିଭ୍ରାନ୍ତ କରିବା ପାଇଁ ପରିତ୍ୟକ୍ତ ଚାଳ ଘରକୁ ନିଜ ବାସଗୃହ ଦର୍ଶାଉଥିବା ଅଭିଯୋଗ ହୋଇଛି।

ଫନୀରେ ନିଶ୍ଚିନ୍ତକୋଇଲି ତହସିଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ପ୍ରଦାନ କରାଯାଇଥିଲା। ମାତ୍ର ଏହି ସହାୟତା ପ୍ରଦାନରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଶନିବାରଠାରୁ ଜିଲାସ୍ତରୀୟ ତଦନ୍ତକାରୀ ଦଳର ତଦନ୍ତ ଆରମ୍ଭ ହୋଇଛି।

ଏହି ଅବସରରେ ପଞ୍ଚାୟତର ଅଯୋଗ୍ୟ ହିତାଧିକାରୀ ସମେତ ୬୭ ଜଣ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ପୁନଃ ତଦନ୍ତ କରାଯିବ। ରବିବାର ୨ୟ ଦିନରେ ୧୫ରୁ ୧୭ଟି ଘରର ପୁନଃତଦନ୍ତ କରାଯାଇଛି। ଏହି ତଦନ୍ତ ସମୟରେ ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର ନିହାର ରଞ୍ଜନ ମଲ୍ଲିକ ସାମଲ ହୋଇଥିଲେ।

ତେବେ ତଦନ୍ତକାରୀ ଦଳକୁ ଦେଖି ଅଯୋଗ୍ୟ ହିତାଧିକାରୀମାନେ ତଦନ୍ତକୁ ବିଭ୍ରାନ୍ତ କରିବା ପାଇଁ କିଛି କିଛି ସ୍ଥାନରେ ଚାଳ ଛପର ଘରକୁ ଓଲାରି ଭାଙ୍ଗିଯାଇଥିବା ଦର୍ଶାଇଛନ୍ତି। ଅନ୍ୟ କିଛି ସ୍ଥାନରେ ନିଜ କୋଠାଘରକୁ ଆଢୁଆଳରେ ରଖି ଗାଁରେ ଥିବା ଅନ୍ୟଲୋକର ଚାଳଘରକୁ ନିଜର ବୋଲି ଦର୍ଶାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ମାତ୍ର ପ୍ରକୃତ କ୍ଷୟକ୍ଷତିର ରିପୋର୍ଟ ଜିଲା ପ୍ରଶାସନକୁ ପଠାଯିବ ବୋଲି ତଦନ୍ତକାରୀ ଟିମ୍‌ର ଅଧିକାରୀମାନେ କହିଛନ୍ତି।

ସେମାନେ ଶନିବାର ହୋଇଥିବା ତଦନ୍ତର ବୃତ୍ତାନ୍ତ ରିପୋର୍ଟ ଜିଲା ପ୍ରଶାସନକୁ ପଠାଇଦେଇଥିବା ବେଳେ ରବିବାର ହୋଇଥିବା ତଦନ୍ତର ରିପୋର୍ଟ ପ୍ରସ୍ତୁତ କରି ସାରିଛନ୍ତି। ସୋମବାର ମଧ୍ୟ ଏହି ତଦନ୍ତ ପ୍ରକ୍ରିୟା ଜାରି ରହିବ ବୋଲି ଅତିରିକ୍ତ ତହସିଲଦାର ମଲ୍ଲିକ କହିଛନ୍ତି।

ଅଧିକାରୀମାନେ ତିଲକଣା ପଞ୍ଚାୟତରେ ତଦନ୍ତ କରୁଛନ୍ତି।

ମହିଳା କଲ୍ୟାଣ ସମିତିର କର୍ମକର୍ତ୍ତା ଚୟନ

ସାଲେପୁର, ୧୭।୧୧(ଡି.ଏନ୍.ଏ.)

ସାଲେପୁର ବ୍ଲକ ମଧ୍ୟକଛ ପଞ୍ଚାୟତ ଅନ୍ତର୍ଗତ ଆତୋଡା ଗ୍ରାମର ନିଳଚକ୍ର କ୍ଲବ ପରିସରରେ ଚିତ୍ରୋତ୍ପଳା ମହିଳା କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମିତିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ବୈଠକରେ ସାଲେପୁର ବ୍ଲକ ଅଧ୍ୟକ୍ଷା ମମତା ରାଉତ, ମଧ୍ୟକଛ ସରପଞ୍ଚ ସୋଫିଆ ରାଉତରାୟ ପ୍ରମୁଖ ଯୋଗଦେଇ ସମିତି ପକ୍ଷରୁ ବିଭିନ୍ନ ସାମାଜିକ କଲ୍ୟାଣକାରୀ କାର୍ଯ୍ୟ ହାତକୁ ନେବାକୁ ପରାମର୍ଶ ଦେଇଥିଲେ। ପରେ ସର୍ବସମ୍ମତି କ

ଯିଏ ସାଧୁସନ୍ଥକୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ

କଟକ ଜାମ୍, ବାଲିଯାତ୍ରାକୁ ଲୋକଙ୍କ ସୁଅ

ଖେଳିଲେ, କିଣିଲେ, ଯାତ୍ରାର ମଜା ନେଲେ

ଏବର୍ଷ ବାଲିଯାତ୍ରାରେ କ'ଣ ସବୁ ସ୍ପେଶାଲ ମିଳୁଛି, ଲୋକଙ୍କ ଗହଳି କେଉଁ ଷ୍ଟଲରେ ରହୁଛି ତାହା ଜାଣିବା ପାଇଁ ଦେଖନ୍ତୁ ଏହି ଭିଡିଓ

YouTube /dharitrilive

କଟକ ଅଫିସ, ୧୭।୧୧- ରବିବାର ଛୁଟିଦିନରେ କଟକ ଜାମ୍। ଜୁଆଡେ ଚାହିଁବ ଭିଡ। ରିଂରୋଡଠାରୁ ଆରମ୍ଭ କରି ସହର ବିଭିନ୍ନ ରାସ୍ତା ଦେଇ ଲୋକମାନେ ବାଲିଯାତ୍ରା ପଡିଆ ମୁହାଁ ହୋଇଥିଲେ। ଏହି ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଛି। ରବିବାର ବାଲିଯାତ୍ରା ପଡିଆ ଲୋକାରଣ୍ୟ ହୋଇପଡିଥିଲା। ଦିନବେଳା ଲୋକଙ୍କ ଗହଳି ଲାଗି ରହିଥିଲେ ମଧ୍ୟ ଅସଲ ଭିଡ ଦେଖିବାକୁ ମିଳିଥିଲା ସନ୍ଧ୍ୟାରେ। ପଡିଆରେ ରଙ୍ଗବେରଙ୍ଗର ଲାଇଟ ଲାଗିଥିବାବେଳେ ନାଚଗୀତ ତାଳେତାଳେ ଉଛୁଳି ପଡୁଥିଲା ମହାନଦୀ ପଠା। ଏଥିସହିତ ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟାର କଳାକାରଙ୍କ ଆଗମନ ଭିଡକୁ ଦିଗୁଣିତ କରିଦେଇଛି। ଲୋକମାନେ ଦୋଳିରେ ବସିବା ସହ ଚଟ୍‌ପଟି ଖାଦ୍ୟ ଖାଇଥିଲେ। ପରେ ବିଭିନ୍ନ ସାମଗ୍ରୀ କିଣାକିଣି କରି ଘରକୁ ଫେରିଥିଲେ।

କଟିକିଆ ଡ୍ରେସ ଷ୍ଟଲ୍‌ରେ ଭିଡ଼

ବାଲିଯାତ୍ରା ପଡ଼ିଆରେ କ'ଣ ସବୁ ଭଲ ତ, ଆପଣମାନେ ଖୁସି ତ, ଲୋକାଲ ଟୋକା, ଖାଣ୍ଟି କଟିକିଆ, ଚା ଖଟି ଭଳି ଲେଖାଯାଇ ପ୍ରିଣ୍ଟିଂ ହୋଇଥିବା ବିଭିନ୍ନ ଡ୍ରେସ୍‌ର ଚାହିଦା ଦେଖିବାକୁ ମିଳିଥିଲା। ଫଳରେ ଏହାକୁ କିଣିବା ପାଇଁ ଉକ୍ତ ଷ୍ଟଲରେ ଲୋକଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। ସିଲ୍‌ଭର ସିଟି କଟକ ସଂସ୍ଥା ପକ୍ଷରୁ ଏହି ଷ୍ଟଲ୍ ପକାଯାଇଛି। ଏହି ଷ୍ଟଲ୍‌ରେ ବ୍ୟବସାୟ ହେଉଥିବା ଅର୍ଥର କିଛି ଅଂଶ ସାମାଜିକ କାର୍ଯ୍ୟରେ ଲାଗିବ ବୋଲି ଦେବାଶିଷ ସାମନ୍ତରାୟ କହିଛନ୍ତି। ବାଲିଯାତ୍ରାରେ ଏହି ଡ୍ରେସ୍‌କୁ ୩୦୦ ଟଙ୍କାରେ ବିକ୍ରି କରାଯାଉଛି।

ଆଖିଦୃଷିଆ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ

ବାଲିଯାତ୍ରା ପଡ଼ିଆରେ ପ୍ରତିଦିନ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେଉଛି। ହେଲେ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସେଭଳି କିଛି ଆଖିଦୃଷିଆ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବାଲିଯାତ୍ରା ତଳପଡ଼ିଆରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନେଇ ଗୋଟିଏ ଷ୍ଟଲ୍ ଖୋଲାଯାଇଛି। କିନ୍ତୁ ଉଭୟ ତଳ ଓ ଉପର ପଡ଼ିଆର କିଛି ସ୍ଥାନରେ ନିଆଁ ଲିଭାଇବା ପାଇଁ ରଖାଯାଇଥିବା ବାଲ୍‌ଟିରେ ପାଣି କିମ୍ବା ବାଲି ନ ଥିବା ଦେଖିବାକୁ ମିଳିଛି। ଫଳରେ କୌଣସି ଦୁର୍ଘଟଣା ଘଟିଲେ ବହୁ ଜିନିଷ ନଷ୍ଟ ହେବାର ଆଶଙ୍କା କରାଯାଉଛି।

ଲୋକଙ୍କ ଚାହିଦା ଟେରାକୋଟା ସାମଗ୍ରୀ

ଚଳିତବର୍ଷ ବାଲିଯାତ୍ରାରେ ଟେରାକୋଟା ସାମଗ୍ରୀର ଚାହିଦା ଅଧିକ ରହିଛି। ବିଭିନ୍ନ ଷ୍ଟଲରେ ବିକ୍ରି ହେଉଥିବା କଳସ, ଫୁଲଦାନୀ, ଲାଫିଙ୍ଗ ବୁଦ୍ଧ, ରାଧାକୃଷ୍ଣ, ଗଣେଶ, ନଟରାଜ ମୂର୍ତ୍ତିକୁ ଲୋକେ କିଣୁଥିବା ଦେଖିବାକୁ ମିଳିଥିଲା। ଏହି ସାମଗ୍ରୀ ପଶ୍ଚିମବଙ୍ଗର କଲିକତାରୁ ଆସୁଥିବାରୁ ଏହାକୁ କଲିକତି ଟେରାକୋଟା ବୋଲି କୁହାଯାଉଛି। ଏହାର ଭିତର ଅଂଶ ଫାଙ୍କାଥିବାବେଳେ ମାଟି ତିଆରି ଏହି ସାମଗ୍ରୀକୁ ପୋଡ଼ାଯାଇ ଶକ୍ତ କରାଯାଏ। ଏହାଉପରେ ବିଭିନ୍ନ ରଙ୍ଗ ଦେଇ ଆକର୍ଷଣୀୟ କରାଯାଏ ବୋଲି କଲିକତାର ଜଣେ ବ୍ୟବସାୟୀ କହିଛନ୍ତି। ଏହି ସାମଗ୍ରୀର ଦାମ୍ ୩୦ଟଙ୍କାରୁ ଆରମ୍ଭ କରି ୧୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି।

ଅସହାୟ ଶିଶୁଙ୍କୁ ବାଲିଯାତ୍ରା ବୁଲାଇଲା ଓଡ଼ିଶା ପୋଲିସ

ରବିବାର ଐତିହାସିକ କଟକ ବାଲିଯାତ୍ରାରେ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଥିଲା। କେତେଜଣ ଅସହାୟ ପିଲାଙ୍କୁ ପୋଲିସ କର୍ମଚାରୀମାନେ ବାଲିଯାତ୍ରା ବୁଲାଇ ଦେଖାଉଥିଲେ। ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ପ୍ରାୟ ୪୦ ଜଣ ପିଲାଙ୍କୁ ଆଣି ବାଲିଯାତ୍ରା ବୁଲାଇବା ସହ ବିଭିନ୍ନ ଦୋଳିରେ ବସାଇବା, ଖାଇବାକୁ ଦେବା ଏବଂ ଖେଳନା ଆଣି କର୍ମଚାରୀମାନଙ୍କୁ ଦେଇଥିଲେ। ପୋଲିସର ଏହିପରି କାର୍ଯ୍ୟ ଦେଖି ସାଧାରଣ ଲୋକେ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ। ଏହି କାର୍ଯ୍ୟରେ ଡିଏସ୍‌ପି ଦେବାଶିଷ ଧଳ, ଦୀପକ ଗଡ଼ନାୟକ, ଇନ୍ସପେକ୍ଟର ଅଶୋକ ବେହେରା, ଗୀତାଞ୍ଜଳି ଜେନା, ଏସ୍‌ଆଇ ଯଶୋବନ୍ତ ସେଠୀ, ପ୍ରଦୀପ ସାହୁ, ସତ୍ୟ ଦାସଙ୍କ ଅନ୍ୟମାନେ ସାମିଲ ହୋଇଥିଲେ।

ବିପଦକୁ ଡାକୁଛି ଦୋଳି

ଦୋଳି ମାଲିକମାନେ କୌଣସି କଟକଣା ମାନୁନାହାନ୍ତି। ରାମଦୋଳିର ଗୋଟିଏ ଝୁଲାରେ ଅଧିକରୁ ଅଧିକ ୩ଜଣ ବସିବାର ନିୟମ ରହିଛି। ହେଲେ ଯାତ୍ରାର ତଳ ପଡ଼ିଆରେ ଥିବା ରାମଦୋଳିରେ ୪/୫ଜଣ ଏକ ସଙ୍ଗେ ଏକ ଝୁଲାରେ ବସୁଥିବା ଦେଖିବାକୁ ମିଳିଛି। ଦୋଳିମାଲିକମାନେ ଅର୍ଥ ଲୋଭରେ ଗୋଟିଏ ଝୁଲାରେ ଆବଶ୍ୟକ ଠାରୁ ଅଧିକ ଲୋକ ବସାଉଛନ୍ତି। ପ୍ରଶାସନର ଏ ଦିଗରେ ନଜର ପଡୁନି।

କେନ୍ଦୁଝର ଧୂପ

ବାଲିଯାତ୍ରା ପଡ଼ିଆରେ କେନ୍ଦୁଝରରେ ପ୍ରସିଦ୍ଧିଲାଭ କରିଥିବା ଗୁପ୍ତଗଙ୍ଗା ଧୂପକାଠିର ଏକ ଷ୍ଟଲ ଖୋଲିଛି। ଷ୍ଟଲରେ ଭଲ ବ୍ୟବସାୟ ହେବା ସହ ଲୋକଙ୍କ ଭିଡ଼ ଜମୁଛି। ଗୁପ୍ତଗଙ୍ଗା ଧୂପକାଠି ଏବେ କେନ୍ଦୁଝର ଜିଲା ସମେତ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ପ୍ରଭୃତି ଜିଲାରେ ଭଲ ବ୍ୟବସାୟ କରୁଥିବା କମ୍ପାନୀ ମାଲିକ ଅନିତା ମହାନ୍ତି କହିଛନ୍ତି।

ଯାତ୍ରା ପଡିଆରେ ଦୋଳିର ମଜା

ଚଳିତବର୍ଷ ବାଲିଯାତ୍ରା ପଡିଆକୁ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ଡ୍ରାଗନ ଟ୍ରେନ, ଅକ୍ଟୋପସ, ଚାନ୍ଦ ତାରା ଦୋଳି ସମେତ ରୋଞ୍ଚର ଦୋଳି ଆସିଛି। ରବିବାର ଛୁଟିଦିନ ଥିବାରୁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ସମସ୍ତେ ଯାତ୍ରା ପଡିଆରେ ଦୋଳିର ମଜା ନେଇଥିଲେ। ଏଥିସହ ପିଲାମାନେ ସେଠାରେ ବୋଟିଂ କରିଥିଲେ। ଏଥିସହ କିଛି ଦୋଳି ସମ୍ମୁଖରେ ସଚେତନତା ବାର୍ତ୍ତା ଦେଖିବାକୁ ମିଳିଥିଲା। ଯେପରିକି ନିଶାଦ୍ରବ୍ୟ ସେବକ କରି ଦୋଳିରେ ବସିବା ମନା, କୌଣସି ଅସୁବିଧା ହେଲେ ବାଲିଯାତ୍ରା କାର୍ଯ୍ୟକ୍ରମ ପରିଚାଳକଙ୍କ ସହିତ ଯୋଗାଯୋଗ କରିବା ପାଇଁ ଲେଖା ମାଧ୍ୟମରେ ସତର୍କ ସୂଚନା ଦିଆଯାଇଥିଲା।

ସୋନାଙ୍କ 'ରଙ୍ଗବତୀ' ଗୀତରେ

ରଙ୍ଗିନ ହେଲା ସନ୍ଧ୍ୟା

ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ରବିବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ କଣ୍ଠଶିଳ୍ପୀ ସୋନା ମହାପାତ୍ର। ଏହି ମଞ୍ଚରେ ସୋନାଙ୍କ ବ୍ୟାଣ୍ଡ ୨ ଘଣ୍ଟା ଧରି କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ଆହେ ନୀଳ ଶୈଳ... ଭଜନ ଗାନକରି ସୋନା ମଞ୍ଚରେ ପ୍ରବେଶ କରିଥିଲେ। ବହୁ ଚର୍ଚ୍ଚିତ 'ରଙ୍ଗବତୀ' ଗୀତ ଗାଇ ଏହି ସନ୍ଧ୍ୟାକୁ ରଙ୍ଗୀନ କରିଥିଲେ ସୋନା। ଏଥିସହ ମନ୍ ତେରା ଜୋ ରାଗ ହେ, ଆଜା ୱେ, ଆଫରୀ ଆଫରୀ, ପିୟା ରେ ତେରେ ବିନା ଲାଗେ ନେହିଁ ମେରା ଜିୟାରେ ଭଳି ସୁପରହିଟ୍ ହିନ୍ଦୀ ଗୀତ ସୋନାଙ୍କ କଣ୍ଠରୁ ଶୁଣିବାକୁ ମିଳିଥିଲା। ସେହିପରି ରସକେ କମ୍‌ରେ କଣ୍ଢାଲି ଗୀତ ମଧ୍ୟ ବେଶ ଆକର୍ଷଣୀୟ ଥିଲା। ରବିବାର ଛୁଟିଦିନ ଥିବାରୁ ଯାତ୍ରା ପଡ଼ିଆରେ ଦର୍ଶକଙ୍କ ଖଚାଖଚ ଭିଡ ଦେଖିବାକୁ ମିଳିଥିଲା।ଅନ୍ୟପକ୍ଷରେ ବାଲିଯାତ୍ରାର ମହାନଦୀ ମଞ୍ଚରେ ବିନୋଦ ବିହାରୀ କଳା ପରିଷଦ ପକ୍ଷରୁ ଯକ୍ଷ ଯଜ୍ଞ ଗୀତିନାଟ୍ୟ, ମାତୃଶକ୍ତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ମମତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଲୋକନୃତ୍ୟ, ମା' ସରୋଜିନୀ କଳା ପରିଷଦ ପକ୍ଷରୁ ଓଡ଼ିଶୀ ଡ୍ୟାନ୍ସ ପରିବେଷିତ ହୋଇଥିଲା। ସେହିପରି ବାଲାଂଦେଶ ଢ଼ାକାର ନ୍ରିତୋରଙ୍ଗ ସଙ୍ଗଠନ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

ଗଣ କବି ବୈଷ୍ଣବ ପାଣି ମଞ୍ଚ

ସଙ୍ଗୀତର ନିର୍ଦ୍ଦିଷ୍ଟ ଭାଷା ନାହିଁ

ମଞ୍ଚରେ ବାଲିଯାତ୍ରା ଓ କଟକ ସହିତ ଥିବା ସ୍ମୃତି ବଖାଣିଥିଲେ କଣ୍ଠଶିଳ୍ପୀ ସୋନା ମହାପାତ୍ର। ତାଙ୍କ ଘର କଟକର ତୁଳସୀପୁର ଅଞ୍ଚଳରେ। ପିଲାବେଳେ ସେ ଅନେକ ଥର ବାଲିଯାତ୍ରା ବୁଲିବାକୁ ଆସି ଦହିବରା ଖାଇଥାନ୍ତି। ବିବାଦୀୟ ଗୀତ ଗାଇ ଚର୍ଚ୍ଚାରେ ରହିଥିବା ସୋନା ସଙ୍ଗୀତର କୌଣସି ନିର୍ଦ୍ଦିଷ୍ଟ ଭାଷା ନାହିଁ ବୋଲି କହିଛନ୍ତି। ଯାହା ଶ୍ରୋତାଙ୍କୁ ଶୁଣିବାକୁ ଭଲ ଲାଗେ ତାହା ଭଲ ସଙ୍ଗୀତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ରାକେଶ

ରୋମ୍ୟରଞ୍ଜନ

ପ୍ରଦୀପ୍ତ

ଟି.ପରିଡ଼ା

ବିଭୂତି


ଶିବ

ଲିପ୍‌ସା

ସୌମ୍ୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।

- ସନ୍ତ କବୀର

ସଂକ୍ଷେପରେ

ଖୁଣ୍ଟୁଣୀ ମହୋତ୍ସବ ଉଦ୍‌ଘାଟିତ

ଖୁଣ୍ଟୁଣୀ, ୧୭।୧୧(ଡି.ଏନ୍.ଏ.): ଖୁଣ୍ଟୁଣୀରେ ପ୍ରସିଦ୍ଧ କାର୍ତ୍ତିକେଶ୍ୱର ପୂଜା ଅବସରରେ ରବିବାରଠାରୁ ୨୦ତାରିଖ(ପ୍ରଥମାଷ୍ଟମୀ) ପର୍ଯ୍ୟନ୍ତ ହେବାକୁ ଥିବା ଖୁଣ୍ଟୁଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଖୁଣ୍ଟୁଣୀ ରମ୍ଭେଇ ଯୁବକ ମହାସଂଘ ପକ୍ଷରୁ ଆୟୋଜିତ ଏହି ୮ମ ବାର୍ଷିକ ମହୋତ୍ସବ ଗ୍ରାମର ଯାତ୍ରା ପଡ଼ିଆରେ ହେଉଛି। ଏଥିପାଇଁ ରାମଦୋଳି, ଡ୍ରାଗନ ଓ ଶତାଧିକ ବ୍ୟବସାୟୀ ଷ୍ଟଲ ପଡ଼ିଥିବା ଦେଖିବାକୁ ମିଳିଛି। ଏହାସହ ସନ୍ଧ୍ୟାରୁ ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିକ୍ରମାନନ୍ଦ ବସ୍ତିଆ, ଶିକ୍ଷାବିତ ଶରତ ମାଝି, ବିପିନ ବିହାରୀ ପ୍ରଧାନ ଓ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଯୁବକ ମହାସଂଘ ପକ୍ଷରୁ ସଭାପତି ଦୀପକ ସାହାଣୀ, ଗଗନ ପରିଡ଼ା, ମଳୟ ରଞ୍ଜନ ବସ୍ତିଆ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

ନିଆଳି ଠିକାଦାର ସଂଘର କର୍ମକର୍ତ୍ତା ନିର୍ବାଚନ

ନିଆଳି, ୧୭।୧୧(ଡି.ଏନ୍.ଏ.): ନିଖିଳ ଓଡ଼ିଶା ଠିକାଦାର ମହାସଂଘର ୧୦ଦଫା ଦାବି ନେଇ ଭୁବନେଶ୍ୱର ଚାଲ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ମା' କୁତାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଠିକାଦାର ସୁମନ୍ତ କୁମାର ରାଉତ ଅଧକ୍ଷତା କରିଥିଲେ। ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ପ୍ରଚଳନ, କୌଣସି ବାହ୍ୟ ସର୍ତ୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ ଭଳି ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଆସନ୍ତା ୨୨ରେ ହେବାକୁ ଥିବା ମହାସମାବେଶରେ ନିଆଳି ଅଞ୍ଚଳରୁ ପ୍ରାୟ ୨ଶହ ଠିକାଦାର ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ନିଆଳି ଠିକାଦାର ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସୁମନ୍ତ କୁମାର ରାଉତ, ଉପସଭାପତି ତୁଷାରକାନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଅଜିତ୍ ରହେମନ୍, ସହସମ୍ପାଦକ ଆଶୁତୋଷ ମହାପାତ୍ର ଓ ପବିତ୍ର ମଲ୍ଲିକ, କୋଷାଧକ୍ଷ ଭାବେ ବିଜୟ କୁମାର ସ୍ୱାଇଁ, ଜଟାଧାରୀ ନାୟକ, ବାବୁରାମ ବେହେରା, ପ୍ରଶାନ୍ତ ପ୍ରଧାନ, ସଂଗ୍ରାମ ଲେଙ୍କା, ବାପୁ ଚୌଧୁରୀଙ୍କ ସମେତ ଶତାଧିକ ଠିକାଦାର ଉପସ୍ଥିତ ଥିଲେ।

ଶ୍ରୀଜଗନ୍ନାଥଙ୍କ ପୋରୁହାଁ ପାଇଁ ନିଆଳି ମାଧବରୁ ଯିବ ଭାର

ନିଆଳି,୧୭।୧୧(ଡି.ଏନ୍.ଏ.): ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ମାମୁ ଘର ହେଉଛି ନିଆଳି ମାଧବର ଶ୍ରୀ ମାଧବାନନ୍ଦ ଜୀଉ। ଆସନ୍ତା ୧୯ତାରିଖରେ ଶ୍ରୀ ମାଧବାନନ୍ଦ ମନ୍ଦିରରୁ ଶ୍ରୀମନ୍ଦିରକୁ ପୋରୁହାଁ ଭାର ଯିବା ପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଶେଷ ମୁହୂର୍ତ୍ତରେ ପହଞ୍ଚିଛି। ୧୯ତାରିଖରେ ଶ୍ରୀ ମାଧବାନନ୍ଦ ମନ୍ଦିରରୁ ଖଣ୍ଡୁଆପାଟ, ଅରୁଆ ଚାଉଳ, ବିରି, ନଡିଆ, ଗୁଡ, ପାଟିଲା କଦଳୀ ଆଦି ପ୍ରଥମାଷ୍ଟମୀର ଆବଶ୍ୟକ ସାମଗ୍ରୀଗୁଡିକକୁ ଏକତ୍ର କରାଯାଇ ଭାର ନିଆଯିବ। ଏହି ଶୋଭାଯାତ୍ରାରେ ଘଣ୍ଟଘଣ୍ଟା, ବାଜା ଏବଂ ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯିବାର ବ୍ୟବସ୍ଥା ରହିଛି। ଏହି ଉପଲକ୍ଷେ ଅଷ୍ଟମୀ ପୂର୍ବଦିନ ହଜାର ହଜାର ଶ୍ରୀ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ସକାଳୁ ପବିତ୍ର ପ୍ରାଚୀ ନଦୀରେ ବୁଡ କରି ମାଧବାନନ୍ଦଙ୍କୁ ଦର୍ଶନ କରି ଶ୍ରୀକ୍ଷେତ୍ର ଅଭିମୁଖେ ଏହି ପୋରୁହାଁ ଭାରରେ ଯାତ୍ରା ଆରମ୍ଭ ହେବ। ଏହି ପଦଯାତ୍ରା ଚାରିଛକ ପର୍ଯ୍ୟନ୍ତ ଚାଲିବା ପରେ ସେଠାରୁ ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ ଗାଡି ମାଧ୍ୟମରେ ଜନସାଧାରଣ ଯାଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ଏକତ୍ର ହୋଇ ସେଠାରୁ ପୋରୁହାଁ ଭାରକୁ ବାଜା, ବାଣ ଓ ସଂକୀର୍ତ୍ତନ ମାଧ୍ୟମରେ ପଦଯାତ୍ରାରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବେ ବୋଲି ମନ୍ଦିର ପରିଚାଳନା କମିଟିରୁ ଜଣାଯାଇଛି।

ଅସୁରକ୍ଷିତ ଥାନା ମାଲଖାନା

କଟକ ଅଫିସ, ୧୭।୧୧

- ଚୋରି ହେଉଛି ଜବତ ସାମଗ୍ରୀ
- ଜବତ ଗଞ୍ଜେଇ ଗାଏବ

ଥାନା ମାଲଖାନା ଅସୁରକ୍ଷିତ। କେଉଁଠି ବହୁମୂଲ୍ୟ ସାମଗ୍ରୀ ଖତ ଖାଉଛି ତ କେଉଁଠି ଚୋରି ହେଉଛି। ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥାନା ରହିଛି, ହେଲେ ଥାନାରୁ କେତେବେଳେ ଜବତ ଗାଡ଼ି ଚୋରି ହୋଇଯାଉଛି ତ ଆଉ କେତେବେଳେ ଜବତ ଗଞ୍ଜେଇ ଉଭାନ ହୋଇଯାଉଛି। ଅନେକ କ୍ଷେତ୍ରରେ ଜବତ ଗାଡିଗୁଡିକର ଇଞ୍ଜିନ, ଟାୟାର ଆଦି ପାର୍ଟ୍ସ ଗାଏବ ହୋଇଯାଇଛି। କିଏ ଏଭଳି କାମ କରୁଛି ତାହାକୁ ନେଇ ପୋଲିସ ମହଲରେ ଅନେକ ସମୟରେ ଚର୍ଚ୍ଚା ହେଉଥିଲେ ମଧ୍ୟ ତାହା ବାହାରକୁ ଆସିପାରୁନାହିଁ। କାରଣ ଅଧିକାଂଶ ମାଲଖାନା ମାଲ ନେବାରେ ପୋଲିସ କର୍ମଚାରୀ ସମ୍ପୃକ୍ତ ଥିବାରୁ କେହି କାହାପ୍ରତି ପ୍ରତିବାଦ କରୁନାହାନ୍ତି। ଏମିତି କି, ବିଭାଗୀୟ ଭାବମୂର୍ତ୍ତିକୁ ବଞ୍ଚାଇବାକୁ ଯାଇ ଘଟଣାକୁ ଉପରପାହ୍ୟାର ବାବୁମାନେ ଚପାଇ ଦେଉଛନ୍ତି। ମୁଖ୍ୟତଃ ମାଲଖାନାରେ ଜବତ ସାମଗ୍ରୀ ଉପଯୁକ୍ତ ଭାବେ ଗଚ୍ଛିତ ରହିଛି କି ନାହିଁ ତା'ର ଠିକ୍ ସମୀକ୍ଷା କରାଯାଉନାହିଁ। ଅପରପକ୍ଷରେ କେତେକ କ୍ଷେତ୍ରରେ ପୋଲିସ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବାକୁ ଯାଇ ପ୍ରମାଣକୁ ନଷ୍ଟ କରିବା ନିମନ୍ତେ ଜବତ ସାମଗ୍ରୀକୁ ମାଲଖାନାରୁ ଜାଣିଶୁଣି ଗାଏବ କରିଦେଉଛି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

ବିଭିନ୍ନ ଆପରାଧିକ ଘଟଣାରେ ଜବତ ହେଉଥିବା ସାମଗ୍ରୀଗୁଡ଼ିକୁ ଯେଉଁଠି ରଖାଯାଇଥାଏ ତାହାକୁ ଥାନାର ମାଲଖାନା କୁହାଯାଇଥାଏ। ସୁନାରୁପା ଠାରୁ ଆରମ୍ଭ କରି ଟଙ୍କା, ଅସ୍ତ୍ରଶସ୍ତ୍ର, ମଦ, ଗାଡ଼ି ଓ ଅନ୍ୟ ସାମଗ୍ରୀ ମାଲଖାନାରେ ରଖାଯାଏ। ହେଲେ କମିଶନରେଟ ଅଞ୍ଚଳରେ ଜବତ ସାମଗ୍ରୀ ରଖିବା ପାଇଁ ଅଧିକାଂଶ ଥାନାରେ ମାଲଖାନା ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ଥାନା ପଛପଟେ କିମ୍ବା ସମ୍ମୁଖରେ ଗାଡି ପ୍ରଭୃତି ଜବତ ସାମଗ୍ରୀ ଖରାବର୍ଷା ଶୀତ କାକରରେ ପଡ଼ି ରହି ଖତ ଖାଉଛି। ଟଙ୍କା, ସୁନା ଓ ଅନ୍ୟ ସାମଗ୍ରୀକୁ ଥାନାର ମହଲା ହାଜତ ଭିତରେ ତାଲା ପକାଇ ରଖାଯାଉଛି। ଏହିଭଳି ଭାବେ ଚାଲିଥିବା ଥାନାଗୁଡିକ ହେଉଛି ବାଦାମବାଡ଼ି, କ୍ୟାଣ୍ଟନମେଣ୍ଟ, କଟକ ସଦର, ଚୌଦ୍ୱାର, ଜଗତ୍‌ପୁର ଓ ପୁରୀଘାଟ। ଏଭଳି ଚର୍ଚ୍ଚାହେବା ପଛରେ ମଧ୍ୟ ଅନେକ ବଳିଷ୍ଠ ପ୍ରମାଣ ରହିଛି। ୨୦୧୪ ମେ' ୨ରେ ଜଗତ୍‌ପୁର ପୋଲିସ ଜବତ କରିଥିବା ଏକ ବୋଲେରୋ ଜିପ୍ ଥାନାରୁ ଗାଏବ ହୋଇଯାଇଥିଲା। ଉକ୍ତ ଗାଡି ପ୍ରଥମେ ଚୋରି ହୋଇଥିଲା। ପୋଲିସ ତଦନ୍ତ କରିବା ସହ ଗାଡିକୁ ଜବତ କରି ଥାନାକୁ ଆଣିଥିଲା। ମାତ୍ର ଥାନାରୁ ପୁନର୍ବାର ଗାଡିଟି ଚୋରି ହୋଇଯିବା ପରେ ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଥିଲା। ଶେଷରେ ଜଣାପଡିଥିଲା ଯେ, ଥାନାରେ କାର୍ଯ୍ୟରତ ଜଣେ ହୋମଗାର୍ଡ଼ ଥାନା ଭିତରୁ ଉକ୍ତ ଗାଡି ଚୋରି ହେବା ପଛର କାର୍ପଟଦାର ଥିଲେ। ଏ ନେଇ ହୋମଗାର୍ଡଙ୍କ ସମେତ ୫ଜଣଙ୍କ ବିରୋଧରେ ଥାନାରେ ଏକ ମାମଲା(ନଂ. ୧୨୦/୨୦୧୪) ରୁଜୁ ହୋଇଥିଲା। ସେହିପରି ୨୦୧୭ ମେ' ୭ରେ ଜିଆରପି ଥାନାରେ ଘଟିଥିଲା ଆଉ ଏକ ଚାଞ୍ଚଲ୍ୟକର ଘଟଣା। କଟକ ରେଳଷ୍ଟେଶନ ପ୍ଲାଟଫର୍ମରୁ ଜିଆରପି ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରି ଥାନାକୁ ଆଣିଥିଲା। ମାତ୍ର ପରଦିନ ଥାନାରୁ ଉକ୍ତ ଗଞ୍ଜେଇ ଗାଏବ ହୋଇଯାଇଥିଲା। ଏହି ଘଟଣାରେ ଜିଆରପି ଥାନାଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଉକ୍ତ ଦୁଇଟି ଘଟଣା ସ୍ପଷ୍ଟ କରୁଛି ଯେ, ଥାନା ଭିତରୁ ଜବତ ସାମଗ୍ରୀଗୁଡ଼ିକୁ ଗାଏବ କରିବା ପଛରେ ପୋଲିସର ହାତ ରହୁଛି। ମାଲଖାନାରେ ସାମଗ୍ରୀଗୁଡ଼ିକ ଅସୁରକ୍ଷିତ ଭାବେ ରଖାଯାଉଥିବାବେଳେ ତଦାରଖ ଅଭାବରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ବରିଷ୍ଠ ପୋଲିସ ଅଧୀକାରୀମାନେ ମତ ଦେଇଛନ୍ତି। ଅନେକ କ୍ଷେତ୍ରରେ ଜବତ ସାମଗ୍ରୀ ମାଲଖାନାରେ ନଷ୍ଟ ହୋଇଯାଇଥିବାରୁ ଅଭିଯୁକ୍ତମାନଙ୍କ ବିରୋଧରେ ଆବଶ୍ୟକ ପ୍ରମାଣ ରହୁନାହିଁ। ଯେଉଁଥିପାଇଁ ପ୍ରମାଣ ଅଭାବରୁ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖସି ଯାଉଛନ୍ତି ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ଦୀପକ ଆଚାର୍ଯ୍ୟ କୁହନ୍ତି, ମାଲଖାନା ପୋଲିସର ଦୁହାଁଳିଆ ଗାଈ। ମାଲଖାନାରେ ଜବତ ସାମଗ୍ରୀ ଖତ ଖାଉନି। ପୋଲିସ ଏହାକୁ ଜାଣିଶୁଣି ଖତ ଖୋଉଛି। କାରଣ ଜବତ ମାଲଗୁଡିକୁ ଆତ୍ମସାତ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ଉପାୟ। ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର ଡିସିପି ବାଲିଯାତ୍ରାରେ ବ୍ୟସ୍ତ ଥିବା କହିଥିଲେ।

ବାଲିଯାତ୍ରା ପଡ଼ିଆ ପଥୋତ୍ସବରେ ପିଲାମାନେ ବଲ୍ ଖେଳୁଛନ୍ତି।

'ପଥ ଉତ୍ସବ'ର ୬ଷ୍ଠ ଦିବସ

ନିଆଁଠାରୁ ସାବଧାନ ରୁହନ୍ତୁ

କଟକ ଅଫିସ,୧୭।୧୧

ନିଆଁ ନିଜେ ଜଳେ ଆଉ ଅନ୍ୟକୁ ଜଳାଏ। ଏହାକୁ କେବେ ବି ବିଶ୍ୱାସ କରିବା କଥା ନୁହେଁ। ନିଆଁ ଭଳି ବିପଦପୂର୍ଣ୍ଣ ଆଉ କିଛି ନାହିଁ। ଏହା ସହ ଖେଳନ୍ତୁନି। ନିଆଁଠାରୁ ସବୁବେଳେ ସାବଧାନ ରୁହନ୍ତୁ। ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ପଥ ଉତ୍ସବରେ ଅଗ୍ନିଶମ ବିଭାଗ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ବାର୍ତ୍ତା ଦିଆଯାଇଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।ନିଆଁ ଲାଗିଲେ ଭୟଭୀତ ନ ହୋଇ ସାହାସର ସହ କିପରି ସମ୍ମୁଖୀନ କରାଯିବ ସେ ସମ୍ପର୍କରେ ବିଭାଗର ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଡେମୋ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ଅଗ୍ନିଶମ ବିଭାଗ ଆଇଜି ଅସିତ୍ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିଫ୍ ଫାୟାର ଅଫିସର ସୁକାନ୍ତ ସେଠୀ, ସହକାରୀ ଫାୟାର ଅଫିସର ଅବନୀ କୁମାର ସ୍ୱାଇଁ, ପ୍ରଶିକ୍ଷଣ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ଜିଲା କଳା ସଂସ୍କୃତି ସଂଘ ପକ୍ଷରୁ ଏକ ମହିଳା ଟିମ୍ ସଙ୍କୀର୍ତ୍ତନ କରିଥିଲେ। ପରେ ଭଜନ ସାଗର ଅନୁଷ୍ଠାନର ସୁଧାକର ମିଶ୍ର ଓ ନିଶିପ୍ରଭା ପାଣି ଭଜନ ପରିବେଷଣ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ପରେ ସେଣ୍ଟ ଜାଭିୟର୍ସ ସ୍କୁଲର ଛାତ୍ରୀ ରେସମ୍ ଖାନ୍ ଜିମ୍ନାଷ୍ଟିକ ନୃତ୍ୟ କରିଥିଲେ। ସୁଦୀପ୍ତା ନନ୍ଦଙ୍କ ତତ୍ତ୍ୱାବଧାନରେ ୨୦ରୁ ଅଧିକ ପ୍ରଶିକ୍ଷାର୍ଥୀ ପଥୋତ୍ସବରେ ଟାଇକୋଣ୍ଡୋର କୌଶଳ ଦେଖାଇଥିଲେ। ଚିତ୍ରଶିଳ୍ପୀ ରବି ରଥଙ୍କ ଦ୍ୱାରା ଲାଇଭ୍ ପେଣ୍ଟିଂ ଦେଖିବାକୁ ବେଶ ଭିଡ଼ ଜମିଥିଲା। ପିଙ୍କି ଝା ମଞ୍ଚ ପରିଚାଳନା କରିଥିଲେ।

ପରିବାରକୁ ସର୍ବସ୍ୱାନ୍ତ କରୁଛି ଦୁର୍ଘଟଣା

କଟକ ଅଫିସ,୧୭।୧୧

ଦିନକୁ ଦିନ ମଣିଷ ବସ୍ତୁବାଦୀ ହେଉଛି। ବାସ୍ତବତାରେ ବିଶ୍ୱାସ ରଖୁନି। ଜୀବନର ମୂଲ୍ୟ ବୁଝିବାକୁ କେହି ଚେଷ୍ଟା କରୁନାହାନ୍ତି। ମଣିଷର ଜୀବନ ଏକ କାରର୍ ଯନ୍ତ୍ରାଂଶ ନୁହେଁ, ଯାହା ଭାଙ୍ଗିଗଲେ ପୁଣି ସଜାଡ଼ି ହୋଇଯିବ। ଏକ ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାରେ ଆମ ଦେଶରେ ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ଦୁର୍ଘଟଣା ଗୋଟିଏ ପରିବାରକୁ ସର୍ବସ୍ୱାନ୍ତ କରୁଛି। ତଥାପି କେହି ସଚେତନ ହେଉନାହାନ୍ତି। ସଚେତନତା ଭିତରେ ପରିବାରର ଖୁସି ଲୁଚି ରହିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ସ୍ଥିତ ଆନେକ୍ସ-୩ରେ ରବିବାର ଅନୁଷ୍ଠିତ ବିଶ୍ୱସ୍ମୃତି ଦିବସ ଅବସରରେ ଟ୍ରାଫିକ ଡିସିପି ସାଗରୀକା ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏ କଥା କହିଛନ୍ତି। ଏହାଛଡ଼ା ରାସ୍ତାର ବିପରୀତ ଦିଗରେ ଗାଡ଼ି ଚାଳନା ଯୋଗୁ ଘଟୁଥିବା ଦୁର୍ଘଟଣା ସମ୍ପର୍କରେ ଡିସିପି ନାଥ ଆଲୋକପାତ କରିବା ସହ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ କମନ ଆକ୍ସନ ଫର ରୋଡ୍ ସେଫ୍‌ଟି(ସିଏଆର୍‌ଏସ୍) ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାୟ ଏନ୍‌ଏସ୍‌ଏସ୍ ଶାଖାର ମିଳିତ ଆନୁକୂଲ୍ୟରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ, ପରିବାର ଲୋକ ଯୋଗଦେଇ ନିଜ ଦୁଃଖଭରା କାହାଣୀ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଟ୍ରାଫିକ ଏସିପି ଯତୀନ କୁମାର ପଣ୍ଡା, ରବୀନ୍ଦ୍ରନାଥ ଜେନା, ଅସ୍ତ୍ରଶଲ୍ୟ ବିଶେଷଜ୍ଞ ସନ୍ଦୀପ ବିଶ୍ୱାଳ ଯୋଗଦେଇ ସଡକ ଦୁର୍ଘଟଣାରେ ଘଟୁଥିବା ଜୀବନ ହାନି ଓ ଏହାର ପ୍ରତିକାର ଉପରେ ମନ୍ତବ୍ୟ ଦେଇଥିଲେ। କିଛିଦିନ ତଳେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସାମ୍ନାରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସିଏଆରଏସ୍‌ର ସଭାପତି ସୁଜିତ ସେନାପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସଂଯୋଜକ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଭାଗବତ ବେହେରା ଧନ୍ୟବାଦ ଦେଇଥିଲେ।

କଟକରେ ଖୋଲିଲା ବାର୍ବିକ୍ୟୁ ନେଶନ

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ପ୍ରମୁଖ କାଜୁଆଲ ଡାଇନିଂ ରେଷ୍ଟୁରାଣ୍ଟ ଚେନ୍ ବାର୍ବିକୁ ନେଶନ ପକ୍ଷରୁ କଟକରେ ନୂଆ ରେଷ୍ଟୁରାଣ୍ଟ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଦରଘା ବଜାରସ୍ଥିତ ନେତାଜୀ ଶୁଭାଷ ଚନ୍ଦ୍ର ବୋଷ ଆର୍କେଡଠାରେ ୪୨୫୦ ବର୍ଗଫୁଟରେ ଏହା ଖୋଲିଛି। ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ, ଆର୍‌ଏମ୍ ସୁମନ ମୁଖାର୍ଜୀ, ଏଆର୍‌ଏମ୍ ଶୁଭଜିତ ଶାହା, କ୍ଲଷ୍ଟର ମ୍ୟାନେଜର ପ୍ରହ୍ଲାଦ ପାତ୍ର ଏହାକୁ ଉନ୍ମୋଚନ କରିଥିଲେ। ବାର୍ବିକ୍ୟୁର ଏହା ୧୩୮ତମ ଆଉଟ୍‌ଲେଟ। ଏହି ନୂଆ ଆଉଟ୍‌ଲେଟରେ ଏକାଥରେ ୧୦୮ ଜଣ ବସି ଖାଇବାର ସୁବିଧା ରହିଛି। ଉଭୟ ଭେଜ୍ ଏବଂ ନନଭେଜ୍‌ବର୍ଗରେ ବିଭିନ୍ନ ବ୍ୟଞ୍ଜନ ଏଠାରେ ଗ୍ରାହକ ଲାଭ କରପାରବେ। କଟକରେ ନୂଆ ରେଷ୍ଟୁରାଣ୍ଟ ଖୋଲି ଅତ୍ୟନ୍ତ ଖୁସି ବୋଲି ଆର୍‌ଏମ୍ ମୁଖାର୍ଜୀ କହିଛନ୍ତି। ଗ୍ରାହକ ଏଠାରେ ବାର୍ବିକ୍ୟୁର ବିଭିନ୍ନ ସୁସ୍ୱାଦୁ ଭୋଜନ ଲାଭ କରିପାରିବେ। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ଦିଗରେ ଚେଷ୍ଟା ଜାରି ରଖିଥିବା ସେ ସୂଚନା ଦେଇଛନ୍ତି।

କବିଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ

ଦୀନକୃଷ୍ଣ ଥିଲେ ଦିବ୍ୟ ଚେତନାର ଅଧିକାରୀ

କଟକ ଅଫିସ, ୧୭।୧୧

ଦୀନକୃଷ୍ଣ ଦାସଙ୍କ କାବ୍ୟରେ ସାହିତ୍ୟ, ସଙ୍ଗୀତ ଓ ଭକ୍ତିର ଅପୂର୍ବ ସମନ୍ୱୟ ରହିଛି। ବିଶ୍ୱ ସାହିତ୍ୟରେ ତାଙ୍କପରି ନିର୍ଭୀକ କବି ବିରଳ। ସେ ଥିଲେ ପରମ ବୈଷ୍ଣବ ତଥା ଦିବ୍ୟ ଚେତନାର ଅଧିକାରୀ ବୋଲି ବିଶିଷ୍ଟ ଅତିଥିମାନେ କହିଛନ୍ତି। ରବିବାର ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବି ଦୀନକୃଷ୍ଣ ଦାସଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ କଟକ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯୋଗଦେଇ ଦୀନକୃଷ୍ଣଙ୍କ ତୈଳଚିତ୍ରକୁ ଅନାବରଣ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫୁଲ୍ଲ ଦାଶ, ସମ୍ମାନିତ ଅତିଥି ଭାବେ ଦୀନକ

ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ। -ସନ୍ତ କବୀର

ସଂକ୍ଷେପରେ

୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ
ପେଟ୍ରୋଲ ପମ୍ପ ମ୍ୟାନେଜର ଗିରଫ

ଖୋର୍ଦ୍ଧା ଅଫିସ,୧୭।୧୧: ଟଙ୍କା ଆତ୍ମସାତ ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସାନପଲ୍ଲା ଟାଙ୍ଗୀ ସାହିର ଦୁର୍ଗା ମାଧବ ମହାନ୍ତି(୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦୁର୍ଗା ମାଧବଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ମୁକୁନ୍ଦପ୍ରସାଦର ପାଇକେରା ପେଟ୍ରୋଲ ପମ୍ପରେ ଦୁର୍ଗା ମାଧବ ମ୍ୟାନେଜର ଭାବେ କାମ କରୁଥିଲେ। କ୍ଷତି ବଢ଼ି ଚାଲିବା ପରେ ମାଲିକ ସୁନୀଲ କୁମାର ପାଇକରାୟ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଜଣାପଡିଥିଲା ଦୁର୍ଗା ମାଧବ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଛନ୍ତି। ଏହା ଜଣାପଡିବା ପରେ ଦୁର୍ଗା ମାଧବ କୁଆଡେ ରାଜି ହୋଇଥିଲେ। ପରେ ସେ ଫେରାର ହୋଇଯାଇଥିଲେ। ଏ ନେଇ ପେଟ୍ରୋଲ ପମ୍ପ ମାଲିକ ସୁନୀଲଙ୍କ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଦଫା ୪୦୬, ୪୦୮, ୪୬୭, ୪୬୮, ୨୯୪, ୫୦୬, ୩୪ ଆଇପିସିରେ ନଂ. ୩୮୭/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଅନ୍ୟପକ୍ଷେ ଦୁର୍ଗାମାଧବଙ୍କ ଗିରଫ ପରେ ପୋଲିସ ଠକେଇ କାଗଜାତର ଯାଞ୍ଚ ପାଇଁ ପେଟ୍ରୋଲ ପମ୍ପ ମାଲିକଙ୍କୁ ମଗାଇଛି।

ଓଷ୍ଟା କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି : ଆସନ୍ତା ୨୨ରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୧୭।୧୧:ଓଷ୍ଟା ଖୋର୍ଦ୍ଧା ଜିଲା ଶାଖାର କାର୍ଯ୍ୟକାରୀ କମିଟିର ବୈଠକ ଜିଲା ସଂଘ କାର୍ଯ୍ୟାଳୟ ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୨ରେ ଦାବି ଦିବସ ପାଳନ ଅବସରରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ପାଇଁ ନିଷ୍ପତ୍ତି ହୋଇଛି। ମାସର ଶେଷ ତାରିଖରେ ସବୁବର୍ଗର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀମାନଙ୍କୁ ମାସିକ ଦରମା ପ୍ରଦାନ, ହିନ୍ଦୀ, ସଂସ୍କୃତ, କ୍ରୀଡା ଶିକ୍ଷକମାନଙ୍କୁ ଯୋଗ୍ୟତା ଭିତ୍ତିକ ଅନୁଦାନ ପ୍ରଦାନ, ଅନୁଦାନରୁ ବଞ୍ଚିତ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ୭ମ ବେତନ କମିଶନ ପ୍ରଦାନ ସହ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା ଦାବି ରହିଛି। ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଆଦି ଦାବିରେ ଆନ୍ଦୋଳନ କରାଯିବା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାସ, ଯୁଗ୍ମ ସମ୍ପାଦକ ମଧୁସୂଦନ ଦେ, କାର୍ଯ୍ୟକାରୀ କମିଟି ସଭ୍ୟ ଶିଶିର ଦାସ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

ମହାତ୍ମା ଗାନ୍ଧୀ, ପ୍ରାକୃତିକ ଚିକିତ୍ସା ଶୀର୍ଷକ କର୍ମଶାଳା

ଚିଲିକା,୧୭।୧୧(ଡି.ଏନ.ଏ.):୨ୟ ଜାତୀୟ ପ୍ରାକୃତିକ ଚିକିତ୍ସା ଦିବସ ୧୮ ନଭେମ୍ବରରେ ପାଳିତ ହେବା ଏହି ଉପଲକ୍ଷେ ମହାତ୍ମା ଗାନ୍ଧୀ ଓ ପ୍ରାକୃତିକ ଚିକିତ୍ସା ଶୀର୍ଷକ କର୍ମଶାଳା ଏକତା ବିଦ୍ୟା ନିକେତନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନ, ପୁନେ ଏବଂ ବାଣପୁରସ୍ଥିତ ମଦର ଟେରେସା ସେବା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ହୋଇଥିଲା। କର୍ମଶାଳାକୁ ଅବସରପ୍ରାପ୍ତ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀ ସତ୍ୟନାରାୟଣ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳକ ଅଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ ଓ ପ୍ରାକୃତିକ ଚିକିତ୍ସା ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଉଦ୍‌ଘାଟକ ଷଡଙ୍ଗୀ, ଗୋଦାବରୀଶ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ବୈରାଗୀ ଚରଣ ବଳ ଓ ଏକତା ବିଦ୍ୟା ନିକେତନ ସମ୍ପାଦିକା ସୁନିତା କୁମାରୀ ମୁନି ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। କର୍ମଶାଳାର ୨ୟ ଅଧିବେଶନ ନାଗୁଣୀ କଲେଜର ଅଧ୍ୟାପକ ଡ. ସତ୍ୟ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସତ୍ୟ ନାରାୟଣ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ବାଲୁଗାଁ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ସୁଜାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ମହାତ୍ମା ଗାନ୍ଧୀଙ୍କ ପ୍ରାକୃତିକ ଚିକିତ୍ସା ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଭିକାରୀ ଚରଣ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

■ ହାତଗୁଞ୍ଜା ପରେ ବି ମିଳୁନି ମାଗଣା ଚିକିତ୍ସା

ବିଜୁ କୃଷକ କଲ୍ୟାଣ ଯୋଜନା ନାଁରେ ଲୁଟୁଛନ୍ତି

ଗଣମାଧ୍ୟମର ହସ୍ତକ୍ଷେପ ପରେ ପୁଣି ଅପରେଶନ କଲେ ପରିଚାଳକ

ଖୋର୍ଦ୍ଧା ଅଫିସ,୧୭।୧୧

ହାତଗୁଞ୍ଜା ଦେଲେ ବି ବିଜୁ କୃଷକ କଲ୍ୟାଣ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ଚିକିତ୍ସା ସେବା ଯୋଗାଇବାରେ ଅଣଦେଖା କରାଯାଉଛି। ରୋଗୀ ମରୁ ପଛେ ଦୁଇ ସରକାରୀ ଯୋଜନାର ଅନୁଦାନକୁ ଲୁଟିବାରେ ଲାଗି ପଡିଛି ସ୍ୱାସ୍ଥ୍ୟସେବା ଯୋଗାଉଥିବା ଘରୋଇ ହସ୍ପିଟାଲ। ଏଭଳି ଅଭିଯୋଗ ଖୋର୍ଦ୍ଧାରେ ହୋଇ ଆସୁଥିବାବେଳେ ନୟାଗଡ ବ୍ଲକ ଅଶ୍ୱସ୍ତପଡା ଗାଁର ଶରତ ନାୟକ ଏହାର ଗୁମର ଖୋଲିଛନ୍ତି। ଶରତ ୨୫ ଦିନ ତଳେ ଟିଏଲସି ରୋଡସ୍ଥିତ ଖୋର୍ଦ୍ଧାର ଏକ ଘରୋଇ ହସ୍ପିଟାଲରେ ବିଜୁ କୃଷକ କଲ୍ୟାଣ ଯୋଜନାରେ ହାରନିଆ ଅପରେଶନ ହୋଇଥିଲେ। ଅପରେଶନର କିଛିଦିନ ପରେ ତାଙ୍କୁ ଘରକୁ ଚାଲିଯିବାକୁ କୁହାଯାଇଥିଲା। ଖୋର୍ଦ୍ଧାରୁ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ଯାଇ ନୟାଗଡରେ ହାରନିଆ ଅପରେଶନର ସିଲାଇ ଖୋଲିଥିଲେ। ହେଲେ ଘା' ଶୁଖି ନ ଥିଲା। ଶରତ ଖୋର୍ଦ୍ଧାକୁ ନ ଆସି ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଇଥିଲେ। ହେଲେ ଅପରେଶନରେ ତ୍ରୁଟି ରହିଥିବା ଦର୍ଶାଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ତାଙ୍କୁ ଅପରେଶନ ହୋଇଥିବା ଘରୋଇ ହସ୍ପିଟାଲକୁ ପଠାଇ ଦେଇଥିଲେ। ଶରତ ଶୁକ୍ରବାରଠାରୁ ଖୋର୍ଦ୍ଧାର ଘରୋଇ ହସ୍ପିଟାଲରେ ପହଞ୍ଚି ବାରମ୍ବାର ଦେଖିବାକୁ କହିଥିଲେ। ହେଲେ ତାଙ୍କୁ ଅଣଦେଖା ଓ ଅବହେଳା କରାଯାଇଥିଲା। ଶରତ ୩ ଦିନ ଧରି ଅପେକ୍ଷା କରି ରହିଥିଲେ। ଏପରି କି ଆଉ ଅପେକ୍ଷା କରି ପାରିଲେନି। ଚାଲିଯିବି କହିବା ପରେ ରବିବାର ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଏ ସମ୍ପର୍କରେ ଶରତ ଗଣମାଧ୍ୟମକୁ ଅବଗତ କରାଇବା ପରେ ତରବରିଆ ଭାବେ ତାଙ୍କର ଅପରେଶନ କରାଯାଇଥିଲା।

ଘରୋଇ ହସ୍ପିଟାଲର ପରିଚାଳକ ତ୍ରୁଟିକୁ ସୁଧାରିବାକୁ ଯାଇ ପୁଣି ସାନି ଅପରେଶନ ନିଜେ କରି ରୋଗୀଙ୍କୁ ଗାଁକୁ ପଠାଇ ଦେଇଛନ୍ତି। ଘା' ଶୁଖିବା ପାଇଁ ଔଷଧ ବି ଲେଖି ଦେଇଛନ୍ତି। ଆଶ୍ୱାସନା ଦେଇଛନ୍ତି ଭୟ କରନାହିଁ, ଆଉ କିଛି ଅସୁବିଧା ହବନାହିଁ। ରୋଗୀ ବି ଡାକ୍ତରଙ୍କୁ ନ ଖୋଜି ଗଣମାଧ୍ୟମକୁ ଧନ୍ୟବାଦ ଦେଇ

ଶରତ ନାୟକ

ଅଭିଯୋଗ ରଖି ଚାଲିଗଲେ। କହିଲେ ୩ ଦିନ ଅପେକ୍ଷା ପରେ ଗଣମାଧ୍ୟମ ନ୍ୟାୟ ଯୋଗାଇଲା। ତେବେ ଘରୋଇ ହସ୍ପିଟାଲର ମନମାନୀ ଓ ରୋଗୀ ସେବାକୁ ଅଣଦେଖା ବିଷୟରେ ଲୋକ ଅବଗତ ହେବା ଦରକାର। ନଚେତ ମୋ ପରି ରୋଗୀମାନେ ହଇରାଣ ହେବେ। ଅନ୍ୟପକ୍ଷେ ଏ ସମ୍ପର୍କରେ ଘରୋଇ ହସ୍ପିଟାଲର ପରିଚାଳକଙ୍କୁ ପଚାରିବାରେ ସେ କହିଥିଲେ ଶରତଙ୍କୁ ଯେଉଁ ଡାକ୍ତର ଅପରେଶନ କରିଥିଲେ, ସେ ଆସିବାର ଥିଲା। ତେବେ ସେ ଅପେକ୍ଷା କରିବାକୁ ଅପ୍ରସ୍ତୁତ ହେବାରୁ ଛୋଟିଆ ଅପରେଶନ ମୁଁ ନିଜେ କରି ଦେଇଛି। କିଛି ଅସୁବିଧା ହେବନାହିଁ। ଏହା ଏକ ଛୋଟିଆ ଘଟଣା। ଆପଣମାନେ ଖବର କରନ୍ତୁ ନାହିଁ। ମୋର ଖୋର୍ଦ୍ଧାର ଅନେକ ଖବରଦାତାଙ୍କ ସହ ଭଲ ସମ୍ପର୍କ ରହିଛି। ସେମାନେ ଆମ ଖବର କରନ୍ତି ନାହିଁ। ଆପଣ ଅବୁଝା ହେବା ଠିକ୍ ନୁହେଁ। ତେବେ ଯାହା କହିଲି ବନ୍ଧୁତ୍ୱର ସହ କହିଲି। ଖବରଦାତା ହିସାବରେ ପଚାରିଲେ, କିଛି କହିପାରିବି ନାହିଁ କହି ଏଡାଇ ଯାଇଥିଲେ। ପ୍ରଶ୍ନ ଉଠୁଛି ଘରୋଇ ହସ୍ପିଟାଲରେ ପରିଚାଳକ ଅପରେଶନ କରୁଛନ୍ତି। ଏଠାରେ ରୋଗୀ କେତେ ସୁରକ୍ଷିତ। ତେବେ ସ୍ୱାସ୍ଥ୍ୟ ବିଭାଗ ଚୁପ ହୋଇ ବସି ରହିଛି। ଏ ନେଇ ସିଡିଏମ୍‌ଓ ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ ପରିଚାଳକ ଅପରେଶନ କରିବା ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦେବା ସଙ୍ଗେ ସମାନ। ଘଟଣାର ତଦନ୍ତ କରି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

୬୬ତମ ସମବାୟ ସପ୍ତାହ ପାଳନ, ଏଟିଏମ୍ ଉଦ୍‌ଘାଟନ

ବୋଲଗଡ,୧୭।୧୧(ଡି.ଏନ.ଏ.)

ବୋଲଗଡ ବ୍ଲକ ରାଜସୁନାଖଳାସ୍ଥିତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବୋଲଗଡ ଶାଖାଠାରେ ୬୬ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ହୋଇଛି। ଏହି ଅବସରରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ସମବାୟ ବ୍ୟାଙ୍କର ଏଟିଏମ୍ ଉଦ୍‌ଘାଟିତ କରିଛନ୍ତି। ଏଥିସହ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦ଟି ଲେଖାଏ ଏସ୍‌ଏଚଜି ଏବଂ ଜେଏଲଜି ଗ୍ରୁପକୁ ଋଣ ପ୍ରଦାନ କରାଯାଇଛି। ବୋଲଗଡ ବ୍ଲକ ଅଞ୍ଚଳରେ ଥିବା ୨୨ଟି ସମବାୟ ସମିତି ମଧ୍ୟରୁ ବଡକୁମାରୀ ପ୍ରାଥମିକ ସେବା ସମବାୟ ସମିତିର ପରିଚାଳନା ପରିଷଦ ସଭାପତିଙ୍କୁ ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନଙ୍କୁ ଉତ୍ତମ

ସଭାରେ ଯୋଗ ଦେଇଥିବା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ ।

ସଭାପତି ଭାବେ ପୁରସ୍କୃତ କରାଯାଇଛି। ସେହିପରି ବୋଲଗଡ ପ୍ରାଥମିକ ସେବା ସମବାୟ ସମିତିକୁ ଉତ୍ତମ ସମିତି ପୁରସ୍କାର ସମିତିର ସଭାପତି ବୀରକିଶୋର ଦାସଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଅତିଥି) ଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଶାନ୍ତ କୁମାର ଦାସ, ଡିଜିଏମ୍ ସାରଥ ଶତପଥୀ, ସିଇଓ ସୁବାସ ଚନ୍ଦ୍ର ମିଶ୍ର, ଖୋର୍ଦ୍ଧା ଡିଆରସିଏସ୍ ରୋଜାଲିନ ସେନାପତି ପ୍ରମୁଖ ଯୋଗଦେଇ ସମବାୟ ଲୋକମାନଙ୍କ ନିକଟତର ହୋଇ ସେବା ଯୋଗାଇ ଦେବାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ସୁବୁଦ୍ଧି, ସମିତିସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ନାଏବ ସରପଞ୍ଚ ବିଜୟ କୁମାର ତାରେଣିଆଙ୍କ ସମେତ ବ୍ଲକ ଅଞ୍ଚଳରେ ସମସ୍ତ ସମବାୟ ସମିତିର ସଭାପତି, ସମ୍ପାଦକ, ବିଭିନ୍ନ ସମିତିର କେତେଜଣ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ନାବାଳକଙ୍କୁ ଆକ୍ରମଣ

ଖୋର୍ଦ୍ଧା ଅଫିସ,୧୭।୧୧

ଶନିବାର ରାତିରେ ବାଣପୁର ବଜାରରେ ଜଣେ ୧୭ ବର୍ଷର ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଜଣେ ଯୁବକ କୌଣସି କାରଣରୁ ନାବାଳକଙ୍କୁ ଆକ୍ରମଣ କରିଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ନାବାଳକ ରାତିରେ ବାଣପୁର ବଜାରସାହିରେ ଠିଆ ହୋଇଥିବା ବେଳେ ସନ୍ତୋଷ ପାତ୍ରଙ୍କ ସହ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ସନ୍ତୋଷ ଉତ୍ତେଜିତ ହୋଇ ନାବାଳକଙ୍କୁ ଆକ୍ରମଣ କରିଥିଲେ। ସେ ଏଥିରେ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

■ ଆଦର୍ଶ ବିଦ୍ୟାଳୟ ଖୋଲିବାର ୮ ମାସ ବିତିଲା

ନିଯୁକ୍ତି ପାଇଲେନି ଶିକ୍ଷକ କି ନିର୍ମାଣ ହେଲାନି ବିଦ୍ୟାଳୟ

ଧର୍ମଘଟ କରିବାକୁ ନିଷ୍ପତ୍ତି ନେଲେ ଅଭିଭାବକ

ଖୋର୍ଦ୍ଧା ଅଫିସ,୧୭।୧୧:

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଆଦର୍ଶ ବିଦ୍ୟାଳୟ ଖୋଲିବାର ୮ ମାସ ବିତିଯାଇଛି। ହେଲେ ନିଯୁକ୍ତି ପାଇଲେନି ଶିକ୍ଷକ କି ଏଯାବତ ବିଦ୍ୟାଳୟ ପାଇଁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲାନି। ସେହିଭଳି ପୋଷାକ ଯୋଗାଣ ଓ ଅନ୍ୟ କିଛି ଦାବି ଅନୁରୂପ ଭାବେ ରହିଛି। ଅଭିଭାବକ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ନିର୍ଦ୍ଦେଶକ ଓଡ଼ିଶା ଆଦର୍ଶ ବିଦ୍ୟାଳୟଙ୍କୁ ଅବଗତ କରାଯାଇଥିଲେ ରବିବାର ଅଭିଭାବକମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଶୈକ୍ଷିକ ଓ ଭୌତିକ ପରିବେଶ ସୃଷ୍ଟି ପାଇଁ ପ୍ରଶାସନିକ ସ୍ତରରେ ଅସହଯୋଗ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଭିତ୍ତିଭୂମି ନ କରି ପିଲାମାନଙ୍କୁ ନାମ ଲେଖାଇ ସେମାନଙ୍କ ଭବିଷ୍ୟତ ସହ ଖେଳ ଖେଳା ଯାଉଥିବାରୁ ଅଭିଭାବକ ସଂଘ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି।

ପ୍ରକାଶଥାଉ କି ଖୋର୍ଦ୍ଧା ବ୍ଲକସ୍ତରୀୟ ଆଦର୍ଶ ସ୍କୁଲ ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ ପରିସରରେ ଚାଲିଛି। ଶ୍ରେଣୀରେ ନାମ ଲେଖାଇଛନ୍ତି। ଶିକ୍ଷକ ଆଦୌ ନାହାନ୍ତି। ପାଠ ପଢାଇବା ପାଇଁ ୪ ଶିକ୍ଷକ ଡେପ୍ଲୟଡ ହୋଇଛନ୍ତି। ଅଧକ୍ଷ ଦାୟିତ୍ୱ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ତୁଲାଉଛନ୍ତି। ଏ ନେଇ ଅଭିଭାବକ ସଂଘର ସଭାପତି ମନୋଜ କୁମାର ଉଦୟସିଂ କୁହନ୍ତି, ସ୍କୁଲରେ ଶୈକ୍ଷିକ ଓ ଭୌତିକ ପରିବେଶ ନ ଥିବାରୁ ଅଭିଭାବକ ପିଲାଙ୍କ ପାଠପଢା ନେଇ ସନ୍ତୁଷ୍ଟ ନାହାନ୍ତି। ଉଭୟ ପରିବେଶ ଫେରିବାକୁ ପ୍ରଶାସନର ସହଯୋଗ ମିଳୁ ନ ଥିବାରୁ ଧର୍ମଘଟ ହେବାକୁ ନିଷ୍ପତ୍ତି ହୋଇଥିବା ପ୍ରକାଶ କରିଛନ୍ତି।

ଶିକ୍ଷକ, କର୍ମଚାରୀ ସଂଘର ବୈଠକ

ଖୋର୍ଦ୍ଧା ଅଫିସ,୧୭।୧୧

ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ ମା' ବାଟମଙ୍ଗଳା ଖୋର୍ଦ୍ଧାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବର୍ଗର ଶିକ୍ଷକ ଅବସର ନେଲେ ପେନସନ ପାଇ ନ ଥାନ୍ତି। ଏପରି କି ଚାକିରି କରି ଅବସର ନେବା ପର୍ଯ୍ୟନ୍ତ କିଛି ଶିକ୍ଷକ ସରକାରୀ ଅନୁଦାନ ମଧ୍ୟ ପାଇ ପାରୁନାହାନ୍ତି। ଯାହାକି କ୍ଷୋଭ ଓ ଉଦ୍‌ବେଗର ବିଷୟ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ରାଜ୍ୟ ସଭାପତି କଳିଙ୍ଗ କେଶରୀ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପତି, ଶିକ୍ଷକ ନେତା କେଶବ ଚନ୍ଦ୍ର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଭାଗବତ ପ୍ରସାଦ ପାଣ୍ଡେ, ଖୋର୍ଦ୍ଧା ଜିଲା ସମ୍ପାଦକ ଉମାଶଙ୍କର ପାଣିଗ୍ରାହୀ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

■ ଭାଇଚାରା ଥାଇ ବଦଳୁଛି ଗାଁ

ଦେଶ ବିଦେଶରେ ଗାଁର ଝଲକକୁ ଦେଖାଇ ବାହାଦୁରି

ଖୋର୍ଦ୍ଧା ଅଫିସ,୧୭।୧୧:

ଗାଁ ବଦଳୁଥିଲେ ମଧ୍ୟ ଭାଇଚାରା ରହିଛି ଅଟୁଟ। ଯାହାକି ସହରରେ ଖୋଜିଲେ ମିଳେନି। ସୁବିଧା ସୁଯୋଗ ହାତେଇବାକୁ ସହର ପ୍ରତି ଆକୃଷ୍ଟ ହୋଇ ଗାଁଲୋକ ଛାଡୁଛନ୍ତି ଗାଁ। ସହର ବଢୁଛି। ହେଲେ ଗାଁ ଛାଡି ଦେଲେ କିଛି କରି ହୁଏନି। ଦେଶ ବିଦେଶରେ ଲୋକକଳା ହେଉ ଅଥବା ଅନ୍ୟ ଯେଉଁଥିରେ ସବୁଥରେ ଦେଖାଉଛନ୍ତି ଗାଁର ଝଲକ। ସେହି ଝଲକକୁ ଦେଖାଇ ବାହୁସ୍ଫୋଟ ମାରୁଛନ୍ତି। ଗାଁଲୋକ କିନ୍ତୁ ଏହା ଜାଣି ପାରୁନାହାନ୍ତି। ଗାଁରେ ଭରି ରହିଛି ଅନେକ ଲୋକକଳା। ଯାହାକି କେବଳ ମନୋରଞ୍ଜନରେ ସୀମିତ ନୁହେଁ ବରଂ ଆଧ୍ୟାତ୍ମିକ ଓ ସାମାଜିକ ଚେତନା ସୃଷ୍ଟି କରିଥାଏ। ଏ ଅବସରରେ ଗାଁ ଲୋକକଳା ବିଷୟରେ ଜାଣିବାକୁସୁଯୋଗ ଆଣିଦେଇଛି ଗାଁଲୋକ କଳା ମହୋତ୍ସବ। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ଗାଁରେ ରତ୍ନମାଳା ଠାକୁରାଣୀଙ୍କ ପୀଠରେ ଏହି ଉତ୍ସବ ଦୁଇଦିନ ଧରି ପାଳିତ ହୋଇଛି। ଭିନ୍ନ ଭିନ୍ନ ଦିବସରେ ବକ୍ତାମାନେ ଗାଁର ଉପରୋକ୍ତ ମହତ୍ତ୍ୱକୁ ନେଇ ଟିପ୍ପଣି ରଖିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ସୁରେନ୍ଦ୍ର କୁମାର ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣିରେ ଲୋକକଳାର ସମ୍ପର୍କ ଆମ ସାମାଜିକ ଜୀବନଧାରାରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିଥାଏ ବୋଲି ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ, ଖବରକାଗଜ ସଂଗ୍ରାହକ ଶଶାଙ୍କ ଶେଖର ଦାଶ, ସାମାଜିକ କର୍ମୀ ରାମ ଶଙ୍କର, ସରପଞ୍ଚ ସୁବାଶ

ଯିଏ ସାଧୁସନ୍ଥକୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ

କଟକ ଜାମ୍, ବାଲିଯାତ୍ରାକୁ ଲୋକଙ୍କ ସୁଅ

ଖେଳିଲେ, କିଣିଲେ, ଯାତ୍ରାର ମଜା ନେଲେ

ଏବର୍ଷ ବାଲିଯାତ୍ରାରେ କ'ଣ ସବୁ ସ୍ପେଶାଲ ମିଳୁଛି, ଲୋକଙ୍କ ଗହଳି କେଉଁ ଷ୍ଟଲରେ ରହୁଛି ତାହା ଜାଣିବା ପାଇଁ ଦେଖନ୍ତୁ ଏହି ଭିଡିଓ

YouTube /dharitrilive

କଟକ ଅଫିସ, ୧୭।୧୧

ରବିବାର ଛୁଟିଦିନରେ କଟକ ଜାମ୍। ଜୁଆଡେ ଚାହିଁବ ଭିଡ। ଗିଂରୋଡଠାରୁ ଆରମ୍ଭ କରି ସହର ବିଭିନ୍ନ ରାସ୍ତା ଦେଇ ଲୋକମାନେ ବାଲିଯାତ୍ରା ପଡିଆ ମୁହାଁ ହୋଇଥିଲେ। ଏହି ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଛି। ରବିବାର ବାଲିଯାତ୍ରା ପଡିଆ ଲୋକାରଣ୍ୟ ହୋଇପଡିଥିଲା। ଦିନବେଳା ଲୋକଙ୍କ ଗହଳି ଲାଗି ରହିଥିଲେ ମଧ୍ୟ ଅସଲ ଭିଡ ଦେଖିବାକୁ ମିଳିଥିଲା ସନ୍ଧ୍ୟାରେ। ପଡିଆରେ ରଙ୍ଗବେରଙ୍ଗର ଲାଇଟ ଲାଗିଥିବାବେଳେ ନାଚଗୀତ ତାଳେତାଳେ ଉଛୁଳି ପଡୁଥିଲା ମହାନଦୀ ପଠା। ଏଥିସହିତ ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟାର କଳାକାରଙ୍କ ଆଗମନ ଭିଡକୁ ଦିଗୁଣିତ କରିଦେଇଛି। ଲୋକମାନେ ଦୋଳିରେ ବସିବା ସହ ଚଟ୍‌ପଟି ଖାଦ୍ୟ ଖାଇଥିଲେ। ପରେ ବିଭିନ୍ନ ସାମଗ୍ରୀ କିଣାକିଣି କରି ଘରକୁ ଫେରିଥିଲେ।

ଯାତ୍ରା ପଡିଆରେ ଦୋଳିର ମଜା

ଚଳିତବର୍ଷ ବାଲିଯାତ୍ରା ପଡିଆକୁ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ଡ୍ରାଗନ ଟ୍ରେନ, ଅକ୍ଟୋପସ, ଚାନ୍ଦ ତାରା ଦୋଳି ସମେତ ରୋଞ୍ଜର ଦୋଳି ଆସିଛି। ରବିବାର ଛୁଟିଦିନ ଥିବାରୁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ସମସ୍ତେ ଯାତ୍ରା ପଡିଆରେ ଦୋଳିର ମଜା ନେଇଥିଲେ। ଏଥିସହ ପିଲାମାନେ ସେଠାରେ ବୋଟିଂ କରିଥିଲେ। ଏଥିସହ କିଛି ଦୋଳି ସମ୍ମୁଖରେ ସଚେତନତା ବାର୍ତ୍ତା ଦେଖିବାକୁ ମିଳିଥିଲା। ଯେପରିକି ନିଶାଦ୍ରବ୍ୟ ସେବକ କରି ଦୋଳିରେ ବସିବା ମନା, କୌଣସି ଅସୁବିଧା ହେଲେ ବାଲିଯାତ୍ରା କାର୍ଯ୍ୟକ୍ରମ ପରିଚାଳକଙ୍କ ସହିତ ଯୋଗାଯୋଗ କରିବା ପାଇଁ ଲେଖା ମାଧ୍ୟମରେ ସତର୍କସୂଚନା ଦିଆଯାଇଥିଲା।

କଟିକିଆ ଡ୍ରେସ ଷ୍ଟଲ୍‌ରେ ଭିଡ଼

ବାଲିଯାତ୍ରା ପଡ଼ିଆରେ କ'ଣ ସବୁ ଭଲ ତ, ଆପଣମାନେ ଖୁସି ତ, ଲୋକାଲ ଟୋକା, ଖାଣ୍ଟି କଟିକିଆ, ଚା ଖଟି ଭଳି ଲେଖାଯାଇ ପ୍ରିଣ୍ଟିଂ ହୋଇଥିବା ବିଭିନ୍ନ ଡ୍ରେସ୍‌ର ଚାହିଦା ଦେଖିବାକୁ ମିଳିଥିଲା। ଫଳରେ ଏହାକୁ କିଣିବା ପାଇଁ ଉକ୍ତ ଷ୍ଟଲରେ ଲୋକଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। ସିଲ୍‌ଭର ସିଟି କଟକ ସଂସ୍ଥା ପକ୍ଷରୁ ଏହି ଷ୍ଟଲ୍ ପକାଯାଇଛି। ଏହି ଷ୍ଟଲ୍‌ରେ ବ୍ୟବସାୟ ହେଉଥିବା ଅର୍ଥର କିଛି ଅଂଶ ସାମାଜିକ କାର୍ଯ୍ୟରେ ଲାଗିବ ବୋଲି ଦେବାଶିଷ ସାମନ୍ତରାୟ କହିଛନ୍ତି। ବାଲିଯାତ୍ରାରେ ଏହି ଡ୍ରେସ୍‌କୁ ୩୦୦ ଟଙ୍କାରେ ବିକ୍ରି କରାଯାଉଛି।

ଅସହାୟ ଶିଶୁଙ୍କୁ ବାଲିଯାତ୍ରା ବୁଲାଇଲା ଓଡ଼ିଶା ପୋଲିସ

ରବିବାର ଐତିହାସିକ କଟକ ବାଲିଯାତ୍ରାରେ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଥିଲା। କେତେଜଣ ଅସହାୟ ପିଲାଙ୍କୁ ପୋଲିସ କର୍ମଚାରୀମାନେ ବାଲିଯାତ୍ରା ବୁଲାଇ ଦେଖାଉଥିଲେ। ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ପ୍ରାୟ ୪୦ ଜଣ ପିଲାଙ୍କୁ ଆଣି ବାଲିଯାତ୍ରା ବୁଲାଇବା ସହ ବିଭିନ୍ନ ଦୋଳିରେ ବସାଇବା, ଖାଇବାକୁ ଦେବା ଏବଂ ଖେଳନା ଆଣି କର୍ମଚାରୀମାନଙ୍କୁ ଦେଇଥିଲେ। ପୋଲିସର ଏହିପରି କାର୍ଯ୍ୟ ଦେଖି ସାଧାରଣ ଲୋକେ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ। ଏହି କାର୍ଯ୍ୟରେ ଡିଏସ୍‌ପି ଦେବାଶିଷ ଧଳ, ଦୀପକ ଗଡ଼ନାୟକ, ଇନ୍ସପେକ୍ଟର ଅଶୋକ ବେହେରା, ଗୀତାଞ୍ଜଳି ଜେନା, ଏସ୍‌ଆଇ ଯଶୋବନ୍ତ ସେଠୀ, ପ୍ରଦୀପ ସାହୁ, ସତ୍ୟ ଦାସଙ୍କ ଅନ୍ୟମାନେ ସାମିଲ ହୋଇଥିଲେ।

କେନ୍ଦୁଝର ଧୂପ

ବାଲିଯାତ୍ରା ପଡ଼ିଆରେ କେନ୍ଦୁଝରରେ ପ୍ରସିଦ୍ଧିଲାଭ କରିଥିବା ଗୁପ୍ତଗଙ୍ଗା ଧୂପକାଠିର ଏକ ଷ୍ଟଲ ଖୋଲିଛି। ଷ୍ଟଲରେ ଭଲ ବ୍ୟବସାୟ ହେବା ସହ ଲୋକଙ୍କ ଭିଡ଼ ଜମୁଛି। ଗୁପ୍ତଗଙ୍ଗା ଧୂପକାଠି ଏବେ କେନ୍ଦୁଝର ଜିଲା ସମେତ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ପ୍ରଭୃତି ଜିଲାରେ ଭଲ ବ୍ୟବସାୟ କରୁଥିବା କମ୍ପାନୀ ମାଲିକ ଅନିତା ମହାନ୍ତି କହିଛନ୍ତି।

ଗଣ କବି ବୈଷ୍ଣବ ପାଣି ମଞ୍ଚ

କଟକ ଅଫିସ, ୧୭।୧୧

ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ରବିବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ କଣ୍ଠଶିଳ୍ପୀ ସୋନା ମହାପାତ୍ର। ଏହି ମଞ୍ଚରେ ସୋନାଙ୍କ ବ୍ୟାଣ୍ଡ ୨ ଘଣ୍ଟା ଧରି କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ଆହେ ନୀଳ ଶୈଳ... ଭଜନ ଗାନକରି ସୋନା ମଞ୍ଚରେ ପ୍ରବେଶ କରିଥିଲେ। ବହୁ ଚର୍ଚ୍ଚିତ 'ରଙ୍ଗବତୀ' ଗୀତ ଗାଇ ଏହି ସନ୍ଧ୍ୟାକୁ ରଙ୍ଗୀନ କରିଥିଲେ ସୋନା। ଏଥିସହ ମନ୍ ତେରା ଜୋ ରାଗ ହେ, ଆଜା ୱେ, ଆଫରୀ ଆଫରୀ, ପିୟା ରେ ତେରେ ବିନା ଲାଗେ ନେହିଁ ମେରା ଜିୟାରେ ଭଳି ସୁପରହିଟ୍ ହିନ୍ଦୀ ଗୀତ ସୋନାଙ୍କ କଣ୍ଠରୁ ଶୁଣିବାକୁ ମିଳିଥିଲା। ସେହିପରି ରସକେ କମ୍‌ରେ କଓାଲି ଗୀତ ମଧ୍ୟ ବେଶ ଆକର୍ଷଣୀୟ ଥିଲା। ରବିବାର ଛୁଟିଦିନ ଥିବାରୁ ଯାତ୍ରା ପଡ଼ିଆରେ ଦର୍ଶକଙ୍କ ଖଚାଖଚ ଭିଡ ଦେଖିବାକୁ ମିଳିଥିଲା।

ସୋନାଙ୍କ 'ରଙ୍ଗବତୀ' ଗୀତରେ ରଙ୍ଗିନ ହେଲା ସନ୍ଧ୍ୟା

ଅନ୍ୟପକ୍ଷରେ ବାଲିଯାତ୍ରାର ମହାନଦୀ ମଞ୍ଚରେ ବିନୋଦ ବିହାରୀ କଳା ପରିଷଦ ପକ୍ଷରୁ ଯକ୍ଷ ଯଜ୍ଞ ଗୀତିନାଟ୍ୟ, ମାତୃଶକ୍ତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ମମତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଲୋକନୃତ୍ୟ, ମା' ସରୋଜିନୀ କଳା ପରିଷଦ ପକ୍ଷରୁ ଓଡ଼ିଶୀ ଡ୍ୟାନ୍ସ ପରିବେଷିତ ହୋଇଥିଲା। ସେହିପରି ବାଲାଂଦେଶ ଢ଼ାକାର ନ୍ରିତୋରଙ୍ଗ ସଙ୍ଗଠନ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

ସଙ୍ଗୀତର ନିର୍ଦ୍ଦିଷ୍ଟ ଭାଷା ନାହିଁ

ମଞ୍ଚରେ ବାଲିଯାତ୍ରା ଓ କଟକ ସହିତ ଥିବା ସ୍ମୃତି ବଖାଣିଥିଲେ କଣ୍ଠଶିଳ୍ପୀ ସୋନା ମହାପାତ୍ର। ତାଙ୍କ ଘର କଟକର ତୁଳସୀପୁର ଅଞ୍ଚଳରେ। ପିଲାବେଳେ ସେ ଅନେକ ଥର ବାଲିଯାତ୍ରା ବୁଲିବାକୁ ଆସି ଦହିବରା ଖାଇଥାନ୍ତି। ବିବାଦୀୟ ଗୀତ ଗାଇ ଚର୍ଚ୍ଚାରେ ରହିଥିବା ସୋନା ସଙ୍ଗୀତର କୌଣସି ନିର୍ଦ୍ଦିଷ୍ଟ ଭାଷା ନାହିଁ ବୋଲି କହିଛନ୍ତି। ଯାହା ଶ୍ରୋତାଙ୍କୁ ଶୁଣିବାକୁ ଭଲ ଲାଗେ ତାହା ଭଲ ସଙ୍ଗୀତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଲୟୋଲା 'ଆନୁଆଲ୍ ଫେଟ୍-୨୦୧୯'

ପିଲାଙ୍କ ଷ୍ଟଲ୍‌ରେ ମଜା ଉଠାଇଲେ ଅଭିଭାବକ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଲୟୋଲା ସ୍କୁଲ ପକ୍ଷରୁ ରବିବାର ଶିଶୁ ଦିବସ ମେଳା 'ଆନୁଆଲ୍ ଫେଟ୍-୨୦୧୯' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ଫୁଡ୍ ଷ୍ଟଲ୍ ଓ ୪୭ ଗେମ୍ ଷ୍ଟଲ୍ ପଡ଼ିଥିଲା। ପିଲାମାନେ ଦହିବରା ଆଳୁଦମ୍‌ଠାରୁ ଆରମ୍ଭ କରି ଚାଉମିନ୍, ଚାଟ୍, ଗୁପ୍‌ଚୁପ୍, ଚିକେନ୍ ପକୋଡ଼ା, ସୁପ୍ ଭଳି ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଷ୍ଟଲ ପକାଇଥିଲେ। ଏହାକୁ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ମନଭରି ଉପଭୋଗ କରିଥିଲେ। ୭ହଜାରରୁ ଊର୍ଦ୍ଧ୍ୱ ଏହି ଫୁଡ୍ ଷ୍ଟଲ୍‌ରେ ବୁଲି ଖାଇଥିଲେ। ସେହିଭଳି ଗେମ୍ ଷ୍ଟଲଗୁଡ଼ିକରେ ବିଭିନ୍ନ ପ୍ରକାର ଖେଳ ପଡ଼ିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। ଛାତ୍ରୀଛାତ୍ରମାନେ ନିଜେ ନିଜେ ମ୍ୟୁଜିକ୍ ବ୍ୟାଣ୍ଡ୍ ବଜାଇବା ସହିତ ଗୀତ ବୋଲି ଶ୍ରୋତାଙ୍କୁ ମତୁଆଲା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ପୁରସ୍କାର କୋମଳ ତ୍ରିପାଠୀଙ୍କୁ ମିଳିଥିବାବେଳେ ଦ୍ୱିତୀୟ ପୁରସ୍କାର ଆୟୁଷ୍ମାନ ମହାପାତ୍ର ଓ ତୃତୀୟ ପୁରସ୍କାର ସିବେଶ ସାହୁଙ୍କୁ ମିଳିଥିଲା। ସ୍କୁଲ ପ୍ରିନ୍ସିପାଲ ଫାଦର ଭିକ୍ଟର ମିସ୍‌କୁଇଥ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ପାଠପଢ଼ା ଛଡ଼ା ସମସ୍ତଙ୍କ ଭିତରେ କିଛି ନା କିଛି ପ୍ରତିଭା ରହିଛି। ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କର ବୋଲି ପ୍ରିନ୍ସିପାଲ ପରାମର୍ଶ ଦେଇଥିଲେ। ରେକ୍ଟର ଫାଦର ଗିଲବର୍ଟ ମେଞ୍ଜେସ୍ ଉଦ୍‌ଘାଟନୀ ସମୟରେ ଉପସ୍ଥିତ ଥିଲେ। ପୂର୍ବରୁ ସପ୍ତାହ ବ୍ୟାପୀ ଶିଶୁଦିବସ ପାଳନ କରାଯାଉଥିଲା। ଅଭିଭାବକମାନଙ୍କୁ ନେଇ ମଧ୍ୟ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା।

ଲୟୋଲା ସ୍କୁଲ ପ୍ରିନ୍ସିପାଲ ଫାଦର ଭିକ୍ଟର ମିସ୍‌କୁଇଥ୍ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

ରଜନୀଙ୍କୁ ଘରୋଇ ସଂସ୍ଥା ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ପ୍ରଶାସନର ପଡିଲାନି ନଜର

ସହାୟତାର ହାତ ବଢ଼ାଇଲେ ଘରୋଇ ସଂସ୍ଥା

ଜଟଣୀ,୧୭।୧୧(ଡି.ଏନ.ଏ):

ଜଟଣୀ ସହର ଗାନ୍ଧୀ ପାର୍କ ନିକଟରେ ରହୁଥିବା ଅସହାୟ ମା' ପୁଅଙ୍କ ବିଷୟରେ 'ରୋଗଣା ପୁଅର ଆଶ୍ରା ପାଲଟିଛନ୍ତି ବୃଦ୍ଧା ମା' ଶୀର୍ଷକ ଖବର ୧୧ ତାରିଖ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ପ୍ରକାଶିତ ଖବର ପଢି କେତେଗୋଟି ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ଦୟନୀୟ ଭାବେ ରହୁଥିବା ଏହି ମା' ପୁଅଙ୍କୁ ସହାୟତାର ହାତ ବଢାଇଛନ୍ତି। ହେଲେ ପ୍ରଶାସନର ଏଯାବତ୍ ଏମାନଙ୍କ ଉପରେ ନଜର ପଡିଲାନି। ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାନୀୟ ଗାନ୍ଧୀ ପାର୍କ ନିକଟରେ ଏକ ଭଙ୍ଗା ଆଜବେଷ୍ଟସ ଭଡା ଘରେ ୬୫ ବର୍ଷୀୟା ବୃଦ୍ଧା ରଜନୀ ଦେଇ ଓ ୩୫ ବର୍ଷର ରୋଗଣା ପୁଅ ଦିବା ରହୁଛନ୍ତି। ୩୦ବର୍ଷ ହେବ ସ୍ୱାମୀ ଛାଡ଼ି ଚାଲି ଯାଇଛନ୍ତି। ସ୍ୱାମୀ ଯିବା ପରେ ପୁଅ ଦିବାକୁ ଧରି ରଜନୀ ରହୁଛନ୍ତି। ପୁଅର ବାତ ରୋଗ। ପୂର୍ବରୁ ଯାହା ଯେମିତି ସେ ଚଲାବୁଲା କରି ପାରୁଥିଲେ। ୪ ମାସ ପୂର୍ବେ ବାତ ମାରିବାରୁ ଏକ ଡ୍ରେନ୍‌ରେ ଦିବା ପଡି ଯାଇଥିଲେ। ପରେ ତାଙ୍କର ଚଲାବୁଲା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ହାତଗୋଡ ଅଚଳ ହୋଇପଡିଛି। ବିଛଣାରେ ସଦାବେଳେ ପଡି ରହୁଛନ୍ତି। ବୁଢୀ ବୟସରେ ସକାଳୁ ପୁଅର ସମସ୍ତ ନିତ୍ୟକର୍ମ ସାରି ରଜନୀ ବାହାରକୁ ଭିକ୍ଷାମାଗି ଯାହା ଆଣିଥାନ୍ତି ସେଥିରେ ଖାଦ୍ୟ ପ୍ରସ୍ତୁତ କରି ପୁଅକୁ ଖାଇବାକୁ ଦେଇଥାନ୍ତି। ଯାହା ବଳିଥାଏ ନିଜେ ଖାଇଥାନ୍ତି। ଜାଗା ମିଶନଠାରୁ ଆରମ୍ଭ କରି ସରକାରଙ୍କ ରହିଥିବା ମାଳ ମାଳ ଯୋଜନା ଏଯାବତ୍ ରଜନୀଙ୍କ ପାଖରେ ପହଞ୍ଚି ପାରିନାହିଁ। ସେ କୁହନ୍ତି, ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କେତେଗୋଟି ବେସରକାରୀ ସଂସ୍ଥା ଓ ଲୋକେ ପହଞ୍ଚି ତାଙ୍କର ଭଲମନ୍ଦ ବୁଝୁଛନ୍ତି। କିଛି ସହାୟତା କରୁଛନ୍ତି। ହେଲେ ଏଯାବତ୍ କେହି ସରକାରୀ ବାବୁ ପହଞ୍ଚି ନ ଥିବା ସେ କହିଛନ୍ତି।

ଅସହାୟ ମା'ପୁଅଙ୍କୁ ସହାୟତା ପ୍ରଦାନ ପାଇଁ ନାରୀନେତ୍ରୀ ନମିତା ପାଲଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ସମାଜ ମଙ୍ଗଳ ହୁଣ୍ଡି ପକ୍ଷରୁ ସହାୟତାର ହାତ ବଢାଇଛନ୍ତି। ନମିତାଙ୍କ ସମେତ ହେମନ୍ତ ମହାପାତ୍ର, ଇଞ୍ଜିଲା ସାବତ, କାଳୁ ସାମନ୍ତସିଂହାର, ବାବୁ ହୋତା, ଏନ୍. ସୀତା ଓ ଅନ୍ୟ ସଦସ୍ୟମାନେ ଶନିବାର ସନ୍ଧ୍ୟାରେ ରଜନୀଙ୍କ ନିକଟରେ ପହଞ୍ଚି ସମସ୍ତ ବିଷୟ ବୁଝିଥିଲେ। ହୁଣ୍ଡିରେ ସଂଗୃହୀତ ୭ ହଜାର ଟଙ୍କା ତାଙ୍କୁ ପ୍ରଦାନ କରିଥିଲେ। ପୁଅର କିପରି ଚିକିତ୍ସା ହୋଇପାରିବ ସେଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଅନ୍ୟତମ ସଙ୍ଗଠନ ପାଣ୍ଡବ ଜେନା ଫାଉଣ୍ଡେଶନ ପକ୍ଷରୁ ଶିକ୍ଷାବିତ୍ ତ୍ରିଲୋଚନ ମହାପାତ୍ର, ଚିତ୍ତ ପ୍ରଧାନ ଓ ଅନ୍ୟ ସଦସ୍ୟମାନେ ପହଞ୍ଚି ଦିବାଙ୍କ ଚିକିତ୍ସା କିପରି ହୋଇପାରିବ ସେଥିପାଇଁ ନିର୍ଭର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସୋମବାର ତାଙ୍କୁ ମେଡିକାଲ ନେବାକୁ ସ୍ଥିର ହୋଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୧୫ ଦିନ ପୂର୍ବେ ପତ୍ର ମାଧ୍ୟମରେ ଜିଲାପାଳଙ୍କୁ ଏ ନେଇ ଅବଗତ କରାଯାଇଥିଲେ ମଧ୍ୟ ପ୍ରଶାସନର ଏଯାବତ୍ ଦୃଷ୍ଟି ପଡିନାହିଁ।

ଏନ୍‌ଏସ୍‌ଏସ୍ ପକ୍ଷରୁ ନାଟକ 'ନୂଆ' ପରିବେଷିତ

ଜଟଣୀ ୧୭।୧୧ (ଡି.ଏନ.ଏ.):

ନିରକ୍ଷରତା, ଦାରିଦ୍ର୍ୟର କଷାଘାତ ଭିତରେ ମଧ୍ୟ ଭରି ରହିଛି ସ୍ୱାଭିମାନର ସଚେତନତା। ଦୁର୍ନୀତିର ପାଉଁଶଗଦା ଆବଦ୍ଧ କରି ପାରିନାହିଁ ବିପ୍ଳବର ଅଗ୍ନିଶିଖାକୁ। ଏହି ଆଧାରରେ ଡ. ଗୌରହରି ଦାସଙ୍କ ଲିଖିତ ନାଟକ 'ନୂଆ' ଜଟଣୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ନାଟ୍ୟ ଚେତନା ଅନୁଷ୍ଠାନର ମିଳିତ ଉଦ୍ୟମରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମଧ୍ୟସ୍ଥ ହୋଇଛି। ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ପରିବେଶିତ ହୋଇଥିବା ଏହି ନାଟକ ପୂର୍ବରୁ ସ୍ୱାଗତଭାଷଣ ଦେଇଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର। ପ୍ରାରମ୍ଭରେ ନାଟ୍ୟକାର ତଥା ପ୍ରଫେସର ଅମରେନ୍ଦ୍ର ନାରାୟଣ ଷଡଙ୍ଗୀ ଛାତ୍ରୀଛାତ୍ରମାନଙ୍କୁ କଳାର ଆବଶ୍ୟକତା ଏବଂ ଜୀବନରେ ନାଟକର ଭୂମିକା ସମ୍ପର୍କରେ ଆଲୋକପାତ କରାଇଥିଲେ। ଅଧ୍ୟାପକ ଡ. ତପନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଳନ୍ଧର, ସୁଜାତା, ନିଳାମ୍ବର, ରାମଚନ୍ଦ୍ର, ପ୍ରତାପ, ପୂଜା, ସ୍ମିତାରାଣୀ, ବିଭୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଶେଷରେ ପ୍ରାଧ୍ୟାପକ ଡ. ଅଭୟ ବାରିକ, ନାଟ୍ୟକାର ବିପ୍ଳବ କେଶରୀ ଶତପଥୀ ନାଟକର ବିଭିନ୍ନ ଦିଗ ଓ କଳାକାରମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଆସନ୍ତା ସପ୍ତାହରେ ଅଧ୍ୟାପକ ଅନିଲ ନନ୍ଦଙ୍କ ନେତୃତ୍ୱରେ କଳାକାରମାନେ ଦାମନଯୋଡ଼ି, ଲକ୍ଷ୍ମୀପୁର ମହାବିଦ୍ୟାଳୟ ଓ ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନଠାରେ ବିଭିନ୍ନ ଦିବସରେ ନାଟକ ପରିବେଷଣ କରିବେ। ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଦାସ, ରଜନୀ କୁମାର ନାୟକ ଏବଂ ପ୍ରତାପ କୁମାର ମହାପାତ୍ର ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ନାଟକର ଏକ ଦୃଶ୍ୟରେ କଳାକାରମାନେ ।

ରୋଜା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ଜଟଣୀ,୧୭।୧୧(ଡି.ଏନ.ଏ.)

ଜଟଣୀସ୍ଥିତ ରେଲୱେ ସ୍କୁଲ ପୁରାତନ ବିଦ୍ୟାର୍ଥୀ ସଙ୍ଗଠନ(ରୋଜା)ର ଡିସେମ୍ବର ୧୫ରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଜେବି ଇନ୍‌ଷ୍ଟିଚ୍ୟୁଟ୍‌ରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ସ୍କୁଲର ୨ ଜଣ ଲେଖାଏ ୩୦ ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। ଏଡିଏସ୍ ପବ୍ଲିକ୍ ସ୍କୁଲ, ରେଲୱେ ସ୍କୁଲ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଚିତ୍ରାଙ୍କନ, ବକ୍ତୃତା, ସୃଜନଶୀଳ କବିତା ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ରୋଜା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ରୋଜା ଓ ବିଜେବି ଇନ୍‌ଷ୍ଟିଚ୍ୟୁଟ୍ ମିଳିତ ଭାବେ ଏହି ପ୍ରତିଯୋଗିତାକୁ ଆୟୋଜନ କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ପାଦକ ଗୌର ଶଙ୍କର ମହାନ୍ତି, ରୋଜା ସମ୍ପାଦକ ତପନ ମିଶ୍ର, ରାଧାମୋହନ ପଟ୍ଟନାୟକ, ଅରୁଣ କୁମାର ମହାନ୍ତି, ରଞ୍ଜିତ କୁମାର ଦାସ, ପ୍ରଣତି ସ୍ୱାଇଁ, ସୁସ୍ମିତା ପ୍ରଧାନ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।

ଅତି



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି,
ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
-ସନ୍ତ କବୀର

ସଂକ୍ଷେପରେ

ବିଶ୍ୱ ସବୁଜ ଅଭିଯାନର ଶୁଭାରମ୍ଭ କଲେ ମନ୍ତ୍ରୀ

କୋଣାର୍କ,୧୭।୧୧(ଡି.ଏନ.ଏ.): ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ଆୟୋଜିତ ସବୁଜ ବିଶ୍ୱ ଅଭିଯାନ ଶୋଭାଯାତ୍ରାକୁ ରବିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦାଶ ବିଶ୍ୱକୁ ଗ୍ଲୋବାଲ ୱାର୍ମିଂରୁ ମୁକ୍ତ ରଖି ପରବର୍ତ୍ତୀ ପିଢ଼ି ପାଇଁ ଏକ ସବୁଜ ବିଶ୍ୱ ସୃଷ୍ଟି ଦିଗରେ ବର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ଏ ନେଇ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମୀ ପକ୍ଷରୁ ମିଳିତ ଜାତି ସଂଘ ଉଦ୍ଦେଶ୍ୟରେ ଦିଆଯିବାକୁ ଥିବା ୧୦ଲକ୍ଷ ଦସ୍ତଖତ ସମ୍ବଳିତ ସ୍ମାରକପତ୍ରରେ ମନ୍ତ୍ରୀ ଦାଶ ପ୍ରଥମେ ସ୍ୱାକ୍ଷର କରିଥିଲେ। ପରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରୁ କୋଣାର୍କ ଅଞ୍ଚଳର ଛାତ୍ରୀଛାତ୍ର, ଯୁବ ସଂଗଠକ, ସ୍ୱେଚ୍ଛାସେବୀ ସଂଗଠନ ଓ ମହିଳା ସଂଗଠନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା। ଏହାପରେ ଚନ୍ଦ୍ରଭାଗା ବେଳାଭୂମି କୂଳରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ପ୍ରେରଣା ଅନୁଷ୍ଠାନ ପକ୍ଷରୁ ୫ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରେରଣାର ସଂଯୋଜକ ନିରୋଦ ବରଣ ଖୁଂଟିଆ, ସଂଗଠନର ଅଧକ୍ଷ ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଯୁବସଂଗଠକ ଗୋପୀନାଥ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

ରୂପାଇଟା ରତ୍ନଭଣ୍ଡାରକୁ ଆଣିବାକୁ ଦାବି

ପୁରୀ ଅଫିସ, ୧୭।୧୧: ଏମାର ମଠରୁ ବାହାରିଥିବା ୫୨୨ ଖଣ୍ଡ ରୂପାଇଟା ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଆଣିବାକୁ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ସେନା ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ନଚେତ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୧୫ ଡିସେମ୍ବର ୧୫ ତାରିଖରେ ସୁପ୍ରିମ୍‌କୋର୍ଟ ସମସ୍ତ ମଠ ସମ୍ପତ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବୋଲି ରାୟ ଦେଇଥିଲେ। ଏହାପରେ ପ୍ରଶାସନ ଏବଂ ସରକାର ମଠ ସମ୍ପତ୍ତିଗୁଡିକୁ ଶ୍ରୀଜଗନ୍ନାଥଙ୍କ ଖାତାକୁ ଆଣିଛନ୍ତି। କିନ୍ତୁ ଏମାର ମଠରୁ ବାହାରିଥିବା ୫୨୨ ଖଣ୍ଡ ରୂପା ଇଟା (ଯାହାର ବର୍ତ୍ତମାନ ମୂଲ୍ୟ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ହେବ) ଏପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ପାଖକୁ ଆସିନାହିଁ। ତେଣୁ ଏହାକୁ ରତ୍ନଭଣ୍ଡାରକୁ ଅଣାଯାଉ। ସେହିପରି ରତ୍ନଭଣ୍ଡାର ଯାଞ୍ଚ କରିବାକୁ ମଧ୍ୟ ସେନା ଦାବି କରିଛି। ଯଦି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନ ନିଏ ତେବେ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ ବୋଲି ପଟ୍ଟନାୟକ କହିଛନ୍ତି।

କଣାସରେ ଶିଶୁ ସୁରକ୍ଷା ସପ୍ତାହ

କଣାସ, ୧୭।୧୧(ସ୍ୱ.ପ୍ର.): ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ପ୍ରକଳ୍ପ ପକ୍ଷରୁ ରବିବାର ଗଡ଼ସାହି ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ପ୍ରକଳ୍ପର ସଂଯୋଜକ ପ୍ରସନ୍ନ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ବିଭୂତି ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସୁଶାନ୍ତ କୁମାର ନରେନ୍ଦ୍ର, ଶିଶୁ ପ୍ରକଳ୍ପ ଅଧିକାରୀ ସୁଧାଂଶୁ ମୋହନ ମହାରଥା, ଜ୍ଞାନରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇ ସଚେତନତା ଅଭାବରୁ ଶିଶୁମାନେ କିପରି ନିର୍ଯାତିତ ହେଉଛନ୍ତି, ଶିଶୁମାନଙ୍କ ପାଇଁ ସରକାର କିଭଳି ନୀତି ପ୍ରଣୟନ କରିଛନ୍ତି ସେନେଇ ବୁଝାଇଥିଲେ। ଏହି ଶିଶୁ ସପ୍ତାହ ପାଳନରେ ୧୪ଟି ଶିଶୁ କ୍ଲବର ୨ଶହରୁ ଊର୍ଦ୍ଧ୍ୱ ଶିଶୁ ଯୋଗ ଦେଇଥିଲେ। ପ୍ରତ୍ୟେକ ଶିଶୁ କ୍ଲବର ଜଣେ ଜଣେ ଶିଶୁ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଶ୍ରୀକ୍ଷେତ୍ର ପରିକ୍ରମା କଲେ ସାଧୁସନ୍ଥ, ଶ୍ରଦ୍ଧାଳୁ

ପୁରୀ ଅଫିସ, ୧୭।୧୧

ମାର୍ଗଶିର ଶୁକ୍ଳ ପଞ୍ଚମୀରେ ଶ୍ରୀକ୍ଷେତ୍ରରେ ପଞ୍ଚତୀର୍ଥ ଓ ଶ୍ରୀକ୍ଷେତ୍ର ପରିକ୍ରମାର ବିଧି ରହିଛି। ଏହି ପରିକ୍ରମା ଶ୍ରୀଚୈତନ୍ୟଙ୍କ ସମୟରୁ ଆରମ୍ଭ ହୋଇଛି। କାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ବିଭିନ୍ନ ଦେବଦେବୀ ମନ୍ଦିର ଦର୍ଶନ କରିବା ସହ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥାନ୍ତି। ରବିବାର ବିଭିନ୍ନ ମଠରୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବାହାରି ସିଂହଦ୍ୱାରରେ ପହଞ୍ଚିଥିଲେ। ସେଠାରୁ ଦରିଆମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡୀ, ଶ୍ରୀଲୋକନାଥ ପୀଠ, ସ୍ୱର୍ଗଦ୍ୱାର, ଚକ୍ରତୀର୍ଥ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଛନ୍ତି। ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପଦଯାତ୍ରା ସମୟରେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ ପଦଯାତ୍ରୀ।

ଶ୍ରୀକ୍ଷେତ୍ରର ବଡ଼ଛତା ମଠ, ନେବଳ ଦାସ ମଠ, ବଡ଼ ଓଡ଼ିଆ ମଠ, ହରିଦାସ ମଠ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ ସମେତ ସମସ୍ତ ରାମାନନ୍ଦୀ ଓ ଗୌଡୀୟ ମଠରୁ

ଶ୍ରୀଚୈତନ୍ୟଙ୍କ ପଥ ଅନୁସରଣ କଲେ

ଶ୍ରୀକ୍ଷେତ୍ର ପରିକ୍ରମାରେ ସାମିଲ ହୋଇଥିବା ସାଧୁସନ୍ଥ।

ଏହି ପରିକ୍ରମା ବାହାରିଥିଲା। ଏଥିସହ ପ୍ରାଚୀ ଧର୍ମଗୁରୁ କ୍ଷେତ୍ର, ଜଗତ୍‌ସିଂହପୁର, ବ୍ରହ୍ମପୁର ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏହି ପରିକ୍ରମାରେ ସାମିଲ ହୋଇଥିଲେ। ତେବେ ପରିକ୍ରମାରେ ସାମିଲ ଶ୍ରଦ୍ଧାଳୁମାନଙ୍କଠାରେ ଶ୍ରୀଚୈତନ୍ୟଙ୍କ ପ୍ରତି ଥିବା ଗଭୀର ଶ୍ରଦ୍ଧା ଏବଂ ଭକ୍ତିଭାବ ଦେଖିବାକୁ ମିଳିଥିଲା। ଚୈତନ୍ୟ ଯେଉଁ ପଥ ଦେଇ ପରିକ୍ରମା କରିଥିଲେ ସେହି ପଥକୁ ହିଁ ଅନୁସରଣ କରିଥିଲେ ଶ୍ରଦ୍ଧାଳୁ। ପାଖରେ ଭଲ ରାସ୍ତା ଥିଲେ ମଧ୍ୟ ସେବାଟେ ଯାଇ ନ ଥିଲେ। ବରଂ ପାଣିକାଦୁଅ, ନାଳ, ଖାଲଖମା ଏବଂ ଅଣଓସାରିଆ ରାସ୍ତା ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ଉଦ୍ଦେଶ୍ୟ ଥିଲା ଶ୍ରୀଚୈତନ୍ୟ ଯେଉଁ ବାଟ ଦେଇ ଯାଇଥିଲେ ସେହି ବାଟରେ ହିଁ ସେମାନେ ଯିବେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀକ୍ଷେତ୍ର ହେଉଛି ଶଙ୍ଖ କ୍ଷେତ୍ର। ଶ୍ରୀମନ୍ଦିରକୁ କେନ୍ଦ୍ର କରି ପୂର୍ବରେ ସିଦ୍ଧମହାବୀର, ଦକ୍ଷିଣରେ ଚକ୍ରତୀର୍ଥକୁ ସୀମା ରୂପେ ଗ୍ରହଣ କରି ଶ୍ରୀକ୍ଷେତ୍ର ପରିକ୍ରମା କରାଯାଉଛି। ଶ୍ରୀକ୍ଷେତ୍ର ଭାରତର ୪ ଧାମ ମଧ୍ୟରୁ ଅନ୍ୟତମ। ଏହା ମୁକ୍ତିଧାମ ହୋଇଥିବାରୁ ଶ୍ରୀକ୍ଷେତ୍ର ପରିକ୍ରମା ବିଧି ଶାସ୍ତ୍ର ଅନୁସାରେ କରାଯାଏ। ଏହି ପରିକ୍ରମା ପରମ୍ପରା ମଣିଷର ଆତ୍ମବିଶ୍ୱାସକୁ ବଢାଇଥାଏ। ଶ୍ରୀମନ୍ଦିର ପରିକ୍ରମା, ରଥ ପରିକ୍ରମା, ଶ୍ରୀଗୁଣ୍ଡିଚା ମନ୍ଦିର ପରିକ୍ରମା ବିଧିକୁ ମୁନିଋଷିମାନେ ଗ୍ରହଣ କରିଥିଲେ। ଏପରି କି ସ୍ୱୟଂବ୍ରହ୍ମା ଯେତେବେଳେ ଶ୍ରୀକ୍ଷେତ୍ରକୁ ଆସିଥିଲେ ସେତେବେଳେ ମହାପ୍ରଭୁ ବସିଥିବା ରଥ ଚତୁଃପାର୍ଶ୍ୱ ପରିକ୍ରମା କରଥିବା ସଂସ୍କୃତ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି। ସନାତନ ପରମ୍ପରାରେ ପରିକ୍ରମା ଏକ ପ୍ରାୟଶ୍ଚିତ୍ତ ବିଧାନ। ଯଦି ଜଣେ କୌଣସି ଅପରାଧ କିମ୍ବା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କିଛି ଭୁଲ୍ କରିଥାଏ ପରିକ୍ରମା ମାଧ୍ୟମରେ ତାର ପ୍ରାୟଶ୍ଚିତ୍ତ ହୋଇଥାଏ।

■ ପୁରୀ ଜିଲାସ୍ତରୀୟ ପାରା ଆଥଲେଟ୍ ମିଟ୍

କଣାସ ବ୍ଲକ ଦଳଗତ ଚାମ୍ପିୟନ

ପୁରୀ ଅଫିସ, ୧୭।୧୧

ପୁରୀ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ତଥା ସାମାଜିକ ସୁରକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି ଜିଲାସ୍ତରୀୟ ପାରା ଆଥଲେଟ୍ ମିଟ୍-୨୦୧୯। ଇନ୍‌ଡୋର ଷ୍ଟାଡିୟମ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଜିଲାପାଳ ବଲୱନ୍ତ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଥିବା ରୁଚିକୁ ଦେଖି ପ୍ରଶଂସା କରିଥିଲେ। ଜଣେ ଦିବ୍ୟାଙ୍ଗ ଛାତ୍ରୀ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିବାବେଳେ ଦିବ୍ୟାଙ୍ଗ ଛାତ୍ର କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ।

ପ୍ରତିଯୋଗିତାରେ ଜିଲାର ୧୧ଟି ବ୍ଲକରୁ ୪୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପ୍ରତିଯୋଗୀ ଭାଗ ନେଇଥିଲେ। ଟ୍ରାଇସାଇକେଲ ରେସ୍, ହୁଇଲ୍‌ଚେୟାର ରେସ୍, ସର୍ଟପୁଟ୍, ସଫ୍ଟବଲ, ଦୌଡ଼, ଲମ୍ଫ ପ୍ରଦାନ, ଚେସ୍ ଆଦି ୫୦ରୁ ଊର୍ଦ୍ଧ୍ୱ ପ୍ରକାର ଖେଳ ସହିତ ଦୃଷ୍ଟିବାଧିତମାନଙ୍କ ପାଇଁ ଜିଲା ସ୍କୁଲ

ଜିଲାପାଳ ବଲୱନ୍ତ ସିଂ ଓ ଅନ୍ୟମାନେ ପ୍ରଫୁଲ୍ଲ ଥିମ୍ ସଙ୍ଗ୍ ସିଡ଼ିକୁ ଲୋକାର୍ପଣ କରୁଛନ୍ତି।

ପଢ଼ିଆରେ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଥିଲା। କଣାସ ବ୍ଲକ ଦଳଗତ ଚାମ୍ପିଅନ ହୋଇଥିବା ବେଳେ ନିମାପଡ଼ା ରନର୍ସ ଅପ୍ ହୋଇଛି। ସେହିପରି କ୍ରିକେଟରେ ନିମାପଡ଼ା ବ୍ଲକ ଚାମ୍ପିଅନ ଏବଂ କଣାସ ବ୍ଲକ ରନର୍ସ ଅପ୍ ହୋଇ ପୁରସ୍କାର ଗ୍ରହଣ କରିଛନ୍ତି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଦିନିକିଆ କ୍ରୀଡ଼ା ପ୍ରତିଯୋଗିତାକୁ ଜିଲା ସମାଜ ସୁରକ୍ଷା ଅଧିକାରୀ ତିନାଥ ପାଢୀ, ଜିଲା କ୍ରୀଡ଼ା ଅଧିକାରୀ ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ପିଇଟି ଏବଂ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ। ସୂଚନାଥାଉ କି, ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପାରା ଆଥଲେଟ୍ ମିଟ୍‌ରେ ଭାଗ ନେଇପାରିବେ। ଏହି ଅବସରରେ ଜିଲା ପ୍ରଶାସନ ତରଫରୁ ଫନୀ କ୍ଷତିଗ୍ରସ୍ତ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ଲାଗି ଆରମ୍ଭ ହୋଇଥିବା ପ୍ରଫୁଲ୍ଲ ଯୋଜନାର ଥିମ୍ ସଙ୍ଗକୁ ଅତିଥିମାନେ ରିଲିଜ୍ କରିଥିଲେ। ଏହି ଥିମ୍ ସଙ୍ଗ୍ ବେଶ୍ ମନଛୁଆଁ ହୋଇଥିଲା। ମୁରଲୀଧର ଖୁଣ୍ଟିଆ ସଙ୍ଗୀତ ନିର୍ଦ୍ଦେଶନ କାବୁଲି ବେହେରା ଦେଇଥିବାବେଳେ ଅଞ୍ଜଳି ମିଶ୍ର ଓ ଦୁର୍ଗାପ୍ରସାଦ କଣ୍ଡଦାନ କରିଛନ୍ତି। ପ୍ରଫୁଲ୍ଲ ଯୋଜନାର ମିଡିଆ ତଥା ଜୀବନ ଜୀବିକା ପରାମର୍ଶଦାତା ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବାଲୁଖଣ୍ଡରେ ୫ ହଜାର ଚାରା ରୋପଣ

ପୁରୀ ଅଫିସ, ୧୭।୧୧

ଫନୀ ବାତ୍ୟାରେ ଉଜୁଡ଼ି ଯାଇଥିଲା ବାଲୁଖଣ୍ଡ ଅଭୟାରଣ୍ୟ। ପ୍ରାୟ ୫ ହଜାର ହେକ୍ଟର ଅଞ୍ଚଳର ଲକ୍ଷାଧିକ ଗଛ ଧରାଶାୟୀ ହୋଇପଡିଥିଲା। ଏକପ୍ରକାର ସବୁଜିମା ହରାଇଥିଲା ଏହି ଅଭୟାରଣ୍ୟ। ତେବେ ବାଲୁଖଣ୍ଡ କିପରି ପୁଣି ତା' ସବୁଜିମା ଫେରିପାଇବ ସେ ଦିଗରେ ଉଦ୍ୟମ ଜାରି ରଖିଛି ବନ ବିଭାଗ। ବ୍ୟାପକ ଅଞ୍ଚଳରେ ଚାରା ରୋପଣ କରାଯାଇଥିବାବେଳେ ବର୍ତ୍ତମାନ ଏ ଦିଗରେ ଆଗେଇ ଆସିଛି ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି। ରବିବାର ଅଭୟାରଣ୍ୟରେ ଗ୍ରୀନ୍ ଆର୍ମିର ପ୍ରାୟ ଶହ ଶହ ଗ୍ରୀନ୍ କମାଣ୍ଡର ପ୍ରାୟ ୫ ହଜାର ଚାରା ଲଗାଇଛନ୍ତି। ଧରାପୃଷ୍ଠକୁ ସବୁଜ, ଶାନ୍ତ, ଶିଥିଳ ଓ ପ୍ରଦୂଷଣମୁକ୍ତ କରିବା ଲକ୍ଷ୍ୟରେ ଆର୍ମିର ମୁଖ୍ୟ କମାଣ୍ଡର ଦିଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଏବଂ ବନ ବିଭାଗ ତତ୍ତ୍ୱାବଧାନରେ ଝାଉଁ, ପୋଲାଙ୍ଗ, କରଞ୍ଜ, ଆକାଶୀ, ଚାକୁଣ୍ଡା, ନିମ୍ବ ଆଦି ଚାରା ରୋପଣ କରାଯାଇଛି। ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଏସିଏଫ୍ ପି.କେ. ସ୍ୱାଇଁ, ଅମରେଶ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ଥିଲେ। ଏଥିରେ ମିଶନ ଓଡ଼ିଶା, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ନିର୍ମାଲ୍ୟ ଅନୁଷ୍ଠାନ ସହଯୋଗ କରିଥିଲା। ଚାରା ରୋପଣ ପୂର୍ବରୁ ସକାଳେ କୋଣାର୍କରେ ପଥପ୍ରାନ୍ତ ସଭାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଚନ୍ଦ୍ରଭାଗାରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ପରିଚାଳନା କରିଥିଲେ।

ଧର୍ମସଭାରେ ଯୋଗ ଦେଇଥିବା ଭିଏଚ୍‌ପି କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦା।

କୌଣସି ପ୍ରଲୋଭନରେ ସ୍ୱଧର୍ମ ପରିତ୍ୟାଗ କରନାହିଁ

ବ୍ରହ୍ମଗିରି, ୧୭।୧୧(ଡି.ଏନ୍.ଏ.)

ସ୍ୱଧର୍ମର ସୁରକ୍ଷା ଓ ଧର୍ମାନ୍ତରୀକରଣ ପାଇଁ ସଚେତନତା ଉଦ୍ଦେଶ୍ୟରେ ରବିବାର ବ୍ରହ୍ମଗିରି ବ୍ଲକର ସୋମନାଥପୁରଠାରେ ବିଶ୍ୱ ହିନ୍ଦୁ ପରିଷଦ ଧର୍ମପ୍ରଚାର ବିଭାଗ ପକ୍ଷରୁ ହନୁମାନ ଚାଳିଶା ମହାଯଜ୍ଞ ଓ ଧର୍ମସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଧର୍ମପ୍ରଚାର ବିଭାଗ ଓଡ଼ିଶାର କର୍ମକର୍ତ୍ତାମାନେ ଯୋଗଦେଇ ହିନ୍ଦୁଧର୍ମର ମୌଳିକ ତଥ୍ୟ, ରାମାୟଣରେ ଭାଇଚାରା ଭାବକୁ ଆଲୋଚନା କରିଥିଲେ। ଅଖିଳ ଭାରତ ଧର୍ମପ୍ରଚାର ବିଭାଗର ସଂଗଠନ ମନ୍ତ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ କହିଥିଲେ ଯେ, ଧର୍ମ ହେଉଛି ମଣିଷ ଜୀବନର ମୁଖ୍ୟ କେନ୍ଦ୍ର। ପ୍ରତ୍ୟେକ ମଣିଷ ମାତୃଶକ୍ତିକୁ ସମ୍ମାନ ଦେଇ ଧର୍ମର ନୀତିନିୟମକୁ ମାନି ଚଳିବା ଉଚିତ। ପରସ୍ପର ମଧ୍ୟରେ ଭେଦଭାବ ଭୁଲି ନିଜକୁ ଜଣେ ହିନ୍ଦୁ ଏବଂ ହିନ୍ଦୁର ବିଚାରଧାରାରେ ପରିଚାଳିତ ହେବା ଉଚିତ। କୌଣସି ପ୍ରଲୋଭନରେ ସ୍ୱଧର୍ମକୁ ପରିତ୍ୟାଗ କରିବା ଉଚିତ ନୁହେଁ। ଏଥିସହିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶଗୁଡିକ ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ସେବା ବିଭାଗର ସଦସ୍ୟ(ବିଶ୍ୱ ହିନ୍ଦୁ ପରିଷଦ) ହରିଶ୍ଚନ୍ଦ୍ର ପ୍ରଧାନ, ଓଡ଼ିଶା ପ୍ରାନ୍ତୀୟ ଅଧକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ, ସତ୍ୟନାରାୟଣ ମିଶ୍ର, ଦିଲୀପ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମଗିରି ଅଞ୍ଚଳର ପ୍ରାୟ ୩୦ଟି ଗାଁର ଲୋକମାନେ ଉକ୍ତ ଧର୍ମ ସଂସଦରେ ଭାଗ ନେଇଥିଲେ।

ସତ୍ୟବାଦୀ ବ୍ଲକ ବଳପୁର ପମ୍ପ୍ ହାଉସ୍ ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

■ ପାଇପ୍ ଜଳ ଯୋଗାଣ ବନ୍ଦ

ପମ୍ପ୍ ହାଉସ୍‌ରେ ତାଲା ପକାଇଲେ ମହିଳା

ସାକ୍ଷୀଗୋପାଳ, ୧୭।୧୧(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତରେ ଦୀର୍ଘ ୩ ମାସ ହେଲା ପାଇପ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ରହିଥିବା ଅଭିଯୋଗରେ ରବିବାର ଗ୍ରାମର ମହିଳାମାନେ ପମ୍ପ ହାଉସରେ ତାଲା ପକାଇ ଦେଇଛନ୍ତି। ବଶୁଦ୍ଧ ପାନୀୟ ଜଳ ବିନା ଏହି ପଞ୍ଚାୟତର ୨୨ଟି ୱାର୍ଡର ଲୋକେ ହଟହଟା ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ।

ଗତ ୧୫ ବର୍ଷ ତଳେ ଭାର୍ଗବୀ ନଦୀ ପାର୍ଶ୍ୱରେ ଏହି ପ୍ରକଳ୍

ଯିଏ ସାଧୁସନ୍ତଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ହିତକର ବିଷୟ ନଷ୍ଟ ହୋଇଯାଏ।
-ବ୍ୟାସଦେବ

ସଂକ୍ଷେପରେ

୨ ବର୍ଷରେ ୧୧ହଜାର ଲୋକଙ୍କୁ ଜମିପଟ୍ଟା

ନିମାପଡ଼ା,୧୭।୧୧(ଡି.ଏନ.ଏ.): ନିମାପଡ଼ା ତହସିଲ ଅଫିସ ପକ୍ଷରୁ ୨୦୧୮-୧୯, ୨୦୧୯-୨୦ ଗତ ୨ବର୍ଷ ମଧ୍ୟରେ ୧୧ହଜାର ବ୍ୟକ୍ତିଙ୍କୁ ଜମିଜମା ସମ୍ପର୍କରେ ପଟ୍ଟା ପ୍ରଦାନ କରାଯାଇଛି। ସେହିଭଳି ଏହି ୨ବର୍ଷରେ ଜମିଜମା ସଂକ୍ରାନ୍ତରେ ମୋଟ ୭ହଜାର ମାମଲାର ଫଇସଲା କରାଯାଇ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଇଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷରେ ବାଲିଘାଟ, ଇଟାଭାଟି, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଖଜଣା, ପାଉଚ, ଜଳକର ସମେତ ଚାଷୀମାନଙ୍କଠାରୁ ବେଆଇନ ଭାବେ ମାଲପରିବହନ କରୁଥିବା ଟ୍ରାକ୍ଟର ଓ ଟ୍ରକଗୁଡିକଠାରୁ ଓ ବିଭିନ୍ନ ରାଜସ୍ୱ ସର୍କଲରୁ ସ୍ଥାନୀୟ ତହସିଲଦାର କମଲଜିତ ଦାସଙ୍କ ଉଦ୍ୟମ ଯୋଗୁ ୬କୋଟି ୧୨ ଲକ୍ଷ ୯୬ ହଜାର ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବା ସ୍ଥାନୀୟ ରାଜସ୍ୱ ବିଭାଗ କାର୍ଯ୍ୟାଳୟରୁ ସୂଚନା ମିଳିଛି। ରାଜସ୍ୱ ଆଦାୟ କ୍ଷେତ୍ରରେ ନିମାପଡ଼ା ତହସିଲ ସମଗ୍ର ପୁରୀ ଜିଲାରେ ପ୍ରଥମସ୍ଥାନ ଅଧିକାର କରିଛି। ଏହି ୨ବର୍ଷ ମଧ୍ୟରେ ୫ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜାମିନ ପ୍ରଦାନ କରାଯାଇଥିବାବେଳେ ନିମାପଡ଼ା, ଚାରିଛକ, ବଳଙ୍ଗା, ଖେଲାର, ତୁଳସୀପୁର, ଅମରେଶ୍ୱର ଆଦି ଅଞ୍ଚଳର ସରକାରୀ ଜାଗାରୁ ଥିବା ବେଆଇନ ଉଚ୍ଛେଦ କରି ସରକାର ଅଲ୍ଟିଆରକୁ ଅଣାଯାଇଛି। ଚଳିତବର୍ଷ ନିମାପଡ଼ା ତହସିଲଦ ଅଫିସରରେ ନୂତନ କମ୍ପ୍ୟୁଟର ଲାବର ବ୍ୟବସ୍ଥା କରାଯାଇ ସ୍ୱଳ୍ପ ସମୟ ମଧ୍ୟରେ ଲୋକଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯାଉଛି।

ଜାତୀୟ ପଞ୍ଚଗବ୍ୟ ଚିକିତ୍ସା ସମ୍ମିଳନୀ

ପୁରୀ ଅଫିସ, ୧୭।୧୧ : ପଞ୍ଚଗବ୍ୟ ଚିକିତ୍ସକ ଆସୋସିଏଶନ ଏବଂ ପଞ୍ଚଗବ୍ୟ ବିଦ୍ୟାପୀଠ କାଞ୍ଚିପୁରମ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରେଳବାଇ ପର୍ଯ୍ୟଟନ ପରିସରରେ ରବିବାର ଠାରୁ ତ୍ରିଦିବସୀୟ ୭ମ ପଞ୍ଚଗବ୍ୟ ଚିକିତ୍ସା ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ପଞ୍ଚଗବ୍ୟ ବିଦ୍ୟାପୀଠର ପରିଚାଳନା ମୁଖ୍ୟ ଡ.ନିରଞ୍ଜନ ବର୍ମା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ସାରା ଭାରତରୁ ୧୫ଶହରୁ ଊର୍ଦ୍ଧ୍ୱ ଚିକିତ୍ସକ ଯୋଗଦାନ କରିଛନ୍ତି। ଏଥିସହିତ ବିଭିନ୍ନ ରାଜ୍ୟର ଗୋଶାଳାରେ ପ୍ରସ୍ତୁତ ପଞ୍ଚଗବ୍ୟ ଔଷଧି ଷ୍ଟଲ ଖୋଲିଛି।

■ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

ଆକର୍ଷଣ ସାଜିଲେ କୁନି କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ

ପୁରୀ ଅଫିସ, ୧୭।୧୧ :

ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି ।

ଶିଶୁ ମହୋତ୍ସବ ଟ୍ରଷ୍ଟ ଆନୁକୂଲ୍ୟରେ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଚାଲିଥିବା ୧୮ତମ ରାଜ୍ୟସ୍ତରୀସ୍ତରୀୟ ଶିଶୁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଶିକ୍ଷାବିତ୍ ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଉପଜିଲାପାଳ ଭବତାରଣ ସାହୁ, ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଉପଦେଷ୍ଟା ଭଗବାନ ସୁଆର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ସମ୍ପାଦକ ଶଙ୍କମିତ୍ର ସିଂହାରୀ, ଆବାହକ ପ୍ରଶାନ୍ତ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରର ସଙ୍ଗୀତଜ୍ଞ ମିନାକ୍ଷୀ ପାଣିଗ୍ରାହୀ, ନୃତ୍ୟଗୁରୁ ରଞ୍ଜନ କୁମାର ନାଥଶର୍ମା, ଶିଶୁ କଳାକାର ଆଦ୍ୟାଶା ପାରମିତା, ସାମାଜିକ କର୍ମୀ ଅଭିମନ୍ୟୁ ସ୍ୱାଇଁ, ଜ୍ୟୋତିରଞ୍ଜନ ନାୟକ, ଧରମା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ କୁନି କୁନି କଣ୍ଠଶିଳ୍ପୀ ମାନେ ପାରମ୍ପରିକ ଭଜନ, ଶ୍ରୀଜଗନ୍ନାଥଙ୍କ ଜଣାଣ, ଭଜନ ପ୍ରଭୃତି ପରିବେଷଣ କରିଥିଲେ। ପରେ କୁନି କୁନି ନୃତ୍ୟଶିଳ୍ପୀ ମାନେ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ। ଏଥିସହିତ କୁନି ହାତରେ ବାଦ୍ୟଯନ୍ତ୍ର ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ। ଦୀର୍ଘ ସମୟ ଧରି ଶ୍ରୋତା, ଦର୍ଶକ ଏହାକୁ ଉପଭୋଗ କରିଥିଲେ। ମିଡିଆ ପ୍ରମୁଖ ସୁକାନ୍ତ ପଣ୍ଡା, ଶ୍ୟାମ ପ୍ରକାଶ ସେନାପତି, ଅମରେଶ ମହାପାତ୍ର, ସୁଧାଂଶୁଶେଖର ରଥ, ରଶ୍ମିରଞ୍ଜନ ତ୍ରିପାଠୀ, ରାଜେଶ ସାହୁ, ଜଗନ୍ନାଥ ସିଂହାରୀ, ମଧୁସ୍ମିତା ମହାନ୍ତି, ଲକ୍ଷ୍ମୀଧର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

■ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ

ଦୀନବନ୍ଧୁ ଦଇତାରୀ, ଦୁଃଖ ନ ଗଲା ମୋହରି...

ପୁରୀ ଅଫିସ, ୧୭।୧୧:

ସିଂହଦ୍ୱାର ସମ୍ମୁଖ ଏମାର ମଠ ଚକଡାରେ ବସି ରବିବାର ଭାବ ଭକ୍ତିର ପ୍ରାର୍ଥନାରେ ଭିଜି ଯାଇଥିଲେ ଶହ ଶହ ଶ୍ରଦ୍ଧାଳୁ। ଦୀନବନ୍ଧୁ ଦଇତାରୀ, ଦୁଃଖ ନ ଗଲା ମୋହରି... ପ୍ରାର୍ଥନାରେ ଗୁଞ୍ଜରିତ ହୋଇଥିଲା ସିଂହଦ୍ୱାର ସମ୍ମୁଖ। ଅବସର ଥିଲା ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ।

ପ୍ରଥମେ ଶଙ୍ଖଧ୍ୱନି ଏବଂ ବେଦଧ୍ୱନି ସହ ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ପରେ ପୁରୀ କୁଷ୍ଠମଣୀ ନୃତ୍ୟ କଳା ପୀଠ ପକ୍ଷରୁ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଧର୍ମଗ୍ରନ୍ଥ ପାଠ କରିବା ଅବସରରେ ଶ୍ରୀମଦ୍ ଭଗବତ ଗୀତାର ୧/୨ଟି ଶ୍ଳୋକ ଓ ଏହାର ବ୍ୟାଖ୍ୟା କରିଥିଲେ। ପରେ ଡ. ନରେଶ ଚନ୍ଦ୍ର ଦାଶ ଧ୍ୟାନମନ୍ତ୍ର ନୀଳାଦ୍ରୌ ଶଙ୍ଖ ମଧ୍ୟେ... ସହ ବନମାଳୀ ଦାସଙ୍କ ରଚନାରୁ ଦୀନବନ୍ଧୁ ଦଇତାରୀ, ଦୁଃଖ ନ ଗଲା ମୋହରି... ପ୍ରାର୍ଥନା ଗାନ କରିଥିଲେ। ତାଙ୍କ ସହିତ ତାଳଦେଇ ଉପସ୍ଥିତ ଶ୍ରଦ୍ଧାଳୁ ଏହି ପ୍ରାର୍ଥନା ବୋଲିଥିଲେ। ଶ୍ରୀମନ୍ଦିର ସମ୍ମୁଖରେ ଏହି ପ୍ରାର୍ଥନା ବେଲାଯାଉଥିବା ବେଳେ ଅନେକ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡୁଥିଲେ। କେହି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୁଇହାତ ଟେକି ଦେଉଥିଲେ ତ ଆଉ କେହି ବସିବା ଜାଗାରେ ମୁଣ୍ଡିଆଟିଏ ମାରି ଠାକୁରଙ୍କ ନିକଟରେ ନିଜକୁ ସମର୍ପି ଦେଉଥିଲେ। ଏହାପରେ ଶ୍ରୀଜଗନ୍ନାଥ ଯୋଗ ବେଦାନ୍ତ ପକ୍ଷରୁ ଆକର୍ଷଣୀୟ ଯୋଗ ପ୍ରଦର୍ଶନ କରାଯାଇଥିଲା। ଶ୍ରୀ ରାଧାମୋହନ ବିଶୋଇ ଓ ସାଥୀଙ୍କ ପକ୍ଷରୁ ସଂକୀର୍ତ୍ତନ କରାଯାଇଥିଲା। ଏତଦ୍‌ବ୍ୟତୀତ ରଙ୍ଗୋଲି ଏବଂ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଦୁର୍ଗାମାଧବ କର ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ସାଜିଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା।

କଟକ ଜାମ୍, ବାଲିଯାତ୍ରାକୁ ଲୋକଙ୍କ ସୁଅ

ଖେଳିଲେ, କିଣିଲେ, ଯାତ୍ରାର ମଜା ନେଲେ

କଟକ ଅଫିସ, ୧୭।୧୧

ରବିବାର ଛୁଟିଦିନରେ କଟକ ଜାମ୍। ଜୁଆଡେ ଚାହିଁବ ଭିଡ। ଟିଂରୋଡଠାରୁ ଆରମ୍ଭ କରି ସହର ବିଭିନ୍ନ ରାସ୍ତା ଦେଇ ଲୋକମାନେ ବାଲିଯାତ୍ରା ପଡିଆ ମୁହାଁ ହୋଇଥିଲେ। ଏହି ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଛି। ରବିବାର ବାଲିଯାତ୍ରା ପଡିଆ ଲୋକାରଣ୍ୟ ହୋଇପଡିଥିଲା। ଦିନବେଳା ଲୋକଙ୍କ ଗହଳି ଲାଗି ରହିଥିଲେ ମଧ୍ୟ ଅସଲ ଭିଡ ଦେଖିବାକୁ ମିଳିଥିଲା ସନ୍ଧ୍ୟାରେ। ପଡିଆରେ ରଙ୍ଗବେରଙ୍ଗର ଲାଇଟ ଲାଗିଥିବାବେଳେ ନାଚଗୀତ ତାଳେତାଳେ ଉଛୁଳି ପଡୁଥିଲା ମହାନଦୀ ପଠା। ଏଥିସହିତ ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟାର କଳାକାରଙ୍କ ଆଗମନ ଭିଡକୁ ଦିଗୁଣିତ କରିଦେଇଛି। ଲୋକମାନେ ଦୋଳିରେ ବସିବା ସହ ଚଟ୍‌ପଟି ଖାଦ୍ୟ ଖାଇଥିଲେ। ପରେ ବିଭିନ୍ନ ସାମଗ୍ରୀ କିଣାକିଣି କରି ଘରକୁ ଫେରିଥିଲେ।

ବାଲିଯାତ୍ରାରେ ଜଣେ ଉଠା ଦୋକାନୀ ରଙ୍ଗ ବେରଙ୍ଗର ବେଲୁନ୍ ବିକ୍ରି କରୁଛନ୍ତି ।

ସୋନାଙ୍କ 'ରଙ୍ଗବତୀ' ଗୀତରେ ରଙ୍ଗିନ ହେଲା ସନ୍ଧ୍ୟା

ସୋନା ମହାପାତ୍ର

କଟକ ଅଫିସ, ୧୭।୧୧

ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ରବିବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ କଣ୍ଠଶିଳ୍ପୀ ସୋନା ମହାପାତ୍ର। ଏହି ମଞ୍ଚରେ ସୋନାଙ୍କ ବ୍ୟାଣ୍ଡ ୨ ଘଣ୍ଟା ଧରି କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ଆହେ ନୀଳ ଶୈଳ... ଭଜନ ଗାନକରି ସୋନା ମଞ୍ଚରେ ପ୍ରବେଶ କରିଥିଲେ। ବହୁ ଚର୍ଚ୍ଚିତ 'ରଙ୍ଗବତୀ' ଗୀତ ଗାଇ ଏହି ସନ୍ଧ୍ୟାକୁ ରଙ୍ଗୀନ କରିଥିଲେ ସୋନା। ଏଥିସହ ମନ୍ ତେରା ଜୋ ରାଗ ହେ, ଆଜା ୱେ, ଆଫରୀ ଆଫରୀ, ପିୟା ରେ ତେରେ ବିନା ଲାଗେ ନେହିଁ ମେରା ଜିୟାରେ ଭଳି ସୁପରହିଟ୍ ହିନ୍ଦୀ ଗୀତ ସୋନାଙ୍କ କଣ୍ଠରୁ ଶୁଣିବାକୁ ମିଳିଥିଲା। ସେହିପରି ରସକେ କମ୍‌ରେ କଓାଲି ଗୀତ ମଧ୍ୟ ବେଶ ଆକର୍ଷଣୀୟ ଥିଲା। ରବିବାର ଛୁଟିଦିନ ଥିବାରୁ ଯାତ୍ରା ପଡ଼ିଆରେ ଦର୍ଶକଙ୍କ ଖଚାଖଚ ଭିଡ ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ବାଲିଯାତ୍ରାର ମହାନଦୀ ମଞ୍ଚରେ ବିନୋଦ ବିହାରୀ କଳା ପରିଷଦ ପକ୍ଷରୁ ଯକ୍ଷ ଯଜ୍ଞ ଗୀତିନାଟ୍ୟ, ମାତୃଶକ୍ତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ମମତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଲୋକନୃତ୍ୟ, ମା' ସରୋଜିନୀ କଳା ପରିଷଦ ପକ୍ଷରୁ ଓଡ଼ିଶୀ ଡ୍ୟାନ୍ସ ପରିବେଷିତ ହୋଇଥିଲା। ସେହିପରି ବାଲାଂଦେଶ ଢ଼ାକାର ନ୍ରିତୋରଙ୍ଗ ସଙ୍ଗଠନ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

ସଙ୍ଗୀତର ନିର୍ଦ୍ଦିଷ୍ଟ ଭାଷା ନାହିଁ

ମଞ୍ଚରେ ବାଲିଯାତ୍ରା ଓ କଟକ ସହିତ ଥିବା ସ୍ମୃତି ବଖାଣିଥିଲେ କଣ୍ଠଶିଳ୍ପୀ ସୋନା ମହାପାତ୍ର। ତାଙ୍କ ଘର କଟକର ତୁଳସୀପୁର ଅଞ୍ଚଳରେ। ପିଲାବେଳେ ସେ ଅନେକ ଥର ବାଲିଯାତ୍ରା ବୁଲିବାକୁ ଆସି ଦହିବରା ଖାଇଥାନ୍ତି। ବିବାଦୀୟ ଗୀତ ଗାଇ ଚର୍ଚ୍ଚାରେ ରହିଥିବା ସୋନା ସଙ୍ଗୀତର କୌଣସି ନିର୍ଦ୍ଦିଷ୍ଟ ଭାଷା ନାହିଁ ବୋଲି କହିଛନ୍ତି। ଯାହା ଶ୍ରୋତାଙ୍କୁ ଶୁଣିବାକୁ ଭଲ ଲାଗେ ତାହା ଭଲ ସଙ୍ଗୀତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମନ୍ତ୍ରୀଙ୍କ ଉପସ୍ଥିତିରେ ଗଠନ ହେଲା ଗାଁ କମିଟି

ଗୋପ, ୧୭।୧୧(ଡି.ଏନ୍.ଏ.):

ଗୋପ ବ୍ଲକ୍ ଅଧୀନ ବଡ଼ତରା ଗ୍ରାମ ପଞ୍ଚାୟତସ୍ଥିତ ଗଡ଼ରୂପାସ ଗ୍ରାମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ଗାଁ କମିଟି ଗଠନ ହୋଇଛି। ଏହି ଅବସରରେ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ଖୁବ୍ ଶୀଘ୍ର ସମସ୍ୟାଗୁଡ଼ିକ ଦୂର ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଯେ, ଗତ କିଛି ଦିନ ଧରି ଗଡ଼ରୂପାସ ଗ୍ରାମରେ ବିଭିନ୍ନ ବିବାଦ ଲାଗି ରହିଥିବାବେଳେ ଉନ୍ନୟନ ମୂଳକ କାର୍ଯ୍ୟ ଅଗ୍ରଗତି ଘଟିପାରୁ ନ ଥିଲା। ଏ ନେଇ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ରବିବାର ମନ୍ତ୍ରୀ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଏକ କମିଟି ଗଠନ କରିଥିବାବେଳେ ସମୂହ ଉଦ୍ୟମରେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଛନ୍ତି।

ଦତ୍ତୋପନ୍ତ ଠେଙ୍ଗଡିଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଘାଟିତ

ପୁରୀ ଅଫିସ, ୧୭।୧୧ :

ସ୍ୱଦେଶୀ ଜାଗରଣ ମଞ୍ଚ ପୁରୀ ଜିଲା ଆନୁକଲ୍ୟରେ ଦତ୍ତୋପନ୍ତ ଠେଙ୍ଗଡିଜୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ସ୍ଥାନୀୟ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପରିସରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ଉଦ୍‌ଘାଟନ କରିଥିଲେ। ମଞ୍ଚର ପ୍ରାନ୍ତ ସଂଯୋଜକ ଶତ୍ରୁଘ୍ନ ତରାଇ ଠେଙ୍ଗଡ଼ିଜୀଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ଦେଶରେ ସ୍ୱଦେଶୀ ବିଚାର ପ୍ରଚାର ପ୍ରସାର ଏବଂ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ପୂଜ୍ୟପୂଜା ସଂସଦ ସଭାପତି କୃଷ୍ଣ ଜଗଦ୍ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାନ୍ତ ସଂଘର୍ଷ ବାହିନୀ ପ୍ରମୁଖ ସଚ୍ଚିନନ୍ଦନ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ଧିରେନ ରାଏ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ବିଚାର ପ୍ରମୁଖ ବିଶ୍ୱନାଥ ଦାଶ, ଅଶୋକ ଦାଶ, ରବୀନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ବିଶୋଇ, ମାନସ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ରାକେଶ

ରୋମ୍ୟରଞ୍ଜନ

ପ୍ରଦୀପ୍ତ

ଟି.ପରିଡ଼ା

ବିଭୂତି



ଶିବ

ଲିପ୍‌ସା

ସୌମ୍ୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/